

ନିଖିଲଙ୍କ ଫିଲ୍ମରେ କାର୍ତ୍ତିକ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-209 ♦SATURDAY ♦24 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୦୯ ♦ଶନିବାର ♦୨୪ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


ପ୍ରାଣଘାତୀ ପ୍ରଦୂଷଣ

# ବର୍ଷକୁ ଯାଉଛି ୧୭ ଲକ୍ଷ ଜୀବନ

## ଧୂଳି, ଧୂଆଁରେ ଦେଶ ବର୍ଷକୁ ହରାଉଛି ୩୦ ଲକ୍ଷ କୋଟି



■ ଡାଭୋସ୍, ୨୩।୧ (ଏଜେନ୍ସି): ପ୍ରଦୂଷଣ ଏବେ ମହାମାରୀର ରୂପ ନେଇଛି। ଏହା ଦିନକୁ ଦିନ ଭୟଙ୍କର ସ୍ଥିତି ସୃଷ୍ଟି କରୁଛି। ଅକାଳରେ ଲୋକଙ୍କ ଜୀବନ ନେଇଯାଉଛି। ଅନେକ ଶ୍ୱାସକ୍ରିୟା ଜନିତ ସମସ୍ୟାରେ ପଡୁଛନ୍ତି। ପ୍ରତିବର୍ଷ ପ୍ରଦୂଷଣ ଭାରତରେ ୧୭ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ପାଲଟୁଛି।୨୦୨୨ରେ ୱାର୍ଲ୍ଡ ବ୍ୟାଙ୍କ୍ ଦେଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଏହା ଦେଶର ହେଉଥିବା ସମସ୍ତ ମୃତ୍ୟୁର ୧୮ ପ୍ରତିଶତ। ବୁଧବାର ଡାଭୋସରେ ଭାରତୀୟ ଗଣମାଧ୍ୟମଗୁଡ଼ିକ ସହ କଥା ହେବା ବେଳେ ହାଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୀତା ଗୋପୀନାଥ ଏହା କହିଛନ୍ତି। ଟାରିଫ୍ ଅପେକ୍ଷା ଭାରତ ପ୍ରଦୂଷଣ ଅଧିକ ବିପଜ୍ଜନକ ବୋଲି ସେ କହିଛନ୍ତି।

ଗୋପୀନାଥ ସ୍ୱିଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ରେ ଯୋଗ ଦେବାକୁ ଆସିଥିଲେ। ଏହି ଅବସରରେ ସେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଯେତେବେଳେ ନୂଆ ବ୍ୟବସାୟ ଓ ଅର୍ଥନୈତିକ ଅଭିବୃଦ୍ଧିର କଥା ଆସେ ସେତେବେଳେ ଆଲୋଚନା ପ୍ରାୟତଃ ବାଣିଜ୍ୟ, ଶୁଳ୍କ ଓ ନିୟମାବଳୀ ପର୍ଯ୍ୟନ୍ତ ସୀମିତ ଥାଏ। କିନ୍ତୁ ପ୍ରଦୂଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରାଯାଇଥାଏ। ଗତବର୍ଷ ଲାନସେଟ୍ କାଉଣ୍ଟଡାଉନ୍ ରିପୋର୍ଟ ଆକଳନ କରିଥିଲା ଯେ, ବାହ୍ୟ ପ୍ରଦୂଷଣ (ପିଏମ୍୨.୫, ଧୂଆଁ, ଯାନବାହାନ ପ୍ରଦୂଷଣ ଓ କାରଖାନା) ଯୋଗୁଁ ଭାରତରେ ୩୦ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି। ଗୋପୀନାଥ କହିଛନ୍ତି ଯେ ପ୍ରଦୂଷଣ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ଦେଶର ବିକାଶକୁ ଦୀର୍ଘକାଳୀନ ଭାବେ କ୍ଷତି ପହଞ୍ଚାଇଥାଏ। ବିଦେଶ ନିବେଶକମାନେ ଭାରତରେ ନିବେଶ କରିବା ପୂର୍ବରୁ ପ୍ରଦୂଷଣକୁ ନେଇ ଗୁରୁତର ଭାବେ ଚିନ୍ତା କରିଥାନ୍ତି। ତେଣୁ ପ୍ରଦୂଷଣ ଏବେ ନିବେଶକଙ୍କୁ ମଧ୍ୟ ପ୍ରଭାବିତ କରୁଛି। ଭାରତ ନିଜକୁ ଏକ ବିଶ୍ୱସ୍ତରୀୟ ଅର୍ଥନୈତିକ ଓ ଉତ୍ପାଦନ କେନ୍ଦ୍ର ଭାବେ ଉପସ୍ଥାପନ କରୁଥିବା ବେଳେ ▶ପୃଷ୍ଠା-୭

# ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଛାଡ଼ିଲା ଆମେରିକା

■ ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତ ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ପୁଣି ବିଚଳିତ କରିବା ଭଳି ନିଷ୍ପତ୍ତି ନେଇଛି। ଏବେ ଏହି ଦେଶ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ରୁ ବାହାରି ଯାଇଛି। ଏହି ସଂଗଠନରେ ପୁଣି ସାମିଲ ହେବାର କୌଣସି ଯୋଜନା ନାହିଁ ବୋଲି ଆମେରିକା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଏହି ସଂଗଠନ ରୋଗର ପ୍ରସାର ରୋକିବାରେ, ନିୟନ୍ତ୍ରଣ କରିବାରେ ଏବଂ ସୂଚନା ଦେବାରେ ବିଫଳ ହୋଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ମାତ୍ର ଅନେକ ଦେଶ ଉପରେ ଶୁଳ୍କ ଲଗାଇ କୋଟି କୋଟି ଟଙ୍କା ଆଦାୟ କରିଥିବା ଆମେରିକା 'ହୁ'ର ବକେୟା ଦେବାକୁ ମନା କରିଦେଇଛି। 'ହୁ'କୁ ଆମେରିକା ୨୩୮୦ କୋଟିରୁ ଅଧିକ ଟଙ୍କା ଦେବାର ଥିଲା। ଏହା ଦେବ ନାହିଁ ବୋଲି ଆମେରିକା ରୋକଠୋକ୍ କହିଦେଇଛି।



### ୨୩୮୦ କୋଟିର ବକେୟା ଦେଲାନି

ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ 'ହୁ'କୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ଦିଆଯାଇଛି। ସଂଗଠନ ଛାଡ଼ିବା ପୂର୍ବରୁ ମଧ୍ୟ ଅର୍ଥ ଦେବା ଜରୁରୀ ନୁହେଁ। ମାତ୍ର ଆମେରିକା ନିୟମ ଅନୁଯାୟୀ, କୌଣସି ସଂଗଠନ ଛାଡ଼ିବାର ଏକ ବର୍ଷ ପୂର୍ବରୁ ▶ପୃଷ୍ଠା-୭

ରାଜ୍ୟସଭା ନିର୍ବାଚନ

# ୪ର୍ଥ ଆସନ ଗଣିତ ଅସ୍ପଷ୍ଟ

■ ଭୁବନେଶ୍ୱର, ୨୩।୧ (ସମିସ): ଆସନ୍ତା ଏପ୍ରିଲ ମାସରେ ହେବାକୁଥିବା ରାଜ୍ୟସଭା ନିର୍ବାଚନ ଅକସ୍ମାତ ରାଜ୍ୟ ରାଜନୀତିକୁ ସରଗରମ କରିଛି। ଖାଲି ହେବାକୁଥିବା ୪ଟି ଆସନ ମଧ୍ୟରୁ ସଂଖ୍ୟା ଦୃଷ୍ଟିରୁ ବିଜେପି ୨ଟି ଓ ବିଜେଡି ଗୋଟିଏ ଆସନରେ ବିଜୟ ଅବଶ୍ୟମ୍ଭାବୀ। ମାତ୍ର ୪ର୍ଥ ଆସନ ପାଇଁ ବିଜେପି ବା ବିଜେଡି ନିକଟରେ ଆବଶ୍ୟକ ସମର୍ଥନ ନାହିଁ। କଂଗ୍ରେସ ବା ବିଜେପି ସମର୍ଥନ କଲେ ୪ର୍ଥ ଆସନ ବିଜେଡି ଦଖଲ କରିପାରିବ କିମ୍ବା ବିଜେଡି ସମର୍ଥନ କଲେ କଂଗ୍ରେସ ବା ବିଜେପିର ପ୍ରାର୍ଥୀ ଏହି ଆସନରେ ବିଜୟୀ ହୋଇ ପାରିବେ। ସେହିପରି ବିଜେଡି ସହଯୋଗରେ କଂଗ୍ରେସ ମଧ୍ୟ ଏହି ଆସନ ଦଖଲ କରିପାରେ। ସାମ୍ପ୍ରତିକ ରାଜନୈତିକ ସ୍ଥିତି, ବିଧାନସଭା ଗଣିତକୁ ଦେଖିଲେ ଏହି ୪ର୍ଥ ଆସନ

- ବିଜେପିକୁ ୨ ଓ ବିଜେଡିକୁ ଗୋଟିଏ ଆସନ ନିଶ୍ଚିତ
- ନିର୍ଦ୍ଦଳୀୟଙ୍କୁ ସମର୍ଥନ ଦେଇପାରନ୍ତି ବିଜେଡି-କଂଗ୍ରେସ
- ନିର୍ବିବାଦୀୟ ସ୍ୱାଧୀନଙ୍କୁ ସମର୍ଥନ ଦେଇପାରନ୍ତି ୩ ଦଳ
- ହାରଜିତ୍‌କୁ ଭୟ ନାହିଁ, ପ୍ରାର୍ଥୀ ଦେବ କଂଗ୍ରେସ : ଭକ୍ତ

କ୍ଷେତ୍ରରେ କିଛି ବି ଘଟିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଆଗାମୀ ରାଜ୍ୟସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ୩୦.୪ ପ୍ରଥମ ପସନ୍ଦ ଭୋଟ ଆବଶ୍ୟକ ରହିଛି। ବିଧାନସଭାର ୧୪୭ ଆସନ ମଧ୍ୟରୁ ବିଜେପି ନିକଟରେ ୭୯ ଜଣ ଦଳୀୟ ବିଧାୟକ ଓ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବାରୁ ଦଳ ଅତି ସହଜରେ ▶ପୃଷ୍ଠା-୭

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ ମିଳିବ ପରିବାର ପେନ୍‌ସନ୍

■ କଟକ, ୨୩।୧ (ସମିସ): ପେନସନ ପାଉଥିବା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କର ନିର୍ଭରଶୀଳ ଛାଡ଼ପତ୍ରପ୍ରାପ୍ତ ବିବାହିତ ଝିଅ ପରିବାର ପେନସନ ପାଇବା ପାଇଁ ଯୋଗ୍ୟ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେବଳ ଛାଡ଼ପତ୍ର ଡିଗ୍ରୀ ମିଳିବାରେ ବିଳମ୍ବ ହେବା କାରଣରୁ ଜଣେ ଅସହାୟ ଝିଅକୁ ପରିବାର ପେନସନରୁ ବଞ୍ଚିତ କରାଯାଇପାରିବ ନାହିଁ। ଯଦି ଜଣେ ଝିଅ ବିବାହ ବିଚ୍ଛେଦ ମାମଲା ଚାଲିଥିବା ବେଳେ ଶାଶୁ ଘରୁ ବାହାରି ଆସି ନିଜ ବାପା-ମା'ଙ୍କ ଉପରେ ନିର୍ଭରଶୀଳ ଥିଲେ, ତେବେ ତାଙ୍କୁ ପେନସନ ପାଇବାର ଅଧିକାରରୁ ବଞ୍ଚିତ କରିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ବିଶ୍ୱମିତ୍ରା ଧଳ ଏବଂ ଅନ୍ୟମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ରାୟ ଦେଇଛନ୍ତି। ଏଥିସହ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦ୍ୱାରା ଆବେଦନକାରୀଙ୍କ ଦାବିପତ୍ର ▶ପୃଷ୍ଠା-୭

# ୩ ଦିନ ପରେ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୨୩।୧ (ସମିସ): ସଂପ୍ରତି ଏକ ଶକ୍ତିଶାଳୀ ପଶ୍ଚିମା ଝଡ଼ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜଧାନୀ ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର, ଲେହ-ଲଦାଖ, ରାଜସ୍ଥାନ, ହିମାଚଳପ୍ରଦେଶ ଏବଂ ଉତ୍ତରଖଣ୍ଡର ବିଭିନ୍ନ ଅଞ୍ଚଳରେ ବର୍ଷା / ତୁଷାରପାତ, ଝଡ଼ପବନ ସହ ବିଜୁଳି ଓ ଘଡ଼ଘଡ଼ି ଲାଗି ରହିଛି। ଫଳରେ ଏହି ସବୁ ଅଞ୍ଚଳରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହୋଇଛି। ଯଦିଓ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ ନାହିଁ; ମାତ୍ର ରାଜ୍ୟରେ ବଢୁଥିବା ତାପମାତ୍ରାରେ ବ୍ରେକ୍ ଲାଗିଛି। ଏହା ପ୍ରଭାବରେ ଗୁରୁବାର ଓ ଶୁକ୍ରବାର ରାଜ୍ୟର କିଛି କିଛି ସ୍ଥାନରେ ମେଘୁଆ ଓ କୋହଲା ପାଗ ଦେଖାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଶନିବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ଏଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାପମାତ୍ରାର ବିଶେଷ ପରିବର୍ତ୍ତନ ଆଶଙ୍କା ନ ଥିବା ବେଳେ ଏହା ପରେ ପୁଣି ତାପମାତ୍ରା ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର କହିଛି, ୩ ▶ପୃଷ୍ଠା-୭

ମହାନଦୀ ପ୍ରସଙ୍ଗରେ ସରକାରଙ୍କ ସାଂଘାତିକ ଖେଳ

# ସର୍ବଦଳୀୟ ବୈଠକ ବାତିଲ

■ ଭୁବନେଶ୍ୱର, ୨୩।୧ (ସମିସ): ରାଜ୍ୟ ସରକାର ମହାନଦୀକୁ ନେଇ ଆରମ୍ଭ କରିଛନ୍ତି ଖେଳ। ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହେବ ବୋଲି କହୁଥିବା ସରକାର ଓ ଶାସକ ଦଳର ନେତାମାନେ କରିଛନ୍ତି । ଯାହା ସରକାରଙ୍କ ଆଭିମୁଖ୍ୟକୁ ନେଇ ଅଧିକ ସନ୍ଦେହ ସୃଷ୍ଟି କରିଛି। ରାଜ୍ୟ ସ୍ୱାର୍ଥ ସହ ତିଳେ ମାତ୍ର ସାଲିସ କରାଯିବ ନାହିଁ ବୋଲି ବାହାସ୍ଫୋଟ ମାରୁଥିବା ଶାସକ ଦଳର ନେତାମାନେ ଏହି ପ୍ରସଙ୍ଗରେ ରହସ୍ୟମୟ

- ତେଜିଲା ଟ୍ରିବ୍ୟୁନାଲ୍ କାର୍ଯ୍ୟକାଳ ସଂକ୍ରାନ୍ତ ଚିଠି ବିବାଦ
- ଜଳସମ୍ପଦ ବିଭାଗର ଅପାରଗତା ଧରାଇଲେ ରାଜସ୍ୱ ମନ୍ତ୍ରୀ
- ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କଲା ବିଜେଡି
- ମହାନଦୀରେ ବାଲି ବନ୍ଧ ଭାଙ୍ଗିବ 'ମହାନଦୀ ବଞ୍ଚାଅ'

ଜାଣିଶୁଣି ମହାନଦୀ ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ସହ ଖେଳ ଖେଳି ଚାଲିଛନ୍ତି। ଏକପଟେ ମହାନଦୀ ବିବାଦ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ଚିଠି ନ ଲେଖି ଅଡୁଆରେ ପଡ଼ିଥିବା ସରକାର ରାଜ୍ୟରେ ସର୍ବଦଳୀୟ ବୈଠକକୁ ବାତିଲ ଭାବରେ ନିରବ। ମହାନଦୀ ପ୍ରସଙ୍ଗରେ ସରକାର ଏବେ ତିନି ଆଡୁ ବିବାଦରେ ଫସିବା ପରେ କେଉଁ ରାସ୍ତା ଦେଇ ମୁକୁଳିବେ ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି।

ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ ସହ ପୂର୍ବ ବିଜେଡି ସରକାର ▶ପୃଷ୍ଠା-୭

# ପୁଣି ଦଳିଦେଲା ଆମ ବସ୍

## ଜନପଥରେ ତାତିଲେ ଜନତା, ରଣକ୍ଷେତ୍ର ପାଲଟିଲା ମାଷ୍ଟରକ୍ୟାଣ୍ଟିନ ଛକ



ଅନ୍ୟ ବସ୍‌ଗୁଡ଼ିକୁ ଢେଲାମାଡ଼, ଭଙ୍ଗାରୁଜା

ଦୁର୍ଘଟଣାରେ ୨, ଢେଲାମାଡ଼ରେ ୧୦ ଆହତ

ପୁଲିସର ଲାଠି ଚାର୍ଜ, ୨ ଅଟକ

■ ଭୁବନେଶ୍ୱର, ୨୩।୧ (ସମିସ): ଲୋକଙ୍କ ଉପରେ ପୁଣି ଚଢ଼ାଇଲା ଆମ ବସ୍। ମାଷ୍ଟରକ୍ୟାଣ୍ଟିନ୍ ଛକରେ ବସ୍ ଏକ ବାଇକ୍‌କୁ ପ୍ରଥମେ ସାଇଡ୍ ମାରିବା ପରେ ଏହା ଉପରେ ଚଢ଼ାଇ ଦେଇଛି। ଏଥିରେ ବାଇକ୍ ଚାଳକଙ୍କ ସମେତ ଏହା ପଛରେ ବସିଥିବା ଆଉ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆମ ବସ୍ ଦୁର୍ଘଟଣାକୁ ନେଇ ଜନପଥରେ ତାତିଲେ ଜନତା। ରଣକ୍ଷେତ୍ରରେ ପରିଣତ ହେଲା ମାଷ୍ଟରକ୍ୟାଣ୍ଟିନ ଛକ। ସ୍ଥାନୀୟଲୋକେ ଅନ୍ୟ ବସ୍ ସମେତ, ଆମ ବସ୍‌କୁ ଢେଲା ଓ ପଥର ମାଡ଼ କରି ଭଙ୍ଗାରୁଜା କରିଥିଲେ। ପୁଲିସ ଉପସ୍ଥିତିରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସ ଆକ୍ରମଣ କରୁଥିବା ୨ଯୁବକଙ୍କୁ ଉଠାଇ ନେବା ସହ ଲାଠିଚାର୍ଜ କରିବା ସହ ମୃଦୁ ବଳପ୍ରୟୋଗ କରିଥିଲା। ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ଜଗମୋହନ ମିନା ପହଞ୍ଚି ଆମ ବସ୍ ଉପରେ ଆକ୍ରମଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି।

ମିଳିଥିବା ସୂଚନା ମୁତାବକ, ୮୨ନମ୍ବର ରୁଟ୍‌ରେ ଚାଲୁଥିବା ଆମ ବସ୍ ମାଷ୍ଟରକ୍ୟାଣ୍ଟିନ୍‌ରୁ ପିପିଲି ଯାଉଥିଲା। ବାଇକ୍ ଚାଳକ ମାଷ୍ଟରକ୍ୟାଣ୍ଟିନ୍‌ରୁ ରାଜମହଲ ଆଡକୁ ଯାଉଥିଲେ। ଅପରାହ୍ଣ ୨ଟା ୪୦ ସମୟରେ ବସ୍‌ଟି ଏକ ପଲସର ବାଇକ୍‌କୁ ସାଇଡ୍ ମାରି ଧକ୍କା ଦେବା ସହ ଚଢ଼ାଇ ▶ପୃଷ୍ଠା-୭




# ବିଭିନ୍ନ ସ୍ଥାନରେ ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଜୟନ୍ତୀ





ଝାରସୁଗୁଡ଼ା,୨୩।୧(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାନ୍ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦର ପ୍ରବେଶ ପଥରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିମାନବନ୍ଦର ଭିତର ପାର୍ଶ୍ୱରେ ଥିବା ପ୍ରତିମୂର୍ତ୍ତିରେ ମଧ୍ୟ ସେ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମ୍ଏଫ୍ ପ୍ରେକ୍ଷାଳୟଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ ଏବଂ ବଳିଦାନ ଉପରେ ଆଲୋକପାତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗର୍ଡିଆ, ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସୌମେଶ ଆଚାର୍ଯ୍ୟ, ବିପିନ ପଣ୍ଡା ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ● ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ପୁରାତନ ଛାତ୍ର ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂହ, ସମ୍ପାଦକ ସୁଧୀର ନାୟକ, କୋଷାଧ୍ୟକ୍ଷ ଭବାନୀ କୁଅଁର, ସହସମ୍ପାଦକ ବିଜୟ ସାହୁ ଏବଂ ୧୯୯୬ /୧୯୯୭



ମସିହା ଠାରୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାହୋଇଥିଲା। ବିଦ୍ୟାଳୟର ବିଜୟ ସିଂ, ବସନ୍ତ ମହାପାତ୍ର, ଖରୋଦ ଜେନା, ବିଦ୍ୱତ ରାଉତ, ପୁଷ୍ପା ଜୟସୁଆଲ, ଦିଲୀପ ପଟ୍ଟନାୟକ, କିଶୋର ଭଇଷାଲ, ସୁପ୍ରିତୀ ବାଗ, ସ୍ନେହଲତା ଶରମ, କଲ୍ୟାଣୀ ସାମନ୍ତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ● ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ

ଝାରସୁଗୁଡ଼ା: ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ବା ପରାକ୍ରମ ଦିବସ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିପାଇଁ ପ୍ରାତଃ ସଭାରେ ଅଧ୍ୟକ୍ଷ ହୋତାଙ୍କ ଦ୍ୱାରା ଦୁଇ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପଜ୍ୱଳନ କରାଯାଇଥିଲା। ଅଧ୍ୟକ୍ଷ ହୋତା ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ଉଭୟ ଦେଶସେବକଙ୍କ ଜୀବନୀକୁ ପଠନ ପୂର୍ବକ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ବିଦ୍ୟାଳୟର ଅର୍ଥନୀତି ବିଭାଗର ଶିକ୍ଷକ ଦେବାଶିଷ ବେହେରା ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ମହନୀୟ ଆଦର୍ଶର କାହାଣୀ ଉପସ୍ଥାପନା କରିଥିଲେ। ସଭାକାର୍ଯ୍ୟକୁ ଇଂରାଜୀ ବିଭାଗର ଶିକ୍ଷକ




ଭଜମନ ଗଡ଼ତିଆ ପରିଚାଳନା କରିଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ● ପଞ୍ଚପଡା ଶିଶୁବିକାଶ ବିଦ୍ୟାମନ୍ଦିର

ଝାରସୁଗୁଡ଼ା: ପଞ୍ଚପଡା ଶିଶୁବିକାଶ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ବିଦ୍ୟାଦାୟିନୀ ମାଁ ସରସ୍ୱତୀଙ୍କ ପୂଜନ ଉତ୍ସବ ପୁରୋହିତ ପଣ୍ଡିତ ଫକୀର ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପୂଜାରେ ପଞ୍ଚମ ଶ୍ରେଣୀର ଶିଶୁ ଭାଇ ପ୍ରଜ୍ଞାନ ପରିଡା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟୁଷ ପଟେଲ, ପ୍ରିୟାଂଶୁ ଜେନା, ସାଇକ୍ରୀଷ୍ଣା ମାଝୀ ପୂଜାରେ ସହଯୋଗ କରିଥିଲେ। ଉତ୍ସବ ପରେ ଦେଶ ମାଟିର ଅମୃତ ସନ୍ତାନ ବୀର ସୁରେନ୍ଦ୍ର



ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ଦିଗାମ୍ବର ମାଝୀ, ପ୍ରଧାନଆଚାର୍ଯ୍ୟା ମମତା ସିଂହ, ପ୍ରେମାନନ୍ଦ ପଟେଲ, ମୀରା ନଇ, ଆଲୋକ ସାବତ ପ୍ରମୁଖଙ୍କ ଉପସ୍ଥିତରେ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟଶଙ୍କର ପଟେଲ, ବିଦ୍ୟାଳୟ କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ, ସମାଜସେବୀ ଉଦିତ ପଣ୍ଡା, ରାମପ୍ରିତ ରାୟଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଓ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କୁ ଭୁଲିଗଲା ଜିଲ୍ଲା ପ୍ରଶାସନ

ଦେବଗଡ଼,୨୩।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ଚଳିତ ବର୍ଷ ପାଳନ ହେଲା ନାହିଁ। ଅନ୍ୟ ବର୍ଷ ମାନଙ୍କରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ଗତ ୧୮ ରୁ ୨୨ ପର୍ଯ୍ୟନ୍ତ ଦେବଗଡ଼ରେ ସଂସ୍କୃତି ବିଭାଗ ପକ୍ଷରୁ ୫ ଦିନ ଧରି ପ୍ରଧାନପାଟ ଉତ୍ସବ ପାଳିତ ହେଉଥିଲା। ପରେ ଆଜି ଛୁଟି ଦିବସ ଥିବାରୁ ଜିଲ୍ଲାରେ ଅନେକ ବିଭାଗର ଅଧିକାରୀ ଜିଲ୍ଲାରେ ଅନୁପସ୍ଥିତ ରହିଥିଲେ। ସାଂସ୍କୃତିକ ଉତ୍ସବରେ ନୃତ୍ୟ ସଂଗୀତର ଆସର ମଧ୍ୟରେ ୫ ସନ୍ଧ୍ୟାର ଆନନ୍ଦ ନେବା ପରେ ଆଜି ସ୍ୱାଧୀନତା ଦୁଇ ମହାନ ସଂଗ୍ରାମୀଙ୍କ ଜୟନ୍ତୀ ପାଳନକୁ ଗୁରୁତ୍ୱ ଦେଇ ନଥିଲେ। ତେବେ ଏ ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଠାରୁ ସୂଚନା ଚାହିଁବାରୁ ସେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ମୋବାଇଲ ଫୋନ ନମ୍ବର ଦେଇଥିଲେ। ସେହିପରି ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇଙ୍କୁ ଫୋନ ଯୋଗେ ମତାମତ ନେବାରୁ ସେ ଭୁବନେଶ୍ୱରରେ ଏକ ଟ୍ରେନିଂରେ ଆସିଥିବା ଏବଂ ତାଙ୍କୁ ସଂସ୍କୃତି ବିଭାଗର ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇ ନ ଥିବା ନିଜ ସଫେଇ ଦେଇଥିଲେ। ଏହାସହ ତାଙ୍କୁ ଏ ସମ୍ପର୍କରେ ଫୋନ ଯୋଗେ ପଚାରିଥିବାରୁ ସେ ବିରକ୍ତି ଭାବ ପ୍ରକାଶ କରିଥିଲେ। ତେବେ ଏକ ନାଟ୍ୟନୁଷ୍ଠାନ ପକ୍ଷରୁ ସଂସ୍କୃତି ଭବନ ଠାରେ ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି ବୋଲି କହିଥିଲେ। ତେବେ ପୂଜ୍ୟପୂଜାଙ୍କୁ ସମ୍ମାନ ଦେବାରେ ଜିଲ୍ଲା ପ୍ରଶାସନର କେତେ ଆନ୍ତରିକତା ତାହା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ବିରକ୍ତି ଭାବରୁ ସ୍ପଷ୍ଟ ଅନୁମେୟ ହୋଇଛି।

# ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ନେଇ ତହସିଲ୍‌ଦାରଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୨୩।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ସ୍ଥିତ ହିର୍ମା ଠାରେ ଥିବା ଏସଏମସି ପାୱାର ଜେନେରେସନ ୟୁନିଟ-୧ ଦ୍ୱାରା ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ଓ ଦଖଲକୁ ନେଇ ଅଭିଯୋଗ ହୋଇଛି। ହିର୍ମା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀବାଦୀ ଏବଂ ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ମାଝୀ ଝାରସୁଗୁଡ଼ା ତହସିଲଦାରଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ହିର୍ମା ମୌଜାର ଖାତା ନମ୍ବର ୨୫୦, ପ୍ଲଟ ନମ୍ବର ୧୭୭୧, ୧୭୭୩, ଏରିଆ ୩୨ଏକର ୮୭ ଡେସିମିଲ, କିସମ-ଜଙ୍ଗଲ ଜମି ଉପରେ ଏସଏମସି ପାୱାର ୟୁନିଟ-୧ ବେଆଇନ ନିର୍ମାଣ ସହିତ ବେଆଇନ ଭାବେ ଉକ୍ତ ଜମିକୁ ବ୍ୟବହାର କରୁଛି। ବର୍ତ୍ତମାନ ଏସଏମସି ପାୱାର ୟୁନିଟ-୧କୁ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ଅଧିଗ୍ରହଣ କରିଥିବା ମଧ୍ୟ ସୂଚନା ମିଳିଛି। ସେହି ଜମିକୁ କମ୍ପାନୀ କବଳରୁ ମୁକ୍ତ କରିବା ପାଇଁ ଏବଂ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଓପିଏଲଇ ଆଇନ ଏବଂ ଜଙ୍ଗଲ ସୁରକ୍ଷା ଆଇନ ଅନୁଯାୟୀ ତଦନ୍ତ କରିବା ସହିତ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହିର୍ମା ସରପଞ୍ଚ ଲକ୍ଷ୍ମୀବାଦୀ ଏବଂ ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ ଝାରସୁଗୁଡ଼ା ତହସିଲଦାରଙ୍କ ଠାରେ ଅଭିଯୋଗ ଦାବିପତ୍ର ପ୍ରଦାନ କରିଛନ୍ତି।

# ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅତାବିରା,୨୩।୧(ସମିସ): ଅତାବିରା ବ୍ଲକ୍ ଅଧୀନ ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିଶିର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ତଥା ଶିକ୍ଷାବିତ ବାଳଗୋବିନ୍ଦ ବାବୁ, ସମିତି ସଭ୍ୟା ମଞ୍ଜୁଳତା ବଡ଼େଇ, ପୂର୍ବତନ ସରପଞ୍ଚ ମକରଧ୍ୱଜ ଭୋଇ, ପରିଚାଳନା କମିଟିର ସଭାପତି କଷ୍ଟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ବିଭିନ୍ନ ବିଭାଗରେ ପାରଦର୍ଶିତାରେ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀର ଛାତ୍ର କାଶୀନାଥ ମହାପାତ୍ର ବାଳକ ବିଭାଗରେ ଏବଂ ବାଳିକା ବିଭାଗରେ ନବମ ଶ୍ରେଣୀର ଛାତ୍ରୀ ଝରଣା ନାଏକ ଚାମ୍ପିଅନ୍ ହୋଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୁଏ, ନିରଞ୍ଜନ ପ୍ରଧାନ, ରୋହିତ ଭୋଇ, ପ୍ରତାପ ରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମୈଥିଲି ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ପୂଜା ଅବସରରେ ରକ୍ତଦାନ ଶିବିର



ବରଗଡ଼,୨୩।୧(ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ବରାମୁଣ୍ଡା ଠାରେ ସରସ୍ୱତୀ ପୂଜା ଉପଲକ୍ଷେ ଏକ ରକ୍ତଦାତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରାମୁଣ୍ଡା ସରସ୍ୱତୀ ପୂଜା କମିଟି ଓ ଭେଡେନ ଅମୃତ୍‌କୁଟୁମ୍ବ୍‌ର ମିଳିତ ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥିଭାବେ ବିଶିଷ୍ଟ ଶିଳ୍ପପତି ରିଙ୍କୁ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଭୀମସାର ବୁର୍ଲା ଡ.ସିକୁନ ନାୟକ, ସାହେବ ପ୍ରଧାନ ଓ ଶୁକଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସରସ୍ୱତୀ ପୂଜା କମିଟିର ଦୀପକ ପ୍ରଧାନ, ଅମିୟ ଚରଣ ପ୍ରଧାନ, ତରଣୀସେନ ଦଲେଇ, ସୁମନ୍ତ ସାହୁ, ସୁଷମା ଭୁଏ, ନିକିତା ପ୍ରଧାନ, ନିବାସ, ଦିନେଶ, ରିଙ୍କୁ, ପିଙ୍କୁ, ସତ୍ୟ, ଧରଣୀ, ଅମୀୟ, ଆକାଶ, ଚନ୍ଦନ, କ୍ଷୀରୋଦ, ପ୍ରକାଶ ଦେବ ପ୍ରମୁଖ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଭୀମସାର ବୁର୍ଲାର ଡ.ସିକୁନ ନାୟକ, ମଣ୍ଟୁ ପ୍ରଧାନ ଓ ସହଯୋଗୀ ମାନେ ଦୁଇ ଜଣ ମହିଳା ସମେତ ମୋଟ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

## ପରମାଣପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅତାବିରା,୨୩।୧(ସମିସ): ଟୋପ ପଞ୍ଚାୟତ ପରମାଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁବ୍ରତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପାଣ୍ଡବ ବାରିକ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିରେନ ଭୋଇ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଗୋକୁଳାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ସୁଶାନ୍ତ ତ୍ରିପାଠୀ ପରିଚାଳନା ଓ ପୁରାତନ ଛାତ୍ରୀ ବିଷ୍ଣୁପ୍ରିୟା ଯାଦବ ସଂଯୋଜନା କରିଥିଲେ।




# ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀରେ ରକ୍ତଦାନ ଶିବିର

ପଦ୍ମପୁର,୨୩।୧(ସମିସ): ନେତାଜୀ ସୁବାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ଉତ୍ସବରେ ଶୁକ୍ରବାର ପଦ୍ମପୁର ଟ୍ୟାକ୍ସି ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ରକ୍ତଦାନ ଶିବିର ରାଜାଜୀ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ଭାବେ ବରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଉପଖଣ୍ଡ ପୁଲିସ ଅଧୀକ୍ଷକ ପାଣ୍ଡବ ଶବର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଣୀଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଆଶା ସକ୍ରାର ସମ୍ପାଦକ ଅଜିତ ଶତପଥୀ, ସଭାପତି ନିରୋଜ ଦୋରା, ବସ ସଂଘ ସମ୍ପାଦକ ଅବିନାଶ ମିଶ୍ର, ସାମ୍ବାଦିକ ରତ୍ନମଣୀ ଶତପଥୀ, ଟ୍ୟାକ୍ସି ସଂଘ ସଭାପତି ଲବଣୀ ନାଗ, ଆଇଆଇସି ମମତା ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପଦ୍ମପୁର ରକ୍ତଭଣ୍ଡାର ତରଫରୁ ସଂଗ୍ରାମ କେଶରୀ ମାହୁନ୍ତ, ଶ୍ୟାମସୁନ୍ଦର ସାହୁ, ଜିତେନ୍ଦ୍ରିୟ ଗୁର୍ଲା, ମାନସ ବୁଡେକ, କିଶୋର ପଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ସାମ୍ବାଦିକ ଶିବାଶିଷ ପଟ୍ଟନାୟକ, ତୃପ୍ତିମୟ ତ୍ରିପାଠୀ, ସୁଦାମ ପଧାନ, ପ୍ରଦୀପ୍ତ ଦାଶ ସମେତ ବିଭିନ୍ନ ସହଯୋଗୀ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।



## ମାର୍ଚ୍ଚ ୮ରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ

ଦେବଗଡ଼,୨୩।୧(ସମିସ): ଦେବଗଡ଼ ଜିଲ୍ଲାର ନିକ୍ତିମାଳ ଗାଁରେ ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ ଆସନ୍ତା ମାର୍ଚ୍ଚ ୮ରେ ପାଳିତ ହେବ। ଶୁକ୍ରବାର ସମ୍ବଲପୁର ଠାରେ ପରିଷଦର ସଭାପତି ହେମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାସହ ଫେବୃଆରୀ ୬ରେ ସାଂଗଠନିକ ବୈଠକ ଡକାଯାଇଛି। ଏଥିରେ ସବୁ ଜିଲ୍ଲାର ସଂଯୋଜକ, ସଭାପତି, ମହିଳା କୀର୍ତ୍ତନ ଦଳ ଓ ପୁରୁଖା କୀର୍ତ୍ତନ ଗାୟକଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ବୈଠକ ଆରମ୍ଭରେ ପରିଷଦର ସମ୍ପାଦକ ମାନଭଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପଦେଷ୍ଟା ରାଜେନ୍ଦ୍ର ବେହେରା, ଉପ-ସଭାପତି ଲୋକନାଥ ମିଶ୍ର, ସମ୍ବଲପୁର ଜିଲ୍ଲା ସଭାପତି ସନ୍ତୋଷ ବାରିକ, ସଂଯୋଜକ ଦିଲ୍ଲୀପ ବଡ଼େଇ, ବଳରାମ ମାହାନା, ପରିଷଦର ସଂଯୋଜକ ତୁଷାର ରଞ୍ଜନ ବାରିକ, ଦେବଗଡ଼ ଜିଲ୍ଲା ସଂଯୋଜକ ରୋହିତ ପ୍ରଧାନ, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ଅରୁଣ ସାହୁ, ରାଧାକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

## ଗାଙ୍ଗେଶ୍ୱରଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



ଦେବଗଡ଼,୨୩।୧(ସମିସ): ତିଲେଇବଣି ବ୍ଲକ୍ ଗାଙ୍ଗନଣ ଗାଁରେ ଆଜି ମହାପ୍ରଭ ଶ୍ରୀଶ୍ରୀ ଗାଙ୍ଗେଶ୍ୱରଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଶୁକ୍ରବାର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ସକାଳେ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ଏବଂ ଅନ୍ୟାନ୍ୟ ବାଦ୍ୟର ତାଳେ ତାଳେ ଶହ ଶହ ମହିଳା ଶୋଭାଯାତ୍ରାରେ ନିକଟସ୍ଥ ବ୍ରାହ୍ମଣୀ ନଦୀ (ରଙ୍ଗାଳି ନଦୀବନ୍ଧ ଜଳଭଣ୍ଡାର)ରୁ ପୂଜାର୍ଚ୍ଚନା ପୂର୍ବକ କଳସୀରେ ଜଳ ସଂଗ୍ରହ କରି ଗାଙ୍ଗନଣ ଗାଁଖଲି ସ୍ଥିତ ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପୂର୍ବାହ୍ନରେ ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପାରମ୍ପରିକ ରୀତିନୀତିରେ ସୋମ ଯଜ୍ଞ ସହ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ମଧ୍ୟାହ୍ନରେ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଗାଙ୍ଗେଶ୍ୱର ଶିବ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ସର୍ବଭାରତୀୟ ମାଁ ଜଳମୁଣ୍ଡି କ୍ରିକେଟ୍ କପ୍: କଟକ ୟୁନିୟନ୍ ସ୍ପୋର୍ଟିଂ ଚାମ୍ପିଅନ

ଦେବଗଡ଼,୨୩।୧(ସମିସ)

ନେତାଜୀ ସ୍ପୋର୍ଟସ୍ ଆସୋସିଏସନ୍ ଆନୁକୂଲ୍ୟରେ ଦେବଗଡ଼ ଟିଙ୍କବୀର ଠାରେ ଆୟୋଜିତ ୧୭ ତମ ସର୍ବଭାରତୀୟ ମାଁ ଜଳମୁଣ୍ଡି କ୍ରିକେଟ କପ ୨୦୨୬ରେ କଟକ ୟୁନିୟନ୍ ସ୍ପୋର୍ଟିଂ ଚାମ୍ପିଅନ ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମ୍ୟାଚ୍‌ରେ ରାଉରକେଲା ଏୱାଇସିସି ଦଳକୁ କଟକ ୟୁନିୟନ୍ ସ୍ପୋର୍ଟିଂ ୫ ୱିକେଟରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ସତ୍ତ୍ୱେ କଟକର ମଧ୍ୟକ୍ରମ ବ୍ୟାଟିଂ ସଫଳତା ଦଳକୁ ଚାମ୍ପିଅନ କରିଛି। ମଧ୍ୟକ୍ରମ ବ୍ୟାଟର ବିନାୟକ ପ୍ରସାଦ ୫୩ରନ କରିଥିଲେ। ପିଣ୍ଟୁ ୪୮ରନ ଓ ତାପସ୍ ୩୭ରନ କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୧୭୬ ରନକୁ ପିଛା କରି ଶେଷ ବଲ୍‌ରେ କଟକ ବିଜୟୀ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ରାଉରକେଲା ଏୱାଇସିସି ଦଳ ଟସ୍ ଜିଣି ନିର୍ଦ୍ଧାରିତ ୨୦ ଓଭରରେ ୧୭୫ ରନ୍ କରିଥିଲା। ପ୍ରଥମ ୱିକେଟ ଯୋଡିରେ ବ୍ୟାଟର ଶତକୀୟ ପାଳି ଖେଳିଥିଲେ। ଅଙ୍କିତ ପି ୩୯ଟି ବଲ୍‌ରୁ ୬୩ ଓ ସୌରଭ ୪୯ରନ କରିଥିଲେ।




ହେଲେ ଏହି ୨ ବ୍ୟାଟର୍ ଆଉଟ ହେବା ପରେ ଦଳ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା। ତଥାପି ନିମ୍ନକ୍ରମ ବ୍ୟାଟରଙ୍କ ସହଯୋଗରେ ରାଉରେକେଲା ୭ ୱିକେଟ ହରାଇ ୧୭୫ରନ କରିଥିଲା। କଟକ ପକ୍ଷରୁ ଶୁଭମ ପି ୩ଟି, ବିଶ୍ୱଜିତ ପ୍ରଧାନ ୨ଟି ଏବଂ ଏମ୍‌ଡି ଏନ୍ ଗୋଟିଏ ୱିକେଟ ହାସଲ କରିଥିଲେ। ଆଜିର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିନାୟକ ସାନୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ରାଉରକେଲାର ଅଙ୍କିତ ପ୍ରସାଦ ଗୁପ୍ତା ମ୍ୟାନ୍ ଅଫ୍ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। ରାଉରକେଲାର ଆକାଶ ଠାକୁର ଟୁର୍ଣାମେଣ୍ଟର ଶ୍ରେଷ୍ଠ ବୋଲର, ରାହୁଲ ଛେତ୍ରୀ ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ଏବଂ କଟକ ଦଳର ତାପସ ରାଉତି ଶ୍ରେଷ୍ଠ ବ୍ୟାଟର ଭାବେ ବିବେଚିତ ହୋଇଥିଲେ। ସମସ୍ତଙ୍କୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର କରାଯାଇଥିଲା। ଆଜି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ମୁଖ୍ୟ ଅତିଥି, ପୂର୍ବତନ ବିଜେଡି ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଶୁକଦେବ ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

ବିଜେତା ଦଳକୁ ୪୫ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ ମ୍ୟାଚ୍‌ରେ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ମହେଶ ମୁନସୀ ଓ ଏମ୍‌ଡି ଇସାକ୍ ପରିଚାଳନା କରିଥିଲେ। ବିଷ୍ଣୁ ସାହୁ, ଦେବାଶିଷ ବିଶ୍ୱାଳ ଏବଂ ରିୟାଂଶ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।ରେଖାଙ୍କିତ ମାଝୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ଧାନ ବିକ୍ରି ପାଇଁ ହରଡଘଣାରେ ଚାଷୀ

# କଟ୍‌ନୀ ଛଟ୍‌ନୀ କରି ଶୋଷୁଛନ୍ତି ପାକ୍ସ ଓ ମିଲର୍ସ

ବୀରମହାରାଜପୁର,୨୩ା୧(ସମିସ)

ସୁବର୍ଣ୍ଣପୁର ଜିଲ୍ଲାରେ ଧାନ ବିକ୍ରି କରିବାକୁ ଯାଇ ଚାଷୀ ଏବେ ହରଡଘଣାରେ ପଡିଛନ୍ତି। ପାକ୍ସକୁ ମିଲରର୍ସମାନେ ଗାଡ଼ି କି ଏଜେଣ୍ଟ ପଠାଉ ନଥିବାରୁ ଚାଷୀ ବାଧ ହୋଇ ମିଲରର୍ସମାନଙ୍କ ନିକଟକୁ ଧାନ ନେଉଥିବା ବେଳେ ମିଲରର୍ସମାନେ ଅଧିକ କଟନୀ ଛଟନୀ କରି ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଏପଟେ କିଛି ପାକ୍ସରେ ମଧ ମାତ୍ରାଧିକ କଟନୀ ଛଟନୀ କରାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଅଭିଯୋଗ ଅନୁଯାୟୀ, ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ଚଳିତ ବର୍ଷ ୩ ମହିଳା ସ୍ୱୟଂ ସହାୟକ ଦଳ ସହିତ ୧୧ ସେବା ସମବାୟ ସମିତି ମଧମରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ବ୍ୟବସ୍ଥା କରିଛନ୍ତି ସରକାର। କିନ୍ତୁ ଚଳିତ ବର୍ଷ ଧାନ କ୍ରୟରେ ଚାଷୀଙ୍କୁ ନାହିଁ ନ ଥିବା ହଇରାଣର ସମ୍ମୁଖିନ ହେବାକୁ ପଡୁଛି। ଚାଷୀଙ୍କ ବର୍ଷକର କଷ୍ଟ ଉପାର୍ଜିତ ଫସଲକୁ ମିଲରର୍ସ, ପାକ୍ସ ଓ ପ୍ରଶାସନ ମିଳିତ ଭାବେ ଚାଷୀଙ୍କୁ ଲୁଟୁଛନ୍ତି। ଅନ୍ୟ ବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଆବଶ୍ୟକରୁ ଅଧିକ ଧାନ କଟନି ଛଟନି ହେଉଛି। ଏ ବର୍ଷ ମିଲର ଓ ପ୍ରଶାସନର ଭିତିରିଆ ବୁଝାମଣାରେ ପାକ୍ସକୁ ମିଲର ଗାଡ଼ି ଏବଂ ଏଜେଣ୍ଟ ଠିକ୍ ସେ ନ ପଠାଉ ଥିବାରୁ ଚାଷୀ ମାନେ ଭୟରେ ବାଧ ହୋଇ ନିଜ ଖର୍ଚ୍ଚରେ ବିଭିନ୍ନ ମିଲକୁ ଧାନ ନେଉଛନ୍ତି। ପ୍ରାୟ ୬୦ ରୁ ୭୦ ପ୍ରତିଶତ ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନକୁ ନିଜ ପାକ୍ସ ସହ ଅନୁବନ୍ଧିତ ଥିବା ମିଲକୁ ବିକ୍ରୟ ପାଇଁ ନେଉଛନ୍ତି। ହେଲେ ଚାଷୀଙ୍କୁ ପାକ୍ସରେ ଯେତିକି କଟନି ହେଉଛି ତାଠୁ ଅଧିକ ମିଲର ଧାନ ଖରାପ ଅଛି କହି କୌଣସି ଆନାଲାଇଜର ମେସିନ ସାହାଯ୍ୟ ନ ନେଇ ବସ୍ତା ପିଛା ଅଧିକ ୨-୫ କେଜି କଟନୀ ଛଟନୀ କରୁଛନ୍ତି। ଏପରିକି ଯଦି ଚାଷୀ ଅଭିଯୋଗ କରେ ତେବେ ତୋ ଧାନ ନେଇ ଯା କହି ଚାଷୀଙ୍କୁ ଅନେକ ଉପାୟରେ ହଇରାଣ କରୁଛନ୍ତି।

ସେପଟେ ରାଜ୍ୟ ସରକାର କିନ୍ତୁ ଜିରୋ କଟନୀରେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉଛି ବୋଲି ଡିଣ୍ଡିମ ପିଟୁଛନ୍ତି। ମିଲକୁ ନେଉଥିବା ଜଣେ ଚାଷୀର ଯଦି ପ୍ରକୃଷ୍ଟ ଧାନ ହୋଇଥିବ, ତେବେ କୁଇଣ୍ଟାଲ ପିଛା ୩ କେଜି ଧାନ ଦେବ। ଯଦି ବେଶୀ କିଛି ଚାଷୀ କୁହନ୍ତି କିମ୍ବା ହାତ ଗୁଞ୍ଜା ନ ଦିଅନ୍ତି, ତେବେ ବିନା ପରୀକ୍ଷା ନିରୀକ୍ଷାରେ ବସ୍ତା ପିଛା ୨-୫ କେଜି କଟନି ହେଉଛି। ସୂଚନାଥାଉକି ବୀରମହାରାଜପୁର ବ୍ଲକର ସମସ୍ତ ପାକ୍ସରେ ସାଧାରଣତଃ କୁଇଣ୍ଟାଲ ପିଛା ୩-୪ କେଜି କଟନି କରୁଛନ୍ତି। ମଣ୍ଡି, ମିଲର ମିଳିତ ସଲାସୁତୁରାରେ ଚାଷୀଙ୍କ ଧାନ କ୍ରୟରେ ମନମାନି ଚାଲାଇଛନ୍ତି। ଉଭୟଙ୍କ ମିଳିତ ନାଟକରେ ପାକ୍ସକୁ ମିଲର ଗାଡ଼ି ପଠାଉ ନାହାନ୍ତି। ଚାଷୀ ନିଜ ଟୋକନ ଅବଧି ସରିଯିବା ଭୟରେ ବାଧ ହୋଇ ନିଜ ଧାନକୁ ବିକ୍ରି ପାଇଁ ମିଲକୁ ନେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ

କନ୍ଧମାଳ,୨୩ା୧(ସମିସ): ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ୩ ବର୍ଷ ହେଲାଣି ୨୫କେଭି ବିଦ୍ୟୁତ ଟ୍ରାନ୍ସଫର୍ମ ଅଚଳ ଅବସ୍ଥାରେ ପଡ଼ିରହିଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଖୁଣ୍ଟିଗୋରା ପଞ୍ଚାୟତ ବଡକଲରାଖୋଟା ଗ୍ରାମରେ।



ସୂଚନାନୁଯାୟୀ, ଏହି ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମ ୪ ବର୍ଷ ହେଲାଣି ୨ଟି ଫେଜ୍ ପୋଡ଼ି ଅଚଳ ଅବସ୍ଥାରେ ପଡ଼ିରହିଛି। ଏହି ବିଦ୍ୟୁତ ଟ୍ରାନ୍ସଫର୍ମ ଉପରେ ଗ୍ରାମର ୪୦ ପରିବାର ନିର୍ଭର କରୁଛନ୍ତି। ଗତ ୨୦୨୫ ସେପ୍ଟେମ୍ବର ୨୩ରେ ବିଦ୍ୟୁତ୍ ଟ୍ରାନ୍ସଫର୍ମ ମରାମତି ପାଇଁ ମନମୁଣ୍ଡା ବିଦ୍ୟୁତ କାର୍ଯ୍ୟାଳୟ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ମରାମତି କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଗୋଟିଏ ଫେଜରେ ୪୦ପରିବାର ବିଦ୍ୟୁତ୍ ପାଉଥିବାରୁ ଅନେକ ସମୟରେ ଫ୍ୟୁଜ୍ କଟ ହୋଇ ଲୋ ଭୋଲ୍ଟେଜ୍ ସମସ୍ୟା ଦେଉଛି। ଏଥିସହ ଦିନଦିନ ଧରି ଅନ୍ଧାରରେ ରହୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମଟି କନ୍ଧମାଳ ଜିଲ୍ଲା ସୀମାନ୍ତରେ ଥିବାରୁ ସନ୍ଧ୍ୟା ସମୟରେ ଚୋରୀ ଡକାୟତ ହେବା ସହ ଜଙ୍ଗଲି ଜନ୍ତୁ ହାତୀ, ଭାଲୁ ସାପ ଇତ୍ୟାଦିର ଶିକାର ହେବାର ଆଶଙ୍କା ଦେଖାଯାଉଛି। ତା ସହିତ ଲୋ ଭୋଲ୍ଟେଜ ଯୋଗୁଁ ନିତିଦିନ ବ୍ୟବହାର ପାଣି ମଟର, ପଙ୍ଖା, କୁଲର ଆଦି ଠିକ୍ ଭାବରେ ଚାଲୁ ନ ଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯଥାଶୀଘ୍ର ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବଦଳାଇ ନୂତନ ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମତଦାତା ଶପଥ ପାଠ



ତରଭା,୨୩ା୧(ସମିସ): ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ଗୁରୁବାର ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ମତଦାତା ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ନିର୍ବାଚନ ଅଧିକାରୀ ଯଶସ୍ୱିନୀ ପୋଥାଲ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ଓ ଆଇସିଡିଏସ ସମ୍ପର୍କିତ ଏକାଭିମୁଖୀ ବୈଠକ




ବୌଦ୍ଧ,୨୩ା୧(ସମିସ): ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ କେନ୍ଦ୍ରରେ ସ୍ୱାସ୍ଥ୍ୟ ଓ ଆଇସିଡିଏସ ସମ୍ପର୍କିତ ଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକରେ ଭାରପ୍ରାପ୍ତ ସିଡିଏମଓ ଡାକ୍ତର ସଂଘମିତ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ ଓ ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୀରନରସିଂହପୁର ଲୋକ ମହୋତ୍ସବ ଉଦ୍‌ଯାପିତ




ବୌଦ୍ଧ,୨୩ା୧(ସମିସ): ନବମ ବୀରନରସିଂହପୁର ଗଡଜାତ ଲୋକ ମହୋତ୍ସବ ଶେଷ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱଜିତ ମିଶ୍ର ସଭାପତିତ୍ୱ କରିଥିଲେ। ସୁରେନ୍ଦ୍ର କର୍ଣ୍ଣ ଓ ଶିକ୍ଷକ ନବକିଶୋର ଦୀପ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିବା

## ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କଫ ସିରପ୍ ଜବତ; ୩ ଗିରଫ

ବୀରମହାରାଜପୁର,୨୩ା୧(ସମିସ): ବୀରମହାରାଜପୁର ଦେଇ କଫସିରପ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କଫସିରପ ଜବତ୍ କରିଛି। ଏହି ମାମଲାରେ ୩ ଜଣ ବେପାରୀକୁ ପୁଲିସ ଗିରଫ କରିଥିବା ବୀରମହାରାଜପୁର ଥାନା ପରିସରରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଉଲୁଣ୍ଡା ଥାନା ଗଣ୍ଡା ବହାଲ ଗାଁର ଦିବ୍ୟ ଜଗଦଲା (୩୨)ଙ୍କ ନାମରେ ଗୋଟିଏ ହତ୍ୟା ମାମଲା ସହ ୩ଟି କଫସିରପ ଚାଲାଣ ମାମଲା ରହିଛି। ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ବିଶ୍ୱଜିତ କର୍ମୀ (୨୫) ଏବଂ ବୀରମହାରାଜପୁର ଥାନା ବାଘମାରି ଗାଁ ର ସୁରଜ ଭୋଇ(୨୧)। ପୁଲିସ ୩ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। କଟକ ଜିଲ୍ଲା ଜଗତପୁର ଅଞ୍ଚଳରୁ କଫସିରପ ବୀରମହାରାଜପୁର, ଉଲୁଣ୍ଡା, ବିନିକା ଅଞ୍ଚଳକୁ ଚାଲାଣ ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ଖବର ପାଇ ପୁଲିସ ଟିମ୍ ଏକ ପିକଅପ୍ ଗାଡ଼ି (ଓଡି ୧୫ ଏସି ୯୩୬୪)କୁ ଫୁଲଚରା ଛକଠାରେ ଅଟକ ରଖି ପଚରା ଉଚରା କରୁଥିଲା। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଅନ୍ୟ ଏକ କାର (ଓଡି ୧୪ ଏମ ୦୦୧୬)ରେ ଆସୁଥିବା ଦେଖି ତାକୁ ମଧ ପୁଲିସ ଅଟକ ରଖି ଯାଞ୍ଚ କରିଥିଲା। ଏହି ସମୟରେ ଉକ୍ତ ଗାଡ଼ିରୁ ମଧ କଫସିରପ ବାହାରି ଥିଲା। ଉଭୟ ଗାଡ଼ିକୁ ମଧ ପୁଲିସ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂଚାଇଥିଲେ। ସାମ୍ବାଦିକ ସମ୍ମିଳନୀରେ ବୀରମହାରାଜପୁର ଏସଡିପିଓ ହେମନ୍ତ ରାଓ, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରହି ଉପସ୍ଥିତ ଥିଲେ।

## କଂଗ୍ରେସ ନେତା ରାଜେଶଙ୍କ ବିୟୋଗରେ ଶୋକସଭା

ବିନିକା,୨୩ା୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି କୋଷାଧକ୍ଷ ତଥା ଉଦୀୟମାନ ଯୁବ ସଂଗଠକ ରାଜେଶ କୁମାର ମିଶ୍ରଙ୍କ ବିୟୋଗରେ ବିନିକା କଂଗ୍ରେସ କମିଟି ତରଫରୁ ଶୋକସଭା ସ୍ଥାନୀୟ ଚନ୍ଦ୍ରମା ହୋଟେଲ କକ୍ଷଠାରେ ପାଳନ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ରାଧାମୋହନ ଭୋଇ ଓ ଯୁବ ନେତା ଶ୍ରୀନିବାସ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୋକସଭାରେ ବରିଷ୍ଠ କଂଗ୍ରେସ ନେତା ରାଘବ ଦାସ, ନରେନ୍ଦ୍ର ସାହୁ, ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ରବୀନ୍ଦ୍ର ହୋତା, ଯୁବ ନେତା ବିଜୟ ଭୋଇ, ଗୋବିନ୍ଦା ଝାଙ୍କର, ପୂର୍ବତନ ସଭାପତି ଉମାକାନ୍ତ ଦୀପ, ସୁବ୍ରତ ପତ୍ର, ଟିଙ୍କୁ ହୋତା, ହରିହର ଛନ୍ଦ, ଭଗି ବରର୍ତ୍ତି, ନାଗେଶ୍ୱର ବାଗ, ବିପିନ ମେହେର, ବିଶ୍ୱନାଥ ନେଗୀ, ରାଧାମୋହନ ପଧାନ, ନିର୍ମଳ ଜଗଦଲା ପ୍ରମୁଖ ଉପସ୍ଥିତ ସ୍ୱର୍ଗତ ରାଜେଶଙ୍କ ଫଟୋ ଆଗରେ ଦ୍ୱିପ ପ୍ରଜ୍ୱଳନ ପୂର୍ବକ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ କଂଗ୍ରେସ ପ୍ରତି ତାଙ୍କ ଅବଦାନ ଉପରେ ସଦସ୍ୟମାନେ ମତ ରଖିଥିଲେ।

## ଫେବୃଆରୀ ୧ରେ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା

ବୀରମହାରାଜପୁର,୨୩ା୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଜାମପାଲି ଭଙ୍ଗାମୁଣ୍ଡାଠାରେ ଥିବା ଶାନ୍ତି ଆନନ୍ଦ ଆଶ୍ରମ ପରିସରରେ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୧ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ନବାହ ପାରାୟଣ, ୫୬ ପ୍ରହରୀ ନାମଯଜ୍ଞ, କଂସ ଦରବାର, ପ୍ରତିଷ୍ଠା ପୂଜା, ରତ୍ନ କଳସ ସ୍ଥାପନ, ବିଗ୍ରହ ପ୍ରବେଶ ଆଦି କାର୍ଯ୍ୟକ୍ରମ ରହିଥିବା ନେଇ ଶାନ୍ତି ଆନନ୍ଦ ଆଶ୍ରମର ମହନ୍ତ ହରେକୃଷ୍ଣ ଦାସ ସୂଚନା ଦେଇଥିଲେ। ଏଥିସହ ବିଭିନ୍ନ ପ୍ରତିଭା, ବରିଷ୍ଠ ନାଗରିକ, ବିଶିଷ୍ଟ ସାମ୍ବାଦିକ, କଳାକାର, ବ୍ୟକ୍ତି ବିଶେଷ, ସଂସ୍କୃତି ପ୍ରେମୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା କମିଟିର ସଭ୍ୟ ସଞ୍ଜୀବ ପାଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ପାତାଳୀ ମହୋତ୍ସବ ଚତୁର୍ଥ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ



ବୀରମହାରାଜପୁର,୨୩ା୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳା କ୍ଷେତ୍ର ପାତାଳୀ କ୍ଷେତ୍ର କୋଟସମଲାଇ ଠାରେ ଚାଲିଥିବା ୨୧ତମ ପାତାଳୀ ମହୋତ୍ସବର ଆଜି ଚତୁର୍ଥ ସନ୍ଧ୍ୟାରେ ପହଞ୍ଚିଛି। ଛଳିଆ ଶିଖରରେ ପାରାୟଣ ମଣ୍ଡପରେ ଭାଗବତ ସପ୍ତାହ ପାରାୟଣ ଅନୁଷ୍ଠିତ ହେଉଥିବା ବେଳେ ନାମ ମଣ୍ଡପରେ ୫୬ ପ୍ରହରୀ ନାମଯଜ୍ଞରେ ଆଜି ସୁନାପାଲି ଗାଁର ଦାୟିତ୍ୱ ରହିଛି। ଯଜ୍ଞ ମଣ୍ଡପରେ ଘୃତଯଜ୍ଞ ଚାଲିଥିବା ବେଳେ ମୁଖ୍ୟ ପୂଜକ ଭାବେ ଦେବାର୍ଚ୍ଚନ ଦାଶ କାର୍ଯ୍ୟ ତୁଲାଉଥିବା ବେଳେ କର୍ତ୍ତା ଭାବେ ଗାଁର ଗୌନ୍ତିଆ ଚମରା ଅମାତ ଓ ସୈରେନ୍ଦ୍ରି ଅମାତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଚତୁର୍ଥ ସନ୍ଧ୍ୟା ଅଧିବେଶନରେ ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷ ଝସକେତନ ବଘାର ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବିଜେଡ଼ି ସଭାପତି ତଥା ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ, ସୋନପୁର ଜିଲ୍ଲା ପରିଷଦ ସଭ୍ୟ କରମଚାନ୍ଦ ମହାନ୍ତି ଓ ସମାଜସେବୀ ଶିବୁ ତରାଇ ଯୋଗ ଦେଇ ସାଂସ୍କୃତିକ ବାର୍ତ୍ତା ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିବା ବେଳେ ନଳିନୀକାନ୍ତ ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭୀମ ଭୋଇ କଳା ନିକେତନ ଦୁଲଦୁଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନକୁ ଦିନ ପାତାଳୀ ମହୋତ୍ସବ ଜମୁଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ ଦର୍ଶକ। ଟ୍ରଷ୍ଟ ସଦସ୍ୟ ଜାନକୀରାମ ଦେହେରୀ, ଜଗଦିଶ କର୍ଣ୍ଣ, ମହୋତ୍ସବ ଉପଦେଷ୍ଟା ସଦସ୍ୟ ମନୋରଞ୍ଜନ ପାଢୀ, ଗୋପାଳ ପଣ୍ଡା, ନରସିଂହ ପଧାନ,ଶରଦ ଚାନ୍ଦ ଓ ପର୍ଶୁରାମ ବାରିକ ଆଦି ସହଯୋଗ କରିଥିଲେ। ହଜାର ହଜାର ଦର୍ଶକ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମନଭୋରି ଉପଭୋଗ କରିଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ

ତରଭା,୨୩ା୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳୀନା ପ୍ରଧାନ ଅଧକ୍ଷତା କରିଥିଲେ। ଜିଲ୍ଲାରେ ସଡ଼କ ଦୁର୍ଘଟଣାର ସଂଖ୍ୟା କମ କରିବା ପାଇଁ କଣ କଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ସମିତିର ସଦସ୍ୟମାନଙ୍କ



ସହିତ ଆଲୋଚନା କରାଯାଇଥିଲା। ବୈଠକକୁ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ପରିଚାଳନା କରିଥିଲେ। ଆଲୋଚିତ ବିଷୟମାନଙ୍କ ମଧ୍ୟରେ ଉଲୁଣ୍ଡାରୁ ସିଂଢୋଲ ରାସ୍ତାରେ ଥିବା ଡୁଡୁପାଲି ଛକକୁ ବ୍ଲାକ୍ ସ୍ପଟ୍ ଭାବେ ଘୋଷଣା କରିବା ଓ ସେଠାରେ ସଡ଼କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଜିଲ୍ଲା ସଡ଼କ ଓ କୋଠା ବିଭାଗକୁ ଡୁଡୁପାଲି ଛକରେ ଏକ ସ୍ପିଡ଼ ବ୍ରେକର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୁବର୍ଣ୍ଣପୁର ସହରର ବିଭିନ୍ନ ସ୍ଥାନରେ ସୂଚନା ଫଳକ ସ୍ଥାପନ, ଅବସ୍ଥିତ ସୂଚନା ଫଳକଗୁଡ଼ିକୁ ସଫା କରି ସ୍ପଷ୍ଟ ଭାବରେ ଦୃଶ୍ୟମାନ କରିବା, ଡାକ୍ତରଖାନା ନିକଟସ୍ଥ ବୁଢାରଜା ଛକରେ ଭାରି ଯାନବାହାନ ପ୍ରବେଶ ନିଷେଧ ପାଇଁ ଏକ ନୂତନ ସୂଚନା ଫଳକ ସ୍ଥାପନ ଓ ତୀର ଚିହ୍ନ ମାଧମରେ ଠିକ ରାସ୍ତା ଦର୍ଶାଇବା, ସହର ପ୍ରବେଶ ପଥରେ ଏକ ସ୍ୱାଗତ ଗେଟ୍ ଏବଂ ମହାନଦୀ ବ୍ରିଜର ନଷ୍ଟ ହୋଇଥିବା ଆଲୋକୀକରଣ ବ୍ୟବସ୍ଥାର ମରାମତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଗତ ଡିସେମ୍ବର ମାସରେ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ୨୫ ଲକ୍ଷ ୬୮ ହଜାର ୪୪ ଟଙ୍କା ଜରିମାନା ସଂଗ୍ରହ କରାଯାଇଥିବା ଓ ଆହୁରି ୬୩ ଲକ୍ଷ ୮୨ ହଜାର ୭୩୧ ଟଙ୍କା ଜରିମାନା ଆଦାୟ କରିବାକୁ ବାକି ଅଛି ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ। ଜିଲ୍ଲାରେ ଗତ ମାସରେ ୧୧୪ ଜଣଙ୍କ ଲାଇସେନ୍ସ ରଦ୍ଦ ହୋଇଥିବା ବେଳେ ୩ ଟି ସାଙ୍ଘାତିକ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମଧ ଦିଆଯାଇଥିଲା। ଶ୍ରୀ ଜେନା ଆହୁରି କହିଥିଲେ, ପ୍ରତିଦିନ ଜିଲ୍ଲାରେ ଯାନବାହାନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଚଳିତ ଜାନୁଆରୀ ମାସରେ ବିଭାଗ ଦ୍ୱାରା ସଚେତନତା ଶୋଭାଯାତ୍ରା, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଓ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## ଶ୍ୟାମସୁନ୍ଦର ଭୋଇ ଜିଲ୍ଲା ଆଦିବାସୀ କଂଗ୍ରେସ ସେଲ୍‌ର ସଭାପତି

ଡୁଙ୍ଗୁରିପାଲି,୨୩ା୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଲଙ୍ଗଲକଣ୍ଟା ଗ୍ରାମର ଶ୍ୟାମସୁନ୍ଦର ଭୁଇଙ୍କୁ



ପ୍ରଦେଶ ଆଦିବାସୀ କଂଗ୍ରେସ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲା ସଭାପତି ଭାବେ ମନୋନୀତ କରାଯାଇଛି। ଅଲ ଇଣ୍ଡିଆ କଂଗ୍ରେସ କମିଟି ଓ ଅଲ ଇଣ୍ଡିଆ ଆଦିବାସୀ କଂଗ୍ରେସ ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଛି। ଶ୍ରୀ ଭୁଏ ଭାରତୀୟ ସେନରୁ ଅବସର ନେବା ପରେ ବିଭିନ୍ନ ସଂଗଠନରେ ଜଡିତ ହୋଇ ରହିଛନ୍ତି।

## ବିଭିନ୍ନ ଅନୁଷ୍ଠାନରେ ସରସ୍ୱତୀ ପୂଜା

କନ୍ଧମାଳ,୨୩ା୧(ସମିସ) ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍‌ରେ ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ହାଇସ୍କୁଲ, ଖଳିଆପାଳି ହାଇସ୍କୁଲ, ସିମିଳିଯୋରା ହାଇସ୍କୁଲ, ଘଣ୍ଟାପଡା ହାଇସ୍କୁଲ, ଆମ୍ବଗାଁ ହାଇସ୍କୁଲ, କଳିଙ୍ଗ ଉଦୟ ପବ୍ଲିକ ସ୍କୁଲ, ଖୁଣ୍ଟିଗୋରା ହାଇସ୍କୁଲ, ନୂଆପାଲି ହାଇସ୍କୁଲ, ଉମା ହାଇସ୍କୁଲ, ବରଗାଁ ହାଇସ୍କୁଲ, ପିଇଓ ସ୍କୁଲ ଓ କନ୍ଧମାଳ ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। ସେହିପରି ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି।

# ଏକତା ପଦଯାତ୍ରା

ତରଭା,୨୩ା୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ସୋନପୁର ସୁରେଶ୍ୱରୀ ମନ୍ଦିର ସମ୍ମୁଖରୁ ଏକତା ପଦଯାତ୍ରା ଆରମ୍ଭ ହୋଇ ନଳିନୀ ଛକ, ସୋନପୁର ବସ ଷ୍ଟାଣ୍ଡ, ବିଜୁ ପଟ୍ଟନାୟକ ଛକ, ମଝିପଡା, ଫକୀର ପଟ୍ଟନାୟକ ଛକ, ପର୍ଶୁରାମ ଛକ ଦେଇ ସୋନପୁର ମହାବିଦ୍ୟାଳୟରେ ପହଞ୍ଚି ଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ପ୍ରଥମେ ପଦଯାତ୍ରାରେ ଅଂଶ ଗ୍ରହଣ କରିଥିବା ଅଧିକାରୀ, କର୍ମଚାରୀ, ସାମ୍ବାଦିକ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀଙ୍କୁ ଏକତାର ସତ୍ୟପାଠ କରାଇଥିଲେ। ତାପରେ ଜିଲ୍ଲାପାଳ ଏକତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ଅର୍ଜୁନ



ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ପଦଯାତ୍ରା ସୋନପୁର ମହାବିଦ୍ୟାଳୟ ଠାରେ ପହଞ୍ଚିବା ପରେ ଗ୍ରାମ୍ୟ ଯୁବ ଏକତା ଶିବିର ଆୟୋଜିତ ହୋଇଥିଲା। ଏଥିରେ ଗୋଷ୍ଠୀ ଆଲୋଚନା, ପ୍ରେରଣାଦାୟକ ଅଧିବେଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିପିଓ ଏନ୍ଏସଏସ, ଧୀରେନ୍ଦ୍ର ମିଶ୍ର ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ



ତରଭା,୨୩ା୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ତୃଣମୂଳସ୍ତରର ମହିଳାମାନଙ୍କୁ ଶିଶୁମାନଙ୍କ ସୁରକ୍ଷା, ବାଲ୍ୟବିବାହରୁ ମୁକ୍ତି ଏବଂ ବିଧବା ବିବାହ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ ନିଜ ଇଚ୍ଛା ଅନୁସାରେ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରୟାସୀ ହେବା ଓ ଶାରୀରିକ ଭାବେ ଶକ୍ତିଶାଳୀ ହେବା ସହିତ ମୋବାଇଲ ଫୋନ୍‌ରୁ ଦୂରେଇ ରହି ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

# କେନଝରିଆପାଲି ଜ୍ୟୋତିସ୍ପୋର୍ଟିଂ କ୍ରିକେଟ; ସେମିରେ ସୁବଳୟା

ବୀରମହାରାଜପୁର,୨୩ା୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ହାଇସ୍କୁଲ ପଡିଆରେ ଜ୍ୟୋତିସ୍ପୋର୍ଟିଂ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ୧୯ତମ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ତୃତୀୟ ଦିବସରେ ମ୍ୟାଚର ପ୍ରଥମ ମ୍ୟାଚ୍‌ଟି ଜନକପୁର ଓ ସୁବଳୟା ମଧ୍ୟରେ ହୋଇଥିଲା। ପ୍ରଥମେ ଜନକପୁର ଦଳ ବ୍ୟାଟିଙ୍ଗ କରି ୧୦ ଓଭରରେ ୯ ଉଇକେଟ ହରାଇ ୭୦ରନ କରିଥିଲା। ଜବାବରେ ସୁବଳୟା ଦଳ ୩ ଓଭର ୪ବଲରେ କୌଣସି ଉଇକେଟ ନ ହରାଇ ୭୫ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି ଷଣ୍ଡା ଓ ଜଟେସିଙ୍ଗା ମଧ୍ୟରେ ହୋଇଥିଲା ପ୍ରଥମେ ଜଟେସିଙ୍ଗା ଦଳ ବ୍ୟାଟିଂ କରି ୮ ଓଭରରେ ୫ ଉଇକେଟ ହରାଇ ୯୬ ରନ କରିଥିଲା। ଜବାବରେ ଷଣ୍ଡା ଦଳ ୭ ଓଭର ୫ ବଲରେ ସମସ୍ତ ଉଇକେଟ ହରାଇ ୫୩ ରନ କରି ପରାସ୍ତ ହୋଇଥିଲା। ପ୍ରଥମ



ମ୍ୟାଚର ବିଜେତା ସୁବଳୟା ଓ ଦ୍ୱିତୀୟ ମ୍ୟାଚର ବିଜେତା ଜଟେସିଂହା ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ପ୍ରଥମେ ସୁବଳୟା ଦଳ ବ୍ୟାଟିଂ କରି ୭ ଓଭରରେ ୪ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ଜଟେସିଙ୍ଗା ଦଳ ୭ ଓଭରରେ ୬ ଉଇକେଟ ହରାଇ ୫୬ ରନ କରି ପରାସ୍ତ ହୋଇଥିଲା। ଫଳରେ ସୁବଳୟା ଦଳ ଜଟେସିଙ୍ଗା ଦଳକୁ ହରାଇ ତୃତୀୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଅଶ୍ୱିନୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କେନଝରିଆପାଲି ଗ୍ରାମ୍ୟ କମିଟିର ପୂର୍ବତନ ସମ୍ପାଦକ ରାଜୀବ ପଧାନ ଓ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ଶିକ୍ଷକ ଇନ୍ଦ୍ରଜିତ ଦାଶ ଓ ସହକାରୀ ଶିକ୍ଷକ ସରୋଜ ସାହୁ ଅତିଥି ଭାବରେ ଯୋଗଦେଇ ସୁବଳୟା ଦଳର ଶ୍ରୀକାନ୍ତ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳ କୁ ପରିଚାଳନା ତରଣୀସେନ ପଧାନ, ପ୍ରବୀଣ ଦେହୁରୀ, ବେଣୁଧର ପଧାନ, ସର୍ବେଶ୍ୱର ପଧାନ, ପିଣ୍ଟୁ ମେଣ୍ଡିଲି, ରାମ ନାଏକ, ଦୀନବନ୍ଧୁ ନାଏକ, ନୟନ କର୍ଣ୍ଣ, ସାବ୍ୟକାନ୍ତ ଦେହୁରୀ, ପ୍ରଶାନ୍ତ ପଧାନ, ସୁଶାନ୍ତ ମେଣ୍ଡିଲି, ନୃପତି ପଧାନ, ଅଭିଷେକ କର୍ଣ୍ଣ, ଦେବର୍ଷୀ ବାଘ ଆମ୍ପାୟର ଓ ସଚୀନ ଦେହୁରୀ ଓ ପୃଥ୍ୱୀରାଜ ମହାକୁର, ବେଦ ବ୍ୟାସ କର୍ଣ୍ଣ ସ୍କୋରର, ଝସକେତନ ରଣା, ସୁକାନ୍ତ ରଣା ଧାରାବିବରଣୀ ପ୍ରଦାନ କରିଥିଲେ।

# ମାଛ ଜାଲରେ ଛନ୍ଦିହୋଇ ଫସିଲା ହାତୀଛୁଆ

ପାଲଲହଡ଼ା, ୨୩।୧(ସମିସ)



ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ଜିଲ୍ଲା ପାଲଲହଡ଼ା ବନାଞ୍ଚଳ ହରିପୁର ଗାଁ ନିକଟ ରେଙ୍ଗାଳି ନଦୀ ବନ୍ଧରେ ମାଛ ଧରିବା ପାଇଁ ବିଛାଯାଇଥିବା ଜାଲରେ ଛନ୍ଦିହୋଇ ଏକ ହାତୀଛୁଆ ପାଣିରେ ଫସିଯାଇଥିଲା। ଦୀର୍ଘ ୧୨ ଘଣ୍ଟା କସରତ ପରେ ବନ ବିଭାଗ ହାତୀଛୁଆକୁ ଉଦ୍ଧାର କରିଥିଲା। ତେବେ ହାତୀପଲ ବର୍ତ୍ତମାନ ଯାଏଁ ଉକ୍ତ ଛୁଆକୁ ଗ୍ରହଣ କରିନାହାନ୍ତି।

ଦୀର୍ଘଦିନ ହେବ ୧୧ଟିକିଆ ହାତୀପଲ ଚଷାଗୁରୁଜାଙ୍ଗ ଓ ପବିତ୍ରପୁର ପଞ୍ଚାୟତର ବିଭିନ୍ନ ଗାଁରେ ବ୍ୟାପକ କ୍ଷୟକ୍ଷତି କରୁଥିଲେ। ଗୁରୁବାର ସନ୍ଧ୍ୟାରେ ପବିତ୍ରପୁର ପଞ୍ଚାୟତ ପଟୁ ନଦୀ ପାର ହୋଇ ହାତୀପଲ ଚଷାଗୁରୁଜାଙ୍ଗ ଯାଉଥିବା ବେଳେ ଛୁଆ ହାତୀଟି ମାଛ ଜାଲରେ ଛନ୍ଦିହୋଇ ଫସିଯାଇଥିଲା। ସ୍ଥାନୀୟ ଲୋକେ ଏ ନେଇ ତୁରନ୍ତ ପାଲଲହଡ଼ା ବନ ବିଭାଗକୁ ସୂଚନା ଦେଇଥିଲା। ତେବେ ବନବିଭାଗ କେବଳ ବିଦ୍ୟୁତ କାଟ୍ କରି ରହିଯାଇଥିଲା। ଶୁକ୍ରବାର ସକାଳେ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି ମା' ହାତୀ ପାଖରେ ଛାଡ଼ିବାକୁ ଚେଷ୍ଟା କରିଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ହାତୀପଲ ତାକୁ ଗ୍ରହଣ କରିନାହାନ୍ତି। ୨୪ ଘଣ୍ଟା ମଧ୍ୟରେ ଛୁଆକୁ ଗ୍ରହଣ ନ କଲେ ଡିଏଫଓ କର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

- ୧୨ ଘଣ୍ଟା ପରେ ଉଦ୍ଧାର କଲା ବନ ବିଭାଗ
- ଗ୍ରହଣ କରିନାହାନ୍ତି ହାତୀପଲ

● ଡେରଙ୍ଗ ପଞ୍ଚାୟତବାସୀଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ

# ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ



**କଣିହାଁ, ୨୩।୧(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତରେ ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ବିଡିଓ ତ୍ରିବିକ୍ରମ କୁମାର, ଏନଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଏନ ରେଡ୍ଡୀ, ଏଜିଏମ (ଏଚ ଆର) ନବନୀତ କୁମାର ରାଣା, କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ, ଡେରେଙ୍ଗ ସରପଞ୍ଚ ସଞ୍ଜୁକ୍ତା ବେହେରା, ସମିତି ସଭ୍ୟ ସନ୍ତୋଷ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ତ୍ରିପୁରାରି ପ୍ରଧାନ, ବିଜେପି ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ଡେରେଙ୍ଗ ପଞ୍ଚାୟତ ସଭାପତି ସୁମନ୍ତ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଛନ୍ଦ ଚରଣ ସାହୁ, ବରିଷ୍ଠ ସାମ୍ବାଦିକ ଟୁନା ସାହୁ, ଟିକନ ମହାନ୍ତି, ପବିତ୍ର ମୋହନ ସାହୁ, ସୁରେଶ ସାହୁ, ଅନିଲ ସାହୁ, ପଳଉ ସାମଲ, ଝୁନା ସାହୁ, ଲିପୁ ପ୍ରଧାନ, କାନ୍ଦର୍ପ ବେହେରାଙ୍କ ସମେତ ବିଭିନ୍ନ ଗ୍ରାମର ସଭାପତି, ସମ୍ପାଦକ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ; ଗ୍ରାମବାସୀ ଆତଙ୍କିତ

● ଫସଲ କ୍ଷତି; ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଛି

**ଛେଣ୍ଡିପଦା, ୨୩।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଟାଙ୍ଗିରି ପାଞ୍ଚାୟତ ପୁରୁଣାଗଡ଼ ଗ୍ରାମରେ ହାତୀ ଉପଦ୍ରବ ଯୋଗୁଁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ହାତୀପଲ ବ୍ୟାପକ ଫସଲ ନଷ୍ଟ କରି ଚାଷୀଙ୍କ ଆର୍ଥିକ



ମେରୁଦଣ୍ଡ ଭାଙ୍ଗିଦେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଚାଷଜମିରେ ପଶି ଚାଷୀଙ୍କ ସୁନାର ଫସଲକୁ ଦଳିଚକଟି ଉଜାଡ଼ି ଦେଇଛନ୍ତି। ଗତ ୯ ତାରିଖ ହାତୀପଲ ଗାଁକୁ ଆସି ଏକର ଏକର ପରିବା ଚାଷ ନଷ୍ଟ କରିଥିବା ବେଳେ ଗୁରୁବାର ରାତିରେ ପୁରୁଣାଗଡ଼ ଗାଁ ବିରପାଳରେ ୧୮ଟିକିଆ ହାତୀପଲ ପଶି ବ୍ୟାପକ କଦଳୀ, କୋବି, ଲଙ୍କା, ଆଳୁ ଆଦି ଫସଲ ନଷ୍ଟ କରିଛନ୍ତି। ନିଜ ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ରାତିସାରା ମେଳି ହୋଇ ହାତୀପଲକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ତଥାପି ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ହାତୀ ଦାଉରୁ ଫସଲକୁ ସୁରକ୍ଷା ଦେବାକୁ ବନ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅଣନିଃଶ୍ୱାସୀ ହୋଇ ଯୁବକ ମୃତ

**କଣିହାଁ, ୨୩।୧(ସମିସ):** ରାତିରେ ଘରେ ଶୋଇଥିବା ସମୟରେ ଅଣନିଃଶ୍ୱାସୀ ହୋଇ କଣିହାଁ ବ୍ଲକ କମରେଇ ପଞ୍ଚାୟତ ତେଲିସିଂହା ଗ୍ରାମର ଈଶ୍ୱର ନାଏକ (୪୦)ଙ୍କ ମୃତ୍ୟୁ ହୋଇଛି। ଗୁରୁବାର ରାତିରେ ଈଶ୍ୱର ଘରେ ଶୋଇଥିବା ବେଳେ ସକାଳେ ଆଉ ଉଠି ନ ଥିଲେ। ପରିବାର ଲୋକେ ତାଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଈଶ୍ୱରଙ୍କ ପୁଅ କଣିହାଁ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**କିଶୋରନଗର, ୨୩।୧(ସମିସ):** କିଶୋରନଗର ବ୍ଲକ ବାମୁର ଆରଏମସି ବିଲ୍ଡିଂରେ କିଶୋରନଗର ହାଇସ୍କୁଲ ୧୯୮୨ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ଇଂ ଆଲୋକ ମିଶ୍ର, ଟିକି ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ଦିଲୀପ ଦେହୁରୀ, ନରୋତ୍ତମ ସାହୁ, ସୁଶାନ୍ତ ପ୍ରଧାନ, ବିସ୍ମୟ ଦେହୁରୀ, ପ୍ରଦେଶ ସିଂହ, ଟିକି ପ୍ରଧାନ, ଗଗନ ସାହୁ ପୁରାତନ ଛାତ୍ରୀ ସୁଭାଷିନୀ ଷଡ଼ଙ୍ଗୀ, ତରଙ୍ଗିଣୀ ଦାଶ, ସତ୍ୟଲତା ପ୍ରଧାନ, ବିଜୟିନୀ ସାହୁ, କୌଶଲ୍ୟା ମେହେର, ରୀନାବାଇ ରାଠୋର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଛାତ୍ର ଜୀବନର ଅନୁଭୂତିକୁ ମନେ ପକାଇଥିଲେ।

# ୨୩ତମ ତାଳଚେର ପୁସ୍ତକ ମେଳା ଉଦଘାଟିତ

**ତାଳଚେର, ୨୩।୧(ସମିସ):** ୨୩ତମ ତାଳଚେର ପୁସ୍ତକ ମେଳା-୨୦୨୬ ଶୁକ୍ରବାର ସ୍ଥାନୀୟ ଦେଉଳବେଡ଼ା ଦୁର୍ଗା ମଣ୍ଡପ ପରିସରରେ ଉଦଘାଟିତ ହୋଇଛି। ଉଦଘାଟକ ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ। ଏହି ପୁସ୍ତକ ମେଳା କ୍ରମାଗତ ଭାବେ ଲୋକଙ୍କ ମନକୁ ଛୁଇଁ ଦୀର୍ଘ ୨୩ ବର୍ଷରେ ପହଞ୍ଚିପାରିଛି, ଏହା କିଛି କମ୍ କଥା ନୁହେଁ ବୋଲି ଅତିଥିମାନେ କହିଥିଲେ। ଏଥିପାଇଁ ଆୟୋଜକ କମିଟି କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ, ପ୍ରକାଶକ ତଥା ନ୍ୟସନାଲ ବୁକ୍ ଟ୍ରଷ୍ଟର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଯୋଗଦେଇ ମଣିଷ ଜୀବନରେ ପୁସ୍ତକର କିପରି ଆବଶ୍ୟକତା ରହିଛି ଏବଂ ଏହା ଯୁଗେ ଯୁଗେ ମଧ୍ୟ ରହିବ ବୋଲି କହିଥିଲେ। ପୁସ୍ତକ ମେଳା ପାଠକ ଓ ପୁସ୍ତକ ମଧ୍ୟରେ ସେତୁ ହୋଇପାରୁଛି ବୋଲି ପ୍ରକାଶ କରିଥିଲେ। ପୁସ୍ତକ ମେଳା କମିଟି ସଭାପତି ତଥା ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅନୁପସ୍ଥିତିରେ ଉପସଭାପତି ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସଧାରଣ ସମ୍ପାଦକ ଦେବୀ ମିଶ୍ର ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବିରଜା ଶଙ୍କର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଞ୍ଚଳ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଏହି ପୁସ୍ତକ ମେଳା ଜାନୁଆରୀ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଆସୁଛି। ଶତାଧିକ ଷ୍ଟଲ୍‌ରେ ରାଜ୍ୟର ଜଣାଶୁଣା ପୁସ୍ତକ ବିକ୍ରେତା, ପ୍ରକାଶକମାନେ ସେମାନଙ୍କ ବ୍ୟବସାୟ କରିଥାନ୍ତି। ପ୍ରତିଦିନ ଏହି ପୁସ୍ତକ ମେଳାରେ ନାମକରା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।




# ମା' ବାସନ୍ତୀ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



**ଅନୁଗୋଳ, ୨୩।୧(ସମିସ):** ହେମସୁରପଡ଼ା ମହାଦେବ ମନ୍ଦିର ପରିସରରେ ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାପୂଜା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ ସହ ଚଳିତ ବର୍ଷ ପୂଜାକୁ କିଭଳି ସରସସୁନ୍ଦର ଓ ଆକର୍ଷଣୀୟ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମାର୍ଚ୍ଚ ୨୪ରୁ ପୂଜା ଆରମ୍ଭ ହେବ। ବାସନ୍ତୀ ଦୁର୍ଗାପୂଜା ପଡ଼ିଆର ଉନ୍ନତି ପାଇଁ ସରକାର ୧ କୋଟି ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତାର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଠକରେ କମିଟି ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦେବତା, ଉପସଭାପତି ଯତୀନ ସେଠୀ, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନଙ୍କ ସମେତ ଶୁଭେନ୍ଦୁ ପ୍ରଧାନ, ଗୁଲୁ ମହାନ୍ତି, ଗୁରୁଦେବ ସାହୁ, ସୁଜି ବେହେରା, ଜୟ ପଟ୍ଟନାୟକ, ଅମ୍ବିକା ଦେବତା, ଗିରିଜା ପଟ୍ଟନାୟକ, ମନୋଜ ପ୍ରଧାନ, ରିତେଶ ଦଳବେହେରା, ଅନିଲ ପଟ୍ଟନାୟକ, ପ୍ରତାପ ମାଝୀ, ଦିଲୀପ ପ୍ରଧାନ ଓ ବିଜୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣିରେ ବୁଡ଼ି ଯୁବକ ମୃତ

**ପବିତ୍ରନଗର, ୨୩।୧(ସମିସ):** କଣିହାଁ ବ୍ଲକ ସମଲ ଥାନା ଶିପୁର ଗ୍ରାମରେ ଶୁକ୍ରବାର ଅପରାହ୍ନରେ ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ଗୌତମ ପଲେଇ (୨୮)। ଅପରାହ୍ନରେ ସେ ଗ୍ରାମ ନିକଟ ନାଳରେ ଗାଧୋଇବା ବେଳେ ପାଣିରେ ବୁଡ଼ିଯାଇଥିଲେ। ଆଖପାଖରେ ଥିବା ଲୋକେ କଣିହାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର ହାବିଲଦାର ସୁଜିତ କୁମାର ମିଶ୍ର, ବିକ୍ରମ ସାହୁ, ଅନିଲ ତରାଇ, ସୁବ୍ରତ ପ୍ରଧାନ, ତ୍ରିନାଥ ସାମଲ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ସ୍ଲୋଗାନ ପ୍ରତିଯୋଗିତାରେ ଅନୁପମା ତୃତୀୟ



**କିଶୋରନଗର, ୨୩।୧(ସମିସ):** ନିର୍ବାଚନ ଆୟୋଗ ପକ୍ଷରୁ ମତଦାତା ସଚେତନତା ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସ୍ଲୋଗାନ ପ୍ରତିଯୋଗିତାରେ ଠାକୁରଗଡ଼ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଛାତ୍ରୀ ଅନୁପମା ସାହୁ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା୨୫ ତାରିଖ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସରେ ତାଙ୍କୁ ପୁରସ୍କୃତ କରାଯିବ। ଅଧ୍ୟାପକ ସରୋଜ ଦାଶ ଓ ସ୍ୱାଧୀନ ବେହେରାଙ୍କ ତତ୍ତ୍ୱାବଧାନରେ ସେ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକମାନେ ଅନୁପମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏନଟିପିସି ଥାନାରେ ନୂତନ ଆଇଆଇସି



**କଣିହାଁ, ୨୩।୧(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି ଟାଉନ ଥାନାରେ ନୂତନ ଭାରପ୍ରାପ୍ତ ଅଧିକାରିଣୀ ସଞ୍ଜୁକ୍ତା ଖିଲାର ବୁଧବାର ଯୋଗଦାନ କରିଛନ୍ତି। ପୂର୍ବରୁ ଖିଲାର ଅନୁଗୋଳ ଆଦର୍ଶ ଥାନାରେ ଅତିରିକ୍ତ ଭାରପ୍ରାପ୍ତ ଅଧିକାରିଣୀ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଏନଟିପିସି ଥାନା ଆଇଆଇସି ସନ୍ତୋଷ କୁମାର ସେଠୀଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଞ୍ଚଳରେ ଆଇନଶୃଙ୍ଖଳା ବଜାୟ ରଖିବା ନିଶା କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହିଳା ଶିଶୁ, ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଆଇଆଇସି ଖିଲାର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# କିଟ୍ କେୟାର୍ସ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

**ଅନୁଗୋଳ, ୨୩।୧(ସମିସ):** କିଟ୍ ୟୁନିଭର୍ସିଟିର କିଟ୍ କେୟାର୍ସ ପକ୍ଷରୁ ସ୍ଥାନୀୟ ରୋଟାରି ପବ୍ଲିକ ସ୍କୁଲରେ କ୍ୱିଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲର ୧୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେୟାଶ୍ରୀ ଦେହୁରୀ ପ୍ରଥମ, ମଧୁସ୍ମିତା ପଣ୍ଡା ଦ୍ୱିତୀୟ ଓ ଦୀପ୍ତି ପ୍ରିୟଦର୍ଶିନୀ



ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କିଟ୍‌ର ପ୍ରଫେସର ଅଲିଭା ରାଣୀ ମହାପାତ୍ର, ଅଜୟ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ଅଶୋକ ବେହେରା ସହଯୋଗ କରିଥିଲେ। ସେହିଭଳି ମହିମାଜ୍ୟୋତି କଲେଜରେ ମଧ୍ୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଷ୍ଣୁପ୍ରିୟା ନହରା ପ୍ରଥମ, ପ୍ରତ୍ୟାଶା ପ୍ରଧାନ ଦ୍ୱିତୀୟ ଓ ବିଶ୍ୱ ପ୍ରଜ୍ଞାଶିନୀ ଦେହୁରି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ଗଡ଼ନାୟକ ଓ ସମ୍ପାଦକ ସନ୍ତୋଷ ଦେହୁରୀଙ୍କୁ କିଟ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଟ୍ ପ୍ରଫେସର ସମିତାରାଣୀ ପାଣି ଓ ଗୀତାଞ୍ଜଳି ଦେଇ କୁଇଜ ପ୍ରତିଯୋଗିତା ପରିଚାଳନା କରାଇଥିଲେ। ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

# ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ପାଳିତ










ଅନୁଗୋଳ, ୨୩।୧(ସମିସ)

ସ୍ୱାଧୀନତା ଆନ୍ଦୋଳନର ମହାନ ନେତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଉପଲକ୍ଷେ ଯୁବ ସଂଗଠନ ଡିୱାଇଓ ଜରପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ଅନ୍ତୁଳିଆ ଛକରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଆଞ୍ଚଳିକ କମିଟି ସଂଗଠକ ଦୁଃଖବନ୍ଧୁ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିୱାଇଓ ଜିଲ୍ଲା ସଭାପତି ନିରଞ୍ଜନ ନାୟକ ଏବଂ ଚାଷୀନେତା ରଣଜିତ ପ୍ରଧାନ ବକ୍ତବ୍ୟ ରଖି ନେତାଜୀଙ୍କ ଜୀବନ ସଂଗ୍ରାମରୁ ଶିକ୍ଷାନେଇ ଛାତ୍ର ଯୁବକମାନେ ସମାଜର ଅନ୍ୟାୟ, ଶୋଷଣ, ସାମ୍ପ୍ରଦାୟିକ ଚିନ୍ତାଧାରା ବିରୋଧରେ ଲଢ଼େଇ କରିବା ସହ ଏକ ଶୋଷଣହୀନ ସମାଜ ପ୍ରତିଷ୍ଠା ପାଇଁ ଦାୟିତ୍ୱବାନ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ବେହେରା, ରାଜେନ୍ଦ୍ର ପ୍ରଧାନ, ରଶ୍ମିରଞ୍ଜନ ପ୍ରଧାନ, ଅନ୍ତୁଳିଆ ବଜାର କମିଟି ସମ୍ପାଦକ ଦେବେନ୍ଦ୍ର ସାହୁ, ରମେଶ ପ୍ରଧାନ, ରାକେଶ ପ୍ରଧାନଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ଯୁବକ ଉପସ୍ଥିତ ଥିଲେ।

**କିଶୋରନଗର:** ଜୀବନଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ କିଶୋରନଗର ବ୍ଲକ ଜଏରାଟଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। କମିଟିର ସାଂଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରବୀନ୍ଦ୍ର ସାହୁ, ରମେଶ ଲୁହା, ରବିନାରାୟଣ ବାରିକ, ସୁରୁଚି ପ୍ରଧାନ, ରେଶ୍ମା ପ୍ରଧାନ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ମହାନ ଦେଶପ୍ରେମ, ଆପୋସହୀନ ସଂଗ୍ରାମ, ଆତ୍ମବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ନେତାଜୀଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ଗ୍ରହଣ କରି ବର୍ତ୍ତମାନ ସମାଜର ସମସ୍ତ ପ୍ରକାର ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢ଼େଇ ପାଇଁ ଆଗେଇ ଆସିବା ହିଁ ତାଙ୍କପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ପ୍ରକାଶ କରିଥିଲେ।

**କିଶୋରନଗର:** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଆମ୍ବସରମୁଣ୍ଡାସ୍ଥିତ ଗୋଁଣ୍ଡୱାନା ଭବନ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଛି। ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ବିଡିଓ ଟିଟସ୍ ମହାନନ୍ଦିଆ, ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ ଓ ଗୋଁଣ୍ଡୱାନା ମହାସଚିବ ପ୍ୟାରୀମୋହନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ପ୍ରାରମ୍ଭରେ ଗୋଁଣ୍ଡୱାନା ଭବନ ପରିସରରେ ସ୍ଥାପିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଆୟୋଜିତ ସାଧାରଣ ସଭାରେ ବକ୍ତାମାନେ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଦମ୍ୟ ଦେଶଭକ୍ତି, ତ୍ୟାଗ ଓ ସଂଘର୍ଷମୟ ଜୀବନକୁ ସ୍ମରଣ କରି ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଥିଲେ। ସ୍କୁଲ ଛାତ୍ରଛାତ୍ରୀ ଓ କୁନି କୁନି ପିଲାମାନେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

**ତାଳଚେର:** ତାଳଚେର ହାଟତୋଟାସ୍ଥିତ ମ୍ୟୁନିସିପାଲିଟି ମାର୍କେଟ୍‌ରେ ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ସମିତି ଆବାହକ ପଦ୍ମଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ତାଳଚେର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଶୋଭାଗିନୀ ଦେବୀ, ଅଲ୍ ଇଣ୍ଡିଆ ଡିୱାଇଓ ଅନୁଗୋଳ ଜିଲ୍ଲା ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ସମାଜସେବୀ ସୁକାନ୍ତ ଦାସ, ପୂର୍ବତନ ସମିତି ସଭ୍ୟ ବିନୋଦ ଲାଲ୍, ପରିବେଶବିତ୍ ପ୍ରେମାନନ୍ଦ ମହାନ୍ତି,




ବାଉରୀବନ୍ଧୁ ବେଜ, ମ୍ୟୁନିସିପାଲିଟି କମ୍ପ୍ଲେକ୍ସ ବ୍ୟବସାୟୀ ସଂଘର ବରିଷ୍ଠ ସଭ୍ୟ ମାନସ ରଞ୍ଜନ ବେହେରା, ଦେବରାଜ ଜୈନ, ରିପୁନ୍ ସାହୁ, ଅଶୋକ ଶର୍ମା, ମାନସ ସାହୁ ଓ ହେମନ୍ତ ସାହୁ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଆବାହକ ପଦ୍ମଚରଣ ସାମଲ ତାଳଚେର ଅଞ୍ଚଳର ଜନସାଧାରଣଙ୍କୁ ପ୍ରଦୂଷଣର ବିଷ ବଳୟରୁ ରକ୍ଷା ପାଇଁ ଆଗେଇ ଆସିବାକୁ ନିବେଦନ କରିଥିଲେ।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଉନ୍ନୟନ ଅଧିକାରୀ

ପୋଡ଼ାଗଡ଼,୨୩।୧(ସମିସ): କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଦଶମନ୍ତପୁର ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସୂଚନାରୁ ଜଣାପଡିଛି ଯେ, ପ୍ରଥମେ ଜିଲ୍ଲା ପ୍ରଶାସନ ଟିମ୍ ଏବଂ ବ୍ଲକ ପ୍ରଶାସନକୁ ନେଇ ଏ ମାଲକାନଗିରି ପଞ୍ଚାୟତ ଓ ଲୁଲା ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଗରିବଙ୍କ ଆବାସ ଗୃହର ସ୍ଥିତି ଅନୁଧ୍ୟାନ କରି କରିଥିଲେ । ବିଭିନ୍ନ ହିତାଧିକାରୀଙ୍କ ଆବାସ ଗୃହ ଗୁଡ଼ିକ, ବିଭିନ୍ନ ସମସ୍ୟା ଯୋଗୁଁ ଅଟକି ରହିଯାଇଛି । ପୁଣି ମାଟି ରାସ୍ତା, ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟ ଗୁଡ଼ିକ ମଧ୍ୟ ଅଧାପନ୍ତରିଆ ଭାବେ ପଡି ରହିଛି । ସେହି କାର୍ଯ୍ୟ ଗୁଡ଼ିକ ତୁରନ୍ତ ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇ ଥିଲେ । ଏହା ପରେ ସମସ୍ତ ପିଇଓ, ଏଡିଓ, କନିଷ୍ଠ ଯନ୍ତ୍ରୀ, ମାନଙ୍କୁ ନେଇ ବ୍ଲକ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଥିଲେ । ବିଗତ ବର୍ଷ ମାନଙ୍କ ଠାରୁ ଯେଉଁ ଉନ୍ନୟନ କାର୍ଯ୍ୟ ଏବଂ ଗରିବଙ୍କ ଆବାସ ନିର୍ମାଣ ହୋଇ ପାରିନାହିଁ, ସେହି ଘର ଗୁଡ଼ିକ ତୁରନ୍ତ ଶେଷ କରି ରିପୋର୍ଟ ଦାଖଲ କରିବାକୁ କହିଥିଲେ । ନୂତନ ଭାବେ ବିବି ଜି ରାମ ଜି ରେ କାର୍ଯ୍ୟ କରା ଯିବ । ଏହି ସମୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁଧିର କୁମାର ବେହେରା, ପି ଏମ୍ ଆର୍ ଏଚ୍ ଗୌରୀ ଶଙ୍କର ସାହୁ, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ହଳଧର ସିଅାଲ, ପ୍ରତାପ କୁମାର ସାହୁ, ବକୁଳ ଚନ୍ଦ୍ର ମୁର୍ମୁ, ବରିଷ୍ଠ ପିଇଓ ଏମ୍ ଗୋବିନ୍ଦ ରାଓ, ଯୁନାଥନ ହିଆଲ, କେତନ ହାଲବା, ରବି ତାମ୍ବାରି, ଭଳି ଅନ୍ୟ କେତେକ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

## ହିଣ୍ଡାଲ୍‌କୋ ପକ୍ଷରୁ ସିଲେଇ ମେସିନ, ପାୱାର ଟିଲର ପ୍ରଦାନ

ସେମିଳିଗୁଡ଼ା,୨୩।୧ (ସମିସ): ସେମିଳିଗୁଡା ସ୍ଥିତ ହିଣ୍ଡାଲକୋ କମ୍ପାନୀ ପକ୍ଷରୁ ଏହାର ପାରିପାର୍ଶ୍ୱର୍କ ବିକାଶ କାର୍ଯ୍ୟକ୍ରମ ଅଧୀନରେ ମହିଳା ମାନଙ୍କୁ ସିଲେଇ ମେସିନ ଓ କୃଷକ ମାନଙ୍କୁ ପାୱାର ଟିଲର ପ୍ରଦାନ କରାଯାଇଛି । ଦଳେଇଗୁଡା ପଞ୍ଚାୟତର ଡୋଳିଆମ୍ବ



ଗ୍ରାମରେ କମ୍ପାନୀ ପକ୍ଷରୁ କରାଯାଇଥିବା ସିଲେଇ ତାଲିମ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଥିବା ୧୩ ଜଣ ମହିଳା ତଥା ଝିଅ ମାନଙ୍କୁ ସିଲେଇ ମେସିନ ପ୍ରଦାନ କରାଯାଇଛି । ଏମାନେ ହେଲେ ସବିତା ଗୋଲାରି, ପ୍ରମିଳା ଜାନି, ଲଛମା ଗୋଲାରି, ପ୍ରମିଳା, ସୁମିତ୍ରା, ପ୍ରତିଭା, ଉର୍ମିଳା, ବିହୁଲା, ଅଞ୍ଜଳି, ଦେବକି, ଶ୍ରୀୟା, ଆର, ମିନାଖି ଏବଂ ରଶ୍ମିତା ଖୋସଲା । ସେହିପରି ତେନ୍ତୁଳିଗୁଡା, କୋକରିଗୁଡା, ପାଗୁଗୁଡା ଏବଂ ଘନଗୁଡା ଗ୍ରାମର ୪୦ ଜଣ କୃଷକ ମାନଙ୍କୁ କିଲୋସ୍କାର କମ୍ପାନୀର ୪ ଗୋଟି ପାୱାର ଟିଲର ଓ ଏହାର ସରଞ୍ଜାମ ମାନ ପ୍ରଦାନ କରାଯାଇଛି । ଉକ୍ତ କୃଷକ ମାନଙ୍କ ମଧ୍ୟରେ ଗୌରି କାକଡିଆ, ଡମ୍ବୁ ଟକରିଆ, ଭୀମସେନ ଦିସାରି, କିସାନ ଜାନି, ଡମ୍ବୁ ଖରା, ସୁରେନ୍ଦ୍ର ଖରା, ପାଲସୁ ଖରା, ଆଞ୍ଜୁ ଖରା ଇତ୍ୟାଦି ଅଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସିଲେଇ ତାଲିମ କେନ୍ଦ୍ରର ପ୍ରଶିକ୍ଷିକା ସାବିତ୍ରି ମହାରଣା ସହିତ ହିଣ୍ଡାଲକୋ କମ୍ପାନୀର ସେମିଳିଗୁଡା ୟୁନିଟ ମୁଖ୍ୟ ମନୋଜ ନାୟକ, ମାନବ ସମ୍ବଳ ମୁଖ୍ୟ ଅମିତ ସର, ସିଏସଆର ମୁଖ୍ୟ ପ୍ରକାଶ ସାହୁ, ପ୍ରଶାସନ ବିଭାଗର ମୁଖ୍ୟ ସନ୍ତୋଷ ପଟ୍ଟନାୟକ, ଅଶୋକ ସିହ୍ନା ଓ ପ୍ରଦିପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜାଦ ହିନ୍ଦ୍ ୟୁଥ୍ ଆସୋସିଏସନର ବାର୍ଷିକୋତ୍ସବ



ରାୟଗଡ଼ା, ୨୩।୧(ସମିସ): ରାୟଗଡ଼ା ସହର ଅଗ୍ରଣୀ କଳା ଅନୁଷ୍ଠାନ ଆଜାଦ ହିନ୍ଦ ୟୁଥ୍ ଆସୋସିଏସନ ପକ୍ଷରୁ ନେତାଜୀ ଜୟନ୍ତୀ ଏବଂ କ୍ଲବର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହାପରେ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ସଂଘ ପକ୍ଷରୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ, ସୁରେନ୍ଦ୍ର ସାହୁ, ସତ୍ୟବାଦୀ ପତି ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ଏହି ଅବସରରେ ଭାସ୍କର ରାଓ ଗଣମାଧ୍ୟମକୁ ସମ୍ବୋଧିତ କରି ମହାପୁରୁଷଙ୍କୁ ସ୍ମରଣ କରିବା ପାଇଁ ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନର ଏହା ଏକ ଉତ୍ତମ ପଦକ୍ଷେପ ଏବଂ ଏହାଦ୍ୱାରା ଆଜିର ଯୁବ ପିଢି ନିକଟରେ ସେମାନଙ୍କ ନିଷ୍ଠା, ବଳିଦାନ ଓ ବୀରତ୍ୱର ଗାଥା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ଦ୍ୱିତୀୟାର୍ଦ୍ଧରେ ଅତିଥିଙ୍କ ଗହଣରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମରିକା, ରାଜ୍ୟସଭା ପୂର୍ବତନ ସାଂସଦ ଏନ୍ ଭାସ୍କର ରାଓ, ଅତିରିକ୍ତ ଜିଲ୍ଲାପାଳ ନବୀନ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଶେଷରେ କୁନି କୁନି ପିଲା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସୋସିଏସନ୍‌ର ସଭାପତି ବିନାୟକ କରଙ୍କ ନେତୃତ୍ୱରେ ସଦସ୍ୟ ମିହିର ପଣ୍ଡା, ନୀଳମଣି ପାଟଯୋଶୀ, ଜିତେନ୍ଦ୍ର ରେଡ୍ଡୀ, ପ୍ରଶାନ୍ତ ବିଶୋଇ, ଶ୍ରୀକାନ୍ତ ଚୌଧୁରୀ, ସୁରଜ୍ ବିଶୋଇ, ତପନ ପେଦେଣ୍ଟି, ବିଶାଳ ସିଂ, ଅବିନାଶ ବିଶୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃଜା, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା ପ୍ରମୁଖ ଯୋଗ ଦେଇଥିଲେ ।

# ଆଇନଜୀବୀ ସଂଘ, ଟ୍ରାଞ୍ଜିଟ୍ ଭବନ ଉଦ୍‌ଘାଟିତ



- ଯୋଗଦେଲେ ହାଇକୋର୍ଟର ମୁଖ୍ୟ ବିଚାରପତି
- ୨୮ ବରିଷ୍ଠ ଓକିଲ ସମ୍ମାନିତ

ଜୟପୁର, ୨୩।୧ (ସମିସ) : କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା କୋର୍ଟ ପରିସରରେ ନୂତନ ଭାବେ ନିର୍ମିତ ଜିଲ୍ଲା ଆଇନଜୀବି ସଂଘର ଭବନ ଏବଂ ଟ୍ରାଞ୍ଜିଟ ହାଉସର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟେଣ୍ଡନ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ଆଇନ ପ୍ରଶାସନିକ ଦାୟୀତ୍ୱରେ ରହିଥିବା ଅଧିକାରୀ ଜଜ୍ ତଥା ହାଇକୋର୍ଟ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ ଯୋଗଦେଇଥିଲେ । ମୁଖ୍ୟ ବିଚାରପତି ଶ୍ରୀ ଟେଣ୍ଡନ ଭୁବନେଶ୍ୱରରୁ ବିମାନ ଯୋଗେ ଜୟପୁର ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ସେଠାରୁ ପୁଲିସର କଡା ସୁରକ୍ଷା ମଧ୍ୟରେ ସ୍ଥାନୀୟ ଫୁଲବାଡ ସ୍ଥିତ ଏମ.ଏସ ସ୍ୱାମୀନାଥ ଗେଷ୍ଟ ହାଉସ ଠାରେ ପହଞ୍ଚି ସାମାନ୍ୟ ବିଶ୍ରାମ ପରେ ଜିଲ୍ଲା କୋର୍ଟ ପରିସରରେ ୧୧ ଟା ସମୟରେ ପହଞ୍ଚିଥିଲେ । ମୁଖ୍ୟ ଫାଟକଠାରୁ ମୁଖ୍ୟବିଚାରପତି ଏବଂ ଅନ୍ୟାନ୍ୟ ବିଚାରପତିଙ୍କୁ ବାଜା ବାଜଣା, ଆଦିବାସୀ ନୃତ୍ୟ ସହିତ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେଠାରୁ ଜିଲ୍ଲା ଜଜ ଏବଂ ଅନ୍ୟାନ୍ୟ ଜଜଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଆଇନଜୀବୀ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପ୍ରଥମେ ମୁଖ୍ୟ ବିଚାରପତି ଶ୍ରୀ ଟେଣ୍ଡନ ତିନି ମହଲା ବିଶିଷ୍ଟ ଆଇନଜୀବି ସଂଘର ନୂତନ ଭବନକୁ ଉଦଘାଟନ କରିଥିଲେ । ଏହିପରି ଭିତରେ ପ୍ରବେଶ କରିବା ସହିତ ଭବନରେ ପ୍ରତିଷ୍ଠା ହେବାକୁ ଥିବା ବ୍ୟାଙ୍କ, ଏଟିଏମ, ଡାକଘର, ମହକିଲ ଅପେକ୍ଷା କୋଠରୀ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, କ୍ୟାଣ୍ଟିନ କକ୍ଷ , ସମ୍ମିଳନୀ କକ୍ଷ ଏବଂ ଅନ୍ୟାନ୍ୟ କୋଠରୀ ଗୁଡିକ ବୁଲି ଦେଖିଥିଲେ । ଏହାପରେ ଜଷ୍ଟିସ ଏବଂ ଅନ୍ୟାନ୍ୟ ଆଇନ ବିଭାଗ ଅଧିକାରୀ ମାନେ ଜିଲ୍ଲା ଗସ୍ତରେ ଆସୁଥିବା ବେଳେ ରହିବା ନିମନ୍ତେ ନିର୍ମିତ ଟ୍ରାଞ୍ଜିଟ ହାଉସକୁ ଉଦଘାଟନ କରିଥିଲେ । ଏଥିରେ ୪ଟି ଅତ୍ୟାଧୁନିକ ସୁଟ, ସମ୍ମିଳନୀ କକ୍ଷ, ଡାଇନିଂ ହଲ ପ୍ରଭୃତି ବୁଲି ଦେଖିଥିଲେ । ଏହି ଅବସରରେ ଆୟୋଜିତ ଆଇନଜୀବି ସଂଘର ଏକ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଟେଣ୍ଡନ ଯୋଗଦେଇ ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ ସହିତ ନିଜ ଭାଷଣର ପ୍ରାରମ୍ଭରୁ ଓଡିଆ ଭାଷାରେ ନିଜ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ସାରା ଦେଶ ଓ ରାଜ୍ୟର ଅନୁକୋଣରେ କୋର୍ଟ ସ୍ଥାପନ କରାଯାଇ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହିତ ସମସ୍ତ ଜିଲ୍ଲା କୋର୍ଟ ଠାରୁ ହାଇକୋର୍ଟ ସହିତ ଅନଲାଇନ ମାଧ୍ୟମରେ ମକଦ୍ଦମା ପରିଚାଳନା ବ୍ୟବସ୍ଥା କରାଯାଇଛି । ସାଧାରଣ ଲୋକମାନେ ଆଇନସେବାରୁ କୌଣସି ପ୍ରକାର ବଞ୍ଚିତ ହେବେ ନାହିଁ ଏବଂ ସମସ୍ତଙ୍କୁ ଏହି ବ୍ୟବସ୍ଥାରେ ସାମିଲ ନେଇ ସରକାର ଏବଂ ଆଇନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ । ସେହିପରି ଜିଲ୍ଲା ଆଇନଜୀବି ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧର ଆଇନବ୍ୟବସାୟରେ ରହିଥିବା ବରିଷ୍ଠ ଆଇନଜୀବୀ ମାନଙ୍କୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରିବା ସହିତ ସମ୍ମନିତ କରାଯାଇଥିଲା । ସେହିପରି ରାୟଗଡା, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ଆଇନଜୀବି ସଂଘର କର୍ମକର୍ତ୍ତାଙ୍କ ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ଲକ୍ଷ୍ମୀପୁର ଆଇନଜୀବି ସଂଘର ସଦସ୍ୟ ମାନଙ୍କ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହନ୍ତ ଏବଂ ଅନ୍ୟାନ୍ୟ ଜଜ୍ ମାନେ ଉପସ୍ଥିତ ରହିଥିଲେ । ଏହି ସଭାକାର୍ଯ୍ୟ ପ୍ରାରମ୍ଭରେ ଜିଲ୍ଲା ଆଇନଜୀବି ସଂଘର ସଭାପତି ସରୋଜ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସଚ୍ଚିଦାନନ୍ଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ମଞ୍ଚକୁ ବରିଷ୍ଠ ଆଇନଜୀବି ରବିନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ । ଜିଲ୍ଲା ଆଇନଜୀବୀ ସଂଘ ସମେତ ଜିଲ୍ଲାର ଅନ୍ୟାନ୍ୟ କୋର୍ଟର ଆଇନଜୀବି ମାନେ ଉପସ୍ଥିତ ରହିଥିଲେ ଏବଂ ଉଭୟ ଟାଉନ ଓ ସଦରଥାନା ପୁଲିସ ପକ୍ଷରୁ ସହର ସମେତ କୋର୍ଟ ପରିସରରେ ବ୍ୟାପକ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହିପରି ମୁଖ୍ୟବିଚାରପତି ଶ୍ରୀ ଟେଣ୍ଡର ପରିବାର ସହିତ ପ୍ରସିଦ୍ଧା ଗୁପ୍ତେଶ୍ୱର ମନ୍ଦିର, ପର୍ଯ୍ୟଟନ ସ୍ଥଳୀ ଦେଓମାଳୀ, ଡୁଡୁମା ଜଳପ୍ରପାତ, ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ପରିଦର୍ଶନ ୩ ଦିନିଆ କାର୍ଯ୍ୟକ୍ରମ ରହିଛି ।

## ଗଣତନ୍ତ୍ର ଦିବସରେ ଆମିଷ ବିକ୍ରି ମନା

କୋରାପୁଟ,୨୩।୧(ସମିସ): ୭୭ ତମ ଗଣତନ୍ତ୍ର ଦିବସରେ କୋରାପୁଟ ଜିଲ୍ଲାରେ ଆମିଷ ବିକ୍ରୀ ଉପରେ କଟକଣା ଜାରି କରାଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଶୁକ୍ରବାର ଏ ସମ୍ପର୍କରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀ ମାନଙ୍କୁ ଚିଠି କରି ଏହା କଡାକଡି ଭାବେ ରୂପାୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜାନୁଆରୀ ୨୬ ସୋମବାର ଦିନ ଜିଲ୍ଲାର ସବୁ ଅଞ୍ଚଳରେ ଯେପରି ଛେଳି ମାଂସ, କୁକୁଡ଼ା ମାଂସ, ମାଛ, ଅଣ୍ଡା ଏବଂ ଅନ୍ୟାନ୍ୟ ଆମିଷ ଜାତୀୟ ଖାଦ୍ୟ ବିକ୍ରି ନହୁଏ, ସେଥିପ୍ରତି କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ହୋଇଛି ।

## ଅଚେତ ଅବସ୍ଥାରେ ଉଦ୍ଧାର ବ୍ୟକ୍ତିଙ୍କ ମୃତ୍ୟୁ

କାକିରିଗୁମା,୨୩।୧ (ସମିସ) : ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମା ବସଷ୍ଟାଣ୍ଡରେ ଥିବା ଏକ କପଡ଼ା ଦୋକାନ ସମ୍ମୁଖରେ ଶୁକ୍ରବାର ସକାଳେ ଜଣେ ଅଜଣା ବ୍ୟକ୍ତି ଅଚେତ ଅବସ୍ଥାରେ ପଡ଼ି ରହିଥିବା ସୂଚନା ପାଇ କାକିରିଗୁମା ଥାନା ଅଧକାରୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରି କାକିରିଗୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବ୍ୟକ୍ତିଙ୍କୁ ଚିହ୍ନଟ କରି ପରିବାର ବର୍ଗକୁ ପୁଲିସ ସୂଚନା ଦେଇଥିଲେ । ମୃତ୍ୟୁ ବ୍ୟକ୍ତି ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାର ଏମ୍ ନାଇଡୁ ବୋଲି ସୂଚନା ମିଳିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ଶବ ହସ୍ତାନ୍ତର କରାଯିବ ବୋଲି ଥାନା ଅଧକାରୀ ସୂଚନା ଦେଇଛନ୍ତି ।

# ଶ୍ରୀଲକ୍ଷ୍ମୀ ନୃସିଂହ ମନ୍ଦିର ପାଇଁ ଭୂମି ପୂଜନ

ନବରଙ୍ଗପୁର,୨୩।୧(ସମିସ): ନବରଙ୍ଗପୁର ସହର ନିକଟସ୍ଥ ଲଳିତା ଦେଇ ଶାସନ ଠାରେ ଲକ୍ଷ୍ମୀନୃସିଂହ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ ଅନୁଷ୍ଠିତ ହୋଇ ଯାଇଛି । ଏହି ମନ୍ଦିର ନିର୍ମାଣ ନିମନ୍ତେ ନବରଙ୍ଗପୁର ନିବାସୀ ଗୋବିନ୍ଦ ମହାପାତ୍ର ନିଜ ପୈତୃକ ସମ୍ପତ୍ତିରୁ ଏକ ଏକର ଜମି ମନ୍ଦିର ପରିଚାଳନା ଟ୍ରଷ୍ଟକୁ ଦାନ ସୂତ୍ରରେ ପ୍ରଦାନ କରିଥିଲେ । ଶ୍ରୀ ମହାପାତ୍ର ନିଜ ଦାନ ଜମିରେ ଏକ ମନ୍ଦିର ସହ ଏହି ପରିସରରେ ଏକ କଲ୍ୟାଣ ମଣ୍ଡପ ତିଆରି କରି ଏହାକୁ ସମାଜ କଲ୍ୟାଣ ପାଇଁ ଲୋକଙ୍କ ସେବା କାର୍ଯ୍ୟରେ ନିୟୋଜିତ କରିବା ଉଦ୍ଦେଶ୍ୟ ମଧ୍ୟ ପ୍ରକାଶ କରିଛନ୍ତି । ଭୂମି ପୂଜାର ଦିନକ ପୂର୍ବରୁ ମନ୍ଦିର ଟ୍ରଷ୍ଟ ସିମାଞ୍ଚଳ ଶ୍ରୀବରାହ ନୃସିଂହ ମନ୍ଦିର ଓ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଦୁଇଟି ଆଜ୍ଞା ମାଳ ଏବଂ ପୂର୍ଣ୍ୟଶିଳା ନବରଙ୍ଗପୁର ଜଗନ୍ନାଥ ମନ୍ଦିର ଠାରୁ ଶହ ଶହ ଭକ୍ତଙ୍କ ଗହଣରେ ସଙ୍କୀର୍ତ୍ତନ ସହ ବିରାଟ ପଟୁଆର ବାହାରି ଶାସନ ଗାଁ ନିକଟ ମନ୍ଦିର ସ୍ଥଳରେ ପହଞ୍ଚିଥିଲା । ଏଠାରେ ପଣ୍ଡିତ ପୁରୋହିତ ମାନଙ୍କ ଦ୍ୱାରା ହୋମ ଯଜ୍ଞ ହୋଇ ଶିଳା ସ୍ଥାପନ କରା ଯାଇଥିଲା । ଏହି ଅବସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ସରକାରୀ ଅଭିଯୋଜକ ତଥା ଜିଲ୍ଲାର ବିଶିଷ୍ଟ ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା, ନବରଙ୍ଗପୁର ଜିଲ୍ଲା ସମାଜ ସେବୀ ଜଗନ୍ନାଥ ମହାପାତ୍ର, ସହିଦ ସ୍ମୃତି ସଂସଦ ରାଜ୍ୟ ଅଧ୍ୟକ୍ଷ ମୁନ୍ନା ତ୍ରିପାଠୀ, ଚିଫ୍ ଇଞ୍ଜିନିୟର ମହମ୍ମଦ ସାକୁର, ମାତୃ ଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ଙ୍କ ସମେତ ଅନେକ ପ୍ରତିଷ୍ଠିତ ଲୋକ, ଶହଶହ ଭକ୍ତ ଓ ଗଣଧାମ ପ୍ରତିନିଧି ଯୋଗ ଦେଇଥିଲେ । ପ୍ରକାଶ ଥାଉକି ଏହି ଟ୍ରଷ୍ଟର ଦେବେନ୍ଦ୍ର ପାତ୍ର ସଭାପତି ରହିଥିବା ବେଳେ ଜଗନ୍ନାଥ ବେହେରା ଉପସଭାପତି, ଦାଶରଥି ପଟ୍ଟନାୟକ ସମ୍ପାଦକ, ଯୁଧିଷ୍ଠିର ପରିଡ଼ା କୋଷାଧ୍ୟକ୍ଷ, ଶିବଶଙ୍କର ତ୍ରିପାଠୀ ସାଙ୍ଗଠନିକ ସମ୍ପାଦକ ସହିତ ରବୀନ୍ଦ୍ର ଭଞ୍ଜ ପଣ୍ଡା, ପ୍ରଭାତ ମହାନ୍ତି, ଏମ ଆନନ୍ଦ ରାଓ, କୈଳାଶ ଚନ୍ଦ୍ର ସୁବୁଦ୍ଧି, ନରେନ୍ଦ୍ର ନାୟକ, ବାଲ ଗୋପାଳ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ସି.ଏଚ ଭେଙ୍କଟ ରାଓ, ସି.ଏଚ ଭାସ୍କର ରାଓ, କମଳ ଘୋଷ, ଦେବି ପ୍ରସାଦ ତ୍ରିପାଠୀ, ଜ୍ୟୋତିର୍ମୟ ମହାପାତ୍ର, ନୀଳକଣ୍ଠ ଭତ୍ରା, ରୀତା ସିକଦାର, ମନୋରମା ମାଝୀ, ହେମଲତା ମାଝି ଆଦି କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ସଦସ୍ୟା ରହିଛନ୍ତି । ଏଥି ସହିତ ଅନ୍ୟମାନଙ୍କ ମଧ୍ୟରେ ସୁନିଲ ମହାରଣା, ରିନାରାଣୀ ସାହୁ, ନର୍ମଦା ପାଣିଗ୍ରାହୀ, ସୁଚନ୍ଦା ଘୋଷ, ଏମ ଅନିତା ଆନନ୍ଦ, ପ୍ରମୁଖ ଯୋଗ ଦେଇଥିବା ସାଂଗଠାନିକ ସମ୍ପାଦକ ଶିବ ଶଙ୍କର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଯାଦବ ମାଝୀ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା




ଚନ୍ଦାହାଣ୍ଡି,୨୩।୧(ସମିସ), ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିଅମ ଠାରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତାରେ ଆଜି ଟିଟିଲାଗଡ଼ ରାଇଡ଼ର୍ସ ବିଜୟ ହୋଇ କ୍ୱାର୍ଟର୍ସ ଫାଇନାଲରେ ପହଞ୍ଚିଛି । ଆଜି ଟିଟିଲାଗଡ଼ ବନାମ କାଲିମେଳା ଦଳ ମଧ୍ୟରେ ଲିଗ ମ୍ୟାଚ ଖେଳାଯାଇଥିଲା । ଟିଟିଲାଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଟିକେନଙ୍କ ଅର୍ଦ୍ଧଶତକ ସହାୟତାରେ ୧୯୭ ରନ ସଂଗ୍ରହ କରିଥିଲା । ୧୯୮ ରନର ବିଜୟ ଲକ୍ଷ୍ୟକୁ କାଲିମେଳା ଦଳ ପିଛାକରି ମାତ୍ର ୧୦୭ ରନ କରି ଅଲଆଉଟ ହୋଇଯାଇଥିଲା । ୯୦ ରନର ବିଜୟ ସହ ଟିଟିଲାଗଡ଼ ଦଳ କ୍ୱାଟର ଫାଇନାଲ ପହଞ୍ଚିଛି । ମ୍ୟାଚରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଅଜୁ ଜାନିଙ୍କୁ ଅତିଥିଭାବେ ଯୋଗଦେଇଥିବା ବରିଷ୍ଠ ଶିକ୍ଷାବିତ୍ କିଶୋର ଖମାରୀ, ବରିଷ୍ଠ ଆଇନଜୀବୀ ତଥା ସାମ୍ବାଦିକ ମହମ୍ମଦ ହୁସେନ, ପାନାବେଡ଼ା ବିଶ୍ୱକର୍ମା ରାଜମସ୍ତ୍ରୀ ସଂଘ ସଭାପତି ଡିଙ୍ଗର ନାୟକ,ଜୟଲାଲ ଗହୀର ଓ ଅମରୁ ନାୟକ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚରେ ଅମ୍ପାୟାର ଭାବେ ଯୁଗଳ ବଗ୍ଚୀ ଓ ଧନଞ୍ଜୟ ମେହେର, ଭାଷ୍ୟକାର ଭାବେ ମଳୟ ତାଣ୍ଡି, ସାରାଂଶ ଦୁରିଆ, ସ୍କୋରର ଭାବେ ମାନସ ନାୟକ,ଗୁପ୍ତେଶ୍ୱର ମାଝୀ,ପପୁ ବେଶ୍ରା ଦାୟିତ୍ୱ ତୁଲାଇଥିଲେ । ପଲ୍ଲୀଶ୍ରୀ ଯୁବକ ସଂଘ ସମ୍ପାଦକ ଧନେଶ୍ୱର ସେଠି, ସହ ସମ୍ପାଦକ ମନୋଜ କୁମାର ମାଝୀ, ପ୍ରତାପ ଗୌଡ଼, ପରମେଶ୍ୱର ମାଝୀ,ଦିଲ୍ଲୀପ ନାୟକ, ରତ୍ନାକର ପୋଟା,ବବଲୁ, ରାଜେଶ, ବିକାଶ, ଲିପୁନ, ରାହୁଲ, କାଳିଆ, ଦିନେଶ, ରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବୀର ସୁରେନ୍ଦ୍ର ସାଏ ପାଠାଗାରର ବାର୍ଷିକ ଉତ୍ସବ





- ନାଟକ 'ସତ କାହାଣୀର ମିଛ ମଣିଷ' ମଞ୍ଚସ୍ଥ

କୋରାପୁଟ,୨୩।୧(ସମିସ): ସଦର ବ୍ଲକ ପଦ୍ମପୁର ପଞ୍ଚାୟତ ଡୁମୁରୀପୁଟ ସ୍ଥିତ ବୀର ସୁରେନ୍ଦ୍ର ସାଏ ପାଠାଗାରର ୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ଏମ୍.ସୁରେଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠାଗାର ଦ୍ୱାରା ଆୟୋଜନ କରାଯାଉଥିବା ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ସ୍ଥାନୀୟ ସରପଞ୍ଚ ଚୈତନ ଯାନୀ, ପାଠାଗାରର ବରିଷ୍ଠ ଉପଦେଷ୍ଟା ଦୀନବନ୍ଧୁ ବାରିକ, ତିରୁମଳେଶ୍ୱର ଚୌଧରୀ, ଅରୁଣ କୁମାର ଜେନା ସମ୍ମାନୀତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୋଷାଧ୍ୟକ୍ଷ ତ୍ରିପତି ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହରେ ସମ୍ପାଦକ ଜଗଦୀଶ ଖୋସଲା ବିବରଣୀ ପାଠ କରିଥିଲେ । ଉପ-ସଭାପତି କର୍ପୂର ହନ୍ତାଳ, ସହ-ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ସାହୁ, କାର୍ଯ୍ୟକାରୀ ସଦସ୍ୟ ମଧୁ ସୂଦନ ଖେମୁଣ୍ଡୁ, ସୁକାନ୍ତ ନାୟକ, ସନ୍ତୋଷ ଶତପଥି, ସୂର୍ଯ୍ୟ ନାରାୟଣ ସାହୁ, ଧର୍ମେନ୍ଦ୍ର ବେହେରା, ସୁରଜୀତ ବାଘ, ବସନ୍ତ ରାଓ , ଅକ୍ଷୟ ମହାନ୍ତି, ଅଜୟ ଖରା,ଅରୁଣ ପାଳ, ସୁବୋଧ କୁମାର ଚେଟି ପ୍ରମୁଖ ସହଯୋଗ କରିଥିଲେ । ବିଶିଷ୍ଟ ନାଟ୍ୟକାର ଇଂ.ପ୍ରଦୀପ୍ତ ମହାନ୍ତିଙ୍କ ଦ୍ୱାରା ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ସତ କାହାଣୀର ମିଛ ମଣିଷ' ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ।

# ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା







କୋଷାଗୁମୁଡା,୨୩।୧(ସମିସ): ଆଜି ମା ସରସ୍ୱତୀଙ୍କ ପୂଜା ପୁରପଲ୍ଲୀ ଠାରୁ ବିଦ୍ୟାଳୟ, ଅନୁଷ୍ଠାନ, ବିଭିନ୍ନ କାର୍ଯ୍ୟାଳୟରେ ପାଳନ କରାଯାଇଛି । କୋଷାଗୁମୁଡାସ୍ଥିତ ନୋଡ଼ାଲ ହାଇସ୍କୁଲ, ଏକ୍ସ ବୋର୍ଡ, ଶିଶୁ ମନ୍ଦିର, ବିଦ୍ୟାମନ୍ଦିର, ପ୍ରାଥମିକ, ମାଧମିକ ବିଦ୍ୟାଳୟଓଅଞ୍ଚଳରବିଭିନ୍ନଅନୁଷ୍ଠାନଓକାର୍ଯ୍ୟାଳୟରେ ପୂଜା ହୋଇଛି । ଛାତ୍ରଛାତ୍ରୀ ନୂଆ ପୋଷାକ ପିନ୍ଧି ପୂଜା କରିଥିବା ଦେଖିବାକୁ ମିଳିଥିଲା । ସେହିପରି ନୂତନ କରି ପାଠ ଆରମ୍ଭ କରୁଥିବା ପୁଅ, ଝିଅ ମାନକୁ ଖଡ଼ି ସିଲଟ ଛୁଆଁ କାର୍ଯ୍ୟକ୍ରମ ହୋଇଥିବା ଦେଖିବାକୁ ମିଳିଛି ।

**ତେନ୍ତୁଳିଖୁଣ୍ଟି :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ରେ ପୂଜା ପାଇଲେ ବିଦ୍ୟା ଦାୟିନୀ ମା' ସରସ୍ୱତୀ । ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ମଧ ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା । ବ୍ଲକର ତମାମ ଶିକ୍ଷାନୁଷ୍ଠାନରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସମସ୍ତ ବିଦ୍ୟାପୀଠରେ କୁନି କୁନି ଶିଶୁଙ୍କର ଖଡ଼ି ଛୁଆଁ କାର୍ଯ୍ୟକ୍ରମ ହୋଇଥିଲା ।

**ପୋଡ଼ାଗଡ଼ :** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ସମସ୍ତ ବିଦ୍ୟାଳୟରେ ଧୁମ୍‌ଧାମରେ ସରସ୍ୱତୀ ପୂଜା ପାଳିତ ହେଇଯାଇଛି । ରି କୋରାପୁଟ ରାୟଗଡ଼ା ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ କଡରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉଚ୍ଚ ବାଳିକା ବିଦ୍ୟାଳୟ ପୋଡ଼ା ଗଡ ଠାରେ ସରସ୍ୱତୀ ପୂଜା ପାଳନ କରାଯାଇଛି । ଦିନ ୧୦ ଘଣ୍ଟା ସମୟରେ ଶର୍ମିଷ୍ଠା ଗଉଡଙ୍କ ତତ୍ତ୍ୱାବଧାନରେ ଏହି ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଶିକ୍ଷୟିତ୍ରୀ ସାଗରିକା ମିଶ୍ର ,ଆରତୀ ଜେନା, ରାଜଲକ୍ଷ୍ମୀ, ମଧୁସ୍ମିତା ପଟ୍ଟନାୟକ ଶିକ୍ଷକ ରୁଦ୍ର ନାରାୟଣ ପାଡି, ବାବୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ସହ ଛାତ୍ରୀ ଉପସ୍ଥିତ ଥିଲେ ।

**ରାୟଗଡା :** ଶୁକ୍ରବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗାୟତ୍ରୀ ନଗର ରାୟଗଡା ଠାରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଛି । ଶିଶୁ ବାଟିକା ବିଭାଗର ଶିଶୁ ଭାଇଭଉଣୀଙ୍କର ବିଦ୍ୟାରମ୍ଭ ସଂସ୍କାର ପୂଜନ ହୋଇଥିଲା । ନିକଟସ୍ଥ ଗାୟତ୍ରୀ ମନ୍ଦିର ଠାରୁ ମାଆମାନେ ପୂର୍ଣ୍ଣ କଳସ ଓ ଶିଶୁମାନେ ଗୀତାପାଠ ବହି ଧରି ବିଦ୍ୟାଳୟ କୁ ପ୍ରବେଶ କରିବା ପରେ ବିଦ୍ୟାଳୟ ଫାଟକ ନିକଟରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ, ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ ଓ ଉପସଭାପତି ରଘୁନନ୍ଦନ ନନ୍ଦ ମହୋଦୟ ଶିଶୁଙ୍କୁ ସ୍ୱାଗତ କରିଥିଲେ । ଏହାପରେ ସଭାପତି ବିଦ୍ୟା ଦାୟିନୀ ମାଆ ସରସ୍ୱତୀଙ୍କ ନିକଟରେ କର୍ତ୍ତା ଭାବେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥଲେ ଓ ଉପସଭାପତି ମହୋଦୟ ବିଦ୍ୟାରମ୍ଭ ସଂସ୍କାର ପୂଜନରେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ । ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ତ୍ରିଶକ୍ତି'ର ଉନ୍ମୋଚନ କାର୍ଯ୍ୟକ୍ରମ ବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତିର ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନ ଓ ସୁନୀଲ ପ୍ରସାଦ ମହାପାତ୍ରଙ୍କ କରକମଳରେ କରାଯାଇଥିଲା । ବିଦ୍ୟାଳୟରେ ନେତାଜୀ ଜୟନ୍ତୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଓ ପୂର୍ବ ଛାତ୍ର ଏକତ୍ରୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର,୨୩ା୧(ସମିସ): ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳମାଧବ ସୁନା ଏବଂ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ତହସିଲଦାର ଡ. ପଲ୍ଲବୀ ପ୍ରିୟଦର୍ଶିନୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର



ତେଲକୋଇ,୨୩ା୧(ସମିସ): ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ବାର୍‌ହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ତେଲକୋଇ ବନାଞ୍ଚଳ ଭୀମକାଣ୍ଡ ପଞ୍ଚାୟତ ଡିମିରି ମୁଣ୍ଡା ଗ୍ରାମର ସୁଶୀଲ କୁମାର ବେହେରା (୨୮)। ତାଙ୍କୁ ପରିବାର ଲୋକ ପ୍ରଥମେ ତେଲକୋଇ ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ସୁଶିଲ ଆଜି ଗ୍ରାମ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ଡ଼ାହାଣ ଗୋଡ ଓ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇ ଥିବାରୁ ପ୍ରାଥମିକ ଚିକିତ୍ସାପରେ ସଙ୍ଗେସଙ୍ଗେ କେନ୍ଦୁଝର ସ୍ଥାନାନ୍ତର କରାଯାଇଥିଲା।

## ମା' କ୍ଲବ ଯୁବକ ସଂଘ ପକ୍ଷରୁ ସରସ୍ୱତୀ ପୂଜା



କେନ୍ଦୁଝର,୨୩ା୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ହାତୀକୁଚା ପୁରୁଣା ସାହି ମା' କ୍ଲବ ଯୁବକ ସଂଘ ପକ୍ଷରୁ ସରସ୍ୱତୀ ପୂଜା ପାଳିତ ହୋଇଛି। ସକାଳ ୧୧ ଟା ବେଳେ ଗ୍ରାମର ପୁଷ୍କରିଣୀରୁ ଜଳ କଳସ ଅଣାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା।ପୂଜକ ଚିତ୍ତରଂଜନ ମିଶ୍ର ନୀତି ନିୟମ ଅନୁସାରେ'ପୂଜା ସମ୍ପନ୍ନ କରିଥିଲେ। ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଦଶରଥ ଗିରି ସଂକଳ୍ପ ରେ ବସିଥିଲେ। କ୍ଲବର ଚିନ୍ମୟ ନାଏକ, ରାଜେଶ ଭଞ୍ଜ, ଶକ୍ତିମାନ ଦେହୁରୀ, ରାଜ୍ ମୁଖୀ,କିଶୋର ମୁଖୀ, କନ୍ଦର୍ପ ନାଏକ, ସୁଶାନ୍ତ ଦେହୁରୀ, ହରିଶ୍ ପ୍ରଧାନ, ଚନ୍ଦନ ଦେଓ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶିକ୍ଷାନୁଷ୍ଠାନରେ ମା' ବୀଣାପାଣିଙ୍କୁ ଆରାଧନା







କେନ୍ଦୁଝର,୨୩ା୧(ସମିସ): କେନ୍ଦୁଝର ଜିଲ୍ଲା ତଥା ସହରର ବିଭିନ୍ନ ସ୍ଥାନରେବିଦ୍ୟାରଦେବୀମା'ବୀଣାପାଣିଙ୍କର ପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଦ୍ୟାଳୟରେ ମା'ଙ୍କର ପୂଜା ଉପଲକ୍ଷେ ସକାଳୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ସହ ଭକ୍ତିମୟ ପରିବେଶ ମଧ୍ୟରେ ମା'ଙ୍କର ପୂଜାର୍ଚ୍ଚନା କରିଥିଲେ। କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ, ରକାରୀ ମହିଳା ମହାବିଦ୍ୟାଳୟ,ଡିଏନ୍ ହାଇସ୍କୁଲ, ନରସିଂହସ୍ୱାଇଁ ପୁଲିସ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଟାଉନ ବାଳିକା ବିଦ୍ୟାଳୟ, ମୋଚିବନ୍ଧ ହାଇସ୍କୁଲ, କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଡିମ୍ପୋସ୍ଥିତ କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ, କେନ୍ଦୁଝର ନର୍ସିଂ କଲେଜ, ଫାର୍ମାସୀ କଲେଜ, ବଡହଲସ୍ଥିତ କେଏସ୍‌ଇ ଯୁକ୍ତ ୨ ସାଇନ୍ସ କଲେଜ ଆଦି ଅନୁଷ୍ଠାନମାନଙ୍କ ସହ ସହର ଓ ଆଖପାଖ ଅଞ୍ଚଳର ଅନେକ ଶିକ୍ଷାନୁଷ୍ଠାନମାନଙ୍କରେ ମା' ସରସ୍ୱତୀଙ୍କର ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏଥିସହ କେନ୍ଦୁଝର ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ସିଟିଜି ଗ୍ଲୋବାଲ ସ୍କୁଲ,ସିଟିଜି ବିଦ୍ୟାମନ୍ଦିର,କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ,କେନ୍ଦୁଝର ଡିଗ୍ରୀ କଲେଜ ଏବଂ କେନ୍ଦୁଝର ସିଟିଜି ପ୍ରଫେସନାଲ ରେ ମା' ବୀଣାପାଣିଙ୍କର ପୂଜା ଅନୁଷ୍ଠିତ ହୋଇଛି।

**ହାଟଡ଼ିହୀ :** ହାଟଡ଼ିହୀ ବ୍ଲକର କୋଣଅନୁକୋଣରେ ଆଜିର ଶ୍ରୀପଞ୍ଚମୀ ଉପଲକ୍ଷେ ମା' ସରସ୍ୱତୀଙ୍କ ପୂଜା ହୋଇଛି। ହାଟଡ଼ିହୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ାଙ୍କ ସଂଯୋଜନାରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍କୁଲ କର୍ମଚାରୀଙ୍କ ଉପସ୍ଥିତିରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଚଣ୍ଡିଆ ବିରଞ୍ଚିପୁର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଅଧ୍ୟକ୍ଷ ଉଦୟନାଥ କରଙ୍କ ପୂର୍ଣ୍ଣ ଆବାହ୍ୱକତାରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିକ୍ଷକ ପାର୍ଥସାରଥୀ ଜେନା ଏବଂ ବିଜୟ କୁମାର ପହି ପରିଚାଳନା କରିଥିଲେ। ଏହିପରି ସୋସୋ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ରାଉତଙ୍କ ସଂଯୋଜନାରେ ମା' ସରସ୍ୱତୀଙ୍କ ପୂଜା କରାଯାଇଥିଲା। ଶିକ୍ଷକ ପବିତ୍ର ବାରିକ, ସୁଜିତ କୁମାର ମହାନ୍ତି ସ୍କୁଲ ପିଲାମାନଙ୍କ ସହ କଳସ ଆଣିବା ସହ ପୂର୍ଣ୍ଣ ରୀତିନୀତିରେ ପୂଜା କାର୍ଯ୍ୟର ଦାୟିତ୍ୱ ବହନ କରିଥିଲେ। ଏଥିରେ ସ୍କୁଲ ଚେୟାରମ୍ୟାନ ବସନ୍ତ କୁମାର ମହାନ୍ତି, ପୂର୍ବତନ ସମବାୟ ସମିତି ସଭାପତି ପ୍ରଣବ ପ୍ରକାଶ ମହାନ୍ତିଙ୍କ ସହିତ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା, ଅଙ୍ଗୁରବାଳା ସେନାପତି ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପୂଜାକାର୍ଯ୍ୟରେ ପରିଚାଳନା କରିଥିଲେ। ସେହିପରି ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ ପୂଜାକାର୍ଯ୍ୟରେ ସଂକଳ୍ପ କରିଥିଲାବେଳେ ଜଳକଳଙ୍ଗ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବଚରଣ ପାତ୍ରଙ୍କ ସଂଯୋଜନାରେ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା।

**ଚମ୍ପୁଆ :** ପୁରପଲ୍ଲିରେ ବିଦ୍ୟାଦାୟିନୀ ମା'ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ଚମ୍ପୁଆ ସଦରମହକୁମା ସହିତ ବିଭିନ୍ନସ୍ଥାନରେ ଏହି ପୂଜା ପାଳିତ ହୋଇଥିବା ବେଳେ ସରକାରୀ , ବେସରକାରୀ ବିଦ୍ୟାଳୟ ସମେତ କୋଚିଂକେନ୍ଦ୍ରଠାରେ ଛାତ୍ରଛାତ୍ରୀମାନେ ଭକ୍ତିର ସହିତ ଏହାକୁ ପାଳନ କରିଛନ୍ତି। ବିଭିନ୍ନ ଯୁବକ ସଂଘ ପକ୍ଷରୁ ମଧ ଏହି ପୂଜା ଅୟୋଜନ କରାଯାଇଥିବା ବେଳେ ସୁସଜ୍ଜିତ ମଣ୍ଡପରେ ମାଙ୍କ ପୂଜାର୍ଚ୍ଚନା କରାଯାଇଛି। ଚମ୍ପୁଆ ସ୍ଥିର ଶିଶୁମନ୍ଦିର, ଶ୍ରୀଅରୋବିନ୍ଦ, କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଆକାଶଜ୍ୟୋତି ବିଦ୍ୟାଳୟ, ମହତାବ ଉଚ୍ଚ ବିଦ୍ୟାଳୟ, ଖରମହାବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟସମେତ ତ୍ରିନାଥ ଯୁବକ ସଂଘ ଏବଂ ବିଭିନ୍ନ ଗ୍ରାମ ଗୁଡିକରେ ମା ସରସ୍ୱତୀଙ୍କ ପୂଜା ଆୟୋଜିତ ହୋଇଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର,୨୩ା୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ପଣ୍ଡୁଆ ପଞ୍ଚାୟତ ପଣ୍ଡୁଆ ଗ୍ରାମର ଶିକ୍ଷକ ସୌଭାଗ୍ୟ କୁମାର ଜେନାଙ୍କ ମାତୃ କମଳିନୀ ଜେନାଙ୍କ ୮୦ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ କଟକ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶ୍ରୀମତି ଜେନା ଅଞ୍ଚଳରେ ଜଣେ ପରୋପକାରୀ ମିଷ୍ଟଭାଷୀ କର୍ତ୍ତବ୍ୟ ପରାୟଣତା ମହିଳା ଥିଲେ। ତାଙ୍କ ମୃତ୍ୟୁ ଶରୀର ନିକଟରେ ତିନି ପୁଅ, ତିନି ବୋହୂ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ପ୍ରିୟଜନ ମାନେ ଉପସ୍ଥିତ ଥିଲେ। ଗ୍ରାମସ୍ଥିତ ଶ୍ମଶାନ ଘାଟରେ ଅନ୍ତିମ ସତ୍କାର କରାଯାଇଥିଲା। ମୁଖାଗ୍ନି କନିଷ୍ଠ ପୁତ୍ର ସୌଭାଗ୍ୟ କୁମାର ଜେନା ଦେଇଥିଲେ।

# ଆନନ୍ଦପୁରରେ ନେତାଜୀଙ୍କ ଜୟନ୍ତୀ



ଆନନ୍ଦପୁର,୨୩ା୧(ସମିସ): ଆନନ୍ଦପୁର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କର ଜୟନ୍ତୀ ଆନନ୍ଦ ଭବନଠାରେ ପାଳିତ ହୋଇଯାଇଛି। ଏହି ସଭାରେ ପରିଷଦର ଉପସଭାପତି ରମାକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ରତ୍ନାକର ଦାସ ଓ ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡିତ ମଞ୍ଚାସୀନ ହୋଇ ମହାନ୍ ସଂଗ୍ରାମୀ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କର ଦେଶପ୍ରେମ, ତ୍ୟାଗ ଓ ବଳିଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ବିଜୟ କୁମାର ସାହୁ ଦୁଇ ସଂଗ୍ରାମୀଙ୍କର ବୀରପୁତ ଜୀବନ ବିଷୟରେ ମୂଲ୍ୟବୋଧ ଭିତ୍ତିକ ଭାଷଣ ଉପସ୍ଥାପନା କରିଥିଲେ। ସାବିତ୍ରୀ ଦାସ, ରଙ୍ଗାଧର ନନ୍ଦି, ପବିତ୍ର ମୋହନ ବେହେରା, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ଶିଶୁ କବି ସତ୍ୟଜିତ ପାତ୍ର, ରଘୁନାଥ ପଣ୍ଡିତ ଏବଂ କାର୍ଯ୍ୟକାରୀ ସମ୍ପାଦକ ରାମଚନ୍ଦ୍ର ଜେନା ସ୍ୱରଚିତ କବିତାମାନ ପାଠ କରିଥିଲେ। ଅନେକ ଶିଶୁ ଓ ସମୁଦାୟ ୩୨ ଜଣ ସଦସ୍ୟ ଯୋଗଦାନ କରିଥିଲେ। ଚତୁର୍ଭୁଜ ଜେନା ସଂଯୋଜନା କରିଥିଲାବେଳେ ପଦ୍ମନାଭ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଲକ୍ଷାଧିକ ଟଙ୍କାର ମହୁଲ ପୋଚ ନଷ୍ଟ



ତୁରୁମୁଙ୍ଗା,୨୩ା୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ହିରାପଶି ଗ୍ରାମରେ ବେଆଇନ ଦେଶୀ ମହୁଲି ମଦ ପ୍ରସ୍ତୁତ ସମୟରେ ଗୁରୁବାର ତୁରୁମୁଙ୍ଗା ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମହୁଲି ପୋଚ ନଷ୍ଟ କରିଛି। ଚଢ଼ଉ ଦେଖି ମାଫିଆ ଛତ୍ରଭଙ୍ଗ ଦେଇ ଫେରାର ହୋଇ ଯାଇଥିଲେ। ତେବେ ମାଟି ତଳେ ଗାତକରି ମହୁଲ ପଚକୁ ରଖିଥିଲେ। ଏଠାରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରି ମାଫିଆ ମାନେ କେନ୍ଦୁଝର ତଥା ଅନ୍ୟ ଅଞ୍ଚଳକୁ ଚାଲାଣ କରୁଥିଲେ। ଚଢ଼ଉରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହ ତୁରୁମୁଙ୍ଗା ଥାନା ଏସ୍‌ଆଇ ସୁରେଶ ସାହୁଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

# ସୋସୋରେ ଗୀତା ମହାଯଜ୍ଞ ଧ୍ୱଜା ସ୍ଥାପନ



ହାଟଡ଼ିହୀ,୨୩ା୧(ସମିସ): ହାଟଡ଼ିହୀ ବ୍ଲକ୍ ସୋସୋ ଗ୍ରାମରେ ଆସନ୍ତା ୩୦ତାରିଖ ଠାରୁ ୭ଦିନ ଧରି ୫୭ତମ ଗୀତା ମହାଯଜ୍ଞ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଗୀତା ମହାଯଜ୍ଞର ସାତଦିନ ପୂର୍ବରୁ ଅର୍ଥାତ୍ ବସନ୍ତ ପଞ୍ଚମୀ ଦିନ ଧ୍ୱଜା ସ୍ଥାପନର ନିୟମ ଥିବାବେଳେ ଆଜି ଯଜ୍ଞ କମିଟିର ସଭାପତି ରମେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ଦୀନବନ୍ଧୁ ପହି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ରାଉତଙ୍କ ସମେତ ସରପଞ୍ଚ ରାଜେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ବାବୁଲି ସିଂ, କୁଳମଣି ରାଉତ, ସୁକୁମାର ଦାସ, ରାଜେଶ ସିଂ, ଆନନ୍ଦ ସିଂ ପ୍ରମୁଖଙ୍କ ସହିତ ଅନ୍ୟ ସଦସ୍ୟ ଏବଂ ଗ୍ରାମବାସୀ ଏକତ୍ରିତ ହୋଇ ଯଥାରୀତିନୀତି ଅନୁସାରେ ନିକଟସ୍ଥ ସାଳନ୍ଦୀ ନଦୀରୁ କଳସ ଆଣିବା ସହ ଧ୍ୱଜା ପୂଜା କରିଥିଲେ। ପରେ ଯଜ୍ଞସ୍ଥଳରେ କମିଟି ସଭାପତି ରମେଶ ଚନ୍ଦ୍ର ମହାନ୍ତି ଏକ ନୂତନ ବାଉଁଶ ଦ୍ୱାରା ଏହି ଧ୍ୱଜାସ୍ଥାପନ କରିଥିଲେ। ଭାଇଚାରା ସମ୍ପନ୍ନ ସୋସୋ ଗ୍ରାମରେ ହିନ୍ଦୁ ମାନଙ୍କ ସହ ମୁସଲିମ୍ ସମ୍ପ୍ରଦାୟର ଲୋକେ ଏକତ୍ରିତ ବସବାସ କରୁଥିବାରୁ ଏହି କାର୍ଯ୍ୟକ୍ରମରେ ସେମାନେ ମଧ୍ୟ ଏଥିରେ ସହଯୋଗ କରିଥା'ନ୍ତି।

### ନଦୀ ଗର୍ଭରେ ଲୀନହେବ ହବଲେଶ୍ୱର

# ବେଆଇନ ବାଲି ଚାଲାଣ ଯୋଗୁ ଉତ୍ତେଜନା



ଆନନ୍ଦପୁର,୨୩ା୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଇଲାକାର ହାବେଳେଶ୍ୱର ନିକଟରେ ବୈତରଣୀ ନଦୀପଠାରୁ ଦୈନନ୍ଦିନ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀ ଗର୍ଭରେ ଗାଁ ଲୀନ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏହି କାରବାରକୁ ଗ୍ରାମବାସୀ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଏଠାରୁ ପଡ଼ୋଶୀ ଜିଲ୍ଲା ଦେଇ ପଶ୍ଚିମବଙ୍ଗକୁ ବାଲି ଚୋରା ଚାଲାଣ କରା ଯାଉଥିଲେ ମଧ ଧରପଗଡ଼ ହେଉ ନ ଥିବାରୁ କାରବାର ଦିନକୁ ଦିନ ବଢ଼ିଚାଲିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲାରେ ଥିବା ଖଣି ଅଧିକାରୀଙ୍କ ଦୁର୍ବଳତା ବାରି ହେଉଥିବା ଅଭିଯୋଗ ହୋଇଛି। ବୈତରଣୀ ନଦୀ ବାଲି ଶଯ୍ୟା ତହସିଲ ପକ୍ଷରୁ ଲିଜ୍ ଦିଆଯାଇଥିବାବେଳେ ଆବଶ୍ୟକ କାଗଜପତ୍ର ନ ଥିବାରୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ନାହିଁ। ହେଲେ ହାବଲେଶ୍ୱର ଘାଟରୁ ଦୈନିକ ବହୁ ସଂଖ୍ୟକ ହାଇୱା ଯୋଗେ ବାଲି ପରିବହନ ହୋଇଥିବା ବେଳେ ଟ୍ରାଞ୍ଜିଟି ପାସ୍ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଖଣି ବିଭାଗ ଓ ବାଲି ମାଫିଆ ଭିତରେ ଅସାଧୁ ମେଣ୍ଟ ଥିବାରୁ ରାଜସ୍ୱ ହାନୀ ହେଉଛି ଏବଂ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୨ ଚକିଆ ୧୬ ଚକିଆ ଗାଡ଼ିକୁ ବାଲି ଘାଟରୁ ବାଲି ପରିବହନ ପାଇଁ ଅନୁମତି ନ ଥିବା ବେଳେ ଏହାର ବ୍ୟତିକ୍ରମ ହବେଳେଶ୍ୱର ବାଲି ଘାଟରେ ପରିଲକ୍ଷିତ ହୋଇଛି। ଏହି ଘାଟ ଚିହ୍ନଟ କରାଯାଇଥିଲେ ମଧ ସୀମା ଅତିକ୍ରମ କରାଯାଇ ଦିନରାତି ବାଲି ଉତ୍ତୋଳନ ହେଉଥିବାରୁ ଅଞ୍ଚଳ ବାସି ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷ ସୂତ୍ରରୁ ସୂଚନା ମିଳିଛି ଗ୍ରାମ୍ୟ ରାସ୍ତାରେ ୧୨ ଚକିଆ୧୬ ଚକିଆ ବାଲି ଓଭରଲୋଡ ନେବାରୁ ରାସ୍ତା ମରଣଯନ୍ତାରେ ପରିଣତ ହେଲାଣି । ଏନେଇ ଅଞ୍ଚଳବାସୀ ଅଭିଯୋଗ କଲେ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ହାବଳେଶ୍ୱରରୁ ରଣା ରାସ୍ତାଦେଇ ବାଲି ଗାଡ଼ି ଅନବରତ ଯାଉଥିବାରୁ ସ୍କୁଲ ପିଲାମାନେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଓ କେନ୍ଦୁଝର ଜିଲ୍ଲାପାଳ ଦୃଷ୍ଟି ଦେଲେ ବାଲି ଚୋରି ବନ୍ଦ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ



ତୁରୁମୁଙ୍ଗା,୨୩ା୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଟାଙ୍ଗରପଡ଼ା ଆରଆଇ ସର୍କଲ ଅଙ୍କୁରା ବୈତ୍ରରଣୀ ନଦୀରୁ ବେଆଇନ ବାଲି ଚୋରାଚାଲାଣ ସମୟରେ ବନ ବିଭାଗ ଚଢ଼ଉ କରି ଟ୍ରାକ୍ଟରକୁ ଜବତ କରିଛି। ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଜବତ ଟ୍ରାକ୍ଟରକୁ ରେଞ୍ଜ କାର୍ଯ୍ୟାଳୟକୁ ଆଣି ବନବିଭାଗ ତଦନ୍ତ କରୁଛି। ଚଢ଼ଉରେ ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ସମେତ ବନ ବିଭାଗର ପାରାଷ୍ଟାଫ୍ ସାମିଲ ଥିଲେ।



# ନେତାଜୀଙ୍କ ଅନ୍ତୁଡ଼ିଶାଳ ଉତ୍ସବମୁଖର








**କଟକ, ୨୩।୧(ସମିସ)**

ନେତାଜୀଙ୍କ ୧୨୯ତମ ଜୟନ୍ତୀରେ ଓଡିଆ ବଜାର ସ୍ଥିତ ନେତାଜୀଙ୍କ ଅନ୍ତୁଡିଶାଳ ତଥା ଜନ୍ମସ୍ଥାନ ସଂଗ୍ରହାଳୟ ଉତ୍ସବମୁଖର ହୋଇପଡ଼ିଥିଲା। ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିଦୋଷ, ବିଧାୟକ ସୌଭିକ ବିଶ୍ୱାଳ ଓ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରିବା ପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସଂଗ୍ରହାଳୟ ପରିସରରେ ନୂତନ କରି ଖୋଲିଥିବା ଫିଲାଟେଲିକ ଗ୍ୟାଲେରୀ ବା ପୋଷ୍ଟାଲ ଗ୍ୟାଲେରୀ ଓ ନବର୍ନିର୍ମିତ ସଂସ୍କୃତି ଭବନକୁ ଉପରାଷ୍ଟ୍ରପତି ଉଦଘାଟନ କରିଥିଲେ। ଉପରାଷ୍ଟ୍ରପତିଙ୍କ ଏହି ଗସ୍ତ ଯୋଗୁଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା କରାଯାଇଥିଲା। ଜେଡ୍ ପ୍ଲସ ସୁରକ୍ଷା ସମେତ ୩୫ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରାଯାଇଥିଲା।




### ଉଦ୍‌ଘାଟିତ ହେଲା ସଂସ୍କୃତି ଭବନ

ଓଡିଆ ବଜାର ସ୍ଥିତ ନେତାଜୀ ବ୍ୟାଖାନ କେନ୍ଦ୍ର ପାର୍ଶ୍ୱରେ ରହିଛି ସଂସ୍କୃତି ଭବନ। ନବର୍ନିମିତ ଏହି କୋଠାଟି ବହୁ ସମୟ ହେବ ଉଦଘାଟନ ଅପେକ୍ଷାରେ ରହିଥିବାବେଳେ ଏହାକୁ ଉପରାଷ୍ଟ୍ରପତି ନେତାଜୀ ଜୟନ୍ତୀ ଅବସରରେ ଉଦଘାଟନ କରିଛନ୍ତି। ପ୍ରାୟ ୬କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଭବନକୁ ନେତାଜୀଙ୍କ ନାମରେ ନାମିତ କରାଯାଇଛି। ଏଥିରେ ୩୦୦ ଜଣ ବସିବାର କ୍ଷମତା ରହିଥିବାବେଳେ ଏହି ପରିସରରେ ପରାକ୍ରମ ଦିବସର ସଭା କାର୍ଯ୍ୟ କରାଯାଇଥିଲା।

### ଫିଲାଟେଲିକ ଗ୍ୟାଲରୀରେ ଭିଡ ବେଶି

ଚଳିତବର୍ଷ ପ୍ରଥମକରି ନେତାଜୀ ଜୟନ୍ତୀରେ ଡାକବିଭାଗ ପକ୍ଷରୁ ଫିଲାଟେଲିକ ଗ୍ୟାଲେରୀ ବା ପୋଷ୍ଟାଲ ଗ୍ୟାଲେରୀକୁ ଉପରାଷ୍ଟ୍ରପତି ଉଦଘାଟନ କରିଥିଲେ। ପୂର୍ବରୁ ସଂଗ୍ରହାଳୟରେ ୧୨ଟି ଗ୍ୟାଲେରୀ ଥିବାବେଳେ ଏହି ନୂତନ ଗ୍ୟାଲେରୀ ଯୋଡି ହେବା ପରେ ଗ୍ୟାଲେରୀ ସଂଖ୍ୟା ୧୩ ନଂରେ ପହଁଚିଛି। ଏହି ଗ୍ୟାଲେରୀରେ ନେତାଜୀ ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରାୟ ୪୩ଟି ଡାକଟିକେଟ ଶୋଭା ପାଇଛି। ଏହି ଗ୍ୟାଲେରୀରେ ଆଜି ବେଶୀ ଭିଡ ପରିଲକ୍ଷିତ ହୋଇଥିଲା।

### ନେତାଜୀ ଜୀବିତ ଅଛନ୍ତି !

ନେତାଜୀ ଜୟନ୍ତୀ ଅବସରରେ ଉତ୍ତରପ୍ରଦେଶ ସାହଯାଜପୁର ଅଞ୍ଚଳର ସ୍ୱାଧୀନ ଭାରତ ବିଦ୍ଧିକ୍ ସତ୍ୟାଗ୍ରହ ଅନୁଷ୍ଠାନ ପକ୍ଷରୁ ପ୍ରାୟ ୧୦୦ ଜଣ ସଦସ୍ୟ ଓଡିଆ ବଜାର ସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଏହି ସଦସ୍ୟ ମାନେ ଆଜିକୁ ୩ ବର୍ଷ ହେବ ସଂଗ୍ରହାଳକୁ ଆସୁଥିବାବେଳେ ଚଳିତବର୍ଷ ମଧ ସମାନ ଦାବି ଉପସ୍ଥାପନା କରିଛନ୍ତି। ଏହି ଅନୁଷ୍ଠାନର କର୍ମକର୍ତ୍ତା କମଳେଶ କୁମାର ଶର୍ମା କହିଛନ୍ତି ଯେ, ନେତାଜୀ ଜୀବିତ ଅଛନ୍ତି। ଯଦିଓ ନେତାଜୀ ମୃତ ବୋଲି ଘୋଷଣା କରାଯାଏ, ତେବେ ତାଙ୍କ ମୃତ୍ୟୁ ତଥ୍ୟ ଉପସ୍ଥାପନା ସରକାର କରନ୍ତୁ। ନଚେତ୍ ସରକାର ତାଙ୍କୁ ଖୋଜିକି ବାହାର କରନ୍ତୁ ବୋଲି ସେ କହିଛନ୍ତି।

### ଲୋକପ୍ରତିନିଧି ହଟହଟା

ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଓଡିଆ ବଜାରରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଓ ବ୍ୟାଖାନ କେନ୍ଦ୍ରରେ ଜେଡ୍ ପ୍ଲସ ସୁରକ୍ଷା ସମେତ ପୁଲିସ ପକ୍ଷରୁ କଡାକଡି ଚେକିଂ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସ୍ୱତନ୍ତ୍ର ଭାବେ ପାସ୍‌ର ବ୍ୟବସ୍ଥା କରାଯାଇଥିଲା। ହେଲେ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେବାକୁ ଥିବା ସାଂସଦ ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ସିଂଙ୍କୁ ପୁଲିସ ପରିଚୟ ମାଗିବା ସହ ଭିତରକୁ ଛାଡି ନଥିଲେ। ଫଳରେ ଉଭୟ କିଛି ସମୟ ବାହାରେ ଛିଡା ହୋଇ ରହିଥିଲେ। ପରେ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ଉଭୟଙ୍କୁ ଛାଡିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ଇପସିତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ସ୍ୱତନ୍ତ୍ର ପାସ ଥାଇ ମଧ ତାଙ୍କୁ ଭିତରୁ ଛଡା ଯାଇ ନଥିଲା। ପରେ ସେ ଅନ୍ୟ ସହଯୋଗୀଙ୍କୁ ଯୋଗାଯୋଗ କରିବା ପରେ ଭିତରକୁ ପ୍ରବେଶ କରିଥିଲେ।



### ଫଳକରେ ସାଂସଦ ଦେବାଶିଷଙ୍କ ନାଁ ନାହିଁ

ନେତାଜୀ ଜୟନ୍ତୀ ଅବସରରେ ଓଡିଆ ବଜାର ସ୍ଥିତ ନେତାଜୀ ସଂଗ୍ରହାଳୟ ପରିସରରେ ପୋଷ୍ଟାଲ ଗ୍ୟାଲେରୀ ଓ ନିକଟରେ ଥିବା ସଂସ୍କୃତି ଭବନକୁ ଉପରାଷ୍ଟ୍ରପତି ଉଦଘାଟନ କରିଥିଲେ। ଉକ୍ତ ସ୍ଥାନରେ ନାମ ଫଳକୁ ସ୍ଥାନିତ କରାଯାଇଥିଲା। ହେଲେ ଏଥିରେ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନାମ ନଥିବା ଦେଖିବାକୁ ମିଳିଛି। ଦେବାଶିଷ ଉପସ୍ଥିତ ନଥିବାବେଳେ ଜଣେ ରାଜ୍ୟସଭା ସଦସ୍ୟ ଭାବେ କାହିଁକି ତାଙ୍କ ନାମ ଉଲ୍ଲେଖ କରାଗଲା ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ, ଭୁଲଟା କେଉଁଠି ହେଇଛି ତାହା ଜାଣି ହେଉନି। ଉପରାଷ୍ଟ୍ରପତି ହେଉଛନ୍ତି ରାଜ୍ୟସଭାର ଅଧ୍ୟକ୍ଷ ଏବଂ ମୁଁ ଜଣେ ତାଙ୍କର ସଦସ୍ୟ। ଏଭଳି ପଦକ୍ଷେପ ଉପରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ କରାଯାଇଛି। ସଂସ୍କୃତି ବିଭାଗ ଏଭଳି କାର୍ଯ୍ୟ କରିଛି ଏବଂ ଏଥିପାଇଁ ମୁଁ ସଚିବଙ୍କୁ ଚିଠି ମଧ ଲେଖିବି। ପ୍ରକାଶଯୋଗ୍ୟ, ନେତାଜୀ ଜୟନ୍ତୀ ଅବସରରେ ନେତାଜୀ ସଂଗ୍ରହାଳୟରେ ପୋଷ୍ଟାଲ ଗ୍ୟାଲେରୀ ଓ ସଂସ୍କୃତି ଭବନ ଉଦଘାଟନ କରାଯାଇଥିଲା। ଏଠାରେ ଥିବା ଫଳରେ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ୍, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନାମ ଏଥିରେ ଉଲ୍ଲେଖ କରାଯାଇଛି।



ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ସମାଜସେବୀ ରଞ୍ଜନ ବିଶ୍ୱାଳ

---

**ରେଭେନ୍ସା କଲିଜିଏଟ୍ ସ୍କୁଲରେ ନେତାଜୀଙ୍କ ଜୟନ୍ତୀ**

## ନେତାଜୀଙ୍କ ଦେଶ ଭକ୍ତି ଓ ସାହସ ଛାତ୍ର ସମାଜକୁ ଉଦ୍‌ବୁଦ୍ଧ କରୁ



**କଟକ, ୨୩।୧(ସମିସ):** କ୍ରାନ୍ତିଦର୍ଶୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶଭକ୍ତି, ସାହସ ଓ ତ୍ୟାଗ ଦ୍ୱାରା ଆଜିର ଛାତ୍ର ସମାଜ ଉଦବୁଦ୍ଧ ହେବାକୁ ଓଡ଼ିଶା ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଆହ୍ୱାନ ଜଣାଇଛନ୍ତି। ଆଜି ସନ୍ଧ୍ୟାରେ ରେଭେନ୍ସା କଲିଜିଏଟ ସ୍କୁଲରେ ଆୟୋଜିତ ମହାନ ଦେଶ ଭକ୍ତ ନେତାଜୀଙ୍କ ୧୨୯ ତମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଜଷ୍ଟିସ ମହାପାତ୍ର କହିଲେ ଯେ ଦେଶକୁ ସ୍ୱାଧୀନ କରିବାରେ ନେତାଜୀଙ୍କ ଅବଦାନ ଅବିସ୍ମରଣୀୟ। ପୁରାତନ ଛାତ୍ର ସଂସଦର ସଭାପତି ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଧାୟିକା ସୋଫିଆ ଫିର୍ଦୋସ, ସିଏମସି ମେୟର ସୁଭାଷ ସିଂହ, ଉପସଭାପତି ଧର୍ମେଶ ନାୟକ, ସଞ୍ଜୟ ମହାପାତ୍ର, ସାଧାରଣ ସମ୍ପାଦକ ପରଂବ୍ରହ୍ମ ମହାପାତ୍ର, ଝିମିଲି ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି ଅବସରରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ 'ଛାତ୍ର ଗୌରବ' ସମ୍ମାନ ଓ ଅବସରପ୍ରାପ୍ତ ଶିକ୍ଷକ ଏମ.ଡି. ମୋତିଉଲ୍ଲା ନାଜିସଙ୍କୁ 'କୃତୀ ଶିକ୍ଷକ' ସମ୍ମାନ ପ୍ରଦାନ କରାଯାଇଥିଲା। ସ୍କୁଲର ଉନ୍ନତି ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ଦେବା ପାଇଁ ବିଧାୟିକା ସୋଫିଆ ଫିର୍ଦୋସ ଘୋଷଣା କରିଥିଲେ। ଏହି ଉପଲକ୍ଷେ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

### ବିଜୁ ଯୁବ ଓ ଛାତ୍ର ଜନତା ଦଳ



ବିଜୁ ଯୁବ ଓ ଛାତ୍ର ଜନତା ଦଳ, କଟକ ପକ୍ଷରୁ ନେତାଜୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ସକାଳ ୭ ଘଟିକା ସମୟରେ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନେତୃତ୍ୱରେ ଚୌଧୁରୀବଜାର ସ୍ଥିତ ଗୌରୀଶଙ୍କର ପାର୍କ ଠାରୁ ଏକ ବିଶାଳ ଶାନ୍ତି ଶୋଭାଯାତ୍ରା ବାହାରି ଓଡ଼ିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମ ସ୍ଥାନରେ ପହଞ୍ଚି ସେଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଶାନ୍ତି ଶୋଭାଯାତ୍ରାରେ ମେୟର ସୁବାସ ସିଂହ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତକ ସଚିବ ସଂତୃପ୍ତ ମିଶ୍ର, କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ, ବିଶ୍ୱଜିତ ମହାନ୍ତି, ମହମ୍ମଦ ସକିଲ, ରମଜାନ ଖାନ, ପ୍ରକାଶ ସିଂହ, ଅନିତା ବେହେରା, ପ୍ରେମାଂଶୁ ଭୂଷଣ ବେହେରା, କର୍ପୋରେଟର ବସନ୍ତ ବେହେରା, ପ୍ରଦୀପ ସାହୁ, ବନଲତା ପ୍ରଧାନ, ଇତିଶ୍ରୀ ଦାସ, ପୁଷ୍ପିତା ମହାନ୍ତି, ଏ ଶ୍ରୀଦେବୀ, ଆରତୀ ସାହୁ, କୁରେଷା ନୂର, ଦୀପାଞ୍ଜଳି ସିଂହ, ଅରୁନ୍ଧତୀ କରଙ୍କ ସମେତ ଶତାଧିକ ବିଜୁ ଯୁବ ଜନତା ଓ ଛାତ୍ର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଜଗନ୍ନାଥ ସ୍ୱାଇଁ ସଭା ପରିଚାଳନା କରିଥିଲେ।

### କଟକ ଜିଲ୍ଲା ବିଜୁ ଜନତା ଦଳ



ମହାନ ସ୍ୱାଧୀନତା ସଂଗ୍ରାମୀ, ଆଜାଦ ହିନ୍ଦ ଫୌଜର ପ୍ରତିଷ୍ଠାତା ନେତାଜୀ ସୁବାଷ ବୋଷ ଏବଂ ଅନ୍ୟତମ ସ୍ୱାଧୀନତା ସଂଗ୍ରମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ ମେୟର ସୁଭାଷ ଚନ୍ଦ୍ର ସିଂହ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ନେତା ମଧୁସୂଦନ ସାହୁ, ପ୍ରଦୀପ୍ତ ଖୁଣ୍ଟିଆ, ମହମ୍ମଦ ସକିଲ, ଅନିତା ବେହେରା, ପ୍ରକାଶ ସିଂହ, ନନ୍ଦଲାଲ ସିଂହ, ପୂର୍ଣ୍ଣିମା ସିଂହ, ପ୍ରଫୁଲ୍ଲ ବେହେରା, କର୍ପୋରେଟର ସୁବ୍ରତ ଘଡେଇ, ତାପସ ମହାନ୍ତି, ଇତିଶ୍ରୀ ଦାସ, ଦିପ୍ତିମୟୀ ମୂଳିଆ, ନମିତା ବାରିକ, କେ.ଜେଡ. ଆଫ୍ରିନ, ଦୀପାଞ୍ଜଳି ସିଂହ, ମମତା ନାୟକ, ରିତାଞ୍ଜଳି ବେହେରା, ପୁଷ୍ପିତା ମହାନ୍ତି, ପ୍ରିୟମ୍ବଦା ମହାନ୍ତି, ଝିଲ୍ଲୀ ବିହାରୀ, ସୌଭାଗ୍ନି ଜେନା, ବନଲତା ପ୍ରଧାନ, ଅରୁନ୍ଧତୀ କର, ଆରତୀ ସାହୁ, ପୂର୍ଣ୍ଣିମା ସ୍ୱାଇଁ, ଶର୍ମିଷ୍ଠା ନାଟିଆ, ରଞ୍ଜିତା କାହାଳୀ, ବିଜେଡି ନେତା ଦେବେନ୍ଦ୍ର କାହାଳୀ, ସୟଦ ଏକ୍ରାମ ହୁସେନ ପ୍ରମୁଖ ଯୋଗଦେଇ ଦୁଇ ମହାନ ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା ମାଟି ପ୍ରତି ସମର୍ପଣ ମନୋଭାବ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମେୟର, ବିଧାୟକ, ଡେପୁଟି ମେୟର, ସମସ୍ତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନସନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। ଓଡ଼ିଆ ବଜାର ଠାରେ ଅବସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହାଡିବନ୍ଧୁ ବେହେରା, ଉମେଶ ସାହୁ ଓ ସନ୍ତୋଷ ମହାନ୍ତି ଉପସ୍ଥିତ ଥିଲେ।



---

**ରୌପ୍ୟ ନଗରୀରେ 'ବସନ୍ତ ପଞ୍ଚମୀ'**

# ଆଧ୍ୟାତ୍ମିକ ପରିବେଶରେ ଶ୍ରଦ୍ଧାଞ୍ଜଳି ଦେଲେ ପୁଷ୍ପାଞ୍ଜଳି

**କଟକ, ୨୩।୧(ସମିସ)**

ବିଦ୍ୟା, ବୁଦ୍ଧି, ସଂସ୍କୃତି ଓ କଳାର ଅଧିଷ୍ଠାତ୍ରୀ ଦେବୀ ମା' ସାରସ୍ୱତୀଙ୍କ ପୂଜା କଟକ ସହରରେ ଭକ୍ତିଭାବ, ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ବସନ୍ତ ପଞ୍ଚମୀ ଅବସରରେ ସମଗ୍ର ସହର ହଳଦିଆ ଓ ଧଳା ରଙ୍ଗରେ ରଙ୍ଗିନ ହୋଇଥିବା ବେଳେ, ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଯାଇଥିଲା। ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ଛାତ୍ରାବାସ, କ୍ଲବ୍ ଓ ସାହିଗୁଡ଼ିକରେ ମା'ଙ୍କ ସୁନ୍ଦର ପ୍ରତିମା ସଜାଇ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ପ୍ରତିମାଗୁଡ଼ିକୁ ଫୁଲ, ଆଲୋକ, ରଙ୍ଗୋଲି ଓ ସୃଜନାତ୍ମକ ଥିମ୍ ଦ୍ୱାରା ଆକର୍ଷଣୀୟ ଭାବେ ସଜାଯାଇଥିଲା, ଯାହା ଖୁବ୍ ମନୋହର ଥିଲା। ସକାଳୁ ମନ୍ତ୍ରୋଚ୍ଚାରଣ, ହୋମଯଜ୍ଞ ଓ ପୁଷ୍ପାଞ୍ଜଳି ସହ ପୂଜାର ଆରମ୍ଭ ହୋଇଥିଲା। ଛୋଟ ଛୋଟ ଶିଶୁମାନେ ପ୍ରଥମଥର ପାଇଁ ଖଡ଼ି ଧରି "ଓଁ ଐଁ ସରସ୍ୱତ୍ୟୈ ନମଃ" ଲେଖି ମା'ଙ୍କ ଆଶୀର୍ବାଦ ନେଇଥିଲେ। ଛାତ୍ରଛାତ୍ରୀମାନେ ତାଙ୍କର ଖାତା, ପୁସ୍ତକ, କଲମ, ବାଦ୍ୟଯନ୍ତ୍ର ଓ କଳାସାମଗ୍ରୀକୁ ମା'ଙ୍କ ଚରଣରେ ରଖି ସଫଳତା ଓ ଜ୍ଞାନଲାଭ ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଖାନନଗର ରଣା' ମା ସାହିରେ ସାମୂହ କର୍ଣ୍ଣ ଭେଦ ସଂସ୍କାର କାର୍ଯ୍ୟକ୍ରମ କରାଯାଇଥିଲା। ଦୀର୍ଘ ୧୪ ବର୍ଷ ଧରି ଏହି ପରମ୍ପରା ଚାଲି ଆସୁଥିବା ବେଳେ କର୍ଣ୍ଣ ଭେଦନ ଦ୍ୱାରା ହିନ୍ଦୁ ଧର୍ମରେ ଶିଶୁ ମାନଙ୍କର ବୌଦ୍ଧିକ ବିକାଶ ପାଇଁ ଏହା କରାଯାଏ ବୋଲି ବିଶ୍ୱାସ ରହିଛି। ବସନ୍ତ ପଞ୍ଚମୀରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ୧୦୦ରୁ ଅଧିକ ଶିଶୁ ଓ ଯୁବକଙ୍କ କର୍ଣ୍ଣ ଭେଦ କରାଯାଇଥିଲା।



**ଖାନନଗର ରଣା'ମା ସାହିରେ ସମୂହ କର୍ଣ୍ଣଭେଦ ସଂସ୍କାର**

ସହରର ବକ୍ସିବଜାର, ମାଲଗୋଦାମ, ମର୍କତନଗର, ବିଡାନାସୀ, ମଙ୍ଗଳାବାଗ, କାଠଗୋଲା, ନୟାସଡ଼କ ଓ ମାରୱାଡିପଡ଼ା ଭଳି ଅଞ୍ଚଳଗୁଡ଼ିକରେ ସାରସ୍ୱତୀ ପୂଜାକୁ କେନ୍ଦ୍ର କରି ବିଶେଷ ଉତ୍ସବ ମାହୋଲ ଦେଖାଯାଇଥିଲା। ସନ୍ଧ୍ୟା ସମୟରେ ଭଜନ, କୀର୍ତ୍ତନ, ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ମଣ୍ଡପଗୁଡ଼ିକ ଜନସମାଗମରେ ପରିପୂର୍ଣ୍ଣ ହୋଇଯାଇଥିଲା। କିଛି ସ୍ଥାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନୀ ମଧ ଆୟୋଜିତ ହୋଇଥିଲା। ପୂଜା ଅବସରରେ ସହରର ବଜାର ଓ ଦୋକାନଗୁଡ଼ିକରେ ଭିଡ଼ ଦେଖାଯାଇଥିବା ବେଳେ, ଫୁଲ, ପୂଜା ସାମଗ୍ରୀ ଓ ମିଠା ବ୍ୟବସାୟ ଜୋରଦାର ହୋଇଥିଲା। ପୁଲିସ ପକ୍ଷରୁ ସହରରେ ଯାତାୟାତ ନିୟନ୍ତ୍ରଣ, ପେଟ୍ରୋଲିଂ ଓ ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଶୃଙ୍ଖଳା ରକ୍ଷା କରାଯାଇଥିଲା। ଆସନ୍ତାକାଲି ସହରର ବିଭିନ୍ନ ଘାଟ ଓ ଜଳାଶୟରେ ମା' ସାରସ୍ୱତୀଙ୍କ ବିସର୍ଜନ ଭକ୍ତିଭାବ ଓ ଶାନ୍ତିପୂର୍ଣ୍ଣ ପରିବେଶରେ କରାଯିବ।



## ଗଞ୍ଜେଇ ଜବତ; ୫ ଅଟକ

**ପାଣିକୋଇଲି, ୨୩ା୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଚମାରଗଡ଼ିଆ ଆଡିରେ ଆଦିବାସୀ ମରାନ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କୁ ଖେନ୍ତୁଆ ପୋଖରୀ ଆଡି ଶ୍ମଶାନରେ ସତ୍କାର କରିବାକୁ ନେବା ବେଳେ ଏକ ଗେଂଜଇ ବସ୍ତା ମିଳିଥିଲା । ସେମାନେ ଗଞ୍ଜେଇକୁ ନେଇ ଲୋକମାନଙ୍କ ମଧ୍ୟରେ ବିକ୍ରି କରିଥିଲେ । ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଖବର ଥାନାରେ ପହଞ୍ଚିଥିଲା । ପାଣିକୋଇଲି ପୁଲିସ ତଦନ୍ତ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ଗଞ୍ଜେଇ କେଉଁଠୁ ଆସିଲା ଓ ଏହା କିଏ ବେପାର କରୁଛି ତାହା ନେଇ ପୁଲିସ ତଦନ୍ତ ଜାରି ରଖିଛି ।

### ବିଜ୍ଞାନ ଶିକ୍ଷକଙ୍କ ବଦଳିକୁ ନେଇ ତେଜିଲା ଅସନ୍ତୋଷ

# ବଦଳି ବାତିଲ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ

**ମଙ୍ଗଳପୁର/କର୍ୟାଁଗୋଲା, ୨୩ା୧(ସମିସ)**




ଦଶରଥପୁର ବ୍ଲକ କର୍ୟାଁ ପଞ୍ଚାୟତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୪୦ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ବାର୍ଷିକ ପରୀକ୍ଷା ଆଉ ମାତ୍ର ମାସେ ୨ ମାସ ଥିବା ବେଳେ ଅଚାନକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ବଦଳି କରାଯାଇ ଥିବାରୁ ବଦଳିକୁ ନେଇ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ବିଦ୍ୟାଳୟର ଏକମାତ୍ର ବିଜ୍ଞାନ ଶିକ୍ଷକଙ୍କୁ ବାର୍ଷିକ ପରୀକ୍ଷାରେ ଅଳ୍ପ ଦିନ ଆଗରୁ ଏମିତି ଅଚାନକ ଭାବେ ବଦଳି କରାଯାଇ ଥିବାରୁ ଅଭିଭାବକ ମହଲରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୁରେନ୍ଦ୍ର ପଣ୍ଡାଙ୍କୁ ଧରମପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇ ଥିବା ବେଳେ ଧରମପୁର ପ୍ରାଥମିକ ବିଦ୍ୟାଳୟର ଅନ୍ୟ ଜଣେ ସହକାରୀ ଶିକ୍ଷକ ଖଗେଶ୍ୱର ସାହୁ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟକୁ ପୂର୍ବରୁ ଡେପୁଟେସନରେ ଆସି ବର୍ତ୍ତମାନ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି । ଧରମପୁର ବିଦ୍ୟାଳୟର ଶିକ୍ଷକଙ୍କୁ ଦୁବକଣ ନୋଡାଲକୁ ଡେପୁଟେସନ କରିବା ଆଉ ଦୁବକଣ ନୋଡାଲ ସ୍କୁଲର ଶିକ୍ଷକଙ୍କୁ ଧରମପୁରକୁ ବଦଳି କରିବା ଘଟଣାକୁ ନେଇ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ୨୪ ତାରିଖ ଶନିବାର ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନି ଦିଆଯାଇଛି । ତୁରନ୍ତ ବଦଳି ବାତିଲ କରିବା ପାଇଁ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଦାବି ହୋଇଛି ।

## ପୂଜା ପାଇଲେ ମା' ସରସ୍ୱତୀ



**ଯାଜପୁର, ୨୩ା୧(ସମିସ):** ବିଦ୍ୟାଳୟ, ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ମା' ସରସ୍ୱତୀଙ୍କ ପୂଜା କରିଛନ୍ତି । ଯାଜପୁର ସହରର ବିଭିନ୍ନ ସ୍ଥାନରେ ମା' ହଂସବାହିନୀଙ୍କ ପୂଜା କରାଯାଉଥିବାର ଦେଖାଯାଇଛି । ମହାବୀର ଛକ, ବୈଦ୍ୟରାଜପୁର, ସନ୍ତେଶ୍ୱରପୁର, ଶିଅଳସାହି, ଭବାନୀଗଞ୍ଜ, ବଡ଼ବଜାର, ସାନ ବଜାର, ବଡ଼ ଶାସନ, ଗଣପତିପୁର, ଯାଗେଶ୍ୱରପୁର ସମେତ ବିଭିନ୍ନ ସ୍ଥାନରେ ମା'ଙ୍କର ଆରାଧନା ହୋଇଥିଲା । ପୂଜା ମଣ୍ଡପ ବିଭିନ୍ନ ଫୁଲ ଓ ରଙ୍ଗୀନ ଆଲୋକମାଳରେ ଝଲସୁଥିବାର ଦେଖାଯାଇଛି । କିଛି ପୂଜା ମଣ୍ଡପରେ ସନ୍ଧ୍ୟା ସମୟରେ ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କିଛି ସ୍ଥାନରେ କୁନି କୁନି ପିଲାମାନେ ପାଠ ଆରମ୍ଭ କରିବା ପୂର୍ବରୁ ଖଡ଼ି ଛୁଆଁ ହୋଇଥିଲା । ବିଦ୍ୟାର୍ଥୀମାନେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ପୂଜା କରି ବେଶ ଖୁସି ଓ ଉତ୍ସାହ ଥିବାର ଦେଖାଯାଇଛି ।

## ପୁରପଲ୍ଲୀରେ ସରସ୍ୱତୀ ପୂଜା

**ପାଣିକୋଇଲି, ୨୩ା୧(ସମିସ):** ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ପୁରପଲ୍ଲୀରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଛି । ସମସ୍ତ ଶିକ୍ଷାନୁଷ୍ଠାନ, କେତକ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ପୂଜା କମିଟି ଓ କ୍ଲବ ଘରେ ପୂଜାଚର୍ଚ୍ଚା ହୋଇଛି । ଛାତ୍ରଛାତ୍ରୀ ସେମାନଙ୍କ ଅନୁଷ୍ଠାନରେ ପୂଜାର୍ଚ୍ଚନା କରିଛନ୍ତି । ପାଣିକୋଇଲି ସରସ୍ୱତୀ ବଜାର କମିଟି ପକ୍ଷରୁ ସମବାୟ ସମିତି ପରିସରରେ ମଧ୍ୟ ପୂଜା ଆୟୋଜନ କରାଯାଇଛି । ସରସ୍ୱତୀ ପୂଜା ଚଳିତ ବର୍ଷ ଆହୁରି ଉତ୍ସବ ମୁଖର ହୋଇଛି ପୂଜା ମଣ୍ଡପ । ମା' ତାରିଣୀ ମହାବିଦ୍ୟାଳୟ, ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ, ଓଟିନ୍ଦା ସରକାରୀ ପ୍ରାଥମିକ ବିଦ୍ୟାଳୟ, ବିବେକାନନ୍ଦ ଇଂଲିସ ମିଡିୟମ ସ୍କୁଲ, ନେମ୍ ଏଣ୍ଡ ଫେମ ପବ୍ଲିକ ସ୍କୁଲ, ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲ, ବିଦ୍ୟା ଗ୍ରୁପ ଅଫ ସ୍କୁଲ ଏଣ୍ଡ କଲେଜ, ସିଟ କମ୍ପ୍ୟୁଟର, ପାଣିକୋଇଲି, ମୂଳାପାଳ ଓ ଅମୃତିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମହାଆଡମ୍ବରରେ ସରସ୍ୱତୀ ପୂଜା ପାଳିତ ହୋଇଛି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଲୋକମାଳରେ ସୁସଜ୍ଜିତ ତୋରଣ ଦର୍ଶକଙ୍କୁ ଆକର୍ଷିତ କରିଛି ।

## ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ




**ବ୍ୟାସନଗର, ୨୩ା୧(ସମିସ):** ମହାନ ସ୍ୱାଧୀନତା ସଂଗ୍ରାମୀ ଦେଶପ୍ରେମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସଏଙ୍କ ଜୟନ୍ତୀ ନେତାଜୀ ସ୍ମୃତିସଂସଦ ବ୍ୟାସନଗର ତରଫରୁ ସଂସଦର ସଭାପତି ବିଶିଷ୍ଟ ଶ୍ରମିକ ନେତା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନେତାଜୀ ଓ ଯୁବଶକ୍ତି ଶୀର୍ଷକ ଆଲୋଚନାସଭାକୁ ଅତିଥମାନେ ଉଦଘାଟନ କରିଥିଲେ । ସଭାରେ ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସେସନର ସଭାପତି ବିବେକାନନ୍ଦ ମହାନ୍ତି, ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ, ବ୍ୟାସନଗରର ପୂର୍ବତନ ଅଧ୍ୟକ୍ଷ୍ୟା ସବିତା ରାଉତ, ଆମ୍ବେଦକର ସ୍ମୃତି ସଂସଦର ସଭାପତି ବାବୁଲାଲ ଗୁରୁ, ସମାଜସେବୀ ନିରଞ୍ଜନ ଘଡ଼ାଇ, ଉଦୟବଟର ସମ୍ପାଦକ ଦୁଷ୍ମନ୍ତ ରାଉତ, ନେତାଜୀ ସ୍ମୃତି ସଂସଦର ଯୁଗ୍ମ ସମ୍ପାଦକ ପରମାନନ୍ଦ ସେଠୀ, ତ୍ରିଲୋଚନ ରାଉତ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ । ରଶ୍ମିରେଖା ନାୟକ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫନି କିସ୍କୁ, ପ୍ରଣବ ଜୀ, ସନ୍ତୋଷ ବରାଳ, ଲିଟା ଲାଗୁରୀ, ମନ୍ମଥ କୁମାର ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ସଂସଦ ତରଫରୁ ଏ ବର୍ଷ ନୂତନ ଭାବେ ୧୦ଜଣ ଶ୍ରମିକ ସମୀର ମୁଖୀ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଗୋବିନ୍ଦ ନାୟକ, କୁନି ପୂର୍ତ୍ତୀ, ଜସ୍ମିତା ବିନ୍ଧାଣି, ସୁରିଆ ହେମ୍ବ୍ରମ, ଗୁରୁବାରୀ ଲାଗୁରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଭାପତି ପ୍ରଫୁଲ୍ଲ ନାୟକ ନେତାଜୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ ।

## ନେତାଜୀ ଜୟନ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ



**ପ୍ରୀତିପୁର, ୨୩ା୧(ସମିସ):** ବିଞ୍ଝାରପୁର ବ୍ଲକର ପ୍ରୀତିପୁର ପଞ୍ଚାୟତ ତଥା ଗ୍ରାମରେ ଅବସ୍ଥିତ ବେତାଜୀ ଯୁଥକ୍ଲବର ୩୧ତମ ବାର୍ଷିକ ଉତ୍ସବ ସହିତ ନେତାଜୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ନେତାଜୀ କ୍ଲବର ସଭାପତି ଅକ୍ଷୟକୁମାର ରଣାଙ୍କ ସଭାପତିତ୍ୱରେ ଓ ପ୍ରହଲାଦ ଯେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବରେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ରବିନାରାୟଣ ସାମଲ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସ୍ଥାନୀୟ ସରପଞ୍ଚ ଭାଗୀରଥି ଦାସ, ଶିକ୍ଷାବିତ୍ ରତନଲାଲ ଭୂୟାଁ, ଡା.ଅଞ୍ଜନା ଦତ୍ତ, ସାମ୍ବାଦିକ କୈଳାସ ଚନ୍ଦ୍ର ଯେନା, ସୁଧୀର କୁମାର ଭୂୟାଁ, ନିରଞ୍ଜନ ସାହୁ, ଅଭିମନ୍ୟୁ ମହାପାତ୍ର, ଯୁଗଳ କିଶୋର ସାହୁ, ପର୍ଶୁରାମ ସାମଲ, ମଳୟ କୁମାର ନାୟକ, ବିନୋଦ ବିହାରୀ ଦାସ, ଶିବପ୍ରସାଦ ରଣା ପ୍ରମୁଖ ଯୋଗଦେଇଥିଲେ । କ୍ଲବର ସମ୍ପାଦକ ରମେଶ କୁମାର ବାରିକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଶ୍ରୀଧର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସ୍ଥାନୀୟ ପ୍ରୀତିପୁର ଠାରେ ଥିବା ରିଜିଓନାଲ ଇଂଲିସ ମିଡିୟମ ସ୍କୁଲ, ନଥିପୁରରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଲୁଣିଡିହ ପ୍ରକଳ୍ପ ପ୍ରାଥମିକ ବିଦ୍ୟାୟୟ, କରୁଣାକର ନୋଡାଲ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିତନା, ସତ୍ୟଭାମା ଗଣେଶ ଚନ୍ଦ୍ର ଉଚ୍ଚବିଦ୍ୟାଳୟ, କପିଳା, ଗିରାଧାରି ଜୀଉ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ରତିଲାଲବ ଭୂୟାଁ, କୁମୁଦିନୀ ଜେନା, ରମାଲାଲ ଭୂୟାଁ, ଜଗନ୍ନାଥ ବେହେରା, ସୌଦାମିନୀ ଜେନା, ନନ୍ଦିନୀ ଆଚାର୍ଯ୍ୟ, ରତନଲାଲ ଭୂୟାଁ ପ୍ରମୁଖ ବିଦ୍ୟାଳୟ ଗୁଡିକର ମୁଖ୍ୟ ଭାବରେ ନେତାଜୀ ଜୟନ୍ତୀ ସଞ୍ଚାଳନ କରିଥିଲେ ।

## ପାଲା ଗୁରୁକୁଳର ବାର୍ଷିକ ଉତ୍ସବ



**କର୍ୟାଁଗୋଲା, ୨୩ା୧(ସମିସ):** ଦଶରଥପୁର ବ୍ଲକ କର୍ୟାଁ ପଞ୍ଚାୟତ ମଲ୍ଲିପୁର ଠାରେ ଗାୟକ ସୌରଭ ଭାଗୀରଥି ପଣ୍ଡା ମେମୋରିଆଲ ପାଲା ଗୁରୁକୁଳର ବାର୍ଷିକ ଉତ୍ସବ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ବୈକୁଣ୍ଠନାଥ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସାଧୁଗୌରେଶ୍ୱର ମହାବିଦ୍ୟାଳୟର ସଂସ୍କୃତି ବିଭାଗ ମୁଖ୍ୟ ଡ. ସ୍ମିତାରାଣୀ ଭଞ୍ଜ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ବେହୁରିଆ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରତାପ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ । ସହସମ୍ପାଦକ ମନୋଜ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନେ ଗାୟକ ସୌରଭ ଭାଗୀରଥି ପଣ୍ଡାଙ୍କର ପାଲା ସଂସ୍କୃତି ପ୍ରତି ଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଯୁବନେତା ପ୍ରିୟବ୍ରତ ବିଶ୍ୱାଳଙ୍କୁ ବିଶିଷ୍ଟ ସମାଜସେବୀ ଭାବେ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସିଦ୍ଧନାରାୟଣ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ

**ଧର୍ମଶାଳା, ୨୩ା୧(ସମିସ):** ଧର୍ମଶାଳା ବ୍ଲକ କ୍ଷେତ୍ରପାଳ ଗ୍ରାମସ୍ଥିତ ସିଦ୍ଧ ନାରାୟଣ ପୀଠରେ ତିନି ଦିନ ବ୍ୟାପୀ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ନାମଯଜ୍ଞ ଚଳିତ ମାସ ୨୧ରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ବେଳେ ଆଖ ପାଖ ଅଞ୍ଚଳରୁ ୧୩ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ସହ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଏହି ନାମ ସଂକୀର୍ତ୍ତନ ଉତ୍ସବରେ ସମାଜସେବୀ ମିନତି ସାହୁ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ସମାଜସେବୀ ରାକେଶ ନାୟକ, କ୍ଷେତ୍ରପାଳ ସରପଞ୍ଚ ଫକୀର ନାରାୟଣ ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ପ୍ରଭୁ କୃପା ଲାଭ କରିଥିଲେ । ଏହି ନାମଯଜ୍ଞରେ ନବଜ୍ୟୋତି ସଂକୀର୍ତ୍ତନନ ମଣ୍ଡଳୀର ସଦସ୍ୟ ଦୁଷ୍ମନ୍ତ କୁମାର ପଣ୍ଡା କର୍ତ୍ତା ଭାବେ କର୍ମ କରିଥିବା ବେଳେ ସମସ୍ତ ସଦସ୍ୟ କାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ କରିଥିଲେ । ଏଥିଲାଗି ନବଜ୍ୟୋତି ସଂକୀର୍ତ୍ତନନ ମଣ୍ଡଳୀର ସଭାପତି ରବୀନ୍ଦ୍ର କୁମାର ସାହୁ, ସମ୍ପାଦକ ସରୋଜ କୁମାର ସାହୁ ସମସ୍ତ ଭଗବତ ପ୍ରେମୀମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

## ସିଂଗଡ଼ାରେ ବାଦିପାଲା

**ପାଣିକୋଇଲି, ୨୩ା୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ଖାନ୍ଦରାପୁର (ସିଂଗଡ଼ା) ଗ୍ରାମରେ ସରସ୍ୱତୀ ପୂଜା ଉପଲକ୍ଷେ ବାଦିପାଲା ଅନୁଷ୍ଠିତ ହୋଇଛି । ସୁନାମଧନ୍ୟ ଗାୟକ ଯୁବ ସମ୍ରାଟ ନୃସିଂହ ହୋତା ଓ ଗାୟକ ସନା ଦାସଙ୍କ ମଧ୍ୟରେ ଏହା ଅନୁଷ୍ଠିତ ହେଉଛି । ଏହି ଅବସରରେ ଖାନ୍ଦରାପୁରରେ ପାଲା ମହାମଞ୍ଚ ସମ୍ମିଳନୀର ଆୟୋଜନ କରାଯାଇଛି । ମା'ସରସ୍ୱତୀ ପୂଜା କମିଯି ଓ ଗ୍ରାମାବସୀଙ୍କ ସହାୟତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି ।

## ଜୟ ଜଗନ୍ନାଥ ମହୋତ୍ସବ କଳସ ଯାତ୍ରା



**ଜେନାପୁର, ୨୩ା୧(ସମିସ):** ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଭୁବନପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବର ଶୁକ୍ରବାର ସକାଳେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏହି କଳସ ଶୋଭାଯାତ୍ରାରେ ଛଉ ନୃତ୍ୟ, ପାଇକ ଅଖଡା, ସଂକୀର୍ତ୍ତନ, ଯୋଡ଼ଶଙ୍ଖ, ବାଡ଼ିଖେଳ, ଢୋଲବାଦ୍ୟ ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଇକ ଆଖଡ଼ା ଦଳର ଚମତ୍କାର ରଣ କୌଶଳ ପ୍ରଦର୍ଶନ ଏବଂ ଘୁମୁରାର ତାଳେ ତାଳେ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା । ସେହିପରି ଢୋଲବାଦ୍ୟ ମଧ୍ୟରେ କଳସ ଶୋଭାଯାତ୍ରା ମହାପ୍ରଭୁ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିବା ପରେ ସ୍ଥାପନା କରାଯାଇଥିଲା । ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବା ସହ ମଞ୍ଚରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଅଭିନେତା ରାକେଶ ଦେଓ ଆଜି ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରସିଦ୍ଧ ପାଲାଗାୟକ ଗଗନ କୁମାର ମହାପାତ୍ରଙ୍କ ତରଫରୁ ପାଲା ପରିବେଷଣ ହୋଇଥିଲା । ରାତିରେ ଗୀତିନାଟ୍ୟ ସୁଭଦ୍ରା ହରଣ ଏବଂ ଘୋଡ଼ାନାଚ ପରିବେଷଣ କରାଯାଇଥିଲା । ଶନିବାର ସନ୍ଧ୍ୟାରେ ସୁବାସ ଦାସ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ।

## ମାଧବାନନ୍ଦ ପାଠାଗାର ଲୋକାର୍ପିତ




**ଯାଜପୁର, ୨୩ା୧(ସମିସ):** ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ଭଗତପୁର ଗ୍ରାମରେ ମାଧବାନନ୍ଦ ପାଠାଗାର ଉଦ୍‌ଘାଟିତ ହୋଇଛି । ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ଅଧ୍ୟକ୍ଷା କୃଷ୍ଣା ମହାନ୍ତିଙ୍କ ଦ୍ୱାରା ଏହା ଲୋକାର୍ପିତ ହୋଇଛି । ପାଠାଗାରର ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକ, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡ. ବିଶ୍ୱଜିତ ରାୟ ଓ ସାପ୍ତାହିକ 'ସାମ୍ୟବାଦୀ'ର ସମ୍ପାଦକ ବସନ୍ତ ମାଝୀ, ଶିକ୍ଷାବିତ୍ ସୁରେନ୍ଦ୍ର ରାୟ ଓ ଡ. ବିମଳ ଷଡ଼ଙ୍ଗୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଛାତ୍ରଛାତ୍ରୀ ଏହାର ସୁଯୋଗ ନେଇ ନିଜ ଜ୍ଞାନର ବିକାଶ ଘଟାଇବାକୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ତଥା ସମାଜସେବୀ ଲଳିତ ମୋହନ ରାୟ, ପୂର୍ବତନ ସମିତି ସଦସ୍ୟା ସ୍ନେହଲତା ବସନ୍ତରାୟ ଓ ନିଳିମା ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସୁନିତା ଜେନା, ସୁଶ୍ରୀ ଅମ୍ରିତା ସାହୁ, ସୃଜନ ସନ୍ଦୀପନ ସାହୁ, ସ୍ମୃତି ରଞ୍ଜନ ଦଳେଇ ଓ ସୌଭାଗ୍ୟ ରଞ୍ଜନ ସାହାଣୀଙ୍କୁ ମାଧବାନନ୍ଦ ମେଧା ପୁରସ୍କାର ଏବଂ ଜ୍ୟୋତି ରଞ୍ଜନ ପଣ୍ଡାଙ୍କୁ ମାଧବାନନ୍ଦ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା । ପାଠାଗାରର ସମ୍ପାଦକ ରବି ନାରାୟଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗଣେଶ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୫ରୁ କରଦା ହରିହାଟ ମେଳା ଓ ୨୭ରୁ ମହୋତ୍ସବ

**ପାଣିକୋଇଲି, ୨୩ା୧(ସମିସ):** ପବିତ୍ର ମାଘ ସପ୍ତମୀରୁ ଆରମ୍ଭ ହେବ କରଦା ହରିହାଟ ମେଳା । ୨୫ ତାରିଖରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ମହୋତ୍ସବ । ଚଳିତ ବର୍ଷ ଏହାକୁ ସରସ ସୁନ୍ଦର କରିବା ପାଇଁ ମେଳା ଓ ମହୋତ୍ସବ କମିଟି ପକ୍ଷରୁ ଆହୃତ ଗଣମାଧ୍ୟମ ସମ୍ମିଳନୀରେ ସୂଚନା ଦିଆଯାଇଛି । ୨୫ ତାରିଖରୁ ନିର୍ବେଦ ଯଜ୍ଞ, ନାମଯଜ୍ଞ ଅନୁଷ୍ଠିତ ହେବ । ମେଳା ପାଇଁ ସାଧୁସନ୍ଥ ସମ୍ମିଳନୀ ସହ ବିଭିନ୍ନ ଷ୍ଟଲ, ଦୋଳି, ମୀନାବଜାର କରାଯିବ । ୨୭ ତାରିଖରୁ ଆରମ୍ଭ ମହୋତ୍ସବରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବଛା ବଛା ନୃତ୍ୟଦଳ ନୃତ୍ୟ ପରିବେଷଣ କରିବେ । ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଶାର କଳା, ଐତିହ, ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରାଯିବ । ପଲ୍ଲିଶ୍ରୀ ମେଳା, ସରକାରୀ ଓ ବେସରକାରୀ ବିପଣୀ ବସିବ । ଓଡିଆ ଚଳଚିତ୍ର ଜଗତର ସିନେ ତାରକା, ସେଲିବ୍ରେଅଟି ଓ ଗାୟକ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ମେଳା ଓ ମହୋତ୍ସବକୁ ଅତ୍ୟାଧୁନିକ ଭାବେ କରାଯିବା ସହ ପାଣିକୋଇଲି ପୁଲିସ ପକ୍ଷରୁ ଶାନ୍ତି ଓ ଶୃଂଖଳା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯିବାକୁ ନିଷ୍ପତି ନିଆଯାଇଛି । କରଦା ଗ୍ରାମ ପଞ୍ଚାୟତ, କୋରେଇ ପତ୍ରକାର ସଂଘ, ବିଭିନ୍ନ ସାମାଜିକ ସଂଗଠନ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

## ଟ୍ରକ୍ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଭୂମିପୂଜନ



**ଧର୍ମଶାଳା, ୨୩ା୧(ସମିସ):** ଆରୁହା ଠାରେ ଧର୍ମଶାଳା ଟ୍ରକ୍ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆରୁହା ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ରାଉତ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରକମାଲିକ ସଂଘର ସଭାପତି ସୂର୍ଯ୍ୟମଣି ବେହୁରିଆ, ସମ୍ପାଦକ ଦୁଷ୍ମନ୍ତ ବଳ, ସହ ସମ୍ପାଦକ ପ୍ରମୋଦ କୁମାର ନାୟକ, ଉପସଭାପତି ଶ୍ରୀନିବାଶ ଜେନା, କୋଷାଧ୍ୟକ୍ଷ ବିକ୍ରମ କୁମାର ବିଶ୍ୱାଳ, ଦିଲିପ ସାମଲ, ସଚିନ୍ଦ୍ର ପାତ୍ର ପ୍ରମୁଖ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ପଥରପଦା ନେତାଜୀ କ୍ଲବ୍‌ର ବାର୍ଷିକୋତ୍ସବ

**ପାଣିକୋଇଲ, ୨୩ା୧(ସମିସ)**



ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ୩୦ତମ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି । ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତିଙ୍କ ଦ୍ୱାରା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାପର୍ଣ କରାଯିବା ସହ ପତାକା ଉତ୍ତୋଳନ କରାଯାଇ ନେତାଜୀ ଜ୍ୟୋତିରେ ଅଗ୍ନି ସଂଯୋଗ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନେତାଜୀ ଜ୍ୟୋତି ପାଣିକୋଇଲି ବଜାର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଛାତ୍ର/ ଛାତ୍ରୀ ଭାଗ ନେଇଥିଲେ । ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିର, ଜବାହର ନବୋଦୟ ବିଦ୍ୟାଳୟ, ପଥରପଦା ପ୍ରାଥମିକ ବିଦ୍ୟାଳୟ, ପାଣିକୋଇଲି ସରକାରୀ ହାଇସ୍କୁଲ, ମା' ତାରିଣୀ ଗାର୍ଲ୍ସ ହାଇସ୍କୁଲ ଛାତ୍ରଛାତ୍ରୀ ସହସ୍ରାଧିକ ସଂଖ୍ୟାରେ ଯୋଗଦେଇଥିଲେ । ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି, ଅଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ମଦନ ମୋହନ ପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ସବ ଜୁନିଅର ବିଭାଗରେ ବିଭାଗରେ ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲର ଅଦଭିକ ଅଭୟ ଓ ଯୁଗ୍ମ ଭାବେ ପାଣିକୋଇଲି ହାଇସ୍କୁଲର ଆଦିତ୍ୟ ନାରାୟଣ, ଏସ୍‌ବିଡି ବିଦ୍ୟାଳୟର ସୁପ୍ରିୟା ଘଡ଼େଇ, ସୁଭାଷ ବୋଷର ଆର୍‌ଜେ ସୋହନ ସାହୁ, ଜୁନିଅର ବିଭାଗରେ ଏସ୍‌ବିଡିର ବିଦିଶା ଲକ୍ଷ୍ମୀ ଶତପଥି, ଜବାହାର ନବୋଦୟ ବିଦ୍ୟାଳୟର ଭାଗଶ୍ରୀ ମହାପାତ୍ର ଓ ହରିଶଙ୍କର ତ୍ରିପାଠୀ ଓ ସନିଅର ବିଭାଗରେ ଆଦର୍ଶ ବିଦ୍ୟାଳୟର ଏସ୍ ମାନ୍ୟତା ମହାନ୍ତି, ପାଣିକୋଇଲି ହାଇସ୍କୁଲର ଦିପାଳୀ ଦିବ୍ୟଜ୍ୟୋତି ବାରିକ, ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ସାଇ ଶକ୍ତି ମହାପାତ୍ର ଓ ପାଣିକୋଇଲି ହାଇସ୍କୁଲର ଅର୍ଚ୍ଚିତା ବିଶ୍ୱାଳ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିଲେ । କ୍ଲବ ପକ୍ଷରୁ ଅଶୋକ କୁମାର ବେହେରା, ମାନସ କୁମାର ସାହୁ, ପର୍ଶୁରାମ ବେହେରା, ପ୍ୟାରୀମୋହନ ବାରିକ, ଚନ୍ଦ୍ରକାନ୍ତ ବିଶ୍ୱାଳ, ସୌମ୍ୟ ରଞ୍ଜନ ସାହୁ, ପ୍ରେମାନନ୍ଦ ବାରିକ, ଜିତେନ୍ଦ୍ର ବେହେରା, ରମେଶ ବାରିକ, ସୁଧାଂଶୁ ବାରିକ, ନିଳମଣି ବାରିକ, ତାପସ ଦାସ, ଅଞ୍ଜନ କୁମାର ଦାସ, ଶରତ ଚନ୍ଦ୍ର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୨୬ରେ 'ନେସନ' ପକ୍ଷରୁ ରକ୍ତଦାନ ଶିବିର

**ଧର୍ମଶାଳା, ୨୩ା୧(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନେସନ' ପକ୍ଷରୁ ଏକ ରକ୍ତଦାନ ଶିବିର ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ଅବସରରେ ଜାରକା ଫ୍ଲାଏଓଭର ବ୍ରିଜ ତଳେ ଭ୍ରାମ୍ୟମାଣ ବସ୍‌ରେ ଅନୁଷ୍ଠିତ ହେବ । କଟକ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ୍ ବ୍ୟାଙ୍କର ଅଭିଜ୍ଞ ଡାକ୍ତରମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିବେ । ଏନେଇ ଅନୁଷ୍ଠାନର ସମ୍ପାଦକ ଅଖିଳ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ସୀତାକାନ୍ତ ସାମଲ, ବିନୋଦ ବିହାରୀ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ, ସମାଜସେବୀ ଦେବବ୍ରତ ରାଉତ, ଦୀପକ କୁମାର ଜେନା, ସାମାଜିକ କର୍ମୀ ଅଭିଷେକ ପାଣି, ମୃତ୍ୟୁଞ୍ଜୟ ଦେଓ, ରମେଶ ଚନ୍ଦ୍ର ନାୟକ, ଶ୍ୟାମଘନ ଗୁଇଁ, ତୁଷାରକାନ୍ତ ପୃଷ୍ଟି ପ୍ରମୁଖ ଯୋଦଦେଇ ଆଲୋଚନା କରିଥିଲେ । ୨୩ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ କଲେଜ ଛାତ୍ରଛାତ୍ରୀ, କ୍ରୀଡ଼ାବିତ, ଯୁବ ସଂଗଠକ, ସାମ୍ବାଦିକ, ବ୍ୟବସାୟୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ରୋଟାରୀ ଓ ଇନର ହୁଇଲ କ୍ଲବର କର୍ମକର୍ତ୍ତା ମାନେ ଯୋଗଦେଇ ରକ୍ତଦାନ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିବା ନେଇ ଅଲୋଚନା କରାଯାଇଥିଲା । ଦୀର୍ଘ ୨୩ବର୍ଷ ହେବ 'ନେସନ' ପକ୍ଷରୁ ଗ୍ରାମାଞ୍ଚଳରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ରକ୍ତ ଅଭାବୀ ରୋଗୀମାନଙ୍କୁ ରକ୍ତ ଯୋଗାଇ ଦିଆଯାଉଛି ବୋଲି ସମ୍ପାଦକ ଶ୍ରୀ ସ୍ୱାଇଁ କହିଥିଲେ ।

## ପୃଥକ୍ ଦୁର୍ଘଟଣାରେ ଜଣେ ଗୁରୁତର

**ମହୁଲଡିହା, ୨୩।୧(ସମିସ):** ଠାକୁରମୁଣ୍ଡା-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଗୋଡଭଙ୍ଗା ଠାକୁରାଣୀ ବାଙ୍କରୁ ୫୦୦ ମିଟର ଦୂରତାରେ ପୃଥକ୍ ପୃଥକ୍ ସ୍ଥାନରେ ଦୁଇଟି ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି।



ମହୁଲଡିହା ଥାନା ଅନ୍ତର୍ଗତ ଗୋଡ଼ଭଙ୍ଗା ଠାକୁରାଣୀ ବାଙ୍କରେ ୨୨ ତାରିଖ ମଧ୍ୟରାତ୍ରରେ ଏକ କୁଣ୍ଡା ବୋଝେଇ ଟ୍ରକ୍ ଓଲଟି ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଟ୍ରକ୍‌ଟି ରାଇରଙ୍ଗପୁରରୁ କୁଣ୍ଡା ବୋଝେଇ କରି ତାମିଲନାଡୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ସକାଳ ପ୍ରାୟ ୮ଟା ସମୟରେ ଗୋଡଭଙ୍ଗା ଫରେଷ୍ଟ ବିଟ୍ ନିକଟରେ ଭୁବନେଶ୍ୱରରୁ ଜାମସେଦପୁର ଅଭିମୁଖେ ଯାଉଥିବା ଏକ କାର୍ ସହିତ ବିପରୀତ ଦିଗରୁ ଆସୁଥିବା ସ୍କୁଟି ସହ ଧକ୍କା ହେବାରୁ ସ୍କୁଟି ଚାଳକ ଗୁରୁତର ଆହତ ହୋଇଥିଲେ। ସ୍କୁଟି ଚାଳକ ଜଣକ ହେଉଛନ୍ତି ଆନନ୍ଦପୁର ଥାନା ବେଲଦା ଗ୍ରାମର ଜଗନ୍ନାଥ ସିଂ (୨୩)। ସେ ବନ୍ଧୁଘର ଗୟଲମୁଣ୍ଡାରୁ ଘରକୁ ଯାଉଥିବାବେଳେ ହମ୍ପ୍‌ସରେ ଭାରସାମ୍ୟ ହରାଇ କାରକୁ ଧକ୍କା ଦେଇଥିଲେ। କାର୍ ଚାଳକ ଗୁରୁତର ଜଗନ୍ନାଥଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଜଗନ୍ନାଥଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ମହୁଲଡିହା ଥାନା ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## 'ବାଲ୍ୟ ବିବାହକୁ ନା' ଶପଥ ପାଠ କାର୍ଯ୍ୟକ୍ରମ



**କପ୍ତିପଦା, ୨୩।୧(ସମିସ):** ଦେବଳା ପଞ୍ଚାୟତ ଅନ୍ତର୍ଗତ ବଡ଼ଝାଡ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ବାଲ୍ୟ ବିବାହକୁ ନାଁ ସଚେତନତାମୂଳକ କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ବାଲ୍ୟ ବିବାହ ଆମ ସମାଜର ଏକ ରୋଗ। ଏହାଦ୍ୱାରା ସମାଜରେ ଅନେକ କ୍ଷତି ହୋଇଥାଏ। ସୁସ୍ଥ ସମାଜ ପାଇଁ ସୁସ୍ଥ ମାଆ ଜଣଙ୍କର ଆବଶ୍ୟକତା ରହିଛି।ତେଣୁ କୈଶୋର ବୟସରେ ଏକଥା ପିଲାଙ୍କ ମନରେ ରହିଲେ, ବାଲ୍ୟ ବିବାହକୁ ରୋକାଯାଇପାରିବ। ମାନସିକ, ଶାରୀରିକ ପରିପକ୍ୱତା ପାଇଁ ପୁଅକୁ ଏକୋଇଶି, ଝିଅକୁ ୧୮ ବର୍ଷ ପରେ ବାହାଘର କରିବା ଆବଶ୍ୟକ ବୋଲି ବାଲ୍ୟ ବିବାହକୁ ନାଁ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ସାହୁ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏ ଅବସରରେ ସଭା କାର୍ଯ୍ୟ, ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଲୋଚକ ଭାବରେ ପ୍ରଧାନଶିକ୍ଷକ ରମେଶ ମାର୍ଣ୍ଡି, ଅନ୍ୟତମ ଆଲୋଚକ ଭାବେ ଶିକ୍ଷୟିତ୍ରୀ ସରସ୍ୱତୀ ହାଁସଦା, ନମିତା ସେଠୀ, ଦେବକୀ ପରିଡ଼ା, ଶିଖାସ୍ୱରୂପା ଗିରି, ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ, କମଳଲୋଚନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ଧ୍ୟାରାଣୀ ନାୟକ, ହେମଲତା ନାୟକ, ମୋନାଲିସା ନାୟକ ଓ ବହୁ ପିତାମାତା ସହଯୋଗ କରିଥିଲେ। ଶେଷରେ ସମସ୍ତେ ବାଲ୍ୟ ବିବାହକୁ ବନ୍ଦ କରିବାକୁ ଶପଥ ଗ୍ରହଣ କରିଥିଲେ।

## ଜାନୁମଘୁଟୁରେ ମିନି ମାରାଥନ୍




**ରାଇରଙ୍ଗପୁର, ୨୩।୧(ସମିସ):** କୁସୁମୀ ବ୍ଲକ ଅନ୍ତର୍ଗତ ଜାନୁମଘୁଟୁରେ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଖାସିଦେଶ ପିଢ଼ ସ୍ପୋର୍ଟ୍ସ କମିଟି ଓ ନେତାଜୀ କ୍ଲବର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ୬୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅବସରରେ ମିନି ମାରାଥନ ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ସାଂସଦ ନବଚରଣ ମାଝୀ ଯୋଗଦେଇ ପତାକା ଦେଖାଇ ମାରାଥନ୍‌ର ଶୁଭାରମ୍ଭ କରିଥିଲେ। ଏହି ମାରାଥନରେ ମୋଟ ୧୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଇରଙ୍ଗପୁରସ୍ଥ ବ୍ଲକ ପଡ଼ିଆରୁ ଉକ୍ତ ମାରାଥନ ବାହାରି ଦୀର୍ଘ ୧୫ କିଲୋମିଟର ପରିକ୍ରମା କରି ଜାନୁମଘୁଟୁରେ ପହଞ୍ଚିଥିଲା। ମାରାଥନ ଦେଖିବା ନିମନ୍ତେ ଅନେକ ଲୋକଙ୍କ ସମାଗମ ହୋଇଥିଲା। ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ମଣିଷକୁ କିଭଳି ସ୍ୱାସ୍ଥ୍ୟବାନ ରଖିପାରିବା ମହତ ଉଦ୍ଦେଶ୍ୟ ନେଇ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅତିଥି ସାଂସଦ ଶ୍ରୀ ମାଝୀ କୃତୀ ପ୍ରତିଯୋଗିତାଙ୍କୁ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ତୃତୀୟ ଶ୍ରେଣୀ ମେଧାବୃତ୍ତିରେ ନିଶାନ୍ତ ବ୍ଲକରେ ପ୍ରଥମ



**ବଡ଼ସାହି, ୨୩।୧(ସମିସ):** ଚଳିତ ବର୍ଷ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବଡ଼ସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ର ନିଶାନ୍ତ ମହାନ୍ତି ବ୍ଲକରେ ପ୍ରଥମ ସ୍ଥାନ ହାସଲ କରି ନିଜ ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ନିଶାନ୍ତଙ୍କ ପିତା ଲଳିତ ମହାନ୍ତି ଓ ମାତା ଦୀପିକା ବେହେରା ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ। ତାଙ୍କର ଏହି ସଫଳତା ପଛରେ ସମସ୍ତ ଗୁରୁଜୀ, ଗୁରୁମା ଓ ପରିବାରର ସମସ୍ତ ଗୁରୁଜନ ଓ ପ୍ରଭୁ ଜଗନ୍ନାଥଙ୍କ କୃପା ଥିବା ନିଶାନ୍ତ କହିଛନ୍ତି।

### ମୟୂରଭଞ୍ଜରେ ଷ୍ଟ୍ରବେରୀ ଚାଷ

# ଚାଷୀଙ୍କୁ ଦେଇଛି ରୋଜଗାରର ନୂଆ ପନ୍ଥା

**ବାରିପଦା, ୨୩।୧(ସମିସ)**



ସବାଇ ଘାସ ପରେ ଏବେ ମୟୂରଭଞ୍ଜ ଜିଲ୍ଲା ଚାଷୀଙ୍କୁ ରୋଜଗାରର ନୂଆ ପନ୍ଥା ଦେଇଛି ଷ୍ଟ୍ରବେରୀ। କୋରାପୁଟ ଓ କନ୍ଧମାଳ ପରେ ଗତବର୍ଷ ପ୍ରଥମ କରି ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହୋଇଥିଲା ଷ୍ଟ୍ରବେରୀ ଚାଷ। ଅଳ୍ପ ଦିନରେ ଅଧିକ ଲାଭ ପାଇ ଚାଷୀ ପୁଣିଥରେ କରିଛନ୍ତି ଷ୍ଟ୍ରବେରୀ ଚାଷ। ବିଶ୍ୱ ଷ୍ଟ୍ରବେରୀ ବଜାରକୁ ପ୍ରବେଶ କରିଛି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଷ୍ଟ୍ରବେରୀ।

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା। ଶିଳ୍ପ ବିହୀନ ଏହି ଜିଲ୍ଲାର ଏକମାତ୍ର ବିକଳ୍ପ ହେଉଛି ଚାଷ। ଜିଲ୍ଲାର ଅଧାରୁ ଅଧିକ ଚାଷୀ ସବାଇଘାସ ଚାଷ ଉପରେ ନିର୍ଭର କରନ୍ତି। ସେହି ସବାଇ ଘାସ ଆଜି ମୟୂରଭଞ୍ଜ ଜିଲ୍ଲାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛି। ଜିଲ୍ଲାର ସବାଇ କ୍ରାଫ୍ଟ ଦେଶ ବିଦେଶରେ ପ୍ରସିଦ୍ଧ। ଏବେ ଗତବର୍ଷରୁ ଜିଲ୍ଲାର ଚାଷୀଙ୍କ ପାଇଁ ଯୋଡି ହୋଇଛି ଆଉଏକ ଫର୍ଦ୍ଦ। ସବାଇ ପରେ ଷ୍ଟ୍ରବେରୀ ଚାଷ କରି ଚାଷୀ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଶିମିଳିପାଳ ପାଦଦେଶ ଶାମାଖୁଣ୍ଟା ବ୍ଲକର ତାରଯୋଡ଼ି ଗ୍ରାମର ଚାଷୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ନାହିଁ ନ ଥିବା ଉତ୍ସାହ। ଏକ ହେକ୍ଟର ଜମିରେ ୬ ଜଣ ଚାଷୀଙ୍କୁ ନେଇ ଏବେ ଚାଷ ହୋଇଛି ଷ୍ଟ୍ରବେରୀ। ପ୍ରତିଦିନ ଜଣେ ଜଣେ ଚାଷୀ ୨ରୁ ୩ କିଲୋ ଷ୍ଟ୍ରବେରୀ ଅମଳ କରି ବିକ୍ରି କରି ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି ବୋଲି କହନ୍ତି ଚାଷୀ ଦିନେଶ ସିଂ ଓ ବୁଦ୍ଧୁରାମ ସିଂ।

ଗତବର୍ଷ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ପ୍ରଥମ କରି ଏହି ଶିମିଳିପାଳ ଷ୍ଟ୍ରବେରୀ ଚାଷ କରିଥିଲେ ଚାଷୀ। ଚାରା ଯୋଗାଇ ଦେବାଠାରୁ ସମସ୍ତ ପ୍ରଶିକ୍ଷଣ ଜିଲ୍ଲା ପ୍ରଶାସନ ପ୍ରଦାନ କରିଥିଲେ। ଚଳିତ ବର୍ଷ ନିଜସ୍ୱ ଉଦ୍ୟମରେ ଚାଷୀ ଚାଷ କରି ଲାଭବାନ ହେଉଛନ୍ତି। ଉଦ୍ୟାନ କୃଷି ବିଭାଗ ଏଥିପାଇଁ ସମସ୍ତ ସହାୟତା ପ୍ରଦାନ କରିଛି। ଚାଷୀଙ୍କୁ ଏସ୍‌ଏଫ୍‌ଏସ୍ ଯୋଜନାରେ ସବସିଡି ପ୍ରଦାନ କରିବାକୁ ମଧ୍ୟ ଯୋଜନା କରାଯାଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଏବେ ଶିମିଳିପାଳ ସହ ଯୋଡି ହୋଇଛି ଲାଭଜନକ ଚାଷ। ଏହି ଷ୍ଟ୍ରବେରୀ ଚାଷ ପାଇଁ କେବଳ ଯେ ଚାଷୀ ଉପକୃତ ହେଉଛନ୍ତି ତାହା ନୁହେଁ। ଏହାକୁ ବିକ୍ରି କରି ରୋଜଗାରକ୍ଷମ ହେଉଛନ୍ତି ଜିଲ୍ଲାର ଦିବ୍ୟାଙ୍ଗ। ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ବାରିପଦା ସହରର ବିଭିନ୍ନ ସ୍ଥାନରେ ଷ୍ଟଲ୍ ଖୋଲାଯାଇ ଷ୍ଟ୍ରବେରୀ ଓ ଷ୍ଟ୍ରବେରୀ ଜୁସ୍ ବିକ୍ରି କରିବାର ବ୍ୟବସ୍ଥା କରାଯାଇଛି ବୋଲି ମହାସଂଘର ସଭାପତି ଅରୁଣ ବେହେରା କହିଛନ୍ତି।

ଅପରପକ୍ଷରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଟଙ୍କୋଧର କାଲୋ କହିଛନ୍ତି, ଅନ୍ୟ ଚାଷ ତୁଳନାରେ ଷ୍ଟ୍ରବେରୀ ଚାଷ ବେସ୍ ଲାଭଦାୟକ। ମାତ୍ର ୪୦ରୁ ୪୫ ଦିନରେ ଫଳ ଆସୁଥିବାବେଳେ କିଲୋ ପ୍ରତି ଅନ୍ୟୁନ୍ୟ ୫୦୦ ଟଙ୍କାରେ ବିକ୍ରି ହେଉଛି ଏହି ଷ୍ଟ୍ରବେରୀ। ପ୍ରତି ଗଛରେ ୮୦୦ରୁ ୧୫୦୦ ଗ୍ରାମ ଷ୍ଟ୍ରବେରୀ ଫଳୁଛି। ଶିମିଳିପାଳ ଷ୍ଟ୍ରବେରୀ ନାମରେ ବଜାରରେ ଉପଲବ୍ଧ ଏହି ଷ୍ଟ୍ରବେରୀ ଉନ୍ନତ ସ୍ୱାଦଯୁକ୍ତ ହୋଇପାରିଛି। ଆଗକୁ ଜିଲ୍ଲାରେ ଅଧିକରୁ ଅଧିକ ଚାଷୀ ଏହି ଚାଷ କରି ଲାଭ ଉଠାଇବାକୁ ସେ ନିବେଦନ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମହୁଲଡିହା, ୨୩।୧(ସମିସ):** ମହୁଲଡିହା ଥାନା ଅନ୍ତର୍ଗତ ଗୋଡ଼ଭଙ୍ଗା ଧାତିକିଡିହା ରାସ୍ତାର ସୀମାନ୍ତ ତରଡ଼ିଆ ଡ୍ୟାମ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ମହୁଲଡିହା ଥାନା ପୁଲିସ। ମୃତକ ଜଣକ ଆନନ୍ଦପୁର ଥାନା ଭୋଗପୁର ଗ୍ରାମର କୃପା ନାଏକଙ୍କ ପୁଅ ଆକାଶ (୨୩)। ୨୨ ତାରିଖ ସନ୍ଧ୍ୟାରେ ଆକାଶଙ୍କ ମୃତଦେହ ତରଡ଼ିଆ ଡ୍ୟାମ ତଳେ ଥିବା ଏକ ଆମ୍ବ ଗଛରେ ଗାମୁଛାରେ ବନ୍ଧା ହୋଇ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ନିକଟରେ ସାଇକଲ ଓ ମୋବାଇଲ ପଡ଼ିଥିଲା। ପାଖରେ ପଡ଼ିଥିବା ବାଲିରେ ଜଣେ ଯୁବତୀଙ୍କ ନାମ ଲେଖାଯାଇଥିବାରୁ ଏହା ଏକତରଫା ପ୍ରେମ ବ୍ୟାପାର ବୋଲି ଜଣାପଡ଼ିଛି। ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ଓ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଦୁର୍ଘଟଣାସ୍ଥଳରେ ପହଞ୍ଚି ସାଇକଲ ଓ ମୋବାଇଲ ଜବତ କରିବା ସହ ମୃତଦେହକୁ ଉଦ୍ଧାର କରିଛନ୍ତି। ଏ ନେଇ ଥାନାରେ ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛନ୍ତି।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ଘୋଷଯାତ୍ରା ପାଇଁ ଆସିଲା ରଥକାଠ



**ବାରିପଦା, ୨୩।୧(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଘୋଷଯାତ୍ରାର ରଥ ନିର୍ମାଣ ନିମନ୍ତେ ରଥକାଠ ସଂଗ୍ରହ ସହ ଅନୁକୂଳ ହୋଇଛି। ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ଶୁକ୍ରବାର ରଥକାଠ ଅନୁକୂଳ ପୂଜାର୍ଚ୍ଚନା ହୋଇଥିଲା। ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ସତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଶୁଭ ମୁହୂର୍ତ୍ତରେ ରଥ ମହାରଣାଙ୍କ ସମେତ ଅନ୍ୟାନ୍ୟ ସେବାୟତ ରଥ କାଠ ଅନୁକୂଳ ପାଇଁ ଗମନ କରିଥିଲେ। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ପୂଜା ହୋଇଛି। ପରେ ବାରିପଦା ସହର ନିକଟସ୍ଥ ଗୌଡଡିହା ଜଙ୍ଗଲରୁ ଏହି ରଥକାଠ ସଂଗ୍ରହ କରିବା ସହ ସେବାୟତ ଓ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ କାଠ ସଂଗୃହୀତ ହୋଇଥିଲା। ସେଠାରେ ଚିହ୍ନିତ ହୋଇଥିବା ଗଛକୁ ପୂଜାର୍ଚ୍ଚନା ପୂର୍ବକ ଅନୁମତି ଭିକ୍ଷା କରାଯାଇଥିଲା। ପରେ ଶଙ୍ଖଧ୍ୱନୀ ଓ କୀର୍ତ୍ତନ ପୂର୍ବକ ଗଛ କଟାଯାଇ ଏହାକୁ ରଥଖଳାକୁ ଅଣାଯାଇଥିଲା। ରଥଖଳାରେ କାଠ ଅନୁକୂଳ ନେଇ ପୂଜା ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା ହୋଇଛି। ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ଲାଗି ଆବଶ୍ୟକ ଖଣ୍ଡ କାଠ ଅନୁଯାୟୀ ସଂଗ୍ରହ ହୋଇଛି। ଏହି କାଠକୁ ଚଳିତ ବର୍ଷ ନନ୍ଦିଘୋଷ ରଥର ଅଠର ନାହାକ କାର୍ଯ୍ୟରେ ଲଗାଯିବ ବୋଲି କହିଛନ୍ତି ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ରଥକାଠ ସଂଗ୍ରହ କରି କୀର୍ତ୍ତନ ଦଳ ସହ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିରକୁ ଆସିଥିବାବେଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି।

## ସୂଚନା ଅଧିକାର ଦଲାଲଙ୍କ ବିରୋଧରେ ତାତିଲା ଠିକାଦାର ସଂଘ

**ବାରିପଦା, ୨୩।୧(ସମିସ):** ମୟୂରଭଞ୍ଜରେ ମାତିଛନ୍ତି ସୂଚନା ଅଧିକାର ଦଲାଲ। ସୂଚନା ଅଧିକାର ଆଇନର ସାହାରା ନେଇ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରି ଆଇନର ଅବମାନନା କରୁଥିବା ଅଭିଯୋଗ କରିଛି ମୟୂରଭଞ୍ଜ ସରକାରୀ ଠିକାଦାର ସଂଘ।




ଅଭିଯୋଗ ମୁତାବକ ମୟୂରଭଞ୍ଜ ଜିଲ୍ଲାର କିଛି ନିର୍ଦ୍ଦିଷ୍ଟ ସଂସ୍ଥା ଓ ବ୍ୟକ୍ତି ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଚାନ୍ଦା ଓ କାମ ମାଗୁଛନ୍ତି। ଅଧିକାରୀ ସେମାନଙ୍କ ସର୍ତ୍ତରେ ରାଜି ନ ହେବାରୁ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକୁ ନେଇ ଆରଟିଆଇ ମାଗି ନିମ୍ନମାନର କାର୍ଯ୍ୟ ହେଉଥିବା କହି ଧମକ ଚମକ ଦେଇ ବ୍ଲାକମେଲିଂ କରୁଛନ୍ତି ଓ ଅଫିସ୍ ଘେରଉ କରିବା ଚେତାବନୀ ଦେଉଛନ୍ତି। ତେଣୁ ଏସବୁ ଘଟଣା ସମ୍ନାକୁ ଆସିବା ପରେ ଏହାକୁ ଦୃଢ଼ ନିନ୍ଦା କରିବା ସହ ଏହି ଦଲାଲଙ୍କ ବିରୋଧରେ ଗୁରୁବାର ଜିଲ୍ଲା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରିଛି ଜିଲ୍ଲା ଠିକାଦାର ସଙ୍ଘ। ଆଗକୁ ମଧ ଏହି ଆନ୍ଦୋଳନ ଜାରି ରହିବ। ତେଣୁ ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିବିଶେଷ ଏଥିରୁ ଦୂରେଇ ରୁହନ୍ତୁ, ନଚେତ୍ ଆଗକୁ ସ୍ଥିତି ଗମ୍ଭୀର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହିତ ମୟୂରଭଞ୍ଜ ଜିଲ୍ଲାରେ 'ବି' କ୍ଲାସ୍ ତଳକୁ ବା ୩ କୋଟି ତଳେ ବ୍ୟୟ ଅଟକଳରେ ପ୍ରକାଶ ପାଉଥିବା କାର୍ଯ୍ୟ ୦.୧ ପ୍ରତିଶତ ଲେସ୍‌ରେ ଠିକାଦାର ଟେଣ୍ଡର ପକାଇବେ ଓ ଏଥିରେ କେବଳ ମୟୂରଭଞ୍ଜ ଜିଲ୍ଲାର ଠିକାଦାର ହିଁ ଟେଣ୍ଡର ପକାଇ ପାରିବେ ବୋଲି ସରକାରଙ୍କ ପାଖରେ ଦାବି ରଖିଛି ଠିକାଦାର ସଙ୍ଘ। ମୟୂରଭଞ୍ଜ ସରକାରୀ ଠିକାଦାର ସଙ୍ଘ ସଭାପତି ପରେଶ କୁମାର ମହାନ୍ତ ଓ ସମ୍ପାଦନା ତରୁଣ ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ପ୍ରତିବାଦ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା



**ଠାକୁରମୁଣ୍ଡା, ୨୩।୧(ସମିସ):** ଆଜି ପବିତ୍ର ବସନ୍ତ ପଞ୍ଚମୀ। ଆଜିର ଦିନରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ପାଳନ କରାଯାଇଥାଏ। ମା'ଙ୍କ ଆଗମନକୁ ନେଇ ସବୁଠି ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ଭକ୍ତିର ସହ ସକାଳୁ ପୂଜାର୍ଚ୍ଚନା କରିଛନ୍ତି। ମା'ଙ୍କୁ ବିଦ୍ୟା ବୁଦ୍ଧିର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜା କରିଥା'ନ୍ତି ବିଦ୍ୟାର୍ଥୀ। ଏ ଅବସରରେ ଠାକୁରମୁଣ୍ଡା ଉଚ୍ଚ ବାଳିକା ବିଦ୍ୟାଳୟ (କନ୍ୟା ଆଶ୍ରମ), ଠାକୁରମୁଣ୍ଡା ହାଇସ୍କୁଲ, କସ୍ତୁରବା, କେନ୍ଦୁଜିଆଣୀ ଆବାସିକ ଶିଶୁମନ୍ଦିର, ବ୍ଲକର ସମସ୍ତ ଆଶ୍ରମ ସ୍କୁଲ ସମେତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଧୂମଧାମରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବସନ୍ତ ଋତୁରେ ଏହି ପର୍ବ ପଡୁଥିବାରୁ ଏହାକୁ ବସନ୍ତ ପଞ୍ଚମୀ ମଧ୍ୟ କୁହାଯାଏ।

## ମହାବୀର ପୂଜା କମିଟିର ସରସ୍ୱତୀ ପୂଜା

**ବାରିପଦା ୨୩।୧(ସମିସ):** ବାରିପଦା ସହର ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ପକ୍ଷରୁ ୮ମ ବର୍ଷ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଛି। ୨୦୧୯ରେ ୪ରୁ ୫ ଜଣ ସଦସ୍ୟ ଏକତ୍ର ହୋଇ ୫ ହଜାର ଟଙ୍କା ବ୍ୟୟରେ ସରସ୍ୱତୀ ପୂଜା ଆରମ୍ଭ କରିଥିଲେ। ବର୍ଷକୁ ବର୍ଷ ଏହି ପୂଜାର ଆକର୍ଷଣ ବଢ଼ିବା ସହ ବର୍ତ୍ତମାନ ବଜେଟ ୩ ଲକ୍ଷ ଟଙ୍କା ଛୁଇଁଛି। ପୂଜା କମିଟି ସମ୍ପାଦକ ବିଶ୍ୱାସ ମହାନ୍ତି କହିଛନ୍ତି, ଗତ ୮ ବର୍ଷ ହେଲା ସ୍ଥାୟୀ ଭାବେ ମା' ସରସ୍ୱତୀ ପୂଜା ପାଇ ଆସୁଛନ୍ତି। ବର୍ତ୍ତମାନ କମିଟିରେ ୫୦ରୁ ଅଧିକ ସଦସ୍ୟ ଅଛନ୍ତି। ସମସ୍ତଙ୍କ ସହଯୋଗରେ ଏହି ପୂଜା ଶାନ୍ତିଶୃଙ୍ଖଳାର ସହ ହେଉଥିବା କମିଟି ସଭାପତି ନରୋତ୍ତମ ମହାନ୍ତ ସୂଚନା ଦେଇଛନ୍ତି। ଉପସଭାପତି ଚନ୍ଦନ ପାଣି, କୋଷାଧ୍ୟକ୍ଷ ସିଦ୍ଧାର୍ଥ ତ୍ରିବିଡ, ଜୟେଶ ପାତ୍ର, ରାକେଶ କୁମାର ବେହେରା, ପୁରୁଷୋତ୍ତମ ଅଗ୍ରୱାଲ, ଦେବବ୍ରତ ଦେ, ଅଭିଷେକ ଦେ, ପବିତ୍ର ମୋହନ, ସବ୍ୟସାଚୀ ଦାସ, ଫାଲଗୁନି ମହାନ୍ତି, କୌଶିକ ଶେଖର, ସୁରଜ ତ୍ରିପାଠୀ, ଗୌରାଙ୍ଗ ବାରିକ ପ୍ରମୁଖ ପୂଜା ସମ୍ପାଦନରେ ଦାୟିତ୍ୱ ତୁଲାଉଛନ୍ତି। ଚଳିତ ବର୍ଷ କମିଟି ପକ୍ଷରୁ ଏକ କାଳ୍ପନିକ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯାଉଛି। କମିଟି ପକ୍ଷରୁ ସାଜସଜ୍ଜା ପାଇଁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି। ପୂଜକ ରଞ୍ଜନ କୁମାର ପଣ୍ଡା ପୂଜାକୁ ସମ୍ପାଦନ କରିଥିଲେ।



## ମାଣତ୍ରୀ ବୈଦ୍ୟନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବଡ଼ସାହି/ମାଣତ୍ରୀ, ୨୩।୧(ସମିସ)**

ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀଠାରେ ଥିବା ବୈଦ୍ୟନାଥ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀନବନ୍ଧୁ ବାରିକ ସଭାପତିତ୍ୱ କରିଥିବାବେଳେ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ଉତ୍ସବରେ ବଡ଼ସାହି ବ୍ଲକ ଅଧକ୍ଷା ମିନତୀ ସିଂ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ସାହି ଓଷ୍ଟାର ସାଧାରଣ ସମ୍ପାଦକ ଡମ୍ବରୁଧର ରାଉତ, ଓଷ୍ଟା ଜିଲ୍ଲା ସହସମ୍ପାଦକ ପ୍ରଭାସ ନାୟକ, ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ବିଦ୍ୟାଳୟର ପୂର୍ବତନ ପରିଚାଳନା ସଭାପତି ଶିକ୍ଷାବିତ୍ ରଞ୍ଜିତ କୁମାର ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ଛାତ୍ରୀ ସୁଚିସ୍ମିତା ବଳବନ୍ତଙ୍କ ଦ୍ୱାରା ବେଦ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। ଏ ଅବସରରେ ସିସିଏ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ପୃଷ୍ଟି ମଞ୍ଚ ପରିଚାଳନା କରିଥିବାବେଳେ ଦେବବ୍ରତ ସେଠୀ, ତପନ ପଣ୍ଡା, ଦେବକାନ୍ତ ମହାନ୍ତ, ମମତା ସିଂ, ଭାଗ୍ୟଶ୍ରୀ ସେଠୀ, କଳ୍ପନା ମାଝୀ, ରଞ୍ଜିତା ପଣ୍ଡା, ସବିତାରାଣୀ ବାରିକ, ଜ୍ୟୋତିର୍ମୟୀ ଜେନା, ରଶ୍ମିତା ସାହୁ, ହରିଶ ଚାନ୍ଦ ଓ ମୁକେଶ ଜେନା, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଖେଳକୁଦ ପ୍ରତିଯୋଗିତା

**ବାରିପଦା, ୨୩।୧(ସମିସ):** ସ୍ଥାନୀୟ ପୁଲିସ ପଡ଼ିଆରେ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀର କୁନିକୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁଲିସ କର୍ମଚାରୀ ଆଲୋକ କୁମାର କାନୁନଗୋ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ କୁନିକୁନି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଫୁଟବଲ ସମ୍ପାଦକ ଅମର ସେଠୀ, ପୁଲିସ ସର୍ଜଣ୍ଟ ଗୌତମ ପ୍ରଧାନ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ଓଡ଼ିଶା ଭଲିବଲ ଆସୋସିଏସନର ଉପସଭାପତି ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ଜିଲ୍ଲା ହାବିଲଦାର ଓ କନଷ୍ଟେବଳ ସଂଘ ସମ୍ପାଦକ ସ୍ୱରାଜ କୁମାର ରାଜ ଓ ହାବିଲଦାର ଦୀପକ କୁମାର ମୁଣ୍ଡା ପ୍ରମୁଖ ଯୋଗଦେଇ କୁନି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପିଲାଙ୍କ ମଧ୍ୟରେ ଦେଶାତ୍ମବୋଧକ ଗୀତ, ମ୍ୟୁଜିକ ଚେୟାର, ଧୀର ଚାଲି, ଏକ ଗୋଡ଼ିଆ ଦୌଡ଼, ଥ୍ରୋ ଦି ବଲ, ବେଙ୍ଗଡ଼ିଆଁ, ପଛ ଦୌଡ଼, ୫୦ ମିଟର ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିବ୍ୟଜ୍ୟୋତି ଜୀଉ, ହିମାନୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମେଘା ପ୍ରିୟଦର୍ଶିନୀ ଦାସ, ଶୁଭ୍ରାଂଶୁ ପାତ୍ର, ବିଭୂତି ଚନ୍ଦନ ରାଜ, ଆୟୁଷ ପାଲ, ମହେନ୍ଦ୍ର ନାଥ ହାଁସଦା, ପ୍ରତ୍ୟୁଷ ଦାଶ ଓ ଓମ ପ୍ରକାଶ ହେମ୍ବ୍ରମ ସହଯୋଗ କରିଥିଲେ। ସାଧାରଣତନ୍ତ୍ର ଦିବସ ସନ୍ଧ୍ୟାରେ ସହିଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।



### ସରଣ୍ଡାରେ ସୁରକ୍ଷା ବାହିନୀ-ମାଓବାଦୀ ଗୁଳି ବିନିମୟ

# ଜଣେ ମହିଳାଙ୍କ ସମେତ ୨ ମାଓବାଦୀ ନିହତ

ରାଉରକେଲା, ୨୩।୧(ସମିସ)



ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଝାଡଖଣ୍ଡ ରାଜ୍ୟ ଛୋଟାନାଗରା ଥାନା ଅନ୍ତର୍ଗତ ସରଣ୍ଡା ଜଙ୍ଗଲରେ ଗୁରୁବାର ଭୋରରୁ ମାଓବାଦୀ ଓ ସୁରକ୍ଷା ବାହିନୀ ମଧ୍ୟରେ ଭୟଙ୍କର ଗୁଳି ବିନିମୟ ଜାରି ରହିଥିଲା। ଏଥିରେ ଗୁରୁବାର ୧୫ ଜଣ କୁଖ୍ୟାତ ମାଓନେତା ନିହତ ହୋଇଥିବା ବେଳେ ଆଜି ପୁଣି ଆଉ ଦୁଇ ଜଣ ମାଓବାଦୀ ସୁରକ୍ଷା ବାହିନୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ରହିଥିବା ସୂଚନା ମିଳିଛି। ସେମାନେ ହେଲେ ଓଡ଼ିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ଓଡ଼ିଶାର ରାପା ମୁଣ୍ଡା। ମୃତ ମହିଳା ମାଓବାଦୀଙ୍କ ନାମ ସ୍ପଷ୍ଟ ହୋଇ ପାରିନାହିଁ। ସୂଚନାଯୋଗ୍ୟ, ନକ୍ସଲ କାର୍ଯ୍ୟକଳାପକୁ ମୂଳୋତ୍ପାଟନ କରିବା ପାଇଁ ସରଣ୍ଡା ଜଙ୍ଗଲରେ ଝାଡ଼ଖଣ୍ଡ ପୁଲିସ, ସିଆରପିଏଫ୍, କୋବ୍ରା ବାହିନୀ ପକ୍ଷରୁ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ଏପରିକି ଏହି ସର୍ଚ୍ଚ ଅପରେସନ ସମୟରେ ହେଲିକପ୍ଟର ବ୍ୟବହାର କରାଯାଇଥିବା କୁହାଯାଉଛି। ଝାଡ଼ଖଣ୍ଡ ରାଜ୍ୟ ଛୋଟନାଗ୍ରା ଥାନା ଅନ୍ତର୍ଗତ କୁମଡିହ ଗ୍ରାମ ନିକଟ ସରଣ୍ଡା ଜଙ୍ଗଲରେ ଏହି ଘଟଣା ଘଟିଛି। ଗୁରୁବାର ହୋଇଥିବା ଏନକାଉଣ୍ଟରରେ ନିହତ ମାଓବାଦୀଙ୍କ ମୃତଦେହ ଶୁକ୍ରବାର ଜଙ୍ଗଲରୁ ଉଦ୍ଧାର କରାଯାଉଥିବା ସମୟରେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ହଠାତ୍ ସୁରକ୍ଷା ବାହିନୀ ଉପରେ ଗୁଳି ଚାଳନା କରିଥିଲେ। ସୁରକ୍ଷା ବାହିନୀ ପାଲଟା ଜବାବ ଦେଇଥିଲେ। ଫଳରେ ଜଣେ ମହିଳା ମାଓବାଦୀ ସମେତ ୨ ଜଣ ମାଓବାଦୀ ନିହତ ହୋଇଥିଲେ। ଏହାକୁ ମିଶାଇ ମାଓବାଦୀଙ୍କ ମୃତ ସଂଖ୍ୟା ୧୭କୁ ବୃଦ୍ଧି ହୋଇଛି। ପ୍ରକାଶ ଯେ, ଝାଡଖଣ୍ଡ ସରକାର ଦ୍ୱାରା ଗଠିତ ନକ୍ସଲ ଅଭିଯାନ 'ମେଧାବୁର' ଅଧିନରେ ଝାଡଖଣ୍ଡ ରାଜ୍ୟର ପୁଲିସ, ୨୦୯ କୋବ୍ରା ବାହିନୀ, ଝାଡଖଣ୍ଡ ଜାଗୁଆର, ସିଆଇଏସଏଫ, ଜିଲ୍ଲା ପୁଲିସ ପକ୍ଷରୁ ଗତକାଲି ଠାରୁ ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଟପ୍ ମାଓନେତା ପତିରାମ ମାଂଝୀ ଓରଫ ଅନଲ ଦାଙ୍କ ସମେତ ମୋଟ ୧୭ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଜି ମଧ୍ୟ ଏହି ସର୍ଚ୍ଚ ଅପରେଶନ ଜାରି ରହିଥିବା ବେଳେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ




**ରାଉରକେଲା, ୨୩।୧(ସମିସ):** ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ଓ ରଘୁନାଥପାଲି ଆଞ୍ଚଳିକ ସାଂଗଠନିକ କମିଟି ପକ୍ଷରୁ ପୃଥକ୍ ଭାବେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୩୦ତମ ଜନ୍ମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କ୍ରମରେ ରାଉରକେଲା ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଓ ଶକ୍ତିନଗର ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବସନ୍ତ ନାୟକ, ବିପି.ମହାପାତ୍ର, ବିଶ୍ୱଜିତ ମାଝୀ, ଅଜୟ ଶର୍ମା, ଚନ୍ଦ୍ରଭାନୁ ଦାସ, ଭାଗିରଥି ଟୁଡୁ, ପ୍ରଭାତ ମହାନ୍ତି, ବସନ୍ତ ପାଢ଼ୀ, ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, କୁଳମଣି ରାଉତ, ପ୍ରମୋଦ ପରିଡ଼ା, ଜନ୍ମେଜୟ ଘୋଷ, ଦିବାକର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ଅନୁରୂପ ଭାବରେ ରଘୁନାଥପାଲି ଆଞ୍ଚଳିକ ସାଂଗଠନିକ କମିଟି ଆବାହକ ହୃଦୟାନନ୍ଦ ଯାଦବ, ଅରୁ ଦାସ, ବିନୟ ବେହୁରିଆ, ଅଶୋକ ଦାସ, ଉପେନ୍ଦ୍ର ତ୍ରିପାଠୀ ସମେତ ଅନେକ ବୁଦ୍ଧିଜୀବୀ ସାରନଗରୀଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ।



**ବଣାଇଁ:** ବଣାଇଁ ବ୍ଲକ ଛକ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ରାଉରକେଲା ସାଂଗଠନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଦୁଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କରି ବଳିଦାନ, ସଂଘର୍ଷର ଗାଥା ଉପସ୍ଥିତ ଯୁବକଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବଣାଇଁ ବ୍ଲକ ଉପାଧ୍ୟକ୍ଷା ବିନତୀ ବେହେରା, ବଣାଇଁ ବ୍ଲକ ସଭାପତି ବାଣେଶ୍ୱର ସାହୁ, ରଘୁନାଥ ସାହୁ, ରୋହିତାଶ୍ୱ ମିଶ୍ର, ସଞ୍ଜୀୟ କୁମାର ଦାସ, ସରୋଜ ତ୍ରିପାଠୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୬୨ ହଜାର ଟଙ୍କାର ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ



**ରାଉରକେଲା, ୨୩।୧(ସମିସ):** ବ୍ରାଉନ ସୁଗର ଚାଲାଣ ବେଳେ ସେକ୍ଟର -୭ ଥାନା ପୁଲିସ ସେକ୍ଟର -୩ ଅଟୋ କଲୋନୀ ଘର ନଂ ସିଟି/୫ର ଜଗଦୀଶ ପଣ୍ଡା ଓରଫ ଗୁଡୁ (୨୦) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ୬ ଗ୍ରାମ ୬୨ ମିଲିଗ୍ରାମ୍ ଓଜନର ବ୍ରାଉନ ସୁଗର, ମୋବାଇଲ, ବୁଲେଟ ଓ ୭୫୦ ଟଙ୍କା ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଗୁରୁବାର ରାତିରେ ପୁଲିସ ପାଟ୍ରୋଲିଂ କରୁଥିଲା। ସେକ୍ଟର-୫ ଟ୍ରେନି ହଷ୍ଟେଲ ରୋଡ ଦେଇ ସନ୍ଦେହ ଜନକ ଅବସ୍ଥାରେ ଜଗଦୀଶ ଯାଉଥିଲା। ତାକୁ ଅଟକାଇ ଯାଞ୍ଚ କରିବା ପରେ ବ୍ରାଉନ ସୁଗର ଥିବା ଜଣାପଡ଼ିଥିଲା। ଜବତ ବ୍ରାଉନ ସୁଗର ମୂଲ୍ୟ ୬୨ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି।

## ଜଳିଗଲା ଇ-ସ୍କୁଟି

**ରାଉରକେଲା, ୨୩।୧(ସମିସ):** ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ହକି ଛକ ନିକଟରେ ନିଆଁ ଲାଗି ଜଳି ଯାଇଛି ଇ-ସ୍କୁଟି। ଗୁରୁବାର ରାତିରେ ଛିଡା ହୋଇଥିବା ସ୍କୁଟିରେ ହଠାତ୍ ନିଆଁ ଲାଗି ଯାଇଥିଲା। ଦେଖୁ ଦେଖୁ ହୁ ହୁ ହୋଇ ନିଆଁ ବ୍ୟାପି ଥିଲା। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଫଳରେ ବଡ଼ ଦୁର୍ଘଟଣା ଏଡାଇ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ହେଲେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇପାରି ନାହିଁ।

## ବୀର ସୁରେନ୍ଦ୍ର ସାଏ ଉଦ୍ୟାନ ଉଦ୍‌ଘାଟିତ



**ରାଉରକେଲା, ୨୩।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସେକ୍ଟର-୨୦ ଠାରେ ନବୀକୃତ ଏକ ମନୋରମ ପାର୍କ 'ବୀର ସୁରେନ୍ଦ୍ର ସାଏ ଉଦ୍ୟାନ'କୁ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ବାର୍ଷିକୀରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଟାଉନ ଇଂଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ, ବିକେ ଜୋଜୋ, ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଦ୍ୟାନ ମଧ୍ୟରେ ସ୍ଥାପିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିକୁ ଶ୍ରୀ ବର୍ମା ଅନାବରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଉକ୍ତ ପାର୍କ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଏକ ଭାବପୂର୍ଣ୍ଣ ବିନମ୍ର ଶ୍ରଦ୍ଧାଞ୍ଜଳି ରୂପେ କାର୍ଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହିତ ଏହି ନୂତନ ସୁବିଧା ସର୍ବସାଧାରଣଙ୍କୁ ଆରାମ, ଫିଟନେସ୍ ପାଇଁ ଏକ ଶାନ୍ତ ସବୁଜିମାମୟ ପରିବେଶ ପ୍ରଦାନ କରିବ। ସେ ଆହୁରି ମଧ୍ୟ ଇସ୍ପାତ ନଗରୀରେ ଲୋକଙ୍କ ଗୁଣାତ୍ମକ ସୁବିଧାର ବିକାଶ ସାଙ୍ଗକୁ ସବୁଜ ପରିବେଶ ବୃଦ୍ଧି ପ୍ରତି ଆରଏସପିର ନିରନ୍ତର ପ୍ରତିବଦ୍ଧତା ଦୋହରାଇ ଥିଲେ। ସୂଚନାଯୋଗ୍ୟ ଯେ ୬, ୩୦୦ ବର୍ଗ ମିଟରର ପରିମିତ ଅଞ୍ଚଳରେ ବିକଶିତ ଉକ୍ତ ପାର୍କରେ ୪, ୯୦୦ ବର୍ଗ ମିଟର ପରିମିତ ଏକ ଘନ ସବୁଜ ଘାସ ଗାଲିଚା ସାଙ୍ଗକୁ ୨୯୦ ମିଟର ଲମ୍ବ ବିଶିଷ୍ଟ ଫିଟନେସ୍ ପାଥ ଅନ୍ତର୍ଭୁକ୍ତ ଅଛି। ଏହି ପାର୍କକୁ ସୌନ୍ଦର୍ଯ୍ୟ, ଫିଟନେସ୍ ଏବଂ ସାମୁଦାୟିକ ଉପଯୋଗିତା ପାଇଁ ଡିଜାଇନ୍ କରାଯାଇଛି। ବୀର ସୁରେନ୍ଦ୍ର ସାଏ ଉଦ୍ୟାନର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ବୀର ସୁରେନ୍ଦ୍ର ସାଏଙ୍କ ୧୮ ଫୁଟ ପ୍ରସ୍ଥ ଏବଂ ୧୨ ଫୁଟ ଉଚ୍ଚତାର ଏକ ପ୍ରମୁଖ ପ୍ରତିମୂର୍ତ୍ତି, ପରିଦର୍ଶକଙ୍କ ଭ୍ରମଣ ସହିତ ପାର୍କିଂ ସୁବିଧା, ଦୁଇ ପାର୍ଶ୍ୱ ପ୍ରବେଶ ଫାଟକ ସହିତ ଏକ ମୁଖ୍ୟ ଫାଟକ, କ୍ରାଉନ୍ ଫାଉଣ୍ଟେନ୍ ପାଇଁ ବ୍ୟାପକ ଆଲୋକ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ପାର୍କଟି ଦୁଇଟି କ୍ରାଉନ୍ ଫାଉଣ୍ଟେନ୍, ଗ୍ରୀଲ୍ ଫେନ୍ସିଂ ସହିତ ଏକ ପାଚେରୀ ଏବଂ ଏକ ଫିଟନେସ୍ ପାଥ୍ ସହିତ ସୁସଜ୍ଜିତ ହୋଇଛି, ଯେଉଁଥିରେ ଏକ ଆକ୍ୟୁପ୍ରେସର ପାଥ୍ ମଧ୍ୟ ଅନ୍ତର୍ଭୁକ୍ତ ଅଛି। ଏହି ପାର୍କଟି ମୋଟ ୧.୧୮୬ କୋଟି ଟଙ୍କା ବ୍ୟୟରେ ବିକଶିତ ହୋଇଥିବା ଜଣାପଡ଼ିଛି।

## ଆମ୍ବେଦକର ଛକରେ ଶ୍ରମିକ ସଂଗଠନର ବିକ୍ଷୋଭ

**ରାଉରକେଲା, ୨୩।୧(ସମିସ):** ବିଶ୍ୱ ଶ୍ରମିକ ସଂଗଠନ ସମୂହ (ଡବ୍ଲ୍ୟୁଏଫଟିୟୁ) ଆହ୍ୱାନରେ ବିଶ୍ୱ ବ୍ୟାପୀ ଆମେରିକା ସାମ୍ରାଜ୍ୟବାଦୀ ଯୁଦ୍ଧଖୋର ନୀତି ବିରୁଦ୍ଧରେ ଓ ଭେନେଜୁଏଲା ଜନସାଧାରଣଙ୍କ ପ୍ରତି ସଂହତି ଜଣାଇ ଭେନେଜୁଏଲା ସଂହତି ଦିବସ ପାଳନ ପାଇଁ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ଫେଡେରେସନର ଅଂଶୀଦାର ଶ୍ରମିକ ସଂଗଠନ ଏଆଇୟୁଟିୟୁସି, ସିଆଇଟିୟୁ, ଏଆଇସିସିଟିୟୁ, ଏଆଇୟୁଟିୟୁସି ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଉଦିତ ନଗର ସ୍ଥିତ ଆମ୍ବେଦକର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଭେନେଜୁଏଲା ଜନଗଣଙ୍କ ପ୍ରତି ସମର୍ଥନ ଓ ସଂହତି ଜଣାଇବା ସହିତ ତୁରନ୍ତ ଆମେରିକା ଭେନେଜୁଏଲାର ରାଷ୍ଟ୍ରପତି ନିକୋଲସ ମାଦୁରୋ, ତାଙ୍କ ପତ୍ନୀଙ୍କୁ ନିଃସର୍ତ୍ତ ଖଲାସ କରିବାକୁ ଦାବି କରାଯାଇଥିଲା। ଏଆଇଟିୟୁସି ସଭାପତି ପ୍ରଦୋଷ ମହାନ୍ତି, ସାଧାରଣ ସମ୍ପାଦକ ସଦାନନ୍ଦ ସାହୁ, ସିଆଇଟିୟୁ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି, ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ଏଆଇୟୁଟିୟୁସି ସାଧାରଣ ସମ୍ପାଦକ ଅଜିତ୍ ନାୟକ, ସମ୍ପାଦକ ବିଷ୍ଣୁ ପଣ୍ଡା, ଏଆଇସିସିଟିୟୁ ନେତା ରାଜା ମୁନା, ସୁବାଷ ଜାମୁଡାଳିଆ ପ୍ରମୁଖ ଆମେରିକାର ସାମ୍ରାଜ୍ୟବାଦୀ ନୀତିକୁ ତୀବ୍ର ଭର୍ତ୍ସନା କରିବା ସହିତ ସ୍ୱାଧୀନ ରାଷ୍ଟ୍ର ଭେନେଜୁଏଲାର ତୈଳ ସମ୍ପଦ ଓ ଖଣିଜ ସମ୍ପଦକୁ ଲୁଣ୍ଠନ କରିବା ପାଇଁ ଆମେରିକା ଯେଉଁ ରାତି ଅଧିଆ ଯୁଦ୍ଧ କରି ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରର ମୁଖ୍ୟ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରି ସାଧାରଣ ଆସାମୀ ପରି ଗୋଡ଼ରେ କଡି ଲଗାଇ ନିଜ ଦେଶର ଏକ କୋର୍ଟରେ ହାଜିର କରାଇବା ଏହା ତାର ସାମ୍ରାଜ୍ୟବାଦୀ ଓ ଫାସୀବାଦୀ ନୀତିକୁ ପଦାରେ ପକାଇଛି। ଭାରତ ସରକାର ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସଂଗଠନ ଦାବି କରିଛି। ସିଆଇଟିୟୁ ଜିଲ୍ଲା ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସିଆଇଟିୟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ସୁରେନ୍ଦ୍ର ଦାଶ, ବିପି.ମହାପାତ୍ର, ଯଯାତି କେଶରୀ ସାହୁ, ଅରୁ ଦାସ, ରତ୍ନାକର ନାୟକ, ଉପେନ୍ଦ୍ର ତ୍ରିପାଠୀ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ବଚ୍ଛିରାମ ବେହେରା, ଏଆଇଟିୟୁସି ନେତା ଅନୁପମ ଦତ୍ତ, ଦସରୁ କିଶାନ, ସୁଶାନ୍ତ ଲେଙ୍କା, ଏଆଇୟୁଟିୟୁସି ନେତା ବିଜୟ ନାୟକ, ରଶ୍ମି ରଞ୍ଜନ ମଲ୍ଲିକ, ସୁଶିଲ ବାରିକ, ସାଗର ଛୋଟରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଭିନ୍ନ ସ୍ଥାନରେ ବାଗ୍‌ଦେବୀଙ୍କୁ ଆରାଧନା



**ଲହୁଣିପଡ଼ା, ୨୩।୧(ସମିସ):** ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନ ତଥା ବିଭିନ୍ନ ଗ୍ରାମ ଗୁଡିକରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଅଞ୍ଚଳର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ଅତି ସୁନ୍ଦର ଭାବରେ ତୋରଣର ସାଜସଜ୍ଜା ହୋଇଥିବା ଦେଖିବାକୁ ମିଳିଥିଲା।



**ବଣାଇ:** ବଣାଇଁ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ବଣାଇଁ ରାଜା ଧରଣୀଧର ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ର, ସେଣ୍ଟ ଜାଭିୟର୍ସ ସ୍କୁଲ, କେନ୍ଦ୍ରିକଳା ପ୍ରାଥମିକ ବିଦ୍ୟାଳୟ, ଗୋଗୁଆ ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟରେ ମା' ସରସ୍ୱତୀଙ୍କୁ ବାଗଦେବୀ, ବୀଣାବାଦିନୀ ରୂପରେ ପୂଜା କରାଯାଇଛି। ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର କୁନିକୁନି ପିଲାମାନେ କଲୋନୀ ସାହିଠାରେ ନିଜେ ସରସ୍ୱତୀ ବନ୍ଦନା ପାଠକରି ମା'ଙ୍କ ଆବାହନ କରିଛନ୍ତି। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ସେକ୍ଟର - ୨ରେ ରାଉରକେଲା ହକର୍ସ ଆସୋସିଏସନର ସରସ୍ୱତୀ ପୂଜା

### ପିଏମ୍ ସ୍ୱନିଧି ଯୋଜନା

## ଉଠାଦୋକାନୀ, ବୁଲା ବିକାଳିଙ୍କୁ ଋଣ ଓ କ୍ରେଡିଟ୍ କାର୍ଡ ପ୍ରଦାନ



**ରାଉରକେଲା, ୨୩।୧(ସମିସ):** ଉଠା ଦୋକାନୀ ତଥା ବୁଲା ବିକାଳିଙ୍କ ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେରଳର ଥିରୁଅନନ୍ତପୁରମ ଠାରେ ୧ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଋଣ ପ୍ରଦାନ ସହ ନୂତନ ଭାବେ କ୍ରେଡିଟ୍ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ସ୍ଥାନୀୟ ରାଉରକେଲା ମହାନଗର ନିଗମର ପାଠାଗାରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ରଘୁନାଥପାଲି ଦୁର୍ଗା ଚରଣ ତନ୍ତୀ ଅତିଥି ଭାବେ ଯୋଗ ଦେଇଥିଲେ। କମ୍ ସୁଧରେ ଋଣ ସହ ଦୀର୍ଘ ପରିଶୋଧ ଅବଧି ମିଳୁଥିବାରୁ ହିତାଧିକାରୀମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ସେ କହିଥିଲେ। ସାରା ଦେଶରେ ୧ ଲକ୍ଷ ହିତାଧିକାରୀଙ୍କୁ ଆଜି ଋଣ ପ୍ରଦାନ କରାଯାଇଥିବାବେଳେ ରାଉରକେଲା ସହରରୁ ଶତାଧିକ ହିତାଧିକାରୀ ଏଥିରେ ସାମିଲ ହୋଇଛନ୍ତି। ଏଥିସହ ୩୬ ଜଣ ହିତାଧିକାରୀ କ୍ରେଡିଟ୍ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସିଧାପ୍ରସାରଣ କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍, ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଅଜିତ କୁମାର ପଟ୍ଟନାୟକଙ୍କ ସହ ଆରଏମସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆଜି ରାଉରକେଲା ହାଫ୍ ମାରାଥନ | ଭାଗନେବେ ୫୮୫୯ ପ୍ରତିଯୋଗୀ

ରାଉରକେଲା, ୨୩।୧(ସମିସ)



ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି) ପକ୍ଷରୁ ଶନିବାର ଆୟୋଜିତ ହେବାକୁ ଯାଉଛି ବହୁ ପ୍ରତିକ୍ଷିତ ଐତିହାସିକ ରାଉରକେଲା ହାଫ୍ ମାରାଥନ - ୨୦୨୬। ଏହି ମାରାଥନରେ ରାଜ୍ୟର ୧୨୫୧ ଜଣ ଜାତୀୟସ୍ତରୀୟ ଧାବକଙ୍କ ସମେତ ମୋଟ ୫୮୫୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହି ରାଉରକେଲା ହାଫ୍ ମାରାଥନର ଉଦଘାଟନୀ ସଂସ୍କରଣରେ ଅନ୍ୟ ରାଜ୍ୟରୁ ୮୯ ଜଣ ମହିଳା ସମେତ ୧୨୦୦ରୁ ଊର୍ଦ୍ଧ୍ୱ ଜାତୀୟସ୍ତରୀୟ ଧାବକ ରାଉରକେଲାରେ ଏକାଠି ହୋଇଛନ୍ତି। ଉଲ୍ଲେଖନୀୟ ଯେ, ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଆୟୋଜିତ ଏଆଇଏମଏସ ପ୍ରମାଣିତ ଏହି ବୃହତ ସ୍ପୋର୍ଟିଂ ଇଭେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୋଟ ୫୮୫୯ ଜଣ ଧାବକ ପଞ୍ଜୀକରଣ କରିଛନ୍ତି। ଯାହା ସେଲ୍‌ଫ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରୁ ପତାକା ଦେଖାଇ ଶୁଭାରମ୍ଭ କରାଯିବ। ଅଂଶଗ୍ରହଣକାରୀମାନେ ସକାଳ ୫ଟା ୩୦ ପୂର୍ବରୁ ଇସ୍ପାତ ଷ୍ଟାଡିୟମରେ ରିପୋର୍ଟ କରିବେ। ଏକ ସଂକ୍ଷିପ୍ତ ୱାର୍ମ ଅପ୍ ପରେ ସକାଳ ୬ଟା ୩୦ରେ ପ୍ରଥମ ବର୍ଗ ପାଇଁ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରାଯିବ। ଉଲ୍ଲେଖନୀୟ ଯେ, ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ମାରାଥନରେ ୪ଟି ବର୍ଗ ରହିଛି। ବିଭିନ୍ନ ବୟସ ଗୋଷ୍ଠୀରେ ୨୧.୧ କିଲୋମିଟର, ୧୦ କିଲୋମିଟର, ୫ କିଲୋମିଟର ଏବଂ ୨ କିଲୋମିଟର (ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ) ରହିଛି। ୨୧.୧ କିଲୋମିଟର ହାଫ୍ ମାରାଥନରେ ୯୨୪ ପୁରୁଷ ଏବଂ ୧୧୦ ମହିଳା ପଞ୍ଜୀକରଣ କରିଥିବା ବେଳେ ୧୦ କିଲୋମିଟର ସେଗମେଣ୍ଟରେ ୧୨୩୫ ପୁରୁଷ ଏବଂ ୨୩୭ ମହିଳା ଅଛନ୍ତି। ୫ କିଲୋମିଟର ଦୌଡ଼ରେ ବିପୁଳ ସଂଖ୍ୟାରେ ଅଂଶଗ୍ରହଣକାରୀ ରହିଛନ୍ତି। ଯେଉଁଥିରେ ୮୭୪ ପୁରୁଷ, ୨୮୧ ମହିଳା, ୧, ୨୪୫ ପୁଅ (୧୮ ବର୍ଷରୁ କମ୍) ଏବଂ ୮୮୪ ଝିଅ (୧୮ ବର୍ଷରୁ କମ୍) ଏହି ଇଭେଣ୍ଟ ପାଇଁ ପଞ୍ଜିକରଣ କରିଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ୨ କିଲୋମିଟର ସ୍ୱତନ୍ତ୍ର ଖୋଲା ବର୍ଗରେ, ୫୪ ପୁରୁଷ ଏବଂ ୧୫ ମହିଳା ପଞ୍ଜିକରଣ କରିଛନ୍ତି। 'ଫିଟ୍ ଇଣ୍ଡିଆ' ଅଭିଯାନ ସହିତ ସଙ୍ଗଠିତ ରାଉରକେଲା ହାଫ୍ ମାରାଥନ-୨୦୨୬ ଫିଟନେସ୍, ଧୈର୍ଯ୍ୟ ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ରାଉରକେଲାକୁ ପ୍ରମୁଖ କ୍ରୀଡା ଇଭେଣ୍ଟ ପାଇଁ ଏକ ଉଦୀୟମାନ ହବ୍ ଭାବରେ ସ୍ଥାପନ କରିବାର ଲକ୍ଷ୍ୟ ରଖିଛି। ରେକର୍ଡ ପଞ୍ଜୀକରଣ ଏବଂ ଉତ୍ସାହୀ ଜନସାଧାରଣଙ୍କ ଅଂଶଗ୍ରହଣ ସହିତ ଉକ୍ତ ଇଭେଣ୍ଟ ଏହି ଅଞ୍ଚଳରେ ଏକ ଐତିହାସିକ ବାର୍ଷିକ କ୍ରୀଡା ପ୍ରତିଯୋଗିତା ରୂପ ନେବାକୁ ଯାଉଛି ବୋଲି ଆଲୋଚନା ହେଉଛି।

# ବିଦ୍ୟାଦାତ୍ରୀଙ୍କ ପୂଜା ସହ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ






ବରଗଡ଼, ୨୩।୧(ସମିସ)

ବିଦ୍ୟାସାଗର ଏକାଡେମୀ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ବଳରାମ ବିଶି, ମ୍ୟାନେଜିଂ ଡାଇରେକ୍ଟର ଶୁଭ୍ରନିତା ବିଶି, ଆଡମିନିଷ୍ଟ୍ରେଟିଭ ଡାଇରେକ୍ଟର ସୁଧାମୟୀ ଭୋଇ, ସିବିଏସଇ ଅଧ୍ୟକ୍ଷ ଦିଲୀପ ମିଶ୍ର ଓ ସିଏଚଏସଇ ଅଧ୍ୟକ୍ଷ ବିକାଶ ସେନ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ପବିତ୍ର ଦିନରେ ବିଦ୍ୟାଳୟ ପରିସରର ସରସ୍ୱତୀ ପୂଜା ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଥିଲା। ବସନ୍ତ ପଞ୍ଚମୀର ଏହି ଶୁଭ ସମୟରେ ନୂତନ ଛାତ୍ରଛାତ୍ରୀଙ୍କ ନାମଲେଖା ହୋଇଥିଲା।

**ବରଗଡ଼:** ବରଗଡ଼ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହା ସହିତ ବିଦ୍ୟାଳୟ ପ୍ରାଙ୍ଗଣରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମତିଥିରେ ପରାକ୍ରମ ଦିବସ ପାଳିତ ହୋଇଥିଲା। କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡି.ମୁରଲୀ କ୍ରିଷ୍ଣା ଦୁଇ ବୀର ପୁରୁଷଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଜାତି ଓ ଦେଶ ପାଇଁ ସେମାନଙ୍କର ବୀରତ୍ୱ ଗାଥାର ଗୁଣଗାନ କରିଥିଲେ। ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ରାମ ତୁଳସୀ, ମ୍ୟାନେଜିଂ ଡାଏରେକ୍ଟର ବିବେକ ଦଶାରୀ, ଡାଏରେକ୍ଟର ଟୁ ଚେୟାରମ୍ୟାନ ଲୋକେଶ ଦଶାରୀ, ଡାଏରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଏକ୍‌ଜ୍ୟୁକେଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ, ପିପୁଲ ଏଣ୍ଡ କଲଚର୍ ହେଡ୍ ଅଶ୍ୱିନୀ ନାୟକ, ସମସ୍ତ ବିଭାଗର ମୁଖ୍ୟ, ସମସ୍ତ ଛାତ୍ରଛାତ୍ରୀ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରମୁଖ କର୍ମକର୍ତ୍ତାଗଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

**ଅତାବିରା:** ଅତାବିରା ବ୍ଲକ ସିଂହପାଲି କ୍ଲଷ୍ଟର୍ ଅଧୀନ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡାହାରୁପଡ଼ାଠାରେ ବାଗଦେବୀ ମାଁ ସରସ୍ୱତୀଙ୍କ ପୂଜନୋତ୍ସବ ଏବଂ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ତଥା ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଲଳିତା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସିଓହପାଲି କୃତାର୍ଥ ଚନ୍ଦ୍ର ଭୁଏ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ସମାରୁ ବାରୁଙ୍କ ଧର୍ମପତ୍ନୀ ଦୁଃଖିନୀ ବାରୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନିରାମ ଦାସ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପାହାଡଶ୍ରୀଗିଡା ସୁବାଷ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷକ କିଚକ ସୁନା ଓ ଶିକ୍ଷୟିତ୍ରୀ ପଙ୍କଜିନୀ ଟପ୍‌ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଯଶୋବନ୍ତୀ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରତିମା ବାରୁ, ସଓକୁ ବାରୁ, ନିଭ୍ରିତି ବାରିକ, ସୀତା ଟପ୍, ଉଜୁଳି ଭେଙ୍ଗରାଜ, ରଜନୀ ଭୁଏ, ମଣ୍ଟୁ ଟପ୍, ଲୀଳାବତୀ ମହାକୁର, ସୁଭଦ୍ରା ଚୋହାନ ତଥା ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ଓ ଡାହାରୁପଡ଼ା ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ।

**ପଦ୍ମପୁର:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ସରସ୍ୱତୀ ପୂଜା, ବିଦ୍ୟାରମ୍ଭ ସଂସ୍କାର, ସାମୂହିକ ଖଡି ଛୁଆଁ ଉତ୍ସବ ଓ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମହିଳାମାନେ କଳସ ଓ ଗ୍ରନ୍ଥ ଶୋଭାଯାତ୍ରାରେ ଗୋପାଳଜୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ପୁଣି ଶିଶୁ ମନ୍ଦିରକୁ ଫେରିଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ଶିଶୁମାନଙ୍କ ପାଦ ଧୋଇ ସ୍ୱାଗତ କରିଥିଲେ। ପରେ ଅର୍ନ୍ତଯାମୀ ମେହେରଙ୍କ ପୌରୋହିତ୍ୟରେ ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ସୌରଭ ରଞ୍ଜନ ପଣ୍ଡା ସପତ୍ନୀକ ଅଲିଭା ରଥ, ନିର୍ମଳ ସାହୁ ସପତ୍ନୀକ ସନ୍ତୋଷିନୀ ସାହୁ, ବିନୟ ପଣ୍ଡା ସପତ୍ନୀକ ତୃପିବାଲା ମିଶ୍ର, ତୋଷରାଜ ମେହେର ସପତ୍ନୀକ ଅରୂପା ମେହେର ପ୍ରମୁଖ ଯଜ୍ଞ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଭାପତି ପୃଥ୍ୱିରାଜ ସାହୁ ଦୀପ ପ୍ରଜ୍ୱଳନ ପୂର୍ବକ ମାର୍ଗଦର୍ଶନ କରିଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ଜନକ ଲାଲ ମେହେର, ପୂର୍ବତନ ଛାତ୍ର ପରିଷଦ ସଭାପତି ଅଜୟ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଦୁର୍ବାଦଳ ସାହୁ ଗୁରୁଜୀ ସଂଯୋଜନା କରିଥିଲା ବେଳେ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ ସହ ଉଦ୍ଦେଶ୍ୟ କଥନ କରିଥିଲେ। ସମ୍ପାଦକ ଜନକ ଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ମନ୍ଦିର ପରିସରରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା। ମୁଦିରଥ ପଣ୍ଡା ପୂଜକ ଦାୟିତ୍ୱ ତୁଲାଇଥିଲେ। କୁନିକୁନି ଲେଖନୀରୁ ଲିଖିତ ଓ ଚିତ୍ରକଳାର ସମାହାର ଅରୁଣକୁ ସଭାପତି ପୃଥ୍ୱିରାଜ ସାହୁ ଉନ୍ମୋଚନ କରିଥିଲେ। ସେହିପରି ବିଦ୍ୟା ମନ୍ଦିର ବିଭାଗରେ ପୂଜକ ଭାବେ ଯଦୁମଣି ଦାଶ ଦାୟିତ୍ୱ ତୁଲାଇଥିଲେ। ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ହୋଇଥିଲା। ରଜତ ସାହୁ, ସିଦ୍ଧାର୍ଥ ଶେଖର ସାହୁ ସେମାନଙ୍କ ଉପରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ଧନଞ୍ଜୟ ତାଣ୍ଡି ଗୁରୁଜୀ ସଂଯୋଜନା କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ସରସ୍ୱତୀ ପୂଜା ଓ ଖଡି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନିରୁଦ୍ଧ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ ଓ ଶିଶୁମାନଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଗଙ୍ଗାଧର ରଣା, ଶିକ୍ଷା କେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନା, ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ତପନ ବହିଦାର, ଉପାଧ୍ୟକ୍ଷ ମଳୟ ହଂସ ଉପସ୍ଥିତ ଥିବା ବେଳେ ହରିପ୍ରିୟା ସାହୁ, ଭିଏସନନ୍ଦ ବରିହା, ଜଗନ୍ନାଥ ରଣା, ଟିକେଶ୍ୱରୀ ବିଶ୍ୱାଳ, ତପସ୍ୱିନୀ ଭୋଇ ସମେତ ସମସ୍ତ ଅପା ଭାଇ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପାଇକମାଳ ଅଞ୍ଚଳ ଓ ମାଣ୍ଡୋସିଲ ଅଞ୍ଚଳରେ ବିଭିନ୍ନ ସରକାରୀ ତଥା ବେସରକାରୀ ସ୍କୁଲ ଗୁଡିକ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି।

**ଝାରବନ୍ଧ:** ଝାରବନ୍ଧ ଡିଗ୍ରୀ କଲେଜରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା ସରସ୍ୱତୀ ପୂଜା ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ପରେ ମାଁ ସରସ୍ୱତୀଙ୍କ ପୂଜା ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ କଲେଜର ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା, ଇଂରାଜୀ ଅଧ୍ୟାପକ ଗଗନ ବିହାରୀ ଡନସନା, ଅଧ୍ୟାପିକା ମିନପ୍ରଭା ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହରିହର ସାହୁ ସହ ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବକ୍ତାମାନେ ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶପ୍ରେମ, ବୀରତ୍ୱ ଓ ତ୍ୟାଗର ଆଦର୍ଶ ବିଷୟରେ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ସେହି ଆଦର୍ଶକୁ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ।

## ସ୍ୱାଧୀନତା ସଂଗ୍ରାମରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ

**ବରଗଡ଼:** ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଦୁଇ ବରପୁତ୍ର ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ ଅଟେ। ଏ ଜାତି ସବୁ ଦିନ ପାଇଁ ତାଙ୍କୁ ମନେ ରଖିବ ବୋଲି ଜନ୍ମ ଜୟନ୍ତୀ ଉତ୍ସବରେ ମତ ପ୍ରକାଶ ପାଇଛି। ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣା ପ୍ରତାପ ସ୍କୁଲ ଠାରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ମୁଖ୍ୟ ବକ୍ତା ଭାବେ ଡ.ଡୋଳାମଣି ଶତପଥୀ ଯୋଗ ଦେଇଥିଲେ। ଉଭୟ ମହାପୁରୁଷଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରି ସ୍ୱାଧୀନତା ଆନ୍ଦୋଳନରେ ଉଭୟଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ, ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ସାହୁ, ମୀନା ପଣ୍ଡା, ଡାକ୍ତର ଭୋଇ, ମନୋଜ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନିଳିମା ପ୍ରଧାନ ଜ୍ୟୋତି ବେହେରା, ସୁନୀତା ମିଶ୍ର ଜ୍ୟୋସ୍ନା ତ୍ରିପାଠୀ, ନନ୍ଦିତା ସାହୁ, ବବିତା ନାଏକ ସୀମା ବିଶ୍ୱାସ, ସୀମା ଭୋଇ, ମିତା ପ୍ରଧାନ ବିବିତା ବରିହା ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବରଗଡ଼:** ଓଡ଼ିଶା ମାଟିର ଦୁଇ ବରପୁତ୍ର ବୀର ସୁରେନ୍ଦ୍ର ସାଏ ଓ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ବରଗଡ଼ ନାଗରିକ ମଞ୍ଚ ଦ୍ୱାରା ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ପାଳିତ ହୋଇଯାଇଛି। ବରଗଡ଼ ନାଗରିକ ମଞ୍ଚର ସଭାପତି ତଥା ବରଗଡ଼ ଓକିଲ ସଂଘର ସଭାପତି ବରିଷ୍ଠ ଆଇନଜୀବୀ ଭୀଷ୍ମଦେବ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଦସ୍ୟ ରାଜ ବିଶି, ବରଷ୍ଠ ସାମ୍ବାଦିକ ଜୟପ୍ରକାଶ ଶତପଥୀ ଯୋଗ ଦେଇଥିଲେ। ଓଡ଼ିଶା ମାଟିର ଦୁଇ ବରପୁତ୍ର ସୁରେନ୍ଦ୍ର ସାଏ ଓ ସୁଭାଷ ବୋଷଙ୍କ ପାଇଁ ଆମେ ଗର୍ବିତ ବୋଲେ ଅତିଥି ମାନେ ବକ୍ତବ୍ୟରେ କହିଥିଲେ। ନାଗରିକ ମଞ୍ଚର ସମ୍ପାଦକ ଭାବାନି ପ୍ରସାଦ ସାହୁ, ସୁଦାମ ସାହୁ, ସୁରଥ ସାହୁ, ସୁବାଷ ପଧାନ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ନାୟକ, ଶିକ୍ଷକ ସଞ୍ଜୟ ଖମାରୀ, ପୂର୍ବତନ ହିନ୍ଦୀ ଶିକ୍ଷକ ରାଧେଶ୍ୟାମ ବାରିକ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଈଶ୍ୱର ପଧାନ, ବୋଧରାମ ବିଶ୍ୱାଳ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ରଞ୍ଜିତ ସାହୁ, ଅମୂଲ୍ୟ ଭୋଇ, ସୁଦର୍ଶନ ପଧାନ, ଦେବାଶିଷ ମିର୍ଦ୍ଧା, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜୀ ଭୁଏ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ପାଇକମାଳ:** ପାଇକମାଳ ନୃସିଂହନାଥ ସ୍ଥିତ ବଡ ଦେଓ ମଣ୍ଡପରେ ଅଖିଳ ଭାରତୀୟ କ୍ଷତ୍ରୀୟ ଗୋଣ୍ଡ ସମାଜ ତରଫରୁ ବୀର ସୁରେନ୍ଦ୍ର ସାଏ ଓ ସୁବାସ ବୋଷଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ମଣ୍ଡପ ସଭାପତି ଗଜରାଜ ସିଂ ପୁଟାଙ୍କ ସଭାପତିତ୍ୱ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାକୁ ଦୁର୍ଯ୍ୟୋଧନ ପୁଟା ପରିଚାଳନା କାରିଥିଲେ। ପ୍ରଥମେ ବୀର ସୁରେନ୍ଦ୍ର ସାଏ ଓ ସୁବାଷ ବୋଷଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଝାରବନ୍ଧ, ପାଇକମାଳ, ପଦ୍ମପୁରର ଗୋଣ୍ଡ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ। ସଭାରେ ଶୋଭାରାମ ଧରୁଆ, ସଦାନନ୍ଦ ଧରୁଆ, ବାଲକୃଷ୍ଣ ଧରୁଆ, ରାଜାରାମ ଧରୁଆ, ଲୋକନାଥ ଧରୁଆ, କୃଷ୍ଣ ଧରୁଆ, ସୁରେନ ଧରୁଆ, ରାମେଶ୍ୱର ଧରୁଆ, ଭାଗବତିଆ ସିଂ ଦାଉ, ଚଇତୁ ସିଂ ଦେଓ, ନରସିଂହ ଧରୁଆ, ଜଗଦେବ ଧରୁଆ, ଆନନ୍ଦ ଧରୁଆ ଆଦି ଯୋଗ ଦେଇଥିଲେ। ଶେଷରେ ଖଗେଶ୍ୱର ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ● ବୀର ଭୂମି ଡେବ୍ରିଗଡ଼ରେ ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜୟନ୍ତୀ

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ବୀର ଭୂମି ଡେବ୍ରିଗଡ଼ରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜନ୍ମ ଜୟନ୍ତୀ ଷୋଡବଂଶୀ ଗୌଣ୍ଡ ସମାଜ ଅମ୍ବାଭୋନା ଓ ଭଟଲି ବ୍ଲକର ସଂଯୁକ୍ତ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଷୋଡବଂଶୀ ଗୌଣ୍ଡ ସମାଜର ସଭାପତି ଜମିଦାର ଲକ୍ଷ୍ମୀନାରାୟଣ ସିଂହଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଡେବ୍ରିଗଡ଼ ଗାଁ ପୋଖରୀ ନିକଟସ୍ଥ ଇଷ୍ଟଦେବୀ ବନଦୁର୍ଗା ମାଁଙ୍କ ପୂଜା ଆରାଧନା କରାଯାଇଥିଲା। ମାଁଙ୍କ ଠାରୁ ଆଜ୍ଞାମାଳ ଗ୍ରହଣ ପରେ ପାରମ୍ପରିକ ଅସ୍ତ୍ର-ଶସ୍ତ୍ର ଖଣ୍ଡା, ଢ଼ାଲ, ବର୍ଚ୍ଛା, ଧନୁ-ତୀର ସହିତ ମଶାଲ ଧରି ଏକ ଭବ୍ୟ ଶୋଭାଯାତ୍ରା ବୀର ଭୂମି ଡେବ୍ରିଗଡ଼ ଗୁମ୍ଫା ପର୍ଯ୍ୟନ୍ତ ଯାଇଥିଲା।



ଏଠାରେ ବୀର ସୁରେନ୍ଦ୍ର ସାଏ ଯେଉଁଠାରେ ବାସ କରୁଥିଲେ ଓ ଯୁଦ୍ଧକୁ ଯିବା ପୂର୍ବରୁ ସମଲେଇ ମାଁଙ୍କ ପୀଠରେ ପୂଜା କରୁଥିଲେ, ସେହି ପବିତ୍ର ସ୍ଥାନରେ ଗୌଣ୍ଡ ସମାଜର ପୁଜକ ସଙ୍କୀର୍ତ୍ତନ ଭୁଏ ଓ ସୁଶୀଲ ଧରୁଆଙ୍କ ଦ୍ୱାରା ପୂଜାପାଠ ଓ ଧ୍ୱଜାରୋହଣ କରାଯାଇଥିଲା। ପରେ ଡେବ୍ରିଗଡ଼ରେ ଆୟୋଜିତ ସାଧାରଣ ସଭାରେ ଖରସଲ ଜମିଦାର ମହାଦେବ ସିଂହ, ପାହାଡସିର୍ଗିଡା ଜମିଦାର ହରଦୀପ ସିଂହ, ବଞ୍ଜାରୀ (ଝାରସୁଗୁଡ଼ା) ଜମିଦାର ମନୋଜ ସିଂହ, ଦେଶବନ୍ଧୁ ଭରତ ସିଂହ, ମଚିଦା ଜମିଦାର ଦଶରଥ ସିଂହ, ଝାରସୁଗୁଡ଼ା ଜିଲ୍ଲା ସଭାପତି ଜଗନ୍ନାଥ ଭୋଇ, ଉପଦେଷ୍ଟା ଉଗ୍ରସେନ ଧରୁଆ, ଅମ୍ବାଭୋନା ଗୁଡି ସଭାପତି ମହାଦେବ ବାଗ, କେଶାଇପାଲି ଗୁଡି ସଭାପତି ତେଜରାଜ ସିଂହ, ସମ୍ପାଦକ ନୀଳମଣି ସିଂହ, ଉପସଭାପତି ତରଣିକୁମୁରା, ଲେଥର ଗୁଡି ସଭାପତି ରବି ସିଂହ, ଖୋଲା ସଭାପତି ସାଲେଖି ଭୁଏ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ବୀର ସୁରେନ୍ଦ୍ର ସାଏଙ୍କ ଦୀର୍ଘ ୪୦ ବର୍ଷର ସଂଗ୍ରାମ, ଇଂରେଜ ସରକାର ଦ୍ୱାରା ଦିଆଯାଇଥିବା ଅମାନବୀୟ ନିର୍ଯ୍ୟାତନା ଓ ତାଙ୍କ ଯୁଦ୍ଧ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଶହ ଶହ ସଂଖ୍ୟାରେ ମହିଳା, ପୁରୁଷ ଓ ଉତ୍ସାହୀ ଯୁବକ-ଯୁବତୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଭା ଶେଷରେ ମୁଲଭାର ସରପଞ୍ଚ ତରଣୀକୁମୁରା ଧନ୍ୟବାଦ ଅର୍ପଣ କରିଥିଲେ।

## କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅମ୍ବାଭୋନା, ୨୩।୧(ସମିସ):** ଅମ୍ବାଭୋନା ବ୍ଲକ ଅଧୀନ ଲଖନପୁର ଗାଁର କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟ, ଲଖନପୁରର ବାର୍ଷିକ ଉତ୍ସବ 'ଉଡାନ' ପ୍ରଧାନଶିକ୍ଷକ ସୁଶାନ୍ତ ଦେହେରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲଖନପୁର ପଞ୍ଚାୟତର ସରପଞ୍ଚ ସତ୍ୟଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ, ସିଆରସିସି ସୁମନ୍ତ ବାଗ, ହାବିଲଦାର ଓଡ଼ିଶା ପୁଲିସର ଉମେଶ ଦ୍ୱିବେଦୀ, ଅମ୍ବାଭୋନା କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋହର ସାହୁ ସମ୍ମାନିତ ଅତିଥି ଭାବେ ଓ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ବେହେରା ଯୋଗଦାନ କରିଥିଲେ। ସଭା ପରିଚାଳନା କରିଥିଲେ ଶିକ୍ଷକ ସୁଜିତ ବାରିକ। ସ୍ୱାଗତ ଭାଷଣ ଦେଇଥିଲେ ଘନଶ୍ୟାମ ପ୍ରଧାନ। ବାର୍ଷିକ ବିବରଣୀ ପଠନ କରିଥିଲେ ବିଜ୍ଞାନ ଶିକ୍ଷକ ଅରବିନ୍ଦ ବାରିକ। ବିଗତ ହାଇସ୍କୁଲ ପରୀକ୍ଷାରେ ବିଦ୍ୟାଳୟରେ ପ୍ରଥମ ହୋଇଥିବା କମଳିନୀ ମେହେର ଓ ନବମ ଶ୍ରେଣୀର ଭାବନା ମେହେରଙ୍କୁ ବାର୍ଷିକ ନିରଞ୍ଜନ ଓ ତୁଳାବତୀ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଙ୍ଗାଲୋରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଶମ ଶ୍ରେଣୀର ଛାତ୍ରୀ ଲୀନା ମେହେର ଓ ରାଜ୍ୟସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ପ୍ରତୀକ କାଲୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ସୁରେଶ ମହାନନ୍ଦଙ୍କ ଲିଖିତ ଓ ନିର୍ଦ୍ଦେଶନାରେ 'ସମିଆର ଖେଳ' ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହୋଇଥିଲା ଖେଳ ଶିକ୍ଷକ ସ୍ୱରାଜ କଠାର ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର୍ କ୍ରିକେଟ କପ୍: ସେମିରେ ଭଦ୍ରକ

**ଦହିତା, ୨୩।୧(ସମିସ):** ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆଠାରେ ଗୋଲ୍ଡେନଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ୧୩ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ ତୃତୀୟ ଦିବସ ହୋଇଯାଇଛି। ତୃତୀୟ ଦିବସର ଖେଳରେ ୪ଟି ଦଳ ମଧ୍ୟରୁ ଭଦ୍ରକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଝାଡଖଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପଦ୍ମପୁରର ଡ.ସଞ୍ଜୟ ନାୟକ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଭଦ୍ରକ ଦଳର ବାପିଙ୍କୁ ପୁରସ୍କୃତ କରିଥିଲେ। ଜାନୁଆରୀ ୨୫ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।




ଆଜିର ମ୍ୟାଚ୍‌କୁ ଅମ୍ପାୟାର ସନମ ସାହୁ, ଅନ୍ତର୍ଯ୍ୟାମୀ ପଧାନ, ଝସ ମେହେର, ଉମେଶ ଭୋଇ, ପରିଚାଳନା କରିଥିବା ବେଳେ ସୁନୀଲ, ସନ୍ତୋଷ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବୁଦ୍ଧଦେବ ମହାରଣା ଓ ଆନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ସାନୁ, ଚନ୍ଦନ, ଗୋକୁଳ, ଉମେଶ, ଆକାଶ, ସୁଜିତ, ବିକାଶ, ଅର୍ଜୁନ, ସନ୍ତୋଷ, ଦୟା, ରୋହନ, ଆକାଶ, ସୁଶୀଲ, କ୍ୟାମେରା ମେନ ପପୁ, ଦେବା, ପ୍ରଦୀପ, ଯତୀନ, ସୌରଭ, ଜଗନ୍ନାଥ, ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

## 'ଆବାସ' ଅପେକ୍ଷାରେ ଯମୁନା ପରିବାର

**ପାଇକମାଳ, ୨୩।୧(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ମଖନାମୁଣ୍ଡା ଗାଁର ହରିଜନ ପଡ଼ାରେ ରହନ୍ତି ଯମୁନା ଦୁରିଆଙ୍କ ପରିବାର। ପରିବାର କହିଲେ ସ୍ୱାମୀ, ସ୍ତ୍ରୀ, ଶାଶୁ ଓ ନିଜ ଦୁଇ ଝିଅ। ହେଲେ ରହିବା ପାଇଁ ଭଲ ଘରଟିଏ ନାହିଁ। ଘରର ଅବସ୍ଥା ଏପରି ଯେ, ଘରକୁ ପଶିଲେ ଖପର ଛାହୁଣୀ ମୁଣ୍ଡରେ ବାଜେ। ବର୍ଷା ମାସେ ଏମିତି ଅବସ୍ଥା ହୁଏ ଯେ ଘରେ ପଶିଥିବା ପାଣିକୁ ସେମାନଙ୍କ ପାଣି କାଢ଼ିବାକୁ ପଡ଼ିଥାଏ। ଏନେଇ ଭଲ ଘରଟିଏ କରିବା ପାଇଁ ଆବେଦନ



କରିଥିଲେ ମଧ୍ୟ ଏଯାଏଁ ଜନ ପ୍ରତିନିଧି ତଥା ପ୍ରଶାସନର ଦୃଷ୍ଟି ପଡ଼ିନାହିଁ। ପ୍ରଶାସନ ଆମ ଘରକୁ ଆସି ଦେଖନ୍ତୁ ତାପରେ ଆମେ ପାଇବାର ଯୋଗ୍ୟ ହେଲେ ଘର ଦିଅନ୍ତୁ ବୋଲି କହିଛନ୍ତି। ଏନେଇ ପିଇଓଙ୍କୁ ପଚାରିବାରୁ ଏନେଇ ଆବେଦନ ହୋଇଥିବା ଫର୍ମ ଗୁଡିକ ଭେରିଫିକେସନ ହୋଇ ସାରିଛେ ଆସିଲେ ଜଣାପଡ଼ିବ ବୋଲି କହିଛନ୍ତି।

## ● ଜିଲ୍ଲା ଶିକ୍ଷା ବିଭାଗରେ କଳଙ୍କ
## ଛାତ୍ରୀଙ୍କୁ ଅସଦାଚରଣ; ଖେଳ ଶିକ୍ଷକ ଗିରଫ

**ବରଗଡ଼, ୨୩।୧(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗରେ କଳଙ୍କ ଲାଗିଛି। ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକରେ ଏକ ସରକାରୀ ହାଇସ୍କୁଲର ଜଣେ ଦଶମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ, ମାରପିଟ୍ କରି ଅସଦାଚରଣ କରୁଥିବା ଖେଳ ଶିକ୍ଷକଙ୍କୁ ପାଇକମାଳ ପୁଲିସ ଗିରଫ କୋର୍ଟ ଚାଲାଣ କରିଥିବା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ଛେତଗାଁ ପଞ୍ଚାୟତ ହାଇସ୍କୁଲରେ ଦଶମ ଶ୍ରେଣୀର ପରୀକ୍ଷା ହେଉଥିଲା। ପରୀକ୍ଷା ଦେଇ ଦଶମ ଶ୍ରେଣୀର ଛାତ୍ରୀ ଜଣକ ଆସୁଥିଲେ। ଏହି ସମୟରେ ସ୍କୁଲର ଖେଳ ଶିକ୍ଷକ ନାରାୟଣ ସାହୁ (୫୮) ସେହି ଛାତ୍ରୀଙ୍କୁ ବାରଣ୍ଡାରେ ଅସଭ୍ୟ ଭାଷାରେ ଗାଳିଗୁଲଜ, ମାରପିଟ୍, ଜାତିଆଣ ଆକ୍ଷେପ କରି ଅସଦାଚରଣ କରୁଥିବା ଛାତ୍ରୀଙ୍କ ଭାଇ ପାଇକମାଳ ଥାନାରେ ଆସି ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ଏ ପ୍ରକାର ହରକତ କରୁଥିବା ସେହି ଛାତ୍ରୀ ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତର ସହ ନେଇ ପୁଲିସ ପାଇକମାଳ ସଡକପଡ଼ାରେ ରହୁଥିବା ଖେଳ ଶିକ୍ଷକ ନାରାୟଣ ସାହୁଙ୍କୁ ଶୁକ୍ରବାର ଗିରଫ କରିଛି। ପାଇକମାଳ ଥାନାରେ ପକ୍ସୋ ଆକ୍ଟ, ଏସସି ଆଣ୍ଡ ଏସଟି(ପିଓଏ) ଆକ୍ଟ, ମାମଲାରେ ଗିରଫ କରି ପଦ୍ମପୁର କୋର୍ଟ ଚାଲାଣ କରିଛି।

## ଚାଷୀମାରଣ ନୀତି ପ୍ରତିବାଦରେ ବିଜେଡିର ଚାଷୀ ସମାବେଶ

ପାଇକମାଳ, ୨୩।୧(ସମିସ)



ପାଇକମାଳ ହାଇସ୍କୁଲ ପଡ଼ିଆରେ ବିଜେପି ସରକାରଙ୍କ ଚାଷୀ ମାରଣ ନୀତି ପ୍ରତିବାଦରେ ବିଜେଡିର ପାଇକମାଳରେ ବିରାଟ ଚାଷୀ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଅଧ୍ୟକ୍ଷତା କରିଥିଲେ। ହୃଦାନନ୍ଦ ବାରିକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ତଥା ରାଜ୍ୟ ବିଜେଡି ଉପ ସଭାପତି ପ୍ରଶନ୍ନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରିତା ସାହୁ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର, ରାଜୁ ଘିବିଲା, ପ୍ରଦ୍ୟୁମ୍ନ ତ୍ରିପାଠୀ, ଭାବନା ସିଂ, ବିଜୟ ସ୍ୱାଇଁ, ଜିବର୍ଦ୍ଧନ ବରିହା, ନନ୍ଦଲାଲ ମହାପାତ୍ର, ରଣଜିତ ସିଂ ବରିହା, ବିଜୟ କେତନ ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଜେପି ସରକାରର ଚାଷୀ ମାରଣ ନୀତି, ୩୦୦ ୟୁନିଟ ବିଜୁଳି ବିଲ ଛାଡ, ସୁଭଦ୍ରା ଟଙ୍କା ଏକ କାଳିନ ପ୍ରଦାନ, ଚାଷୀର ଟୋକନ ସମସ୍ୟା, ମଣ୍ଡିମାନଙ୍କରେ କଟନି ଛଟନି ପ୍ରମୁଖ ସମସ୍ୟା ନେଇ ଅତିଥି ମାନେ ବିଜେପି ସରକାର ବିରୋଧରେ ବର୍ଷିଥିଲେ। ଟାଇଲ ଚନ୍ଦ୍ର ଭୋଇ ସଭା ପରିଚାଳନା କରିଥିବା ବେଳେ ସିର୍ଦ୍ଧାଥ ମିଶ୍ର ଧନ୍ୟବାଦ ଦେଇଥଲେ। ଏହା ପରେ ସଭାରେ ଯୋଗଦାନ କରିଥିବା ଚାଷୀ ମହିଳା ସଚେତନ ନାଗରିକ, ଶତାଧିକ ବିଜେଡି କର୍ମୀ ସମସ୍ତେ ଏକ ପଦଯାତ୍ରାରେ ବାହାରି ସରକାର ବିରୋଧି ସ୍ଲୋଗାନ ଦେଇ ପାଇକମାଳ ଥାନାକୁ ଆସିଥିଲେ। ପାଇକମାଳ ଥାନାରେ ଦାବିପତ୍ରକୁ ପୂର୍ବତନ ମନ୍ତ୍ରୀ ଛୁରିଆ ପଢ଼ି ଶୁଣାଇଥିଲେ। ପାଇକମାଳ ଆଡିସନାଲ ତହସିଲଦାର ହରିସିଂ ମାଝିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ପଦ୍ମପୁର ଏସଡିପିଓ ପାଣ୍ଡବ ଶବର ଓ ପାଇକମାଳ ଥାନା ଅଧିକାରୀ କୈଳାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଝାରବନ୍ଧ ବ୍ଲକ୍‌ସ୍ତରୀୟ 'ନିଷ୍ଠା ଅନ୍ତର୍ନିବେଶୀ ଶିକ୍ଷା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଝାରବନ୍ଧ, ୨୩।୧(ସମିସ):** ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଓ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠରେ ଏକା ସମୟରେ ଆୟୋଜିତ ବ୍ଲକ ସ୍ତରୀୟ ପଞ୍ଚଦିବସୀୟ 'ନିଷ୍ଠା ସମାନତା ଓ ଅନ୍ତର୍ନିବେଶୀ ଶିକ୍ଷା' କାର୍ଯ୍ୟକ୍ରମର ଉଦ୍ୟାପନୀ ଉତ୍ସବ ସମ୍ପନ୍ନ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ଯୋଗଦେଇ ଶିକ୍ଷକମାନଙ୍କୁ ତାଲିମରୁ ଅର୍ଜିତ ଜ୍ଞାନକୁ ବିଦ୍ୟାଳୟ ସ୍ତରରେ ବ୍ୟବହାରିକ ଭାବେ ପ୍ରୟୋଗ କରି ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଦୟାନିଧି କୈବର୍ତ୍ତ ଓ ବିସିକେଶନ ଶତପଥୀ ଯୋଗଦେଇ ସମାନତା ଓ ଆନ୍ତର୍ନିବେଶୀ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ତଥା ବିଆରଟି ରାଜ କିଶୋର ବାରିକ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଧାରାରେ ସାମିଲ କରିବା ପାଇଁ ଶିକ୍ଷକଙ୍କ ଭୂମିକା ବିଷୟରେ ଉଦବୋଧନ ଦେଇଥିଲେ।



## ନାମ ପରିବର୍ତ୍ତନ ଦିନଠାରୁ ବିବାଦରେ ବସ୍ ସେବା

# ସରକାରଙ୍କ 'ଆମ ବସ୍'; ଲୋକେ ଡାକୁଛନ୍ତି ଯମ ବସ୍



- ବର୍ଷକ ରେ ୧୨ ମୃତ, ୪୦ ପଙ୍ଗୁ
- ଦିନେ ପୁରସ୍କୃତ ହୋଇ ଚର୍ଚ୍ଚିତ ଥିଲା
- ଏବେ ଲୋକଙ୍କୁ ମାରିବାରେ ଦୁର୍ନାମ କମାଉଛି
- ବଡ଼ ଅଧିକାରୀଙ୍କ ଘନଘନ ବୈଠକ ଫଳଶୂନ୍ୟ

ଭୁବନେଶ୍ୱର, ୨୩।୧(ସମିସ): ଆମ ବସ୍‌ର ନାମ ପରିବର୍ତ୍ତନ ହେବା ଦିନଠାରୁ ଏହା ଉପରେ ବିବାଦ ବାଦଲ ଘନେଇଛି। ବସ୍ ନିୟମିତ ଭାବେ ଲୋକଙ୍କୁ ଚଢ଼ାଉଛି। ଡ୍ରାଇଭର ଲୋକଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି। ଲୋକଙ୍କ ଆକ୍ରୋଶ ନେଡି ଗୁଡ଼ କହୁଣିକୁ ବହି ଗଲାଣି। ସରକାରଙ୍କ ନିରବତା ଆଉ ପ୍ରଶାସନିକ ବିଫଳତା ଲୋକଙ୍କୁ ଅତିଷ୍ଠ କରି ଦେଉଛି। ବସ୍‌କୁ ଦେଖିଲେ ଡର ଲାଗୁଛି। ଚଢ଼ାଇଦେବାର ଅଶଙ୍କା ସୃଷ୍ଟି ହେଉଛି। ଲୋକେ ନିୟମିତ ଭାବେ ବସ୍ ଭାଙ୍ଗୁଥିଲେ। ଏବେ ଚଳନ୍ତା ଗାଡିକୁ ଢେଲା ମାରି ବସ୍ ସେବା ଠପ୍ କରିଦେବାକୁ ଚାହୁଁଛନ୍ତି।

କିଛି ବର୍ଷ ତଳେ କ୍ରୁଟ୍ ଦ୍ୱାରା ପରିଚାଳିତ ବସ୍ ସେବା କେନ୍ଦ୍ର ସରକାରଙ୍କ ଠାରୁ ଗୋଟିଏ ପରେ ଗୋଟିଏ ପୁରସ୍କାର ପାଇ ସୁନାମ ଅର୍ଜନ କରିଥିଲା। ଏହାସହ ଟୁଇନ୍‌ସିଟିବାସୀଙ୍କ ଲାଇଫ୍ ଲାଇନ୍ ପାଲଟିଥିଲା। ହେଲେ ମାତ୍ର ୨ବର୍ଷ ମଧ୍ୟରେ ଏହି ବସ୍ ସେବା ମଣିଷମରା ମେସିନ୍ ନାମରେ ପରିଚିତ ହୋଇଗଲା। ସକାଳୁ ରାତି ପର୍ଯ୍ୟନ୍ତ ଏହି ବସ୍ କେଉଁଠି କାହାକୁ ଦୁର୍ଘଟଣା ଘଟାଇଲାଣି ତ ଆଉ କେଉଁଠି ନିଜେ ଦୁର୍ଘଟଣା ହୋଇ ଯାତ୍ରୀମାନଙ୍କୁ ହନ୍ତସନ୍ତ କଲାଣି। ବସ୍ ଭିତରେ କର୍ମଚାରୀ ଯାତ୍ରୀଙ୍କୁ ମାଡ଼ ଗୋଇଠା, ବିଧା ଚାପୁଡା ମାରୁଛନ୍ତି। ତଥ୍ୟ ମୁତାବକ ଗତବର୍ଷକ ମଧ୍ୟରେ ଆମ ବସ୍ ୩୫ଟି ଦୁର୍ଘଟଣା ଘଟାଇଛି। ଏଥିରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ୪୦ ଜଣ ଗୁରୁତର ଭାବେ ଆହାତ ହୋଇ ପଙ୍ଗୁ ହୋଇଛନ୍ତି। ନନ୍ଦନକାନନ ରୋଡ଼, ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ଛକ, ଖଣ୍ଡଗିରି ଛକ, ରଘୁନାଥପୁର, ଜନପଥର ୟୁକୋ ବ୍ୟାଙ୍କ ସାମ୍ନାରେ ଘଟିଥିବା ଦୁର୍ଘଟଣାରେ ଅନେକ ମୃତାହତ ହୋଇଛନ୍ତି।

ବିଜେପି ନୂଆ ସରକାରଙ୍କୁ ଏକ ଉତ୍ତମ ବସ୍ ସେବା ହସ୍ତାନ୍ତର କରାଯାଇଥିଲା। ସରକାର ଏହାକୁ ଅଧିକ ଆଗକୁ ନେବା କଥା। ହେଲେ ବିଭାଗୀୟ ମନ୍ତ୍ରୀ କୃଷ୍ଣ ପ୍ରସାଦ ମହାପାତ୍ର ଦାୟିତ୍ୱ ନେବା ପରେ କେବଳ ବସ୍ ସେବାର ନାମ ବଦଳାଇ ଦେଲେ। ମୋ ବସ୍ ହୋଇଗଲା ଆମ ବସ୍। ପୂର୍ବ ସରକାରଙ୍କୁ ଶ୍ରେୟ ନ ଦେବା ପାଇଁ ଏଭଳି କଲେ ବୋଲି ଚର୍ଚ୍ଚା ହେଉଛି। ହେଲେ ଏବେ ଦାୟିତ୍ୱ ସମ୍ଭାଳି ପାରୁ ନାହାନ୍ତି। ସହରବାସୀଙ୍କ ଲାଇଫ୍ ଲାଇନ୍‌କୁ ପାଲଟିଥିବା ବସ୍ ସେବା ଆମ ବସ୍ ନାମରେ ଲୋକଙ୍କୁ ଦୁର୍ଘଟଣା କରି ଦୁର୍ଣ୍ଣାମ ଅର୍ଜିବାରେ ଲାଗିଛି। କିଏ ଏହାକୁ କିଲିଂ ମେସିନ୍ କହୁଛି। କିଏ ଏହାକୁ ଯମ ବୋଲି କହୁଛି। ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ପରେ ଆମ ବସ୍‌କୁ ଲୋକେ ଯମ ବୋଲି ଡାକିଲେ। ଯମ ବସ୍ ନାମରେ ପାତ୍ରପଡ଼ା ବସ୍ ଡିପୋରେ ପଣ୍ଡିତ ଆଣି ପୂଜା କରିଦେଲେ। ଆମ ବସ୍‌କୁ ଯମ ବସ୍ ବୋଲି ସମ୍ବୋଧନ କରାଯାଉଥିଲେ ମଧ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମହାପାତ୍ରଙ୍କ ମୁହଁ ଏବେ ଚୁପ୍ ହୋଇଯାଇଛି। କେବଳ ଯାତ୍ରୀ କିମ୍ବା ସହରବାସୀ ନୁହନ୍ତି ଆମ ବସ୍‌କୁ ନେଇ ଖୋଦ୍ ଏହାର କର୍ମଚାରୀ ମଧ୍ୟ ଖୁସି ନାହାନ୍ତି।

### ଗୋଟିଏ ଦିନରେ ଉଚ୍ଚସ୍ତରୀୟ ବୈଠକ ନିଷ୍ପତ୍ତିକୁ ଫୁଁ

ଆମ ବସ୍ ଦୁର୍ଘଟଣା ରୋକିବାକୁ ନେଇ ଉଚ୍ଚସ୍ତରୀୟ ବୈଠକ ବସିଲା। ଏଥିରୁ ବହୁସଂଖ୍ୟାରେ ନିଷ୍ପତ୍ତିକୁ ଭବିଷ୍ୟତରେ କାର୍ଯ୍ୟକାରୀ କରିବାକୁ ଛାଡି ଦିଆଗଲା। କିଛି ନିଷ୍ପତ୍ତି ଯେପରି କମ୍ ସ୍ପିଡ୍‌ରେ ଗାଡି ଚାଳନ। ଲେନ୍ ଡ୍ରାଇଭିଂ ଉପରେ ଗୁରୁତ୍ୱ ଦିଆଗଲା। ହେଲେ ଡ୍ରାଇଭରମାନେ ଏହାକୁ ଗୋଟିଏ ଘଣ୍ଟା ମଧ୍ୟରେ ଫୁ କରିଦେଲେ। ଲେନ୍ ଡ୍ରାଇଭିଂର କୌଣସି ଗନ୍ଧ ବାରି ହେଉ ନାହିଁ। ଚାଳକମାନେ ଓଭର ସ୍ପଡ୍ ଡ୍ରାଇଭିଂ କରୁଥିବା ବହୁ ସଂଖ୍ୟାରେ ଲୋକେ ନିୟମିତ ଭାବେ ଅଭିଯୋଗ କରୁଛନ୍ତି।

### ମଦ୍ୟପ ଚଳାଉଛନ୍ତି ବସ୍

ମଦ୍ୟପ ଚାଳକଙ୍କ ହାତରେ ରହିଛି ବସ୍ ଷ୍ଟୟରିଂ। ଏକାଧିକ ବାର ଏହି ଡ୍ରାଇଭର ଧରା ପଡ଼ିଲେଣି। ହେଲେ ନିଶାଶକ୍ତ ଡ୍ରାଇଭରଙ୍କ ନିୟମିତ ଯାଞ୍ଚ ହେଉ ନାହିଁ। କେବଳ ଦୁର୍ଘଟଣା ଘଟିଲେ ଯାଞ୍ଚ ମନେ ପଡୁଛି। ନ ହେଲେ ନାହିଁ। ପୂର୍ବରୁ କ୍ରୁଟ୍ ପକ୍ଷରୁ ଏହି ଯାଞ୍ଚ କରାଯାଉଥିଲା। ରୂପାଲି ଛକ ଦୁର୍ଘଟଣା ପରେ କ୍ରୁଟ୍ ବଦଳରେ ପୁଲିସ ଏବଂ ପରିବହନ ବିଭାଗ ଡ୍ରାଇଭରଙ୍କ ଯାଞ୍ଚ କଲା। ଲୋକ ଦେଖାଣିଆ ଗୋଟିଏ କିମ୍ବା ୨ଦିନ ଯାଞ୍ଚ ପରେ ପୁଣି ପୂର୍ବାବସ୍ଥାକୁ ଫେରି ଆସିଲା।

### ଆମ ବସ କର୍ମଚାରୀଙ୍କ ଆନ୍ଦୋଳନ

ଦରମା ନମିଳିବାରୁ ଆମ ବସ୍ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ଯଦି ଦେଖିବା ତେବେ ଗତ ବର୍ଷ ମେ ମାସ ୧୩ ତାରିଖରେ କର୍ମଚାରୀମାନେ ଦରମା ନପାଇବା ପାଇଁ ଆନ୍ଦୋଳନ କରିଥିବା ବେଳେ ସେପ୍ଟେମ୍ବର ୧୩ ତାରିଖରେ ମଧ୍ୟ ପୋଖରୀପୁଟ ଆମ ବସ୍ ଡିପୋରୁ କର୍ମଚାରୀମନେ ଆନ୍ଦୋଳନ କରିଥିଲେ।



### ଉଚ୍ଚସ୍ତରୀୟ ବୈଠକର ଫଳାଫଳ କ'ଣ

ବାରମ୍ବାର ଦୁର୍ଘଟଣାକୁ ନଜରରେ ରଖି କ୍ରୁଟ ପକ୍ଷରୁ ଗତ ୧୪ ତାରିଖରେ ଏକ ଆମ ବସ୍ ସେବା ସମ୍ପର୍କିତ ଗଠିତ ଉଚ୍ଚସ୍ତରୀୟ କମିଟି ବୈଠକ ଗଠନ କରାଯାଇଥିଲା। ଏହି ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍ ପରିଚାଳନା ଅଧିକାରୀ ସଞ୍ଜୟ ବିଶ୍ୱାଳ, ଡିସିପି, କମିଶନରେଟ୍ ପୁଲିସ୍, ଟ୍ରାଫିକ ଡିସିପିଙ୍କୁ ନେଇ ଗଠିତ ହୋଇଥିଲା। ୧୫ ଦିନରେ ଥରେ ଆମବସ୍ ଚଳାଚଳ ସମ୍ପର୍କରେ ସମୀକ୍ଷା କରାଯିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ହେଲେ ସପ୍ତାହରେ ହୋଇନାହିଁ ପୁଣି ଆମ ବସ ଦୁର୍ଘଟଣାର ଶିକାର ହୋଇଛି। ଏହି ବୈଠକରେ ଚଳିତ ମାସର ପ୍ରଥମ ଦୁଇ ସପ୍ତାହରେ ଆମ ବସ୍ ଗୁଡ଼ିକର ସ୍ପିଡ୍ ଲିମିଟ୍‌ର ଅନୁଧ୍ୟାନ କରାଯାଇଥିବା ସମ୍ପର୍କରେ ଆଲୋଚନା ସହ ଆମ ବସ୍ ନୀୟମ ଭଙ୍ଗ, ବସ ଷ୍ଟପ ମାନଙ୍କରେ ଆମ ବସ ରହଣି ସମୟ, ଯାତ୍ରୀ ଅନୁକୂଳ ଆମ ବସ୍ ସେବା ଏବଂ ଚାଳକମାନଙ୍କ ସାମଗ୍ରୀକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା ହେଲେ ସାପ୍ତହଟେ ହୋଇନାହିଁ ପୁଣିଥରେ ଆମ ବସ୍ ଦୁର୍ଘଟଣା ହୋଇଛି।

### ଫେବୃୟାରୀରୁ ଜନସାଧାରଣଙ୍କ ସହଭାଗିତା

-ଆସନ୍ତା ଫେବୃୟାରୀରୁ ଆରମ୍ଭ ହେବ ଆମ ବସ୍ ରୁଟରେ ଜନ ସାଧାରଣଙ୍କ ସହଭାଗିତା। ସାମାଜିକ ଗଣମାଧ୍ୟମରୁ ସାଧାରଣ ଯାତ୍ରୀଙ୍କଠୁ ମଗାହେବ ରୁଟ୍ ପରିବର୍ତ୍ତନ ଉପରେ ମତାମତ। ହେଲେ ସହରରେ ବାରମ୍ବାର ଆମ ବସ୍ ଦୁର୍ଘଟଣା ହେଉଥିବାରୁ ଲୋକମାନେ ରୁଟ ପରିବର୍ତ୍ତନ ପାଇଁ ମତାମତ ଦେବେ କି ନାହିଁ ଏହି ଉପରେ ମଧ୍ୟ ଏକ ଅନିଶ୍ଚିତତା ଦେଖା ଦେଇଛି।(

# ଗୋଷ୍ଠୀ ସଂଘର୍ଷରୁ ବୁଲିଲା ଖଣ୍ଡା

- ୩ ଆହତ, ଜଣେ ଗୁରୁତର

ଭୁବନେଶ୍ୱର, ୨୩।୧(ସମିସ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କେଳୁଚରଣ ପାର୍କ ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଉଗ୍ର ରୂପ ନେଇଛି। ଲାଇଟ୍‌ମରାକୁ କେନ୍ଦ୍ର କରି ରାତିଅଧରେ ଖଣ୍ଡା ବୁଲିଛି। ଖଣ୍ଡା ଚୋଟର ଶିକାର ହୋଇଥିବା ସୋନୁ ମହାନ୍ତି ନାମକ ଯୁବକଙ୍କୁ ଦୁର୍ବୃତ୍ତମାନେ ଏକାଧିକ ବାର ଖଣ୍ଡା ଚୋଟ ଦେଇ ଲହୁଲୁହାଣ କରିଦେଇଛନ୍ତି। ତାଙ୍କ ମୁଣ୍ଡ, ଛାତି ବେକରେ ଗଭିର ଚୋଟ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋନୁଙ୍କ ସମେତ ଆଉ ୨ଜଣ ଆହତ ହୋଇଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅଞ୍ଚଳର ଏକ ଆବାସ କଲୋନୀରେ ସୋନୁ ରହୁଥିଲେ। ସେ ତାଙ୍କ ସାଙ୍ଗମାନଙ୍କ ସହ କେଳୁଚରଣ ପାର୍କ ନିକଟରେ ଏକତ୍ରିତ ହୋଇଥିଲେ। ଗାଡକଣ ଅଞ୍ଚଳରେ ରହୁଥିବା ତାଙ୍କ ବିପରିତ ଗୋଷ୍ଠୀର କିଛି ଯୁବକ ଆସି ସେଠାରେ ଲାଇଟ୍ ମାରିଥିଲେ। ଏହାକୁ ସୋନୁ ଏବଂ ତାଙ୍କ ସହଯୋଗୀମାନେ ବାରଣ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ବିପରିତ ଗୋଷ୍ଠୀର ଯୁବକମାନେ ସେଠାରୁ ଚାଲିଯାଇଥିଲେ। ପୁଣି ଥରେ ଫେରି ଅନ୍ୟ କିଛି ସହଯୋଗୀଙ୍କ ସହ ମିଶି ଖଣ୍ଡାରେ ଆକ୍ରମଣ କରିଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

- ଶ୍ରୀପଞ୍ଚମୀ ପଡ଼ିଆକୁ ଯାତ୍ରା କଲେ ଲିଙ୍ଗରାଜ

# ରୁକୁଣା ରଥ କାଠ ଅନୁକୂଳ



ଭୁବନେଶ୍ୱର, ୨୩।୧(ସମିସ): ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଦେବଦଳନ ରଥଯାତ୍ରାର ଆଦ୍ୟରୀତି, ରୁକୁଣା ରଥକାଠର ଅନୁକୂଳ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀପଞ୍ଚମୀ ପଡ଼ିଆ ବାବାସୂକ୍ଷ୍ମେଶ୍ୱର ତୀର୍ଥ ସଂଲଗ୍ନ ଅଭିମୁଖେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବଡ଼ଦେଉଳରୁ ପଟୁଆର ସହ ବିଜେ ହୋଇଥିଲେ। ଶ୍ରୀପଞ୍ଚମୀ ଦିନ ଦ୍ୱିପ୍ରହର ଧୂପ ଶେଷ ହେବା ପରେ ଯାତ୍ରାପୂଜା ଆରମ୍ଭ ହୋଇଥିଲା। ମନ୍ଦିର ପ୍ରଶାସନ ତରଫରୁ ସେବାୟତମାନେ ସୁସଜ୍ଜିତ ପାଲିଙ୍କି ବିମାନ ଯୋଗେ ଚଳନ୍ତି ପ୍ରତିମାଙ୍କୁ ଶ୍ରୀରାମନଗରସ୍ଥିତ ଶ୍ରୀପଞ୍ଚମୀ ପଡ଼ିଆ ଅଭିମୁଖେ ଦିଅଁଙ୍କୁ ନେଇଥିଲେ। ସେଠାରେ ମହାପ୍ରଭୁଙ୍କୁମ ସ୍ନାନ କରାଯିବା ସହ ଆଳତି କରାଯାଇ ଯାତ୍ରା ପୂଜା ଅନୁଷ୍ଠିତ ହୋଇଥିଲ। ଯାତ୍ରାପୂଜା ସମ୍ପନ୍ନ ପରେ ଦିଅଁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ମନ୍ଦିର ପ୍ରତ୍ୟାବର୍ତ୍ତନ ସମୟରେ ଶ୍ରୀରାମନଗରସ୍ଥିତ ଶଙ୍କର ଜଗନ୍ନାଥ ତୀର୍ଥଗ୍ରାମୀ ମଠ ପାଚେରି କଡ଼ ରାସ୍ତା ଉପରେ ଦିଅଁଙ୍କ କାଠ ଅନୁକୂଳ ହୁଏ। ହେଲେ ଆମ୍ବ ଗଛ ନଥିବାରୁ ଦିଅଁ ବସିବା ସ୍ଥାନ ସାମ୍ନାରେ ରହୁଥିବା ଏକ ସ୍ଥାନୀୟ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଆମ୍ବଗଛକୁ ମହାରଣା ସେବାୟତ କୁରାଢ଼ି ପୋଲ କାଠ ଅନୁକୂଳ କରିଥିଲେ।

# ହିଂସାତ୍ମକ ଆକ୍ରମଣକୁ କ୍ରୁଟ୍‌ର ନିନ୍ଦା

ଭୁବନେଶ୍ୱର, ୨୩।୧(ସମିସ): ଅଶୋକ ନଗର ବସ୍ ଷ୍ଟପ୍ ନିକଟରେ ଅପରାହ୍ନ ପ୍ରାୟ ୨.୧୫ ସମୟରେ ରୁଟ୍ ୮୨ ର 'ଆମ ବସ୍' (ଓଡି ୦୫ ସିଏ ୧୩୫୩) ନମ୍ବର ବସ ୧୦ ଜଣ ଯାତ୍ରୀଙ୍କୁ ନେଇ ମାଷ୍ଟର କ୍ୟାଣ୍ଟିନ୍ ଟର୍ମିନାଲ ନିକଟରେ ରାଜ ମହଲରେ ଅଟକିଥିଲା। ସେହି ସମୟରେ ଡାହାଣ ପାର୍ଶ୍ୱରୁ ହଠାତ୍ ଏକ ଦୁଇ ଚକିଆ ଗାଡ଼ି ବିପରୀତ ଦିଗରୁ ଆସି ବସ ପାଖ ଦେଇ ଯିବାକୁ ଚେଷ୍ଟା କରିଥିଲା। ପାଖରେ ଗୋଟିଏ ଅଟୋ ରିକ୍ସା ଯାଉଥିବାରୁ ସେଠାରେ ସ୍ଥାନ କମ୍ ରହିଥିଲା। ସେଠାରେ ସ୍ଥାନ କମ୍ ରହିଥିବାରୁ ଦୁଇ ଚକିଆ ଗାଡ଼ିଟି ଭାରସାମ୍ୟ ହରାଇ ବସ ସହିତ ମାଡ ହୋଇ ପଡ଼ିଗଲା। ଏଥିରେ ବାଇକ ଆରୋହୀ ଜଣକ ଆହତ ହୋଇ ନଥିଲେ ଓ ନିଜ ଭୁଲ ବୁଝିପାରି ନିଜ ଗାଡି ଉଠାଇ ଯିବାକୁ ଚେଷ୍ଟା କରୁଥିଲେ। ତେବେ ତେବେ ଘଟଣାର କିଛି ସମୟ ମଧ୍ୟରେ କିଛି ସ୍ଥାନୀୟ ଦୁର୍ବୃତ୍ତ ଘଟଣାସ୍ଥଳରେ ଏକାଠି ହୋଇ ଆମ ବସ୍ ଉପରକୁ ସଂଘବଦ୍ଧ ଭାବେ ଇଟା ଓ ପଥରରେ ଆକ୍ରମଣ କରିଥିଲେ।

ଦୁର୍ବୃତ୍ତମାନଙ୍କ ମାଡରେ ଦୁଇଜଣ ଆମ ବସ୍ କ୍ୟାପଟେନ ଅଜୟ କୁମାର ଡାକୁଆ ଏବଂ ରମେଶ ଚନ୍ଦ୍ର ନାୟକ ଗୁରୁତର ଆହତ ହୋଇଛନ୍ତି। ବସରେ ବସିଥିବା ଅନେକ ଯାତ୍ରୀ ମଧ୍ୟ ଏଥିରେ ଆହତ ହୋଇଛନ୍ତି। ଏହି ସମୟରେ ଆମ ବସ୍‌ର କ୍ୟାପ୍ଟେନ୍ ଗୌରୀ ଶଙ୍କର ନାୟକ ତୁରନ୍ତ ପିସିଆର୍ କୁ ଫୋନ କରିଥିଲେ ଏବଂ ପୋଲିସ କର୍ମଚାରୀମାନେ ତାଙ୍କୁ ତୁରନ୍ତ ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ। ଦୁର୍ବ୍ୟବହାରର ଶିକାର ହୋଇଥିବା ଉଭୟ ବସ୍ କ୍ୟାପ୍ଟେନ୍ କ୍ୟାପିଟାଲ ପୋଲିସ ଷ୍ଟେସନରେ ଏଫଆଇଆର୍ ଦାୟର କରିଛନ୍ତି ଏବଂ କ୍ରୁଟ କର୍ତ୍ତୃପକ୍ଷ କ୍ୟାପିଟାଲ ପୋଲିସ ଷ୍ଟେସନର ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏପରି ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ଯେପରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହୋଇପାରିବ ଏବଂ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତିକୁ ରୋକାଯାଇପାରିବ, ସେଥିପାଇଁ ଉଦ୍ୟମ କରାଯିବ। କ୍ରୁଟ ଏହି ଘଟଣାର ଦୃଢ଼ ନିନ୍ଦା କରୁଛି ଏବଂ ଯାତ୍ରୀ ସୁରକ୍ଷା, ଏହାର କର୍ମଚାରୀଙ୍କ ସୁରକ୍ଷା ଏବଂ ସାର୍ବଜନୀନ ପରିବହନର ଆଇନଗତ ପରିଚାଳନା ପ୍ରତି ଏହାର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଉଛି। ଅସୁବିଧାମୁକ୍ତ ସେବା ପାଇଁ କର୍ତ୍ତୃପକ୍ଷଙ୍କ ସହିତ ସହଯୋଗ କରିବାକୁ ଟ୍ୱିନ ସିଟିର ଦାୟିତ୍ୱବାନ ନାଗରିକମାନଙ୍କୁ ନିବେଦନ କରୁଛି।

# ଏସ୍‌ସିବିକୁ ଗଲା ନଟବର ଷଡ଼ଙ୍ଗୀଙ୍କ ପାର୍ଥିବ ଶରୀର

ବାଲିପାଟଣା, ୨୩।୧(ସମିସ) : ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଦେଶୀ ଧାନ ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ସ୍ୱର୍ଗତ ନଟବର ଷଡ଼ଙ୍ଗୀଙ୍କ ପ୍ରାର୍ଥିବ ଶରୀର କଟକସ୍ଥିତ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ୍‌କୁ ହସ୍ତାନ୍ତର କରାଯାଇଛି। ୨୦୨୪ ମସିହାରେ ସେ ନିଜେ ଇଚ୍ଛା ପ୍ରକାଶ କରି ତାଙ୍କର ଶରୀର ଦାନ ନିମନ୍ତେ ଘୋଷଣା କରିଥିଲେ। ତାଙ୍କର ସେହି ଇଚ୍ଛା ପୂରଣ ପାଇଁ ପରିବାର ଲୋକେ ସହମତି ପ୍ରକାଶ କରିଥିଲେ। ପୂର୍ବାହ୍ଣରେ ସ୍ୱର୍ଗତ ଷଡ଼ଙ୍ଗୀ ଙ୍କର ପ୍ରାର୍ଥିବ ଶରୀର ନରିଶୋସ୍ଥିତ ବାସଭବନରେ ପହଞ୍ଚିବା ପରେ ତାଙ୍କ ପ୍ରତିଷ୍ଠିତ ଗବେଷଣା କେନ୍ଦ୍ର କୁ ନିଆଯାଇ, ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଶେଷ ଦର୍ଶନ ନିମନ୍ତେ ରଖାଯାଇଥିଲା। ଶହ ଶହ ସଂଖ୍ୟାରେ ତାଙ୍କୁ ଭଲପାଉଥିବା ଲୋକେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ କଟକ ନିଆଯାଇ ମେଡିକାଲ କଲେଜ୍‌କୁ ତାଙ୍କ ଶରୀର ହସ୍ତାନ୍ତର ହୋଇଛି।

# ପ୍ରେମାଞ୍ଜନଙ୍କୁ 'ଅଜିତ ନାଟ୍ୟ ସମ୍ମାନ'

ଭୁବନେଶ୍ୱର, ୨୩।୧(ସମିସ): ଶିକ୍ଷାର ବ୍ୟବସାୟୀ କରଣ ଆଜି ଉଦଭ୍ରାନ୍ତ କରିଛି ଛାତ୍ର ସମାଜକୁ, ଅର୍ଥ କିଣୁଛି ପାଠ। ମେଧାବୀ ଛାତ୍ରର ଭବିଷ୍ୟତ ଅନ୍ଧକାର। ବାପା ମାଆ ଙ୍କର ବଡ ବଡ ସ୍ୱପ୍ନକୁ ସାକାର କରିବା ଲାଗି ସାଧାରଣ ଛାତ୍ରଟିଏ ଚାଲିଆସୁଛି ବୈଷୟିକ (ଟେକନିକାଲ) ପାଠ ପଢ଼ିବା ପାଇଁ କିନ୍ତୁ ଥରେ ସେ ଅନ୍ଧଗଳି ଭିତରେ ପଶିବା ପରେ ସେଠୁ ବାହାରିବାର ରାସ୍ତା ପାଉନାହିଁ। ବାହାରିବା ପରେ ଭବିଷ୍ୟତ କଣ ? ଏଭଳି ଏକ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ବିଷୟକୁ ନେଇ ଅଜିତ ନାଟ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ତିନି ଦିନିଆ ନାଟ୍ୟ ମହୋତ୍ସବ ଶୁକ୍ରବାର ଉଦଯାପିତ ହେବା ଅବସରରେ ନାଟକ ଭଞ୍ଜକଳା ମଣ୍ଡପରେ ନାଟକ 'ସମକାଳର ମଞ୍ଚସ୍ଥ ହୋଇଯାଇଛି। ଶଙ୍କର ତ୍ରିପାଠୀଙ୍କ ରଚିତ ଏବଂ ଦୀପକ ରଞ୍ଜନ ପତି (ଅମନ)ଙ୍କ ନିର୍ଦ୍ଦେଶନା ଦେଇଥିଲେ। ଅତିଥି ଭାବେ ଯୋଗ ଦେଇଥିଲେ ଲୋକପ୍ରିୟ ନାଟ୍ୟକାର ଶଙ୍କର ତ୍ରିପାଠୀ, ମଞ୍ଚ ନିର୍ଦ୍ଦେଶକ ସତ୍ୟବ୍ରତ ରାଉତ, ନାଟ୍ୟକାର ପ୍ରଫେସର ଜଗନ୍ନାଥ ଦାଶ ଏବଂ ନାଟ୍ୟକାର, ମଞ୍ଚ ଅଭିନେତା ତଥା ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ। ଅନୁଷ୍ଠାନର ଅଧକ୍ଷା ଡ. ମାୟା ଦାସ ଅତିଥି ମାନଙ୍କୁ ସମ୍ମାନିତ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉଦଯାପିତ ସନ୍ଧ୍ୟାରେ ଚଳିତ ବର୍ଷର ଅଜିତ ନାଟ୍ୟ ସମ୍ମାନରେ ବରିଷ୍ଠ ଅଭିନେତା ପ୍ରେମାଞ୍ଜନ ପରିଡ଼ାଙ୍କୁ ଏବଂ ଅଜିତ ସାମ୍ବାଦିକ ସମ୍ମାନରେ ପ୍ରଣୟ ଜେଠୀଙ୍କୁ ସମ୍ମାନିତ କରାଯାଇଛି। ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଜଧାନୀରେ ଥମୁନି ଆତଙ୍କ

# ନିଶାସକ୍ତ ଯୁବକଙ୍କ ହାଇଡ୍ରାମା ପରେ ଚାଳକ ଗିରଫ

- ନମ୍ବର ପ୍ଲେଟରେ ଷ୍ଟିକର ମାରି ଟ୍ରାଫିକକୁ ଭୂଆଁ ବୁଲାଉଥିଲେ
- ଏକାଧିକ ଦୁର୍ଘଟଣା ଘଟାଇବା ପରେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଲୁଚାଇଥିଲେ
- ଚେକିଂବେଳେ ଜୟଦେବ ବିହାର ଫ୍ଲାଏଓଭରରୁ ଚାଳକ ଗିରଫ

ଭୁବନେଶ୍ୱର, ୨୩।୧(ସମିସ): ଭୁବନେଶ୍ୱରରେ ଥର୍ ଆତଙ୍କ ଦିନକୁ ଦିନ ବଢ଼ିଚାଲିଛି। ୪ ଜଣ ପ୍ରାଣ ହରାଇଥିବା କଥାକୁ ୨୪ ଘଣ୍ଟା ମଧ୍ୟରେ ଆଉ ଏକ ଥର୍‌ଜନିତ ଘଟଣା ସାମ୍ନାକୁ ଆସିଛି। ୪ ଜଣ ନିଶାଶକ୍ତ ଯୁବକ ବେପରୁଆ ଢଙ୍ଗରେ ଗାଡି ଚଳାଇବା ସହ ନମ୍ବର ପ୍ଲେଟ ଲୁଚାଇବା ଓ ପୁଲିସଠାରୁ ରକ୍ଷା ପାଇବା ପାଇଁ ନମ୍ବରପ୍ଲଟରେ ଷ୍ଟିକର ମାରିଥିବା କଥା ସାମ୍ନାକୁ ଆସିଛି। ଏକାଧିକ ଦୁର୍ଘଟଣା ଘଟାଇବା ପରେ ଥରକୁ ନିୟମିତ ଭାବେ ଚଳାଉଥିବାବେଳେ କମିଶନରେଟ୍ ପୁଲିସ୍ ସମ୍ପୃକ୍ତ ଥରକୁ ଜବତ କରିବା ସହ ସାଲିଆସାହିର ଅଭିଯୁକ୍ତ ଅନିଶ ନାୟକ (୨୨) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ୨ ଦିନ ତଳେ ତେଲ ଟ୍ୟାଙ୍କାର ଫାଟିବାରୁ ରସୁଲଗଡ଼ ସର୍ଭିସ୍ ରୋଡ ଜାମ ଥିଲା। ସେହିସମୟରେ ଗାଡ଼ିରେ ଥିବା କିଛି ମଦ୍ୟପ ଗାଡି ଛାତ ଉପରକୁ ଯାଇ ଅସାବଧାନତା ପୂର୍ଣ୍ଣ ଭାବେ ନାଚି ଗାଇ ମଜା କରିଥିଲେ। ଏପରିକି ଗାଡି ଛାତ ଉପରେ ସମୟ ସମୟରେ ଶୋଇ ମଧ୍ୟ ପଡୁଥିଲେ। ଏଭଳି ବେପରୁଆ ଗାଡି ଚାଳନା, ମଦପିଇ ଗାଡି ଚାଳନା ଲାଗି ଅଭିଯୁକ୍ତ ଚାଳକକୁ ମଞ୍ଚେଶ୍ୱର ପୁଲିସ୍ ଗିରଫ କରିଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ଏହି ଘଟଣାର ଭିଡ଼ିଓକୁ ଜଣେ ସାମାଜିକ କର୍ମୀ ସୋସିଆଲ୍ ମିଡ଼ିଆରେ ଛାଡ଼ିବା ପରେ ମଞ୍ଚେଶ୍ୱର ଥାନା ପୁଲିସ୍ ସମ୍ପୃକ୍ତ ଗାଡି ଓଡି ୦୨ ସିଡି ୮୧୨୩କୁ ଜବତ କରିଛି। ଗାଡ଼ିର କାଗଜପତ୍ର ଯାଞ୍ଚ କରାଯିବା ସହ ଏହି ଥର ଅନେକ ସ୍ଥାନରେ ଦୁର୍ଘଟଣା ଘଟାଇଥିବା ପୁଲିସ୍ ଜାଣିବାକୁ ପାଇଛି। ମଞ୍ଚେଶ୍ୱରର ଏକ ପରିତ୍ୟକ୍ତ ସ୍ଥାନରେ କାରଟିକୁ ରଖାଯାଇଥିଲା। ଅଭିଯୁକ୍ତ ଜଣକ ଗାଡ଼ିକୁ ଭଡ଼ାରେ ଆଣି ଚଳାଉଥିବାବେଳେ ଏହା ପୂର୍ବରୁ ଏକାଧିକ ଥର ଏହି ଥର୍ ଦୁର୍ଘଟଣା ଘଟାଇଥିବା ପୁଲିସ୍ କହିଛି।

ଘଟଣାର ବିବରଣୀ ଅନୁଯାୟୀ, ଗୁରୁବାର ରାତିରେ ଜୟଦେବ ବିହାର ଓଭରବ୍ରିଜ ଉପରେ ଯାଞ୍ଚ ହେଉଥିବା ବେଳେ ଚାଳକ ଜଣକ ମଦ ପିଇ ଗାଡି ଚାଳନା କରୁଥିଲା। ପୁଲିସକୁ ଦେଖିଲ ଖସିଯିବାକୁ ଚେଷ୍ଟା କରିଥିଲା। ପରେ ପୁଲିସ୍ ଗାଡ଼ିଟି ଖସିଯିବାକୁ ଉଦ୍ୟମ କରୁଥିବା ଦେଖି ଚାଳକଙ୍କୁ କାବୁ କରିବା ସହ ଥରକୁ ଜବତ କରିଥିଲ। ଗାଡିରେ ମୋଟ ୪ ଜଣ ଥିବାବେଳେ ପୁଲିସ୍ କେବଳ ଚାଳକଙ୍କୁ ଗିରଫ କରିଥିଲା। ଅନ୍ୟଙ୍କୁ ଚେତାବନୀ ଦେଇ ଛାଡ଼ିଥିଲା। ଶୁକ୍ରବାର ଭୋରୁ ମଞ୍ଚେଶ୍ୱର ଥାନା ପୁଲିସ୍ ଅଭିଯୁକ୍ତକୁ ଥାନାରେ ଅଟକ ରଖିବା ପରେ ଜେଲ ପଠାଇଥିବାବେଳେ ବୈଧ ପ୍ରମାଣ ସହ ଅଭିଯୁକ୍ତ ବେଲରେ ଯାଇଛି। ଜବତ ଥର୍‌କୁ ପୁଲିସ କୋର୍ଟ ଚାଲାଣ କରିଛି। ଥର ଦ୍ୱାରା ଘଟଣା ଦିନ ଘଟାଯାଇଥଲବା କାର୍ଯ୍ୟ ଯୋଗୁଁ ରାସ୍ତାରେ ଟ୍ରାଫିକ୍ ବାଧାପ୍ରାପ୍ତ ହୋଇଥିଲା। ଯାହା ଏବେ ପୁଣି ଥର୍ ଆତଙ୍କରାଜ ଭାବେ ଟ୍ରେଣ୍ଡ କରୁଛି। ଏହି ଘଟଣା ପୂର୍ବରୁ ଭୁବନେଶ୍ୱରରେ ଥାର୍ ଗାଡ଼ି ସମ୍ପର୍କିତ ଦୁଇଟି ଭୟଙ୍କର ଦୁର୍ଘଟଣାକୁ ପୁଣି ଥରେ ସୂଚନାଇଛି ୨ ଦିନ ଭିତରେ ଥର୍ ଜନିତ ଘଟଣା ରାଜଧାନୀରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ କ୍ୟାପିଟାଲ୍ ହସ୍ପିଟାଲ୍ ଛକ, ପିତାପଲ୍ଲୀ ଛକ ଓ ଚନ୍ଦକା ଅଞ୍ଚଳରେ ଥର ଦୁର୍ଘଟଣା ଘଟାଇଥିଲା। କ୍ୟାପିଟାଲ ହସ୍ପିଟାଲ ଓ ପିତାପଲ୍ଲୀ ଛକର ଦୁର୍ଘଟଣାରେ ୪ ଜଣ ପ୍ରାଣ ହରାଇଥିଲେ। ପୁଲିସ୍ ସୂଚନା ଅନୁଯାୟୀ, ପ୍ରତ୍ୟେକ ଦୁର୍ଘଟଣାରେ ଥର୍ ଗାଡ଼ିର ଚାଳକ ଅତ୍ୟଧିକ ବେଗରେ ଗାଡ଼ି ଚଲାଉଥିଲେ। ଏହାପରେ ପୁଲିସ୍ କେତେକ ବ୍ୟକ୍ତିଙ୍କୁ ଗିରଫ କରିଛି ଏବଂ ତଦନ୍ତ ଜାରି ରଖିଛି।



# ନଡ଼ାରେ ଝଲସୁଛି ଦେବାଦେବୀଙ୍କ କଳାକୃତି



ଧାନଗଛ ନଡ଼ାରେ ନିଆରା କଳାକୃତି

ଭୁବନେଶ୍ୱର, ୨୩।୧(ସମିସ): କୁହାଯାଏ କାରିଗରର ଚେତନାର କୌଣସି ସୀମା ନାହିଁ। ବିଭିନ୍ନ ଉପକରଣ ବ୍ୟବହାରକରି କିଏ ମାଟିରେ ତ କିଏ ସବାଇଘାସରେ ପ୍ରସ୍ତୁତ କରନ୍ତି ବିଭିନ୍ନ କଳାକୃତି। ସେହିଭଳି ଧାନଗଛ ନଡାରେ ମଧ୍ୟ ଆକର୍ଷଣୀୟ କଳାକୃତି ପ୍ରସ୍ତୁତକରି ଲୋକଙ୍କୁ ଆକୃଷ୍ଟ କରାଯାଇପାରେ। ଯାହାକୁ ଷ୍ଟ୍ରଅ କ୍ରାଫ୍ଟ ମଧ୍ୟ କୁହାଯାଏ।

ଏଭଳି କଳାକୃକତି କରୁଛନ୍ତି କାରିଗର ସୁଶାନ୍ତ ମହାନ୍ତି। ଧାନଗଛର ନଡ଼ାକୁ ନେଇ ସେ ବିଭିନ୍ନ ଦେବାଦେବୀଙ୍କ ଫଟୋ ଚିତ୍ର ତିଆରି କରୁଛନ୍ତି। ରାଜଧାନୀରେ ଆୟୋଜିତ ହେଉଥିବା ଶିସିରସରସ, ତୋଷାଳୀ ଆଦି ମେଳା ଓ ପ୍ରଦର୍ଶନୀରେ ତାଙ୍କ ନିର୍ମିତ କଳାକୃତି ଦେଖିବାକୁ ମିଳେ। ତାଙ୍କ ପ୍ରକୃତ ଘର ଗଞ୍ଜାମ ହେଲେ ଅଧିକାଂଶ ସମୟରେ ରାଜଧାନୀରେ ହିଁ ମେଳା ପ୍ରଦର୍ଶନୀ ଆୟୋଜିତ ହେଉଥିବାରୁ ସେ ଏଠାରେ ହିଁ ରହିଥାନ୍ତି। ଏଥିସହିତ ରାଜସ୍ଥାନ, ମୁମ୍ବାଇ, ବେଙ୍ଗାଲୁରୁ ଆଦି ସ୍ଥାନକୁ ମଧ୍ୟ କଳାକୃତି ପ୍ରଦର୍ଶନ କରିବାକୁ ଯାଇଥାନ୍ତି। ତାଙ୍କ କାରିଗରୀ ମଧ୍ୟରେ ଶ୍ରୀ ଜଗନ୍ନାଥ, ସରସ୍ୱତୀ, ରାଧାକୃଷ୍ଣ ଏବଂ ପୁରାଣର ବିଭିନ୍ନ କାହାଣୀ ସ୍ଥାନିତ ହୋଇଛି। ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏହାବ୍ୟତୀତ ସେ ପ୍ରାକୃତିକ ସୌନ୍ଦର୍ଯ୍ୟ, ମହାପୁରୁଷଙ୍କୁ ଏବଂ ମଡେଲ ଆର୍ଟ ଓ ଟ୍ରାଇବାଲ ଆର୍ଟ ମଧ୍ୟ ତିଆରି କରି ବିକ୍ରି କରୁଛନ୍ତି। ଯାହାକୁ ସେ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରି ତିଆରି କରୁଛନ୍ତି। କଳାକୃତି ବିଷୟରେ ସୁଶାନ୍ତ କୁହନ୍ତି ଧାନଗଛ ଯେତେବେଳେ କଞ୍ଚା ଥାଏ ସେତେବେଳେ ତା ଭିତର ସେହି ଷ୍ଟ୍ର ବା ନଳି ଅଂଶକୁ ଆଣି ଏପରି ଫଟୋ ତିଆରି କରୁଛୁ। ଏହି ନଡ଼ା ସେ ନିଜ ଅଞ୍ଚଳ ଗଞ୍ଜାମର ଚାଷୀଙ୍କଠୁ ସଂଗ୍ରହ କରି ଆଣିଥାନ୍ତି। ପରେ ସେଥିରେ ନିଜର କାରିଗରୀ ମାଧ୍ୟମରେ ଆକର୍ଷଣୀୟ କଳାକୃତି କରି ତାକୁ ଫ୍ରେମ୍‌ରେ ବନ୍ଧାଇ ଥାଆନ୍ତି। ସେହି ପ୍ରତିକୃତି କରିବାକୁ ପାଖାପାଖି ୨ ରୁ ୩ ଦିନ ସମୟ ଲାଗିଥାଏ। ନଡାରେ ତଆରି ହୋଇଥିବା ଏହି ପ୍ରତିକୃତିର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ୪୦ ହଜାର ପର୍ଯ୍ୟନ୍ତ ରହିଛି। ସେ ଦୀର୍ଘ ୨୪ ବର୍ଷରୁ ଅଧିକ ସମୟ ହେବ ସେ ଏହି କଳା ଅରୁଣ ମୋହନ ପାତ୍ରଙ୍କଠୁ ଶିକ୍ଷାଲାଭ କରିଛନ୍ତି। କେବଳ ସେ ନୁହଁ ବରଂ ତାଙ୍କ ବାପା ଓ ଭାଇ ଗୋପାଳ ସହ ପୂରା ପରିବାର ଏହି କାମରେ ନିୟୋଜିତ ଅଛନ୍ତି ବୋଲି କହିଥିଲେ।

# ‘ସକାଳ’ ଓ ‘ନନ୍ଦିଘୋଷ’ କାର୍ଯ୍ୟାଳୟରେ ସରସ୍ୱତୀ ପୂଜା



ଭୁବନେଶ୍ୱର, ୨୩।୧(ସମିସ): ଦୈନିକ ଖବରକାଗଜ ‘ସକାଳ’ ଓ ‘ନନ୍ଦିଘୋଷ’ ର ଭଗବାନପୁର ସ୍ଥିତ କାର୍ଯ୍ୟାଳୟ ପରିସରରେ ମା’ ବାଗ୍‌ଦେବୀଙ୍କ ଆରାଧନା କରାଯାଇଛି। ରୀତିନୀତି ଅନୁଯାୟୀ ମା’ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ‘ସକାଳ’ର ସିଇଓ ସୁବ୍ରତ କୁମାର ଦାସ, ପ୍ରକାଶକ ଅମିତ କୁମାର ମଲ୍ଲିକ, ବ୍ୟୁରୋ ଚିଫ୍ ରଞ୍ଜିତ୍ ମହାନ୍ତି, ନନ୍ଦିଘୋଷ ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟମିଶ୍ର, ନନ୍ଦିଘୋଷର ସିଓଓ ଯବର ସିଂ ପନୱାର, ସକାଳ ଓ ନନ୍ଦିଘୋଷର ଡିଜିଏମ୍ ଯୀଷ୍ଣୁ ମହାନ୍ତି, ମାନବସମ୍ବଳ ଅଧିକାରୀ, ପ୍ରସାରଣ ବିଭାଗ ସମେତ ସକାଳ ଓ ନନ୍ଦିଘୋଷର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମା’ ପୂଜାର୍ଚ୍ଚନା ପରେ ସମସ୍ତେ ପୁଷ୍ପାଞ୍ଜଳି ଦେଇଥିଲେ। ଶେଷରେ ପ୍ରସାଦ ସେବନ କରାଯାଇଥିଲା।

# ତାଳପତ୍ର ପୋଥିରେ ବିରାଜିଲେ ସରସ୍ୱତୀ



ଭୁବନେଶ୍ୱର, ୨୩।୧(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଢ଼ିଛନ୍ତି ଦେବୀ ସରସ୍ୱତୀଙ୍କ ନିଆରା ମୂର୍ତ୍ତୀ। ମୂର୍ତ୍ତି କଳା ବିଭାଗର ଅଧ୍ୟାପକ ଚନ୍ଦନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀମାନେ ତାଳପତ୍ର ପୋଥି ଓ ଦେବୀ ସରସ୍ୱତୀଙ୍କ ଶ୍ଳୋକରେ ଏହି ସୁନ୍ଦର ମୂର୍ତ୍ତି ଗଢି ପୂଜା କରିଛନ୍ତି। ମହାବିଦ୍ୟାଳୟର ୧୭ ଜଣ ଶିଳ୍ପୀଙ୍କୁ ମୂର୍ତ୍ତି ଟି ଗଢ଼ିବାକୁ ୧୦ ଦିନ ସମୟ ଲାଗିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ, ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା, ଯନିତା ପ୍ରିୟଦର୍ଶିନୀ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ମହାବିଦ୍ୟାଳୟର ଛାତ୍ର ବୃନ୍ଦାବନ ପଣ୍ଡା, ଦେବରାଜ ମହାରଣା, ପ୍ରକାଶ ପରିଡ଼ା, ପ୍ରଦତ୍ତ ଭୋକ୍ତା, ପ୍ରୀତିନନ୍ଦା ସାହୁ, ସୌମ୍ୟକାନ୍ତ ସ୍ୱାଇଁ, ଦେବୀଦତ୍ତା ତାରିଣୀଆ, ସ୍ୱାଗତିକା ମିଶ୍ର ପ୍ରମୁଖ ପାରମ୍ପରିକ ତାଳପତ୍ର ଖୋଦେଇ ଆଧାରରେ ଏହି ପରିବେଶ ଅନୁକୂଳ ମୂର୍ତ୍ତି ତିଆରି କରିଥିଲେ। ଏହି ଅବସରରେ ସୁଭାଷ ଚନ୍ଦ୍ର ମୁଦୁଲି, ପ୍ରବୀର୍ ଦଲାଇ, ଡ. ଉମାକାନ୍ତ ସାମଲ ପ୍ରମୁଖଙ୍କ ସମେତ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ବିରାଜିଲେ ବାଗ୍‌ଦେବୀ

ଭୁବନେଶ୍ୱର, ୨୩।୧(ସମିସ): ଯା କୁନ୍ଦେ ତୁଷାର ହାର ଧବଳା.... ଶ୍ଳୋକରେ ପ୍ରକମ୍ପିତ ସାରା ସହର। ରାଜଧାନୀର ମନ୍ଦିର ଓ ଗଳିକନ୍ଦିରେ ମା’ ସରସ୍ୱତୀଙ୍କ ପୂଜା କରାଯାଇଛି। ବିଦ୍ୟା, କଳା, ସାହିତ୍ୟ ଓ ସ୍ୱର ବ୍ରହ୍ମର ଅଧିଷ୍ଠାତ୍ରୀ ଦେବୀ ମା’ ସରସ୍ୱତୀଙ୍କ ଆବାହନ କରାଯାଇଛି। ସ୍କୁଲ୍, କଲେଜ ଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କର୍ପୋରେଟ୍ ଅଫିସରେ ମଧ୍ୟ ଆଡ଼ମ୍ବର ରେ ମା’ଙ୍କ ଆରଧନା କରାଯାଇଛି। ଏଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ନୂତନ ବସ୍ତ୍ର ପରିଧାନ କରି ସମସ୍ତେ ମା’ଙ୍କ ପୂଜାର୍ଚ୍ଚନା କରିଛନ୍ତି। କେତେକ ଶିକ୍ଷାନୁଷ୍ଠାନରେ ଭୋଜିର ଆୟୋଜନ କରାଯାଇଥିଲା। କ୍ୟାପିଟାଲ ହାଇସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ନୂଆପଲ୍ଲିସ୍ଥିତ କସ୍ତୁରବା ଶିକ୍ଷାଶ୍ରମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଭୃତି ସ୍କୁଲରେ ଧୁମ୍‌ଧାମ୍‌ରେ ମା’ ବୀଣାପାଣିଙ୍କ ଆବାହନ କରାଯାଇଛି। ଛାତ୍ରଛାତ୍ରୀମାନେ ନିଜେ ଶ୍ଳୋକ ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା।

# ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବରପୁତ୍ରଙ୍କୁ ମାଲ୍ୟାର୍ପଣ



ଭୁବନେଶ୍ୱର, ୨୩।୧(ସମିସ): ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅମର ନାମ ଲେଖାଇ ଯାଇଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଓଡ଼ିଶାର ବୀରତ୍ୱପୂର୍ଣ୍ଣ ସଂଗ୍ରାମର ପ୍ରତୀକ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ନାରାୟଣ ପଣ୍ଡା ମୁଖ୍ୟବକ୍ତା, ପ୍ରାରମ୍ଭରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦୃଢ଼ ନେତୃତ୍ୱ, ‘ଆଜାଦ ହିନ୍ଦ’ ଆନ୍ଦୋଳନ ଓ ସଶସ୍ତ୍ର ସଂଗ୍ରାମର ସାହସିକ ପଥ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରସୁଲଗଡ଼ ଛକ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଏବଂ ଭିଏସ୍‌ଏସ୍ ନଗର ସ୍ଥିତ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସହ ବିଭାଗର ଅଧିକାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଥିଲେ।

# ଆଇନଜୀବୀ ବିଜୟ କୁମାର ବାରିକଙ୍କ ସ୍ମୃତିସଭା

ଭୁବନେଶ୍ୱର, ୨୩।୧(ସମିସ): ଆଇନଜୀବୀ ବିଜୟ କୁମାର ବାରିକଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଏହି ସ୍ମୃତିସଭାରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦିବଙ୍ଗତ ଆଇନଜୀବୀ ବାରିକଙ୍କ ସ୍ମୃତିଚାରଣ କରିଥିଲେ। ଅତିଥି ଭାବେ ଶିଶୁ ସାହିତ୍ୟକ ଶରତ ନାୟକ, କର୍ପୋରେଟର ଶିବନାରାୟଣ ରାୟ, ହୃଦୟବଲ୍ଲଭ ସାମନ୍ତସିଂହାର, ସମାଜସେବୀ ମାନସ ବସ୍ତିଆ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବାରିକଙ୍କ ମେଳାପି ଓ ସ୍ନେହବତ୍ସଳ ଗୁଣର ବର୍ଣ୍ଣନା କରିଥିଲେ। ଏହି ସ୍ମୃତିସଭାକୁ ଯୁବ ସାହିତ୍ୟକ ତଥା ପ୍ରକାଶକ ରଜତ ରଶ୍ମି ସ୍ୱାଇଁ ପରିଚାଳନା କରିଥିଲେ।

# ଓଡ଼ିଶା ଅର୍ଥୋପେଡ଼ିକ୍ସ ଆସୋସିଏସନର ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ




ଭୁବନେଶ୍ୱର, ୨୩।୧(ସମିସ): ଓଡ଼ିଶା ଅର୍ଥୋପେଡ଼ିକ୍ସ ଆସୋସିଏସନର ୫୦ତମ ବାର୍ଷିକ ସମ୍ମିଳନୀ ଶୁକ୍ରବାର ପୁରୀଠାରେ ଆନୁଷ୍ଠାନିକ ଭାବରେ ଉଦଘାଟିତ ହୋଇଯାଇଛି। ତିନିଦିନିଆ ଏହି ସମ୍ମିଳନୀରେ ଦେଶ ବିଦେଶର ୫୦ରୁ ଅଧିକ ଅର୍ଥୋପେଡ଼ିକ୍ ଡାକ୍ତର ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୦୦ରୁ ଅଧିକ ଅର୍ଥୋପେଡ଼ିକ୍ ଡାକ୍ତର ଓ ଡାକ୍ତରୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଂଶ ଗ୍ରହଣ କରିଥିବା ଡାକ୍ତରମାନେ ସର୍ଜରୀ ସମ୍ପର୍କରେ ନିଜର ଅନୁଭୂତି କହିଥିଲେ, ନୂଆ ପ୍ରଯୁକ୍ତି ଓ ଗବେଷଣା ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ମୁଖ୍ୟ ଅତିଥି ଭାବରେ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ଯୋଗ ଦେଇଥିଲେ। ଏହି ଜାତୀୟ ସ୍ତରର କର୍ମଶାଳାର ସଫଳତା କାମନା କରି ସେ କହିଥିଲେ, ଅର୍ଥୋପେଡ଼ିକ୍ସ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି ଓଡ଼ିଶାର ସମସ୍ତ ଜିଲ୍ଲାରେ କେମିତି ଉପଲବ୍ଧ ହେବ, ସେ ଦିଗରେ ସରକାର ଯୋଜନା ପ୍ରସ୍ତୁତ କରିବେ।

ଓଡ଼ିଶା ଅର୍ଥୋପେଡ଼ିକ୍ସ ଆସୋସିଏସନ ସଭାପତି ଡାକ୍ତର କେ. ଏର୍. ମହାପାତ୍ର କହିଥିଲେ, ଆଗାମୀ ଦିନରେ ମଧ୍ୟ ଏପରି ଶିକ୍ଷାମୂଳକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟରେ ଉନ୍ନତ ଅର୍ଥୋପେଡ଼ିକ୍ ସେବା ପହଞ୍ଚାଇବାକୁ ପ୍ରୟାସ ଜାରି ରହିବ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୋଜକ କମିଟିର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ବିଶ୍ୱଜିତ୍ ସାହୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆୟୋଜକ କମିଟିର ସମ୍ପାଦକ ଡାକ୍ତର ସୁନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳା ରବିବାର ପର୍ଯ୍ୟନ୍ତ ଜାରି ରହିବ।

# ନେତାଜୀଙ୍କ ଜୟନ୍ତୀରେ ଦେଶପ୍ରେମ କବି ସମ୍ମିଳନୀ



ଭୁବନେଶ୍ୱର, ୨୩।୧(ସମିସ): ଫରୱାର୍ଡ ବ୍ଲକ ଓ ଆଜାଦ୍ ହିନ୍ଦ୍ ବାହିନୀର ପ୍ରାଣ ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୩୦ ତମ ଜୟନ୍ତୀ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ନେତାଜୀ ଭବନଠାରେ ଆୟୋଜିତ ହୋଇଛି। ଦେଶପ୍ରେମ କବି ସମ୍ମିଳନୀକୁ ଉଦ୍‌ଘାଟନ କରି କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ପବିତ୍ର ମୋହନ କର ନେତାଜୀଙ୍କ ଆଦର୍ଶ ଓ ଦର୍ଶନର ବିଷୟରେ ଆଲୋଚନା କରିଥିଲେ। ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ସ୍ତମ୍ଭକାର ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦେଶପ୍ରେମ କବି ସମ୍ମିଳନୀରେ ଅତିଥିଭାବେ ପ୍ରାବନ୍ଧିକା ଡ. ଇପ୍‌ସିତା ଷଡ଼ଙ୍ଗୀ, କବି ନୃସିଂହ ତରାଇ, କବି ଶର୍ମିଷ୍ଠା ନାଥ, କବି ଉମାକାନ୍ତ ରାଉତ, କବି ବିନୋଦ ମହାରଣା ପ୍ରମୁଖ ଦେଶପ୍ରେମ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। କବି ଶ୍ରୁତକୀର୍ତ୍ତି ତ୍ରିପାଠୀ ସଂଯୋଜନା କରିଥିବାବେଳେ ଆଜାଦ୍ ହିନ୍ଦ୍ ବାହିନୀର ଜାତୀୟ ଆବାହକ ଜ୍ୟୋତି ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଫରୱାର୍ଡ କ୍ଲବ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବବ୍ରତ ବିଶ୍ୱାସ କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟିକ ସତ୍ୟନାରାୟଣ ମହାପାତ୍ରଙ୍କ ଲିଖିତ ‘ନେତାଜୀ ସୁଭାଷ’ ଉନ୍ମୋଚିତ ହୋଇଥିଲା।

# ଲାଲଚାନ୍ଦ୍ ଲକି ଡ୍ର: ବିଶ୍ୱଜିତ୍ ଜିତିଲେ ୱିଣ୍ଡସର କାର୍; ୬ ଜଣ ଲକ୍ଷପତି

ଭୁବନେଶ୍ୱର, ୨୩।୧(ସମିସ): ପୂର୍ବ ଭାରତର ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ ଲାଲଚାନ୍ଦ ଜୁଏଲର୍ସ ପକ୍ଷରୁ ଅନୁଷ୍ଠିତ ଲକି ଡ୍ରରେ ପଟିଆ ଅଞ୍ଚଳର ବିଶ୍ୱଜିତ୍ ରାଉତ୍ ଏମ୍‌ଜି ୱିଣ୍ଡସର କାର୍ ଜିତିଛନ୍ତି। ସେହିପରି ବିଭିନ୍ନ ମାସ ପାଇଁ ତମାଣ୍ଡୋର ପବିତ୍ର ମୋହର ପଲେଇ, କଟକର ସୃଷ୍ଟି ଶୋଭନା ମୁଦୁଲି, ପୁରୀର ଅବ୍‌ଦୁଲ୍ ନଇମ୍ ଖାନ, କଟକର ରୋଜାଲିନ୍ ପ୍ରଧାନ, ପାତ୍ରପଡା ଭୁବନେଶ୍ୱରର ରିନାତା ଦାସ ଓ ଭୁବନେଶ୍ୱରର ଅନିତା ପ୍ରଧାନ ବିଭିନ୍ନ ମାସର ଲକ୍ଷପତି ପୁରସ୍କାର ବିଜେତା ହୋଇଛନ୍ତି। ଜାନୁଆରୀ ୨୨ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁଲଗ୍ନା ପରିଚାଳନା କରିଥିଲେ। ଲାଲଚାନ୍ଦର ବ୍ରାଣ୍ଡ ଆମ୍ବାସାଡର ତଥା ଲୋକପ୍ରିୟ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ, ସୂର୍ଯ୍ୟମୟୀ ମହାପାତ୍ର, ଓଲିଉଡ୍ ଅଭିନେତା କୁନା ତ୍ରିପାଠୀ ଉପସ୍ଥିତ ଥିଲେ। ଲୋକପ୍ରିୟ ଗାୟିକା ଲୋପାମୁଦ୍ରା ଦାସ ଓ ଅବିନାଶ ଦାସଙ୍କ ସଙ୍ଗୀତ ପରିବେଷଣ କରିଛନ୍ତି।




ଏହି ଭବ୍ୟ ଉତ୍ସବରେ ଲାଲଚାନ୍ଦ୍ ଜୁଏଲର୍ସ ବହୁପ୍ରତୀକ୍ଷିତ “ବିଗ୍ ବ୍ୟାଙ୍ଗ ବ୍ୟାଙ୍ଗଲ୍ସ ଫେଷ୍ଟିଭାଲ” ଘୋଷଣା କରିଛି। ସମସ୍ତ ୨୨ କ୍ୟାରେଟ୍ ସୁନା ଚୁଡ଼ି ଉପରେ ସବୁଠାରୁ କମ୍ ମେକିଂ ଚାର୍ଜ, କେବଳ ୯୯୯ ଟଙ୍କା ପ୍ରତି ଗ୍ରାମ୍ ରଖାଯାଇଛି। ଏହା ଜାନୁଆରୀ ୨୩ ଠାରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଷ୍ଟୋର ଓ ଫେବୃଆରୀ ୨ ଠାରୁ ୮ ପର୍ଯ୍ୟନ୍ତ କଟକର କ୍ୟାଣ୍ଟନମେଣ୍ଟ ରୋଡ୍ ଷ୍ଟୋରରେ ଆୟୋଜିତ ହେବ। ଏହି ଅବସରରେ ଗ୍ରାହକଙ୍କୁ ଧନ୍ୟବାଦ ଜଣାଇ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଚେୟାରମ୍ୟାନ୍ ଡ. ସଞ୍ଜୟ ହଂସ କହିଛନ୍ତି ଯେ, ଗ୍ରାହକ ସନ୍ତୁଷ୍ଟି ହିଁ ଲାଲଚାନ୍ଦର ସର୍ବୋପ୍ରାଥମିକତା। ସୁନା ଦର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଗ୍ରାହକମାନେ ବୁଦ୍ଧିମତାର ସହିତ ବ୍ୟକ୍ତିଗତ ବ୍ୟବହାର ଓ ଆଗାମୀ ବିବାହ ଅବସର ପାଇଁ ସୁନା କିଣୁଛନ୍ତି। ବାଙ୍ଗଲ୍ ଫେଷ୍ଟିଭାଲ୍ ଗ୍ରାହକମାନଙ୍କୁ ବେଶ୍ ପସନ୍ଦ ଆସିଛି ବୋଲି ସେ କହିଛନ୍ତି।

# ବାଲକାଟି ପ୍ରିମିୟର ଲିଗ ଉଦ୍‌ଘାଟିତ

ଧଉଳି/ବାଲିଅନ୍ତା, ୨୩।୧(ସମିସ): ବାଲକାଟି କଲେଜ ପଡ଼ିଆରେ ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବାଲକାଟି ପ୍ରେମିୟର ଲିଗ ଟୁର୍ଣ୍ଣାମେଣ୍ଟର ୯ ମ ସଂସ୍କରଣ ଆଜି ଉଦଘାଟିତ ହୋଇଯାଇଛି। କ୍ଲବ ସଭାପତି ଇଁ. ରୁଦ୍ର ପ୍ରସାଦ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟା କୁନମୁନ ଲେଙ୍କା, ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ମହାନ୍ତି, ସୁବ୍ରତ କୁମାର ମହାନ୍ତି, ବେଣୁଧର ଭୋଇ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ରାଜନେତା ଶିବ ପ୍ରସାଦ ମଲ୍ଲିକ, ଲଜର ଡେଭଲପର ମୁଖ୍ୟ ବିଶ୍ୱରଞ୍ଜନ ଦେ, ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ସିଦ୍ଧେଶ୍ୱର ମହାନ୍ତି, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣୀ, ବରିଷ୍ଠ ସାମ୍ବାଦିକ ଅନୁପ ଶୁଭଙ୍କର ନାୟକ ପ୍ରମୁଖ ଯୋଗଦେଇ କ୍ରିକେଟ ଏକ ଭାଇଚାରାର ଖେଳ। ଏହି ଖେଳକୁ ସମସ୍ତ ଖେଳାଳୀ ଶାନ୍ତିଶୃଙ୍ଖଳାର ସହ ଖେଳିବାପାଇଁ ପରାମର୍ଶ ଦେବାସହ ଉପସ୍ଥିତ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି ଦଳ ନେଇଥିବା ବେଳେ ଆଜିର ଉଦଘାଟନ ମ୍ୟାଚରେ ପ୍ରଥମେ ସାଇ ୱାରୀୟର ଓ ବିବି ୱାରୀୟର ମଧ୍ୟରେ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବିବି ୱାରୀୟର ନିର୍ଦ୍ଧାରିତ ୬ ଓଭରରେ ୮୯ ରନ କରିଥିଲା। ଜବାବରେ ସାଇ ୱାରୀୟର ଧୂଆଁଧାର ବ୍ୟାଟିଂ କରି ଗୋଟେ ଓଭର ବାକିଥାଇ ବିଜୟୀ ହୋଇଥିଲା। ପରେ ଅନ୍ୟ ମ୍ୟାଚ ଖେଳାଯାଇଥିଲା। ଆଜି ମୋଟ ୭ ଟା ମ୍ୟାଚ ଖେଳାଯାଇଥିଲା।




ଆସନ୍ତା ୨୪, ୨୫ ତାରିଖରେ ପରବର୍ତ୍ତୀ ମ୍ୟାଚ ଖେଳାଯିବ। ଶେଷରେ ୨୬ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେବା ସହ ଫାଇନାଲ ଖେଳାଯିବ। ଆଜିର ଖେଳକୁ ଶ୍ରୀକାନ୍ତ ମହାରଣା, ବିଟୁ ଓ ମଣ୍ଟୁ ପରିଚାଳନା କରିଥିବା ବେଳେ ଟୁର୍ଣ୍ଣାମେଣ୍ଟକୁ ଭରତ ସେଠି, ସୌମ୍ୟ ରଞ୍ଜନ ମହାନ୍ତି, ଆର୍ଯ୍ୟପ୍ରକାଶ ଭୋଳ, ନିହାର ରଞ୍ଜନ ଦାସ ପ୍ରମୁଖ ଜାଗେଶ୍ୱରୀ କ୍ରିକେଟ କ୍ଲବର ସଦସ୍ୟ ସହଯୋଗ କରିଥିଲେ।

# ଓଡ଼ିଶୀ ଯୁଗଳବନ୍ଦୀରେ ଶିବ-ରୁଦ୍ର ତାଣ୍ଡବ

ଭୁବନେଶ୍ୱର, ୨୩।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦେଶ ତଥା ଦେଶ ବାହାରେ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରିବା ଏବଂ ଗୋଟିଏ ମଞ୍ଚରେ ଦେଶ ବିଦେଶର ନୃତ୍ୟଶିଳ୍ପୀମାନେ ଉପସ୍ଥାପନ କରିବା ଲକ୍ଷ୍ୟରେ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହି ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହେବ। ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି।



ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପ୍ରଖ୍ୟାତ ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ମାର୍ଗଦର୍ଶନରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା ଶିବ ବନ୍ଦନାରୁ। ଏହାପରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ କୌସ୍ତବୀ ସରକାରଙ୍କ ଏକକ ଓଡ଼ିଶୀ ନୃତ୍ୟରେ ଜୟ ମହେଶା (ଭଗବାନ ଶିବଙ୍କ ପ୍ରତି ଏକ ଗୀତ), ଯୁଗ୍ମଦ୍ୱନ୍ଦ (ନୃତ୍ୟ ଓ ସଙ୍ଗୀତ ମଧ୍ୟରେ ଆହ୍ୱାନ ଏବଂ ପ୍ରତିକ୍ରିୟା ଗଠନ) ଏବଂ ଅର୍ଦ୍ଧନାରିଶ୍ୱର (ଗତିଶୀଳତା ଏବଂ ମହାଜାଗତିକ ଶକ୍ତିର ସଙ୍ଗମ) ଉପସ୍ଥାପନ କରିଥିଲେ। ଏହାପରେ ଓଡିଶୀ ଯୁଗଳବନ୍ଦୀରେ ଭୁବନେଶ୍ୱରର ନୃତ୍ୟଶିଳ୍ପୀ ବିଭୁ ପ୍ରସାଦ ବେହେରା ଏବଂ ଆକାଂକ୍ଷା ଦାଶ ପ୍ରଥମେ ରାଗ-ଦେଶ ଏବଂ ତାଳ-ଏକାତାଳୀରେ ପଲ୍ଲବୀ ପରେ ପରେ ଶିବ-ରୁଦ୍ର ତାଣ୍ଡବ ଉପସ୍ଥାପନ କରିଥିଲେ। ଶେଷରେ କଟକର ବିଶ୍ୱନାଥ ସଙ୍ଗୀତାଳୟର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଗୋପିକା-ଗୀତାମ୍ ଶ୍ରୀମଦ୍-ଭଗବତମର ଏକ ଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଅଧିକାରୀମାନେ ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ଏବଂ ଡ. ନାଜିଆ ଆଲାମ୍।(ସୁମିତ୍ରା)



# ବାଲକାଟି ବଜାର: ରାସ୍ତା ସମ୍ପ୍ରସାରଣ; ପେଟପାଟଣା ଚିନ୍ତାରେ ବେପାରୀ

ଧଉଳି, ୨୩।୧(ସମିସ): ସମଗ୍ର ଜୟଦେବ ନିର୍ବାଚନମଣ୍ଡଳୀର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଉଛି ବାଲିଅନ୍ତା ବ୍ଲକ ଅଧୀନ ସରଦେଇପୁର-ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତା ବାଲକାଟି ବଜାର ସମ୍ପ୍ରସାରଣ ପାଇଁ ଦୋକାନଗୁଡ଼ିକୁ ଉପଯୁକ୍ତ ଥଇଥାନ କରା ନ ଯାଇ ଉଚ୍ଛେଦ କରାଯାଉଥିବାରୁ ୫୦ରୁ ଅଧିକ ବ୍ୟବସାୟୀଙ୍କ ପରିବାର ଏବେ ପେଟପାଟଣା ପାଇଁ ଚିନ୍ତାରେ ପଡ଼ିଛନ୍ତି।

**■ ଖୋଲା ଆକାଶ ତଳେ ପଡ଼ିଛନ୍ତି ୫୦ ବ୍ୟବସାୟୀ.**
**■ ଜୋର ଧରିଲା ଥଇଥାନ ଦାବି**



ଏହି ରାସ୍ତାକଡ଼ରେ ୫ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବିଭିନ୍ନ ପ୍ରକାର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ବଜାରରେ ଘରୋଇ ଉପକରଣ ଠାରୁ ଆରମ୍ଭ କରି ସୌଖିନ ସାମଗ୍ରୀ ସହ ବିଭିନ୍ନ ପର୍ବପର୍ବାଣି ନିମନ୍ତେ ପୋଷାକ ପତ୍ର ସୁଲଭ ଦରରେ ମିଳିଥାଏ। ବିଶେଷକରି ଓଡ଼ିଶା ପ୍ରସିଦ୍ଧ କଂସାପିତଳ ସାମଗ୍ରୀ ମଧ୍ୟ ଏଠାରେ ବିକ୍ରି କରାଯାଇଥାଏ। ଏହି ବଜାର ଉପରେ ବାଲିଅନ୍ତା, ବାଲିପାଟଣା, ପିପିଲି, ଭୁବନେଶ୍ୱର ବ୍ଲକର ପ୍ରାୟ ୨୦ ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ମାତ୍ର ବର୍ତ୍ତମାନ ସରଦେଇପୁର-ନିମାପଡ଼ା ରାସ୍ତା ଚାରିଥାକିଆ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ମା' ଦୁଲ୍ଲାଦେବୀ ମନ୍ଦିର ଠାରୁ ମଞ୍ଜରିଦେବୀ କଲେଜ ଏବଂ ବୁଦ୍ଧିପଡ଼ା ଠାରୁ ବାଲିପାଟଣା ବଜାର ପର୍ଯ୍ୟନ୍ତ ଚାରିଥାକିଆ ହେଉଛି। କାର୍ଯ୍ୟ ଅଗ୍ରଗତି ଚାଲିଥିବା ବେଳେ ଉତ୍ତରାରୁ ମା' ଦୁଲ୍ଲାଦେବୀ ମନ୍ଦିର ପର୍ଯ୍ୟନ୍ତ ଦୋହରୀକରଣ କରାଯିବ। ଏଥିପାଇଁ ପୂର୍ତ୍ତବିଭାଗ ପକ୍ଷରୁ ଟେଣ୍ଡର କରାଯାଇଛି। ସେହି ଅନୁସାରେ ବାଲକାଟି ବଜାରକୁ ଦୋହରୀକରଣ ଯିବ।

ଏହାକୁ ଲକ୍ଷ ରଖି ପୂର୍ତ୍ତବିଭାଗ ମହଜୁଦ ଥିବା ନିଜ ଜାଗାକୁ ଜବରଦଖଲ ମୁକ୍ତ କରିବାପାଇଁ ତହସିଲ ପ୍ରଶାସନ ସାହାଯ୍ୟ ଲୋଡ଼ିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଦୋକାନ ଖାଲି କରିବା ପାଇଁ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଥିଲା। ଚଳିତ ମାସ ୨୧/୨୨ ତାରିଖରେ ଉଚ୍ଛେଦ କରିବା ପାଇଁ ନୋଟିସ ଦେଇଥିଲେ। ତଦନୁଯାୟୀ ଦୋକାନୀ ମାନେ ନିଜ ନିଜ ଦୋକାନରୁ ସାମଗ୍ରୀ ଖାଲି କରିବା ସହ ଦୋକାନ ଆଗରୁ ଟିଣ ଚଦର କାଢ଼ିଛନ୍ତି। ଏଥିସହ ଦୋକାନ କାନ୍ଥ ଭାଙ୍ଗିଛନ୍ତି। ଏଥିରେ କିଛି ବ୍ୟବସାୟୀ ମୂଳ ଦୋକାନ ଆଗରେ ଟିଣ ଚଦର କାଢି ଦେଇଥିବା ବେଳେ କିଛି ବ୍ୟବସାୟୀ ନିଜ ଦୋକାନକୁ ପଛକୁ ନେଇଛନ୍ତି।

ମାତ୍ର ଭାର୍ଗବୀ ସେତୁ ଠାରୁ ଆରମ୍ଭ କରି ବାଲକାଟି ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଏବଂ କଲେଜ ରୋଡ଼ରେ ଥିବା ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ବ୍ୟବସାୟୀମାନେ ସମ୍ପୂର୍ଣ୍ଣ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ପରେ ଏକ ପ୍ରକାର ନିଶ୍ଚିହ୍ନ ହୋଇଯାଇଛି ବାଲକାଟି ବଜାର। ଚାରିଆଡେ କିଟିମିଟି ଅନ୍ଧାର ରାସ୍ତାଘାଟ ଦେଖାଯାଉନାହିଁ। ଉକ୍ତ ରାସ୍ତା ଦେଇ ଯିବାଆସିବା କରିବାକୁ ଭୟ ବି ଲାଗିଲାଣି। ବ୍ୟବସାୟୀ ମାନେ ଏକ ପ୍ରକାର ଜୀବିକା ହରାଇଛନ୍ତି। ଏମାନଙ୍କ ନିକଟରେ ଦୋକାନ ଖୋଲିବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଫଳରେ ସେମାନେ ହାତଗୋଡ଼ ବାନ୍ଧି ଘରେ ବସିବା ସହ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି। ଏପରିକି ଜୀବିକା ନିର୍ବାହ କରିବା ଏବଂ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କାଠିକାର ପାଠ ହୋଇପଡ଼ିଛି। ଆର୍ଥିକ ଅଭାବରେ କାଳାତିପାତ କରୁଛନ୍ତି ସେମାନଙ୍କ ପରିବାର। ସମସ୍ତ ବ୍ୟବସାୟୀଙ୍କ ଆଖିରେ ଲୁହ ହିଁ ବୟାନ କରୁଛି ସେମାନଙ୍କ ଦୋକାନ ଭାଙ୍ଗିବାର କଷ୍ଟକର ହୋଇପଡ଼ିଛି। ଆଜିର ବ୍ୟୟବହୁଳ ସମାଜରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପରିବାର ପ୍ରତିପୋଷଣ କରିବା ସହ ଗୁଜୁରାଣ ମେଣ୍ଟାଇବା ନିମନ୍ତେ କିଛି ଯୁବକ ବ୍ୟବସାୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ବ୍ୟବସାୟ କରି ସେମାନଙ୍କ ତେଲଲୁଣ ସଂସାର ଯେନେତେନ ପ୍ରକାରେ ଚଳି ଯାଉଥିଲା। ଏଭଳି ସ୍ଥଳେ ତହସିଲ ପ୍ରଶାସନର ଏହି ନିଷ୍ପତ୍ତି ସେମାନଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। କିଛି ବ୍ୟବସାୟୀ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କରୁ ଋଣ ଏବଂ ହାତ ଉର୍ଦ୍ଧାର ଆଣି ବ୍ୟବସାୟ କରୁଥିବା ବେଳେ ଏଭଳି ଘଟଣା ସେମାନଙ୍କ ଭବିଷ୍ୟତ ଚିନ୍ତାରେ ଅଣନିଶ୍ୱାସୀ ହୋଇଗଲେଣି। ମହଜୁଦ ଥିବା ସରକାରୀ ଜମିରେ ଜରୁରିକାଳୀନ ଭିତ୍ତିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ପ୍ରଭାବିତ ବ୍ୟବସାୟୀଙ୍କୁ ଥଇଥାନ କରିବା ନିମନ୍ତେ ବରିଷ୍ଠ ନାଗରୀକ, ବୁଦ୍ଧିଜୀବୀ ଓ ବ୍ୟବସାୟୀ ମାନେ ସାଂସଦ, ସ୍ଥାନୀୟ ବିଧାୟକ, ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ଆରମ୍ଭ ହେଲା 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ



ଭୁବନେଶ୍ୱର, ୨୩।୧(ସମିସ): ପାର୍ବଣ ଓ ବିବାହ ଋତୁକୁ ଦୃଷ୍ଟିରେ ରଖି ଓଡ଼ିଶା କଳା ଓ ଶିଳ୍ପ ପକ୍ଷରୁ ସ୍ଥାନୀୟ ହୋଟେଲ ପ୍ରାଚୀରେ 'ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ' ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ପ୍ରକାରର ରେଶମ ଶାଢ଼ୀ ଗୋଟିଏ ସ୍ଥାନରେ ପ୍ରଦାନ କରିବା ଉଦ୍ଦେଶ୍ୟରେ ଫେବୃଆରୀ ୧ତାରିଖ ଯାଏ ୧୦ଦିନ ଧରି ଚାଲିବାକୁ ଥିବା ଏହି ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ୧୩ଟି ରାଜ୍ୟର ହସ୍ତତନ୍ତ ଶାଢୀ ମୁଖ୍ୟ ଆକର୍ଷଣ ପାଲଟିଛି।ଏଥିରେ ୮୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ରେଶମ ଶାଢୀ, ସୁଟ୍, ଡ୍ରେସ୍ ସାମଗ୍ରୀ, ଷ୍ଟୋଲ, କୁର୍ତ୍ତୀ, ଦୁପଟ୍ଟା, କୁର୍ତ୍ତା, ଜୋତା ଏବଂ ଘରୋଇ ସାଜସଜ୍ଜା ସାମଗ୍ରୀ ଆଦି ପ୍ରଦର୍ଶିତ ହେବା ସହ ଶାଢ଼ିର ଏକ ଉତ୍କୃଷ୍ଟ ସଂଗ୍ରହ ଦେଖିବାକୁ ମିଳିବ। ଯେଉଁଥିରେ ଓଡ଼ିଶାର ସମ୍ବଲପୁରୀ ଇକତ ରେଶମ, ବିହାରର ଜୈବିକ ଟସର ସିଲ୍କ, ଆସାମର ମୁଗା ଏବଂ ଏରି ସିଲ୍କ, କର୍ଣ୍ଣାଟକର କ୍ରେପ, ଜର୍ଜେଟ ଏବଂ ଅରାନୀ ସିଲ୍କ, ତାମିଲନାଡୁର କାଚିପୁରମ୍ ସିଲ୍କ, ଉତରପ୍ରଦେଶର ମଲବେରୀ, ଜାମାୱାର ଏବଂ ଜାମଦାନୀ ସିଲ୍କ, ଛତିଶଗଡ଼ର କୋସା ସିଲ୍କ, ଜାମ୍ମୁ କାଶ୍ମୀରର ଚିନାର ଏବଂ ଟେଡି ସିଲ୍କ, ରାଜସ୍ଥାନର କୋଟା ସିଲ୍କ, ପଞ୍ଜାବର ଫୁଲକାରୀ ପୋଷାକ ସହିତ ଅନ୍ୟାନ୍ୟ ରାଜ୍ୟର ରେଶମ ଏବଂ ପୋଷାକ ସାମଗ୍ରୀ ରହିଛି। ଏହି ଅବସରରେ ମଡେଲମାନେ ରାମ୍ପ ୱାକ୍ ମାଧ୍ୟମରେ ଭାରତର ୧୫୦ରୁ ଅଧିକ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଶାଢୀ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା କଳା ଓ ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ମାନସ ଆଚାର୍ଯ୍ୟ କହିଛନ୍ତି, ରେଶମ ବୁଣାର ପାରମ୍ପରିକ କଳାକୁ ବଞ୍ଚାଇ ରଖିବା ପାଇଁ ସଂଗଠନ ଅନେକ ବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛି। ଦେଶର ବିଭିନ୍ନ ପ୍ରାନ୍ତରୁ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ରେଶମ ସଂଗ୍ରହ ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଛି। ରେଶମ ଶାଢ଼ି ଉପରେ ସ୍ୱତନ୍ତ୍ର ରିଆତି ରହିଥିବା ସେ କହିଛନ୍ତି। ପ୍ରତିଦିନ ସକାଳ ୧୦ଟା ୩୦ ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ।

## ଭ୍ୟାଲେଣ୍ଟାଇନ ୱିକ୍‌ରେ ଆସିବ 'ବର ବଧୂ'



ଭୁବନେଶ୍ୱର, ୨୩।୧(ସମିସ): ଇଭେଣ୍ଟ ସ୍କୋୟାରରେ ନୂଆ ଓଡ଼ିଆ ସିନେମା 'ବର ବଧୂ'ର ମ୍ୟୁଜିକ୍ ରିଲିଜ୍ ହୋଇଯାଇଛି। ଏଥିରେ ଚଳଚ୍ଚିତ୍ରର ସମସ୍ତ ଷ୍ଟାରକାଷ୍ଟ ଏବଂ ସଙ୍ଗୀତ କ୍ରୁ ସଦସ୍ୟମାନେ ଉପସ୍ଥିତ ଥିଲେ। ଦ ୟୁଜଫୁଲ ଗାର୍ବେଜ କ୍ରିଏସନ୍ସ ବ୍ୟାନରରେ ନିର୍ମିତ ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ବିଶ୍ୱରଞ୍ଜନ ଏବଂ ପ୍ରଯୋଜକ ଚନ୍ଦ୍ରମଣି ରହିଥିବା ବେଳେ କଣ୍ଟ୍ରି ବଏଜ ଷ୍ଟୁଡିଓଜ ଓ ଶର୍ପଲିନ ଫିଲ୍ମ ପ୍ରାଇଭେଟ ଲିମିଟେଡ ସହଯୋଗ କରିଛନ୍ତି। ତେବେ ସିନେମାରେ ଗୌରବ ଆନନ୍ଦ ଏବଂ ଭାରତ ହିତାର୍ଥୀ। ଜେ. ପି ୱାର୍ଡସ୍ମିଥ, ସ୍ମିତ ପଟ୍ଟନାୟକ, ସୁମିତ ପଣ୍ଡା, ଡି ସୁପ୍ରଭା, ଫୋନିକ୍ସ ଓ ସୁନୀଲ ପରିଡ଼ାଙ୍କ ସଙ୍ଗୀତରେ କଣ୍ଠଦାନ କରିଛନ୍ତି ପାପନ, କ୍ରିଷ୍ଣା ବେଉରା, ଅନନ୍ୟା ଶ୍ରୀତମ ନନ୍ଦ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ, ଆଶିଷ ପ୍ରଧାନ, ଅନୁରାଗ ଦାସ, ଓ ଶୁଭଶ୍ରୀ ଜେନା। ତେବେ ଫିଲ୍ମର ଗୀତକୁ ଉପସ୍ଥିତ ଦର୍ଶକ ବେଶ ପସନ୍ଦ କରିଛନ୍ତି। ସିନେମାରେ ସୁଭାଶିଷ ଶର୍ମା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ଜୟଶ୍ରୀ ଷଡ଼ଙ୍ଗୀ, ହର ରଥ ଓ ଭାସ୍ୱତୀ ବସୁ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପ୍ରେମ, ପରମ୍ପରା ଓ ମୂଲ୍ୟବୋଧ ଆଧାରରେ ଗଭୀର ଭାବେ ଗଢ଼ିଉଠିଥିବା ଏକ ହୃଦୟସ୍ପର୍ଶୀ କାହାଣୀକୁ ନେଇ 'ବର ବଧୂ' ଦର୍ଶକମାନଙ୍କୁ ଏକ ଭାବପ୍ରବଣ ସିନେମାର ଅନୁଭୂତି ପ୍ରଦାନ କରିବ ବୋଲି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ପ୍ରେମ ଦିବସକୁ ଦୃଷ୍ଟିରେ ରଖି ଆସନ୍ତା ଫେବୃଆରୀ ୧୩ ତାରିଖରେ ସର୍ବ ଭାରତୀୟ ସ୍ତରରେ 'ବର ବଧୂ' ମୁକ୍ତିଲାଭ କରିବ।

## ଆତ୍ମନିର୍ଭର ଭାରତ ପାଇଁ ଜାତୀୟ ଉତ୍କୃଷ୍ଟତା ପୁରସ୍କାର

ଭୁବନେଶ୍ୱର, ୨୩।୧(ସମିସ): ଏଆଇସିଟିଇ ଓ ସମିଟ୍ ଇଣ୍ଡିଆ ପକ୍ଷରୁ 'ଆତ୍ମନିର୍ଭର ଭାରତ ସହିତ ଜାତୀୟ ଉତ୍କୃଷ୍ଟତା ପୁରସ୍କାର ୨୦୨୬' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ହୋଟେଲ୍‌ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆତ୍ମନିର୍ଭର ଭାରତ ଗଠନରେ ଅବଦାନ ରଖୁଥିବା ବିଭିନ୍ନ କ୍ଷେତ୍ରର ଉତ୍କୃଷ୍ଟ ବ୍ୟକ୍ତିତ୍ୱ ଓ ସଂସ୍ଥାଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଛନ୍ତି ଯେ ଆତ୍ମନିର୍ଭର ଭାରତ ଗଠନ ପାଇଁ ଦେଶରେ ଅନୁକୂଳ ବାତାବରଣ ରହିଛି। ସରକାରୀ ପ୍ରୋତ୍ସାହନ ସହ ଉନ୍ନତ ଜ୍ଞାନକୌଶଳକୁ ଉପଯୋଗ କରି ନିଜର ଯୋଗଦାନ ରଖିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସମିଟ୍ ଇଣ୍ଡିଆର ଅଧ୍ୟକ୍ଷ ଶ୍ୟାମ ଜାଜୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମିଟ୍ ଇଣ୍ଡିଆର ଆନ୍ତର୍ଜାତୀୟ ଶାଖା ଅଧ୍ୟକ୍ଷ ବିଜୟ ସାମ୍ପଲା, ସମିଟ୍ ଇଣ୍ଡିଆର ଉପାଧ୍ୟକ୍ଷ ତଥା ଅବସରପ୍ରାପ୍ତ ବିଚାରପତି ଲୋକପାଳ ସିଂହ, ସାଧାରଣ ସମ୍ପାଦକ ପ୍ରଫେସର ମହେଶ ବର୍ମା ପ୍ରମୁଖ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କ ଉଦାହରଣ ଦେଇ ରାଜ୍ୟ ଓ ଦେଶକୁ ଆତ୍ମନିର୍ଭର କରିବାରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୪୭ ସୁଦ୍ଧା ଦେଶକୁ ଆତ୍ମନିର୍ଭର ଓ ବିକଶିତ କରିବା ପାଇଁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଦେଶକୁ ପ୍ରମୁଖ ବୈଶ୍ୱିକ ଅର୍ଥନୀତିରେ ପରିଣତ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ନୀତିନିର୍ଦ୍ଦେଶକ, ଶିକ୍ଷାବିତ, ଶିଳ୍ପପତି, ସାମାଜିକ କର୍ମୀ ଏକତ୍ରିତ ହୋଇ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣ ଅନୁସାରେ ଦେଶର ଉନ୍ନତି, ନବୋନ୍ମେଷ ଓ ସ୍ୱୟଂନିର୍ଭରତା ସମ୍ପର୍କରେ ଆଲୋଚନା କରିଛନ୍ତି। ସେହିପରି ସାମାଜିକ, ଆର୍ଥିକ ଓ ପ୍ରାଯୁକ୍ତିକ ଉନ୍ନତି ସହିତ ଅସାଧାରଣ କାର୍ଯ୍ୟଦକ୍ଷତା, ଦୃଢ଼ ନେତୃତ୍ୱ ଓ ନିଷ୍ଠା ପ୍ରଦର୍ଶନ କରିଥିବା ବ୍ୟକ୍ତି ଓ ସଂସ୍ଥାମାନଙ୍କୁ 'ଜାତୀୟ ଉତ୍କୃଷ୍ଟତା ପୁରସ୍କାର୨୦୨୬'ରେ ସମ୍ମାନିତ କରାଯାଇଛି।



## ଆନନ୍ଦମାର୍ଗ ଯୋଗ ସାଧନା ଆଲୋଚନାଚକ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୨୩।୧(ସମିସ): ଆନନ୍ଦ ମାର୍ଗ ପ୍ରଚାରକ ସଂଘ, ଭୁବନେଶ୍ୱର ଶାଖା ତରଫରୁ ନୂଆପଲ୍ଲୀ ବେହେରାସାହି ସ୍ଥିତ ଶ୍ରୀକୃଷ୍ଣ କ୍ଲବ ପରିସରରେ ଶୁକ୍ରବାର ଏକ ତ୍ରିଦିବସୀୟ ଯୋଗ ସାଧନା ସେମିନାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ରବିବାର ପଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଯୋଗ ସାଧନା ପ୍ରଶିକ୍ଷକ ଆଚାର୍ଯ୍ୟ ବିଶୁଦ୍ଧାୟାନନ୍ଦ ଅବଧୂତ ଯୋଗ ଦେଇଛନ୍ତି। ଏହି ତ୍ରିଦିବସୀୟ ଶିବିରରେ ଯୋଗ ସାଧନା ମାଧ୍ୟମରେ ବ୍ୟକ୍ତିର ଶାରୀରିକ ସୁସ୍ଥତା ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ପ୍ରଶିକ୍ଷଣ ଦିଆଯିବ। ଏହି ଶିବିରରେ ଆଚାର୍ଯ୍ୟ ବିନୟକୃଷ୍ଣାନନ୍ଦ ଅବଧୂତ ଓ ଅବଧୂତିକା ଆନନ୍ଦ ରୁପାତିତା ଆଚାର୍ଯ୍ୟା କାର୍ଯ୍ୟକ୍ରମ ନେତୃତ୍ୱ ନେଉଛନ୍ତି। ଆନନ୍ଦ ମାର୍ଗ ପ୍ରଚାରକ ସଂଘ ଓଡ଼ିଶା ପ୍ରଦେଶର ଅଧ୍ୟକ୍ଷ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଷଡ଼ଙ୍ଗୀ, ଆଚାର୍ଯ୍ୟ ନଟବର ବେହେରା, ବିଷ୍ଣୁ ଚରଣ ରାଉତ ଓ ହର୍ଷବର୍ଦ୍ଧନ ଲେଙ୍କା ଏହି ଶିବିରକୁ ପରିଚାଳନା କରୁଛନ୍ତି।

## ବୃଦ୍ଧାଶ୍ରମରେ ବସ୍ତ୍ର ବାଣ୍ଟିଲେ ପୁରାତନ ଛାତ୍ରଛାତ୍ରୀ




ବଡରଘୁନାଥପୁର, ୨୩।୧(ସମିସ): ଭୁବନେଶ୍ୱର ଉପକଣ୍ଠ ୧୯୯୫ ମସିହାର ମଦନପୁର ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନେ ନୂଆ ବର୍ଷରେ ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। ସରସ୍ୱତୀ ପୂଜା ଅବସରରେ ମଦନପୁର ବିଦ୍ୟାଳୟର ୧୯୯୫ ମସିହାର ପୁରାତନ ଛାତ୍ରଛାତ୍ରୀମାନେ ପାଇକରାପୁର ସ୍ଥିତ ଫୁଲ ଡମ୍ବରୁ ବୃଦ୍ଧାଶ୍ରମରେ ସମସ୍ତ ଛାତ୍ରଛାତ୍ରୀମାନେ ଅନ୍ତେବାସୀଙ୍କ ପାଇଁ ଅନ୍ନଦାନ ଏବଂ ବସ୍ତ୍ର ପ୍ରଦାନ କରିଥିଲେ।

## ବକ୍ତୃତା ଓ ଛାନ୍ଦ ପ୍ରତିଯୋଗିତା



ଭୁବନେଶ୍ୱର, ୨୩।୧(ସମିସ): ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ସମାରୋହ ଅବସରରେ ଉତ୍କଳୀୟ ସ୍ୱାଭିମାନ ଅନୁଷ୍ଠାନ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମ୍ନି ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ କବିତା ଓ ଛାନ୍ଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଜାଭିଆୟର ଅନ୍ତଃରାଷ୍ଟ୍ରୀୟ ବିଦ୍ୟାଳୟଠାରେ ଅଭିମନ୍ୟୁଙ୍କ କାବ୍ୟ ଓ କବିତା ଉପରେ ଆଧାରିତ ବିଷୟବସ୍ତୁକୁ ନେଇ ଆୟୋଜିତ ହୋଇଛି। ଏଥିସହିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଭିମନ୍ୟୁଙ୍କ ବିରଚିତ ଛାନ୍ଦ ଗାୟନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁୟାରୀ ୨୭ ତାରିଖରେ ଜୟଦେବ ଭବନରେ ଅନୁଷ୍ଠିତ ହେବାକୁ ଥିବା ଅଭିମନ୍ୟୁ ଗୀତାଞ୍ଜଳି, କାବ୍ୟାଲୋଚନା ଓ ସମ୍ବର୍ଦ୍ଧନା ଉତ୍ସବରେ ମନ୍ତ୍ରୀ ଓ ଅନ୍ୟାନ୍ୟ ବିଶେଷ ଅତିଥିମାନଙ୍କ ଉପସ୍ଥିତିରେ ପରିସ୍କୃତ କରାଯିବ। ଏହି ସମାରୋହରେବିଦଗ୍ଧକବିଙ୍କଛାନ୍ଦଉପରେଆଧାରିତଅଭିମନ୍ୟୁଗୀତାଞ୍ଜଳିସଙ୍ଗୀତକାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉତ୍କଳୀୟ ସ୍ୱାଭିମାନର ଅଧ୍ୟକ୍ଷ ମନୋଜ ନାୟକ ସୂଚନା ଦେଇଛନ୍ତି।

## ୩ୟ ତମ ଓଗାଳପଡ଼ା ପ୍ରିମିୟର ଲିଗ୍

ଝାଁଳା, ୨୩।୧(ସମିସ): ଝାଁଳା ପଞ୍ଚାୟତ ଓଗାଳପଡ଼ା ଠାରେ ବାବା ମୃଗେଶ୍ୱର କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ତମ ଓଗାଳପଡ଼ା ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଅଛି। ପ୍ରଥମ ଲିଗରେ ଭିଣ୍ଟେଜ୍ ଇଲେଭେନ୍ ବନାମ ସୁପର ଷ୍ଟାଇ କର୍ ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ଭିଣ୍ଟେଜ୍ ଇଲେଭେନ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛି, ପ୍ରଥମେ ଭିଣ୍ଟେଜ୍ ଇଲେଭେନ୍ ୧୭୦ ରନ୍ ବିନିମୟରେ ୩ ଉଇକେଟ୍ ସଂଗ୍ରହ କରିଥିଲା, ୧୭୧ ରନ୍ ବିଜୟ ଲକ୍ଷ୍ୟ ନେଇ ସୁପର୍ ଷ୍ଟାଇ କର୍ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭର୍ ୮ ଉଇକେଟ ହରାଇ ୧୨୦ ରନ୍ କରି ମ୍ୟାଚ୍ ଟିକୁ ହରାଯାଇଥିଲା। ଆଜି ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ୍ ସୁଭ ବେହେରା ବିବେଚିତ ହୋଇଥିଲେ। ସେହିପରି ମ୍ୟାଚ୍‌ର ଦ୍ୱିତୀୟ ପ୍ରିମିୟର ଲିଗରେ ସାଇନା ଇଲେଭେନ୍ ବନାମ ଭୁଆସୁଣି ୱାରିଅର୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଭୁଆସୁଣି ୱାରିଅର୍ କ୍ୱାର୍ଟର୍ ଫାଇନାଲ୍ ରେ ପ୍ରବେଶ କରିଛି। ଭୁଆସୁଣି ୱାରିଅର୍ ପ୍ରଥମେ ବ୍ୟାଟିଙ୍ଗ କରି ୧୬୦ ରନ୍ ବିନିମୟରେ ୪ ଉଇକେଟ ସଂଗ୍ରହ କରିଥିଲା। ୧୬୨ ରନ୍ ବିଜୟ ଲକ୍ଷ୍ୟ ନେଇ ସାଇନା ଇଲେଭେନ୍ ବ୍ୟାଟି ଆରମ୍ଭ କରି ନିର୍ଦ୍ଧାରିତ ଓଭର ୫ ଉଇକେଟ୍ ହରାଇ ୧୩୪ ରନ୍ କରି ମ୍ୟାଚଟିକୁ ହାରି ଯାଇଥିଲା। ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିକାଶ ବରାଳ ବିବେଚିତ ହୋଇଥିଲେ। ଆଜି ମ୍ୟାଚ୍‌ର ଅତିଥି ଥିଲେ ପ୍ରଧାନ ଶିକ୍ଷୟତ୍ରୀ ଜୟଶ୍ରୀ ନାୟକ, ସମାଜ ସେବି ଶରତ ସାହୁ, ତ୍ରିନାଥ ବେହେରା, ବିଷ୍ଣୁପ୍ରସାଦ ଦଳେଇ।

## ମହର୍ଷି କଲେଜର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୩।୧(ସମିସ): ସହିଦ ନଗରରସ୍ଥିତ ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଜିତେନ୍ଦ୍ରନାଥ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ନୀତିବୋଧ ଓ ଜୀବନମୂଲ୍ୟ ଉପରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସଂଯୋଜିକା ଡ. ଜ୍ୟୋତିର୍ମୟୀ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ କଲେଜର ଅଧ୍ୟକ୍ଷା ବୈଶାଳୀ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ପରେ ପରେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ଉର୍ମି ଦେବୀ ଧନ୍ୟବାଦ ଦେଇଥିଲେ।

# ବିକୃତ ହୋଇଗଲାଣି ମହାପୁରୁଷଙ୍କ ପ୍ରତିଛବି

ଭୁବନେଶ୍ୱର, ୨୩।୧(ସମିସ): ସହରର ସରକାରୀ ଓ ବେସରକାରୀ ପ୍ରାଚୀର ସହିତ ଓଭରବ୍ରିଜ୍, ଅଣ୍ଡରପାସ୍‌କୁ ପାରମ୍ପରିକ ଓ ଶିକ୍ଷଣୀୟ ଚିତ୍ର ସମେତ ମହାପୁରୁଷଙ୍କ ପ୍ରତିଛବି ଚିତ୍ରଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠାରେ ସେଗୁଡ଼ିକ ବିକୃତ ହୋଇଗଲେଣି ତ ଆଉ କେଉଁଠି ଅଧା ଲିଭି ଗଲାଣି। ବିଶେଷକରି ଉତ୍କଳ ପ୍ରଦେଶ ଗଠନ ସହ ଓଡ଼ିଆ ଜାତି ପାଇଁ ଗୌରବ ଆଣି ଦେଇଥିବା ମହାପୁରୁଷଙ୍କ ଚିତ୍ର ଓ ନିଜ ଲେଖନୀ ମୁନରେ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଥିବା ସ୍ରଷ୍ଟାଙ୍କ ପ୍ରେରଣାଦାୟୀ ଲେଖାକୁ ଚିତ୍ରିତ କରି ଅତୀତର ଗୌରବମୟ ଅଧ୍ୟାୟକୁ ରୋମନ୍ଥନ ପ୍ରୟାସ କରାଯାଇଛି। ରକ୍ଷଣାବେକ୍ଷଣା ଅଭାବରୁ ଏହି ପ୍ରୟାସ ବାଟବଣା ହେବାରେ ଲାଗିଛି।

**କାହାର ମୁହଁ ଲିଭିଲାଣି ତ କାହାର ନାଁ ନାହିଁ**



ଶିକ୍ଷଣୀୟ ବାର୍ତ୍ତା ସ୍ୱରପ ଯେଉଁ ମହାପୁରୁଷଙ୍କ ଚିତ୍ର ପ୍ରାଚୀରରେ ଅଙ୍କା ଯାଇଥିଲା। ତାହା ଏବେ ବିଡ଼ମ୍ବିତ ହୋଇପଡ଼ିଛି। ବିଶେଷ କରି ମହାପୁରୁଷଙ୍କ ଚିତ୍ର ଏବେ ଲିଭିବାରେ ଲାଗିଲାଣି। କାହାର ମୁହଁ ଲିଭିଲାଣି ତ କାହାର ମୁହଁ ଥିଲେ ନାଁ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ସୂର୍ଯ୍ୟନଗର ଅଞ୍ଚଳରେ ଥିବା ଲୋକଭବନ ପାଚେରୀରେ ଅଙ୍କାଯାଇଥିବା ପ୍ରାୟ ୨ଶହରୁ ଅଧିକ ମହାପୁରୁଷଙ୍କ ଚିତ୍ର ଏବେ ଲିଭିଗଲାଣି ତ ଆଉ କାହାର ନାଁ ମଧ୍ୟ ନାହିଁ। ଯାହାଦ୍ୱାରା ଦେଶ ବିଦେଶରୁ ରାଜଧାନୀକୁ ବୁଲି ଆସୁଥିବା ଆଗନ୍ତୁକ ମାନେ ଏହା ଦେଖି ଉପହାସ କରୁଛନ୍ତି ଓ ଏକ ନକରାତ୍ମକ ମନୋଭାବ ନେଇ ଫେରୁଛନ୍ତି। ଏଥିସହିତ କଳିଙ୍ଗଷ୍ଟୁଡ଼ିଓ ଛକରୁ ଫାୟାର ଷ୍ଟେସନ ଆଡ଼କୁ ଆସିବା ବାଟରେ ମଧ୍ୟ ଅନେତ ମହାପୁରୁଷଙ୍କ ଚିତ୍ରଣ ସହ ଶିକ୍ଷଣୀୟ ବାର୍ତ୍ତା ରହଥିବା ବେଳେ ପ୍ରଶାନ୍ତି ବାହାର, କଳିଙ୍ଗ ହସ୍ପିଟାଲ, ନୂଆପଲ୍ଲୀ, ଆଇଆରସି ଭିଲେଜ୍, ଯିବା ରାସ୍ତାରେ ମଧ୍ୟ ଅନେକ ମହାପୁରୁଷଙ୍କ ଚିତ୍ରଣ ରହିଛି। ହେଲେ ଏହି ସବୁ ଚିତ୍ରଣକୁ ଏବେ ଚିହ୍ନି ହେଉନାହିଁ।

ବର୍ତ୍ତମାନରୁ ଯୁବପିଢ଼ି ପାଶ୍ଚାତ୍ୟ ସଭ୍ୟତା ପଛରେ ଗୋଡ଼ାଉଛନ୍ତି। ନିଜ ପରମ୍ପରା ସଂସ୍କୃତିକୁ ଭୁଲି ପାଶ୍ଚାତ୍ୟ ଦେଶର ପରମ୍ପରା ସଂସ୍କୃତି, ବେଷଭୂଷାକୁ ଆଦରିବାରେ ଲାଗିଛନ୍ତି। ପାଶ୍ଚାତ୍ୟ ପଛରେ ଗୋଡ଼ାଉଥିବା ଯୁବପିଢ଼ିଙ୍କ ମନରେ ଉତ୍କଳର ଗରିମାକୁ ବଜାଇ ରଖିବା ପାଇଁ ପୂର୍ବ ସରକାର ପ୍ରଚୀର ଅଙ୍କନର ଏକ ଭିନ୍ନ ପ୍ରୟାସ ଆରମ୍ଭ କରିଥିଲେ। ଏହି ଚିତ୍ରଣକୁ ବି ରାଜଧାନୀବାସୀ ବେଶ୍ ପସନ୍ଦ କରିଥିଲେ। ଏଥିସହିତ ରାଜଧାନୀକୁ ଦେଖି ଅନ୍ୟ ସହରମାନଙ୍କରେ ମଧ୍ୟ ଏହିଭଳି ପ୍ରାଚୀର ମାନଙ୍କରେ ଚିତ୍ରଣ କରାଯାଇଥିଲା।

୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି ଆରମ୍ଭ

# ହରିଆଣାର ୨୭୬, ଓଡ଼ିଶା ଦଳର ୦/୫୨ ରନ୍

**ସମ୍ବଲପୁର, ୨୩।୧ (ସମିସ)**

ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସର୍ବଭାରତୀୟ ଅଣ୍ଡର-୨୩ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ହରିଆଣା ଦଳର ମୋଟ



୨୭୬ ରନ୍ ଜବାବରେ ଓଡ଼ିଶା ଦଳ ଅପରାଜିତ ୫୨ ରନ୍ କରିଛନ୍ତି। ସୂଚନାଯୋଗ୍ୟ ଯେ, ହରିଆଣା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ। ହରିଆଣା ଦଳର ରୋହନ ଦେଶୱାଲ ସର୍ବାଧିକ ୧୦୮ ରନ୍ କରିଥିବା ବେଳେ ବିବେକ କୁମାର ୫୫ ରନ୍ ହାସଲ କରିଥିଲେ। ଓଡ଼ିଶା ଦଳର ଆଶୁତୋଷ ମାରଣ୍ଡି ୧୨ ଓଭର୍‌ରେ ୬୯ ରନ୍ ଦେଇ ୫ଟି ୱିକେଟ୍ ହାସଲ କରିଥିଲେ। ଆଜିର ଖେଳ ଶେଷବେଳକୁ ଓଡ଼ିଶା ଦଳ ୫୨ ରନ୍ ହାସଲ କରିଥିବା ବେଳେ ଦିନେଶ କେ ମାଝି ଓ ଓମ୍ ମୁଣ୍ଡେ ଅପରାଜିତ ରହିଛନ୍ତି। ଆସନ୍ତା ୨୬ ତାରିଖ ଯାଏ ଖେଳ ହେବ। ସିକେ ନାଇଡୁ କପ୍ ଏଲାଇଟ୍ 'ବି' ଗ୍ରୁପ୍‌ରେ ଥିବା ଓଡ଼ିଶା ଓ ହରିଆଣା ଦଳ ଏଯାବତ୍ ୩ଟି ଲେଖାଏ ଲିଗ୍ ମ୍ୟାଚ୍ ଖେଳି ସାରିଛନ୍ତି। ଓଡ଼ିଶା ଦଳ ଗୋଟିଏରେ ବିଜୟୀ, ଗୋଟିଏରେ ପରାଜିତ ଏବଂ ଗୋଟିଏ ମ୍ୟାଚ୍ ଡ୍ର ହେବାସହ ୨୧ ପଏଣ୍ଟ ହାସଲ କରିଥିବାବେଳେ ହରିଆଣା ଦଳ ତିନୋଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇ ୧୪ ପଏଣ୍ଟରେ ରହିଛି।

ଶୁକ୍ରବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମରେ ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ସଦସ୍ୟଙ୍କ ଉପସ୍ଥିତିରେ ସିକେ ନାଇଡୁ ଟ୍ରଫି ମ୍ୟାଚ୍ ଉଦ୍‌ଘାଟିତ ହୋଇଥିଲା। ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦ, କାଉନସିଲ ସଭ୍ୟ ସୁବୋଧ କୁମାର ସାହୁ, ରତିକାନ୍ତ ମହାନ୍ତି, ବିଭୂତି ମିଶ୍ର, ପଦ୍ମ ନାୟକ, ଲକ୍ଷ୍ମୀ ମହାକୁଡ଼, ବିସିସିଆଇ ଅମ୍ପାୟାର ସୁବ୍ରତ କୁମାର ଦାସ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କ୍ରୀଡ଼ା ସମ୍ପାଦକ ବିକାଶ ମିଶ୍ର, ଏକେ୍ ବରକତ୍‌ଉଲ୍ଲା, ଟୁକୁ ବାହାଦୂର ପ୍ରମୁଖ ଉପସ୍ଥିତ ଥିଲେ।

ହରିଆଣା ଦଳ କ୍ୟାପଟେନ୍ ଅର୍ଶ ରଙ୍ଗାଙ୍କ ନେତୃତ୍ୱରେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନେଇଥିଲା। ମୋଟ ୭୦.୫ ଓଭରରେ ହରିଆଣା ଦଳ ୨୭୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ। ଓଡ଼ିଶା ଦଳ ପକ୍ଷରୁ ଆଶୁତୋଷ ମାରାଣ୍ଡି ୬୯ ରନ୍ ଦେଇ ୫ଟି ୱିକେଟ୍ ହାସଲ କରିଥିବାବେଳେ ଆଶୁତୋଷ ଛୁରିଆ ଓ ସାଇଦୀପ ମହାପାତ୍ର ଯଥାକ୍ରମେ ୪୨ ଓ ୩୯ ରନ୍ ଦେଇ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ରିତେଶ ପ୍ରିୟରଞ୍ଜନଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ହରିଆଣା ଦଳର ପ୍ରାରମ୍ଭିକ ବିପର୍ଯ୍ୟୟ ଘଟିଥିଲା। ମାତ୍ର ୧୪ ରନ୍‌ରେ ତିନୋଟି ୱିକେଟ୍ ପଡ଼ିଯାଇଥିଲା। ପ୍ରଥମ ୱିକେଟ୍ ୫.୧ ଓଭରରେ ପଡ଼ିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ୱିକେଟ୍ ୫.୩ ଓ ୫.୪ ଓଭରରେ ପଡ଼ିଯାଇଥିଲା। ଓପନର୍ ଭାବେ ମଇଦାନକୁ ଓହ୍ଲାଇଥିବା ରୋହନ ଦେଶୱାଲ ପ୍ରାୟ ୫୦ ଓଭର ପର୍ଯ୍ୟନ୍ତ କ୍ରିଜ୍‌ରେ ରହିଥିଲେ। ସେ ୧୫୮ଟି ବଲ୍‌ରେ ୧୫ଟି ଚୌକା ଓ ୨ଟି ଛକ୍କା ସହ ୧୦୮ ରନ୍ ହାସଲ କରି ସାଇଦୀପ ମହାପାତ୍ରଙ୍କ ବଲ୍‌ରେ ସୁଜଲ୍ ସିଂଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଦଳର ଅନ୍ୟତମ ଖେଳାଳି ବିବେକ କୁମାର ୫୬ଟି ବଲ୍‌ରେ ୮ଟି ଚୌକା ଓ ଗୋଟିଏ ଛକ୍କା ସହ ୫୫ ରନ୍ ହାସଲ କରି ରୀତେଶ ପ୍ରିୟରଞ୍ଜନଙ୍କ ବଲ୍‌ରେ ଆଶୁତୋଷ ଛୁରିଆ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ହରିଆଣା ଦଳର ଯଶ ଆଧାନା ଓ ଲକ୍ଷ୍ୟଦୀପ ଯାଦବ ଆଶୁତୋଷ ମାରଣ୍ଡିଙ୍କ ଘାତକ ବୋଲିଂର ଶିକାର ହୋଇ କୌଣସି ରନ୍ ନ କରି ପାଭିଲିଅନକୁ ଫେରି ଯାଇଥିଲେ।

ମ୍ୟାଚ୍‌ରେ ମ୍ୟାଚ୍ ରେଫରୀ ଅରିନ୍ଦମ ସରକାର, ଅମ୍ପାୟାର ଅଭିଷେକ ଗୁପ୍ତା ଓ ରାକେଶ କୁମାର ଏବଂ ବିରାଜ ଦାସ ଓ ସନ୍ଦିପ କୁମାର ଜି ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ।



ଆରଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ଅବସରରେ ଆୟୋଜିତ ପଥ ସଞ୍ଚଳନ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

## ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ମଶାଲ ଶୋଭାଯାତ୍ରା



**ସମ୍ବଲପୁର, ୨୩।୧ (ସମିସ) :** ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ହୀରାକୁଦରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଆଜି ସନ୍ଧ୍ୟାରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଦୁର୍ଗାମନ୍ଦିର ଛକରୁ ଆରମ୍ଭ ହୋଇ ଭିଏସଏସ କଲୋନୀ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ସେଠାରେ ବୀର ସୁରେନ୍ଦ୍ର ସାଏଙ୍କୁ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିବା ବେଳେ ସଂଗଠନର ଆବାହକ ସଞ୍ଜିତ ମହାନ୍ତି ସଭାପତିତ୍ୱ କରି ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶଭକ୍ତି, ସାହସ ଓ ତ୍ୟାଗମୟ ଜୀବନ ଆଦର୍ଶ ଭାବରେ ଗ୍ରହଣ କରିବା ସହ ଯୁବପିଢ଼ିଙ୍କୁ ଦେଶ, ସମାଜ ଓ ଲୋକତନ୍ତ୍ର ପ୍ରତି ଦାୟିତ୍ୱବୋଧ ରଖି ସକ୍ରିୟ ଭାବେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଏସଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ମୁଖ୍ୟବକ୍ତା ଭାବରେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ, ଶ୍ରମିକ ନେତା ଗୋକୁଳ ମେହେର, ହିଣ୍ଡାଲକୋ ଶ୍ରମିକ ସଂଗଠନ ସଭାପତି ମହମ୍ମଦ ମୃତୁଜା, ମହିଳା ସଭା ନେତ୍ରୀ ସିପ୍ରା ମହାନ୍ତି, ବରିଷ୍ଠ ସାମ୍ବାଦିକ ରାଜାରାମ ପାଢ଼ୀ, ଯୁବ ନେତା ମିଲନ ହୋତା, ମନୋଜ ମହାପାତ୍ର, ହୀରାଲାଲ ବେହେରା, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ ପ୍ରମୁଖ ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଶିବୁ ସେଠ, ବିଷ୍ଣୁ ମହାନ୍ତି, ଉମାଶଙ୍କର ଗୌଡ଼, ଆଦିତ୍ୟ ପ୍ରଧାନ, ଅଜୟ ବାଘ, ଜୟନ୍ତ ପଟ୍ଟନାୟକ, ଧୀରେନ ଦେବତା, ଯାମିନୀ ବହିଦାର, କୈଳାସ ପ୍ରଧାନ, ଜଗା ସେଠୀ, ଭାସ୍କର ଦାସ, ବୁଟୁ ପଟ୍ଟନାୟକ, ଅଜୟ ମହାନ୍ତି, ନିଶିତ ଆକାଶ, ଧୀରଜ ଯାଦବ, ମିତାଲି ସାହୁ, ସୁବର୍ନା ନାୟକ, ଦୁଲାଲ ରାୟ, ଅଶୋକ ପଟେଲ, ଯୋଗୀନ୍ଦ୍ର ବେହେରା, ନାସିର ଖାନ, କାର୍ତ୍ତିକ କଲେତ, ହୃଦାନନ୍ଦ ପରିଜା, ମିଲୁ ଚରଣ ସାହୁ, ଜିକୁନ ପାତ୍ର, ସଞ୍ଜୀବ ପ୍ରଧାନ, ରୁପେଶ ନାୟକ, ଶେଖ ଚାନ୍ଦ ବାବୁ, ଦ୍ରୌପଦୀ ମେହେର, ପ୍ରଶାନ୍ତ ଥାପା, ଦିଲୀପ ଦାସ, ଫିରୋଜ ରାଜା, ଆର୍ଯ୍ୟନ ନାୟକ, ଅଭିନବ ଶୁକ୍ଲା, ଆର୍ଯ୍ୟନ ବହିଦାର, ପ୍ରିୟାଂଶୁ ପ୍ରଧାନ, ହର୍ଜିତ ସେନାପତି, ଅଙ୍କିତ କୌଶଳ, ଟିକନ ଶର୍ମା, ନିରାକାର ପ୍ରଧାନ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଠେଲକୋଲୋଇରେ କଲ୍ୟାଣ ମଣ୍ଡପ

**ସମ୍ବଲପୁର, ୨୩।୧ (ସମିସ) :** ଜେଏସ୍‌ଡବ୍ଲ୍ୟୁବିପିଏସ୍‌ଏଲ୍‌ର ସିଏସ୍‌ଆର୍ ଶାଖା ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଆଜି ସମ୍ବଲପୁର ଜିଲ୍ଲାର ଠେଲକୋଲୋଇ




ପଞ୍ଚାୟତ ବ୍ରାହ୍ମଣପଡ଼ାରେ ନବନିର୍ମିତ କମ୍ୟୁନିଟି ସେଣ୍ଟର (କଲ୍ୟାଣ ମଣ୍ଡପ) ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୁଲିସ ମହାନିରୀକ୍ଷକ ହିମାଂଶୁ ଲାଲ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଜେଏସଡବ୍ଲୁ ବିପିଏସଏଲର ଉପାଧ୍ୟକ୍ଷ ଏବଂ ମାନବ ସମ୍ବଳ ମୁଖ୍ୟ ଜେ.ପି ସିଂହ, ଜେଏସଡବ୍ଲୁ ଫାଉଣ୍ଡେସନ (ସମ୍ବଲପୁର ଏବଂ ଝାରସୁଗୁଡ଼ା) ମୁଖ୍ୟ ରାମରାଜ କୁଶୱାହା, ମହାପ୍ରବନ୍ଧକ ପ୍ରକଳ୍ପ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ପରେ, ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଆନୁଷ୍ଠାନିକ ଭାବରେ ଶ୍ରୀ ରାଜ ନୂତନ ଭାବରେ ବିକଶିତ ସମ୍ପ୍ରଦାୟ ସୁବିଧାକୁ ଠେଲକୋଲୋଇ ପଞ୍ଚାୟତର ସରପଞ୍ଚ ଅବନ୍ତୀ ନାୟକଙ୍କୁ ଜନକଲ୍ୟାଣ ପାଇଁ ନିୟମିତ ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ସର୍ବୋତ୍ତମ ବ୍ୟବହାର ପାଇଁ ହସ୍ତାନ୍ତର କରିଥିଲେ। ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମୁଦାୟିକ ବିକାଶ ଏବଂ ଗୁଣାତ୍ମକ ସାମାଜିକ ଭିତ୍ତିଭୂମି ସୃଷ୍ଟି ଦିଗରେ ଜେଏସଡବ୍ଲୁ ଫାଉଣ୍ଡେସନର ନିରନ୍ତର ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଏହି କେନ୍ଦ୍ରର ପ୍ରଭାବଶାଳୀ ବ୍ୟବହାର ସକାଶେ ସହାୟତା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

## 'ସମ୍ବଲପୁରୀ ଧନୁଯାତ୍ରା' ପରେ ମହାନଦୀରେ ପାପ ଧୋଇଲେ କଂସ

**ସମ୍ବଲପୁର, ୨୩।୧ (ସମିସ):** ଗୁରୁବାର ସମ୍ବଲପୁରୀ ଭାଷାରେ ଚାଲିଥିବା 'ସମ୍ବଲପୁରୀ ଧନୁଯାତ୍ରା'ର ତୃତୀୟ ସଂସ୍କରଣରେ ମହାରାଜ କଂସଙ୍କ ଜୀବନର ଅନ୍ତ ସହିତ ଯାତ୍ରା ସମାପନ ହୋଇଛି। ପାଞ୍ଚ ଦିନ ଯାଏ ସମ୍ବଲପୁରରେ କଂସର ରାଜୁତି ଚାଲିଥିଲା। ଭଣଜା ଶ୍ରୀକୃଷ୍ଣଙ୍କ ଭୟରେ ସିଂହାସନରୁ ପଡ଼ି ମାମୁଁ ତ୍ରିପୁର ବିଜୟୀ କଂସଙ୍କ ମୃତ୍ୟୁ ହୋଇଯାଇଛି। ଆଜି ସକାଳୁ କଂସ ଭୂମିକାରେ ଅଭିନୟ କରିଥିବା ଫଣୀନ୍ଦ୍ର ପଣ୍ଡା,



କେଶୀ ଦାନବ ରାଜା ଭୂମିକାରେ ଅଭିନୟ କରିଥିବା ସୂର୍ଯ୍ୟ ପାଣିଗ୍ରାହୀ ଓ ଦୁର୍ମିଳ ରାକ୍ଷସ ଭୂମିକାରେ ଅଭିନୟ କରିଥିବା ଲଳିତ ବେବର୍ତ୍ତା ମହାନଦୀ (ଚିତ୍ରୋତ୍ପଳା) ରେ ବୁଡ଼ ପକେଇ ସୂର୍ଯ୍ୟ ଦେବଙ୍କୁ କ୍ଷମା ଭିକ୍ଷା କରିବା ସହ ମୁକ୍ତି ମାଗିଥିଲେ। ଏହାପରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ପୁଣି ଗୋପାଳଜୀ ମଠକୁ ଯାଇ ତିନି ଠାକୁର ଏବଂ ଭଗବାନ ବିଷ୍ଣୁଙ୍କୁ ପାପରୁ ମୁକ୍ତି ପାଇଁ ଅର୍ଦ୍ଦଳୀ କରିଥିଲେ। ଏହି ଅବସରରେ 'ସମ୍ବଲପୁରୀ ଧନୁଯାତ୍ରା'ର ନାଟ୍ୟକାର ନିର୍ଦ୍ଦେଶକ ବବଲୁ ବାଗ, ସାଂସ୍କୃତିକ ଯୁଗ୍ମ ସମ୍ପାଦକ ଯୋଗେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ










### ସମ୍ବଲପୁର ବିଜେଡି

**ସମ୍ବଲପୁର, ୨୩।୧(ସମିସ)**

ବିଜୁ ଜନତା ଦଳ ସମ୍ବଲପୁର ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ନେତୃତ୍ୱରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ସକାଳ ୮ଟା ସମୟରେ ଇଂ ପୂଜାରୀଙ୍କ ସହ ଦଳୀୟ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ମାନେ ଏକ ବାଇକ୍ ରାଲି ଏବଂ ମଶାଲ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ। ତତ୍ପରେ ବିଜୁ ଜନତା ଦଳର ନେତୃମଣ୍ଡଳୀ ଓ କର୍ମକର୍ତ୍ତା ମାନେ ଜେଲଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଜେଲଛକରୁ ବାହାରି ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ଖିଣ୍ଡା ଅଭିମୁଖେ ଯାଇଥିଲେ। ଖିଣ୍ଡା ଛକ ଠାରେ ବହୁ ସଂଖ୍ୟାରେ ଦଳୀୟ ନେତୃମଣ୍ଡଳୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉପସ୍ଥିତ ନେତୃମଣ୍ଡଳୀ ଓ କର୍ମୀଙ୍କୁ ଇଂ. ପୂଜାରୀ ଉଦ୍‌ବୋଧନ ଦେଇଥିଲେ। ପୁଣି ସେଠାରୁ ସମସ୍ତେ ବାହାରି ଖିଣ୍ଡା ଗ୍ରାମ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠରେ ପହଞ୍ଚି ସେଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ବସନ୍ତ ମିଶ୍ର, ଏମ୍‌ଡି ସନାଉଲ୍ଲା, ବେଣୁଧର ଦାସ, ସତ୍ୟେନ୍ଦ୍ର ଦାସ, ସୁରୁବାବୁ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ଧର୍ମରାଜ୍ ମରେଇ, ସୁବାସ ଜେନା, ପ୍ରଦୋଷ ମହାନ୍ତି, ରୁଦ୍ର ଷଡ଼ଙ୍ଗୀ, ତପନ ମେହେର, ଭାବେଶ୍ ଚାନ୍ଦ, ଦେବାଶିଷ ପରିଡ଼ା, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ରବୀନ୍ଦ୍ର ସିଂ, ପ୍ରହଲ୍ଲାଦ ଗୁରୁ, ରାଜେଶ ମିଶ୍ର, ଓଁକାର ପ୍ରସାଦ ନାୟକ, ସୁକେଶ ସିଂ, ସୁଧାଂଶୁ ପୂଜାରୀ, ବିକାଶ ଖେତି, ପ୍ରବୀଣ ସୂପକାର, ମାଖନୁ ମେହେର, ରାଜକିଶୋର ହରିପାଲ ଏବଂ ବିଜୁ ମହିଳା ଜନତା ଦଳର ସିପ୍ରା ମହାନ୍ତି, ଉଷା ପ୍ରଧାନ, ସଂଯୁକ୍ତା ମେହେର, ଲିଲିମା ମଲ୍ଲିକ, ନନ୍ଦିନୀ ପ୍ରଧାନ, ହସୀନା ବେଗମ, ଜସ୍ମିନ୍ ଖାନ, ପାର୍ବତୀ ସାହା, ସବାନା ବେଗମ, ନୂରି ନାର୍ଶିଦା ପ୍ରମୁଖ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ କର୍ମୀମାନେ ସାମିଲ ହୋଇଥିଲେ। ଖିଣ୍ଡାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ରେଢ଼ାଖୋଲ ବ୍ଲକ ସଭାପତି ଉଦିତ କୁମାର ତ୍ରିପାଠୀ, ମନୋଜ ପାଣ୍ଡେ, ବିଜୟ ଭୋଇ, ମୁକୁନ୍ଦ ବେହେରା, ଅଭିନ୍ନ ସେଠଙ୍କ ସମେତ ବହୁ ସଂଖ୍ୟାରେ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

### ବୁର୍ଲା ଡିଏଭି

ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ ଅବସରରେ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷ ରାଜେନ୍ଦ୍ର ବେଦବାକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଶିକ୍ଷକ ସଞ୍ଜୟ ସାହୁ ଶୁଭ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦେଶମାତୃକାର ଦୁଇ ବରପୁତ୍ରଙ୍କୁ ଶ୍ରଦ୍ଧାପୁଷ୍ପ ଅର୍ପଣ କରିଥିଲେ। ସେ ନିଜ ବକ୍ତବ୍ୟରେ ଦେଶ ମାତୃକାର ସେବାରେ ଦୁଇ ବରପୁତ୍ରଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ସଙ୍ଗୀତ ଶିକ୍ଷକ ବିଶ୍ୱାସ ରାଉତ ଦେଶପ୍ରେମ ସଙ୍ଗୀତ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ମଧୁବାଳା ମଙ୍ଗରାଜ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସଂଗ୍ରାମୀ ଜୀବନ ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ପଣ୍ଡା ବୀର ସୁରେନ୍ଦ୍ର ସାଏଙ୍କ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିକ୍ଷକ ବୀରେନ୍ଦ୍ର ବିଶ୍ୱାଳ ଓ ଶିକ୍ଷୟିତ୍ରୀ ଜୟନ୍ତୀ ଆଚାର୍ଯ୍ୟ କବିତା ପାଠ କରିଥିଲେ। ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପ୍ୟାରେଡ କରିଥିଲେ। ମଞ୍ଚ ପରିଚଳନା ଓ ସଂଯୋଜନା ଦାୟିତ୍ୱ ଡକ୍ଟର ଅଭୟ କୁମାର ମିଶ୍ର ତୁଲାଇବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଏମ୍‌ୟୁ ଇତିହାସ ବିଭାଗ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ପାଳନ କରିବା ସହିତ ଜାତୀୟ ସ୍ୱାଧୀନତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଡଃ ପ୍ରଧାନ ତାଙ୍କ ଭାଷଣରେ ବୀର ସୁରେନ୍ଦ୍ର ସାଏଙ୍କ ଜୀବନର ଅନେକ ଅନାଲୋଚିତ ଦିଗ ଉପରେ ଆଲୋକପାତ କରିଥିଲେ ଏବଂ ଉପନିବେଶବାଦୀ ଶାସନ ବିରୁଦ୍ଧରେ ତାଙ୍କ ଉଲ୍ଲେଖନୀୟ ଭୂମିକାର ଅବତାରଣା କରିଥିଲେ। ସହକାରୀ ପ୍ରଫେସର ଡଃ ସସ୍ମିତାରାଣୀ ଶାସନୀ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅସାଧାରଣ ସାହସ ଏବଂ ନେତୃତ୍ୱ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ରେଖାଙ୍କିତ କରିଥିଲେ ଯେ ଏପରି ଜୟନ୍ତୀ ପାଳନ ଯୁବ ପିଢ଼ି ମଧ୍ୟରେ ଦେଶପ୍ରେମ ଏବଂ ନାଗରିକ ଦାୟିତ୍ୱର ଏକ ଦୃଢ଼ ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରେ। ସହକାରୀ ପ୍ରଫେସର ଡକ୍ଟର ସନ୍ତୋଷ ମଲ୍ଲିକ ଜାତୀୟ ନେତାମାନଙ୍କୁ ସ୍ମରଣ କରିବାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସହକାରୀ ପ୍ରଫେସର ଅଞ୍ଜଳି ରାଣୀ ଏବଂ ଶଙ୍ଖନାଦ ଦେହୁରୀ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ଗବେଷକ ଅଂଶଗ୍ରହଣ କରିଥିଲେ।

### ବୁର୍ଲା ଭିସୁଟ୍

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଆଜି ସୁବର୍ଣ୍ଣ ଜୟନ୍ତୀ ସେମିନାର ହଲ୍‌ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଭିସୁଟ୍ ମୁଖ୍ୟ ଫାଟକ ନିକଟରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ କୁଳପତି ପ୍ରଫେସର ଦୀପକ କୁମାର ସାହୁ, କୁଳସଚିବ ପ୍ରଦୀପ ଡାଙ୍ଗ ଓ ଅନ୍ୟମାନେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସଭାରେ କୁଳପତି ଓ କୁଳସଚିବ ତାଙ୍କ ବକ୍ତବ୍ୟରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଆଦର୍ଶ, ବଳିଦାନ ଏବଂ ଦେଶ ପାଇଁ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଛାତ୍ର ସମାଜ ସେହି ବରପୁତ୍ର ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ହରିଶ କୁମାର ସାହୁ, ଡିନ (ଫ୍ୟାକଲ୍ଟି ଆଣ୍ଡ ପ୍ଲାନିଂ)ଙ୍କ ସମେତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଶେଷରେ ଇନ୍‌ଷ୍ଟିଚ୍ୟୁଟ୍ ସେମିନାର, ପିଆଇସି ଡଃ ସସ୍ମିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

### ସମ୍ବଲପୁର ସଂଗ୍ରାମ ସମିତି

ଭାରତର ଅନ୍ୟତମ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ 'ସମ୍ବଲପୁର ସଂଗ୍ରାମ ସମିତ' ପକ୍ଷରୁ ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। 'ସମ୍ବଲପୁର ସଂଗ୍ରାମ ସମିତି'ର ମୁଖ୍ୟ ପୃଷ୍ଠପୋଷକ ଓ ଉପଦେଷ୍ଟା ତଥା ବିଜୁ ଜନତା ଦଳ ସମ୍ବଲପୁରର ପୂର୍ବତନ ଜିଲ୍ଲା ସଭାପତି ଇଂ. ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ବରିଷ୍ଠ ନେତା ରଚିନ୍ଦ୍ର କୁଅଁର, ଅଶୋକ ମହାକୁର, ଦିଲୀପ ଦାଶ, ନାସିର ଖାଁ, ସୀତାକାନ୍ତ ପଣ୍ଡା, ମିତାଲି ସାହୁ, ସୁବର୍ଣ୍ଣା ନାୟକ, ଯୁବନେତା ଲିଙ୍ଗରାଜ ତ୍ରିପାଠୀ, ଯାମିନୀ ବହିଦାର, ଇଂ. ନିଶିଥ ଆକାଶ, ଇଂ. ଦୀନେଶ ସେଠ, ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର, ଆଇନଜୀବୀ ଦେଓନିଶ ଲୁଗୁନ, ଅଭିମନ୍ୟୁ ରାଉତଙ୍କ ସମେତ ଶତାଧିକ ସଦସ୍ୟ ସମ୍ବଲପୁର ଜେଲଛକ ଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ପୃଷ୍ଠପୋଷକ ଇଂ. ସିଦ୍ଧାର୍ଥ ଦାସ କହିଲେ ଯେ, ଆଜିର ସମୟରେ ଦେଶର ସ୍ୱାଧୀନତା, ବ୍ୟକ୍ତିର ସ୍ୱାଧୀନତା, ଦେଶର ସମ୍ବିଧାନ, ଦେଶର ଗଣତନ୍ତ୍ର କ୍ରମେ ଏକ ଅସମ୍ଭବ ପରିସ୍ଥିତିରେ ପହଞ୍ଚି ସାରିଲାଣି। ଦେଶର ସମସ୍ତ ସ୍ୱାଧୀନ ଚେତା, ସ୍ୱାଭିମାନୀ, ଦେଶପ୍ରେମୀ ଜନସାଧାରଣ ଦେଶ ପ୍ରତି ଦାୟିତ୍ୱବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ପୁନଶ୍ଚ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବା ଅନ୍ୟତମ ମହାନ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୯ତମ ଜନ୍ମ ଜୟନ୍ତୀରେ ତାଙ୍କର ସେହି ଲେଲିହାନ ଆହ୍ୱାନ 'ତମେ ମତେ ରକ୍ତ ଦିଅ..ମୁଁ ତମକୁ ସ୍ୱାଧୀନତା ଦେବୀ' ଭଳି ଆଜିର ତାରିଖରେ ସମସ୍ତ ଯୁବ ପିଢ଼ି ଦେଶର ସ୍ୱାଧୀନତା, ସମ୍ବିଧାନ ତଥା ଗଣତନ୍ତ୍ରର ସୁରକ୍ଷା ପାଇଁ କିଛି ସମୟ ଓ ଉଦ୍ୟମ ପ୍ରଦାନ କରନ୍ତୁ ବୋଲି ଇଂ. ଦାସ ଅନୁରୋଧ କରିଥିଲେ।

### ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜ

ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ମିଳିତ ଭାବେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ଆୟୋଜିତ ଜୟନ୍ତୀ ସଭାରେ ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ନେତାଜୀ ଓ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ବୀର ସୁରେନ୍ଦ୍ର ସାଏଙ୍କୁ ଜାତୀୟସ୍ତରରେ ଉଚିତ ସ୍ଥାନ ଦେବାକୁ ମତ ଦେଇଥିଲେ। ମୁଖ୍ୟଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଏହି ମହାମନିଷୀ ମାନଙ୍କ ଜୀବନାଦର୍ଶକୁ ପାଥେୟ କରି ଆଗାମୀ ପିଢ଼ି ଦେଶ ନିର୍ମାଣରେ ବ୍ରତୀ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁବେଦାର ମେଜର ଶିବ ନାରାୟଣ ବେହେରା ଓ ବରଗଡ଼ ଜିଲ୍ଲା ତାଳପଦର୍ ଗ୍ରାମର ସୁବେଦାର ମେଜର ନବୀନ ପ୍ରଧାନଙ୍କୁ ବୀରତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏମ୍.ଆର୍.କେ ରାଓ ଓ ଶିବଶଙ୍କର ଷଡ଼ଙ୍ଗୀ ମାନପତ୍ର ପାଠ କରିଥିଲେ। ଜାତୀୟ ରେକର୍ଡ କରିଥିବା ଆଦର୍ଶ ସିଂ, ଅକ୍ଷତା ସିଂ ଓ ଅମ୍ବିକା ସିଂଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀକୁ ତାପସ ଦାସ, ପ୍ରମୋଦ ପଟ୍ଟନାୟକ ଓ ଶମ୍ଭୁ ଭୂଷଣ ସେନ ପରିଚାଳନା କରିଥିଲେ। ଶେଷରେ କମଳ ଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ସକାଳେ ଜେଲ୍ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲା ପ୍ରଶାସନ ଓ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହାସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ତଥା ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

### ସାଓଲିନ କୁଙ୍ଗ୍ ଉଷୁ ଆସୋସିଏସନ୍

ସାଓଲିନ କୁଙ୍ଗ୍ ଉଷୁ ଏସୋସିଏସନ୍‌ରେ ଆଜି ସରସ୍ୱତୀ ପୂଜା ସହିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଦିବସ ପାଳନ ସହିତ ଦଙ୍ଗଲ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କୁସ୍ତି ପ୍ରତିଯୋଗୀ ମାନଙ୍କୁ ମେଡାଲ ଓ ନଗଦ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆସୋସିଏସନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା କହିଥିଲେ ଯେ, କଠିନ ପରିଶ୍ରମ ଏବଂ ଧ୍ୟାନକେନ୍ଦ୍ରିତ ଭାବରେ ଅଭ୍ୟାସ କଲେ ଆମେ ସବୁ ସମୟରେ ସଫଳ ହୋଇପାରିବା। କାର୍ଯ୍ୟକ୍ରମକୁ ଗାୟତ୍ରୀ ମିଶ୍ର ଓ ସଞ୍ଜିବ ପଟ୍ଟନାୟକ ପରିଚାଳନା କରିଥିଲେ।

## ପାଞ୍ଚ ଦିନ ହେଲା ଦୁଇ ନଳକୂପ ଅଚଳ

# ପିଇବା ପାଣି ପାଇଁ ଗୌଡ଼ପଡ଼ାବାସୀ ହନ୍ତସନ୍ତ



**ଜମନକିରା, ୨୩।୧(ସମିସ):** ଜମନକିରା ବ୍ଲକ ଫାଶୀମାଲ ପଞ୍ଚାୟତ ପୁପୁଡ଼ା ଅଙ୍ଗନବାଡ଼ି ଗୌଡ଼ପଡ଼ାରେ ଥିବା ଦୁଇଟି ନଳ କୂପ ପାଞ୍ଚ ଦିନ ହେଲା ଖରାପ ହୋଇ ପଡ଼ିଛି। ପଡ଼ାର ୱାଡ଼ ମେମ୍ବର ପ୍ରଭାସିନୀ ଝାଙ୍କର ନିଜେ ସରପଞ୍ଚ ମାଧବୀ ଲତା ବରିହାଙ୍କୁ ଫୋନ କରି ଜଣାଇଥିଲେ। ହେଲେ ନଳକୂପ ମରାମତି କରାଯାଇ ନ ଥିବାରୁ ପଡ଼ାର ୫୦ ପରିବାର ଗ୍ରାମର ବିକାଶ ନାୟକଙ୍କ ଘରୁ ଗରା ବାଲଟି ଧରି ପାଣି ସଂଗ୍ରହ କରି ନେଉଛନ୍ତି। ପଞ୍ଚାୟତରେ ସବୁ ଥାଇ ଦୀପତଳ ଅନ୍ଧାର ଭଳି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନପଡ଼ିବା ପରିତାପର ବିଷୟ। ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ସରପଞ୍ଚଙ୍କୁ ଫୋନ ଜରିଆରେ ଯୋଗା ଯୋଗ କରି ଥିଲେ ବି ଫୋନ ଲାଗି ନ ଥିଲା।

# କନ୍ୟାରତ୍ନ ସୁରକ୍ଷା ପାଇଁ ପଦଯାତ୍ରା




**ପଦ୍ମପୁର, ୨୩।୧ (ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟ ଗାଁ ଚାରପାଲିରେ ଚାଲିଥିବା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରର ପଞ୍ଚମ ଦିବସର ପ୍ରାରମ୍ଭରେ ପତାକା ଉତ୍ତୋଳନ, ଯୋଗାଭ୍ୟାସ ଏବଂ ଗ୍ରାମ୍ୟ ପରିସର ସଫେଇ କରାଯାଇଥିଲା। ଏହା ପରେ'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଅଧୀନରେ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ବୁନି ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କନ୍ୟା ସନ୍ତାନର ସୁରକ୍ଷା ଓ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।ପରବର୍ତ୍ତୀ ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରଭାତ ମହାପାତ୍ର ଓ ଡ. ତୁଷାରକାନ୍ତ ସାହୁ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ସତର୍କତା ଅବଲମ୍ବନ କରାଯାଏ, ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ତିଗାଙ୍କ ସମେତ ସ୍ୱେଚ୍ଛାସେବୀ ଭାରତୀ ବେହେରା, ଇତିଶ୍ରୀ ସାହୁ, ସିଦ୍ଧି ସାହୁ, ଚୈତନ୍ୟ ପଣ୍ଡା ଓ ମୁକେଶ ଯାଦବ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ପତାକା ଅବତରଣ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଭୁବନେଶ୍ୱର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁପ୍ରିୟା ମାର୍ଗରେ ଜଗନ୍ନାଥ ମନ୍ଦିର ଭୂମିପୂଜା

**ବରଗଡ଼, ୨୩।୧(ସମିସ):** ସରସ୍ୱତୀ ପୂଜା ଅବସରରେ ବରଗଡ଼ ୱାର୍ଡ ନମ୍ବର ୧ରେ ଅବସ୍ଥିତ ସୁପ୍ରିୟା ମାର୍ଗ - ଦୀନବନ୍ଧୁନଗର ଠାରେ ଜଗନ୍ନାଥ ମନ୍ଦିର ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୂମି ଦାନ କରିଥିବା ବ୍ୟକ୍ତି ନିଜର ନାମକୁ ଗୋପନ ରଖିଥିବା ବେଳେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ମିଶ୍ର, କେଦାର ମିଶ୍ର, ବବିତା ପ୍ରଧାନ, ପଦ୍ମିନୀ ବେହେରା, ଲୁସି ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସଂଘମିତ୍ରା ପଟେଲ, ବିକାଶ ପାଣିଗ୍ରାହୀ, କୃଷ୍ଣ ପଟ୍ଟନାୟକ, ପ୍ରଦୀପ ସାହୁ, ମଣ୍ଟୁ ଗଡ଼ତିଆ, କିଶୋର ଦାଶ, ଲିଙ୍ଗରାଜ ଦାଶ, ପୂର୍ଣ୍ଣ ମହାପାତ୍ର, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ, ଆଦି ସହଯୋଗ କରିଥିଲେ। କର୍ତ୍ତା ଭାବେ ସୌମ୍ୟରଞ୍ଜନ ଦେବତା ଓ ଦୀପଶିଖା ଧଳ କର୍ତ୍ତା- କର୍ତ୍ତ୍ରୀ ଭାବେ ପୂଜା କାର୍ଯ୍ୟ ସମାହିତ କରିଥିଲେ। ପଣ୍ଡିତ କୁଳମଣୀ ମହାପାତ୍ର ଓ ପଣ୍ଡିତ ଅସିନ ମହାପାତ୍ର ପୂଜା କାର୍ଯ୍ୟ ତୁଲାଇଥିଲେ।

# ଗୋବିନ୍ଦପୁର ପଞ୍ଚାୟତର ପ୍ରବେଶ ଦ୍ୱାର ଉଦ୍‌ଘାଟିତ



**ବରଗଡ଼, ୨୩।୧ (ସମିସ):** ଗୋବିନ୍ଦପୁର ଗାଁପଞ୍ଚାୟତର ନିର୍ମାଣାଧିନ ପ୍ରବେଶ ଦ୍ୱାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ, ସମ୍ମାନିତ ଅତିଥି ଗୋବିନ୍ଦପୁର ମାଟିର ଝିଅ ବର୍ତ୍ତମାନ ସେ ମହାରାଷ୍ଟ୍ର ୱାରଦା ବିନୋବା ଭାବେ ପଵ୍ନାର ଆଶ୍ରମ ଗୀତାର ମିଶନର ଅଧ୍ୟକ୍ଷା ମୌଥିଲି ଦିଦି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜ୍ଞାନଚନ୍ଦ୍ର ବିଶ୍ୱାଲ ସମିତି ସଭ୍ୟ ଗୋବିନ୍ଦପୁର ଗାଁ ପଞ୍ଚାୟତ, ନାଏବ ସରପଞ୍ଚ ଲୋକେଶ୍ୱରୀ ସାହୁ, ପିଇଓ ବୁଦ୍ଧଦେବ ଝାନ୍ଟଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଏମ୍‌ବିକେ ଫିଉଟି ବାରିକ, ବ୍ୟାଙ୍କ ମିତ୍ରରବିତା ସାହୁ, ସି.ଆର୍‌.ପି ସୁ?ାସିନୀ ତାଣ୍ଡି, ପୁଷ୍ପାଞ୍ଜଳି ବନଛୋର, କୌଶଲ୍ୟା ସାହୁ, ମୌଥିଲି ହିଆଲ, ୱାର୍ଡ ମେମ୍ବର ଚନ୍ଦ୍ରଭାନୁ ହିଆଲ, ମଞ୍ଜୁଲତା ସାହୁ, ସନ୍ତୋଷିନୀକୁଅଁର, ଚିନ୍ତାମଣୀ ବାରିକ, କସ୍ତୁରୀ ଭୁଏ, ଲକ୍ଷ୍ମୀ ସାହୁ, ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳା, ଆନନ୍ଦ ସାହୁ, ନିତ୍ୟାନନ୍ଦ ନାଏକ, ଉସବ ସା, ସସ୍ମିତା ବିଶି, ଲୋକନାଥ ଗୁଆଲ, ବଙ୍କିମ ସାହୁ, ଅଶୋକ ସାହୁ, ରୋହିତ ଭୋଇ, ଗୁରୁଦେବ ସାହୁ, ରାଜୀବକୁଅଁର, ମନବୋଧ ଭୋସାଗର, ଭାବେନ୍ଦ୍ର ବିଭାର, ଶିଶୁ ସାହୁ, ପୁରନ୍ଦର ଭୋସାଗରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠ ଖିଣ୍ଡାରେ ଜୟନ୍ତୀ ସଭା

# ପ୍ରତ୍ୟେକ ଛାତ୍ରଛାତ୍ରୀ ଖିଣ୍ଡା ଆସି ବୀରତ୍ୱର ପ୍ରେରଣା ନେବା ଆବଶ୍ୟକ: ଧର୍ମେନ୍ଦ୍ର

- ଜନ୍ମପୀଠରେ ବିଭିନ୍ନ ଜନହିତକର ପ୍ରକଳ୍ପ ଉତ୍ସର୍ଗୀକୃତ
- ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ
- ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଅନାବରଣ

**ସମ୍ବଲପୁର, ୨୩।୧(ସମିସ)**

ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜନ୍ମମାଟି ଖିଣ୍ଡା କେବଳ ଏକ ଗ୍ରାମ ନୁହେଁ, ବରଂ ଏହା ଦେଶପ୍ରେମର ଏକ ପବିତ୍ର ତୀର୍ଥକ୍ଷେତ୍ର। ଏହାକୁ 'ପ୍ରେରଣାର କ୍ଷେତ୍ର' କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ବିଶେଷ ଭାବରେ ଏହି ମାଟିର ବୀରତ୍ୱ ଗାଥାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଜିଲ୍ଲାର ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ଖିଣ୍ଡା ପରିଦର୍ଶନ କରାଇ ଏଠାକାର ସଂଘର୍ଷମୟ ଇତିହାସରୁ ପ୍ରେରଣା ନେବା ଏକାନ୍ତ ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଓଡ଼ିଆ ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ତମ ଜନ୍ମ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ଖିଣ୍ଡାସ୍ଥିତ ତାଙ୍କ ଜନ୍ମପୀଠ ଗସ୍ତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ବୀର ସୁରେନ୍ଦ୍ର ସାଏଙ୍କ ଭବ୍ୟ ପ୍ରତିମୂର୍ତ୍ତିକୁ ଅନାବରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଖିଣ୍ଡା ଠାରେ ଆୟୋଜିତ ବିଶାଳ 'ତ୍ରିରଙ୍ଗା ପଦଯାତ୍ରା'ରେ ସାମିଲ ହୋଇଥିଲେ।ଗସ୍ତ କାଳରେ ଶ୍ରୀ ପ୍ରଧାନ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଏବଂ ଶିକ୍ଷାର ବିକାଶ ପାଇଁ ଏକାଧିକ






ପ୍ରକଳ୍ପର ଲୋକାର୍ପଣ କରିଥିଲେ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଆଜି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶ 'ପରାକ୍ରମ ଦିବସ' ପାଳନ କରୁଛି। ଦେଶକୁ ସ୍ୱାଧୀନତା ଦେବାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ।

ଖିଣ୍ଡାକୁ କେବଳ ଏକ ତୀର୍ଥ କ୍ଷେତ୍ର ନୁହେଁ, ବରଂ ଏକ 'ପ୍ରେରଣାର କ୍ଷେତ୍ର' ଭାବେ ଗଢ଼ି ତୋଳିବାକୁ ହେବ। ଏକ ଅତ୍ୟାଧୁନିକ ଇଣ୍ଟରପ୍ରିଟେସନ ସେଣ୍ଟର, ପୁରୁଣା ମନ୍ଦିରର ଜିର୍ଣ୍ଣୋଦ୍ଧାର ଏବଂ ଓପନ କମ୍ୟୁନିଟି ସେଣ୍ଟର ନିର୍ମାଣ ସମେତ ଆନୁସଙ୍ଗିକ କାର୍ଯ୍ୟର ଏହାର ସାମଗ୍ରିକ ରୂପରେଖ ବଦଳାଯିବ। ନଦୀ କୂଳର ବିକାଶ, ଗମନାଗମନ ସୁବିଧା ଏବଂ ପାନୀୟ ଜଳର ସୁବିଧା ସହ ଖିଣ୍ଡାରେ ୧ ଲକ୍ଷ ବୃକ୍ଷରୋପଣ କରାଯିବ। ଏଥିପାଇଁ ଆଗେଇ ଆସିବା ସହ ସମ୍ବଲପୁରର ପରିଚୟକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।ସମ୍ବଲପୁରରେ ଆୟୋଜିତ ହେବାକୁ ଥିବା ପୁସ୍ତକ ମେଳା ମଧ୍ୟ ଜ୍ଞାନ ଆହରଣର ଏକ ମାଧ୍ୟମ ହେବ ବୋଲି ସେ ସୂଚନା ଦେଇଛନ୍ତି। ବ୍ରିଟିଶ ଆଗରେ ମୁଣ୍ଡ ନନୁଆଁଇ ସଂଗ୍ରାମ କରିଥିବା ବୀର ସୁରେନ୍ଦ୍ର ସାଏ, ସୁରେନ୍ଦ୍ର ସାଏ, ଛବିଳ ସାଏ, ଉଦନ୍ତ ସାଏ ଏବଂ ସମ୍ବଲପୁରର ଅନ୍ୟାନ୍ୟ ବୀରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଖିଣ୍ଡାଠାରେ ଏକ ନବନିର୍ମିତ 'ପଞ୍ଚାୟତ ସ୍ୱାଗତ ତୋରଣ'କୁ ଉଦ୍‌ଘାଟନ କରିବା ସହ ସ୍ଥାନୀୟ ଜନସାଧାରଣଙ୍କ ସୁବିଧା ପାଇଁ ଏକ 'ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର'ର ନୂତନ ଭବନର ମଧ୍ୟ ଲୋକାର୍ପଣ କରିଥିଲେ। 'ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ' ଏବଂ 'ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ'ର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ପ୍ରଧାନ ନୂଆ ଖିଣ୍ଡାସ୍ଥିତ 'ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର'ର ନୂତନ ଗୃହ ଉଦ୍‌ଘାଟନ କରିବା ସହ ଶିଶୁମାନଙ୍କୁ ଫଳ ବିତରଣ କରିଥିଲେ।ସମ୍ବଲପୁର ଠେଲକୋଲୋଇ ପଞ୍ଚାୟତରେ ନବନିର୍ମିତ 'ଗୋଷ୍ଠୀ କେନ୍ଦ୍ର' କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଥିଲା। ଖିଣ୍ଡାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଓ ମା' ସମଲେଶ୍ୱରୀ ମନ୍ଦିର ଦର୍ଶନ କରିବା ସହ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ। ଏଥିସହ ବୀର ସୁରେନ୍ଦ୍ର ସାଏଙ୍କ ଦାୟାଦଙ୍କୁ ଭେଟି ସେମାନଙ୍କର ଆଶୀର୍ବାଦ ନେଇଥିଲେ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପଞ୍ଚାୟତ ମହାବିଦ୍ୟାଳୟ ପରିଦର୍ଶନ

**ବରଗଡ଼, ୨୩।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଅନ୍ତର୍ଗତ ସମଲେଇପଦର ଗାଁରେ ମା' ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଥିଲେ। ଏହି ଅବସରରେ ସେ ବରଗଡ଼ ଜିଲ୍ଲାର ପଞ୍ଚାୟତ ମହାବିଦ୍ୟାଳୟକୁ ଗସ୍ତ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍, ଆଲୁମିନି ସଂଘର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତିରବୀନ୍ଦ୍ର ପ୍ରଧାନ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ ମହାବିଦ୍ୟାଳୟକୁ ପାଛୋଟି ନେଇଥିଲେ। ମହାବିଦ୍ୟାଳୟ ପରିସର ତପସ୍ୱିନୀ ଉଦ୍ୟାନରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଆମ୍ବ ଏବଂ ପିଜୁଳି ଚାରାରୋପଣ କରିଥିଲେ। ଏହାପରେ ମହାବିଦ୍ୟାଳୟରେ ସମସ୍ତ କର୍ମଚାରୀଙ୍କ ସହିତ ସାମୟିକ ଆଲୋଚନା କରିଥିଲେ। ଆଲୋଚନାରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ସମ୍ବଲପୁର ଡକ୍ଟର ମୁରଲୀ ମାଝୀ, ଆଲୁମିନି ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପ୍ରଧାନ ସମେତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।ଶେଷରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



# ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ

**ବରଗଡ଼, ୨୩।୧ (ସମିସ):** ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୁଭଦ୍ରା ଶକ୍ତି କେଫେକୁ ବିଶିଷ୍ଟ ସମାଜସେବୀ କଳ୍ପନା ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ମହିଳା ମାନେ ସ୍ୱାବଲମ୍ବି ହେବା ସହିତରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପାଇପାରିବେ।

# ସମାଜସେବୀ ସଂଘମିତ୍ରା ପଟେଲ ସମ୍ମାନିତ

**ବରଗଡ଼, ୨୩।୧ (ସମିସ):** ପାର୍ବତୀ ଗିରି ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ ବରଗଡ଼ ଆସି ପାର୍ବତୀ ଗିରିଙ୍କ ଜନ୍ମ ଶତାବ୍ଦୀ ଅବସରରେ ବରଗଡ଼ର ବିଶିଷ୍ଟ ସମାଜସେବୀ ସଂଗଠନ ସଂଘମିତ୍ରା ପରିବାରକୁ ପାର୍ବତୀ ଗିରି ସମ୍ମାନ ୨୦୨୬ ପ୍ରଦାନ କରିଥିଲେ। ଏଥିରେ ପଟେଲ ନିଜକୁ ଗର୍ବିତ ଅନୁଭବ କରି ଏହି ସମ୍ମାନ ଆମକୁ ଆହୁରି ଜନସେବା କରିବାକୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ। ସମ୍ମାନ ସମାରୋହର ସମାଜସେବୀ ଅନୁପମା ଭୋଇ ଉପସ୍ଥିତ ଥିଲେ।



# ଗ୍ରେଡ୍ ଗ୍ରୋ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା

**ବରଗଡ଼, ୨୩।୧(ସମିସ):** ଗ୍ରେଡ୍ ଗ୍ରୋ ଇନ୍‌ଷ୍ଟିଚ୍ୟୁଟ୍ କ୍ଷରୁ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ରର ସିକନ୍ଦର, ଏବଂ ସ୍ନେହଲତା ବାଗ୍ ଉପସ୍ଥିତରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କୁଇଜ୍ ପ୍ରତିଯୋଗିତାର ଜୁନିୟର ବର୍ଗରେ ଆସ୍ଥା ଭୋଇ ପ୍ରଥମ, ରିଶିକା ଗୁପ୍ତା ଦ୍ୱିତୀୟ ଏବଂରିତୁ ସେଠ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟର ବର୍ଗରେ ଶୀତଲ ମିଶ୍ର ପ୍ରଥମ, ବିଶ୍ୱଜିତ ମହାରଣା ଦ୍ୱିତୀୟ ଏବଂ ସାଗୁନ୍ ଦୁର୍ଦାସ୍ ତୃତୀୟ ସ୍ଥାନ ଲାଭ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ବର୍ଗରେରିଶିକା ଗୁପ୍ତା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆସ୍ଥା ଭୋଇ ଓ ଇତ୍ରା ସେଠ୍ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ ଏବଂ ରିତୁ ସେଠ୍ ତୃତୀୟ ସ୍ଥାନରେ ରହିଥିଲେ।ଶ୍ରେଣୀ ୫ମ ଓ ୬ଷ୍ଠ ବର୍ଗରେରିୟା ସେଠ୍ ପ୍ରଥମ, ସ୍ନେହା ନାଗ ଦ୍ୱିତୀୟ ଓରୋଣକ୍ ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଶ୍ରେଣୀ ୭ମ ଓ ୮ମ ସିନିୟର ବର୍ଗରେ ରସ୍ମି ରଞ୍ଜନ ପୁରୋହିତ ପ୍ରଥମ, ମଣ୍ଟୁ ମେହେର ଦ୍ୱିତୀୟ ଏବଂ ଶୁଭମ୍‌ରାଣା ସହ ଶୀତଲ ମିଶ୍ର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଲାଭ କରିଥିଲେ। ସମସ୍ତ ବିଜେତାଙ୍କୁ ସରସ୍ୱତୀ ପୂଜାରେ ଅନୁସ୍ଥାନରେ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦହିତା ନେତାଜୀ କ୍ଲବ୍ ପକ୍ଷରୁ ଫ୍ରିଜର ଉଦ୍‌ଘାଟିତ

**ଦହିତା, ୨୩।୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଦହିତାଗାଁର ଅଗ୍ରଣୀ ଅନୁଷ୍ଠାନ ନେତାଜୀ କ୍ଲବ୍ ପକ୍ଷରୁ ନେତାଜୀ ସୁଭାସ ବୋଷ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ସହିତ ପଥିକଙ୍କ ପିଇବା ପାଣି ପାଇଁ ଫ୍ରିଜର ଉଦ୍‌ଘାଟନ ସହ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରାରମ୍ଭରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ନେତାଜୀ କ୍ଲବ୍ ସଭାପତି ସରୋଜ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ଲେଖକ ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟଅତିଥି, ଜିଲ୍ଲାପରିଷଦ ସଦସ୍ୟ ମକରଧ୍ୱଜ ବଗାର ବରେଣ୍ୟ ଅତିଥି ଭାବେ ଯୋଗଦେଇ କରି ପାନିୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସୂଚନା ଯୋଗ୍ୟ ଯେ ଏହି ଅଗ୍ରଣୀ ଅନୁଷ୍ଠାନ ବିଭିନ୍ନ ସମୟରେ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଆସୁଥିବା ବେଳେ ଚଳିତ ବର୍ଷ ପଥିକଙ୍କ ପାଇଁ ବିଶୁଦ୍ଧ ପାଇବା ପାଣି ବ୍ୟବସ୍ଥା, ଅସହୟଙ୍କୁ କମ୍ବଳ ବଣ୍ଟନ ଭଳି ପଦକ୍ଷେପ ଗ୍ରହଣ କରି ପ୍ରଶଂସାର ପାତ୍ର ହୋଇଛନ୍ତି। କ୍ଲବ୍ ସମ୍ପାଦକ ଅନନ୍ତ ପାଣିଗ୍ରାହୀ, କିଶୋର ଭୋଇଙ୍କ ସମେତ କ୍ଲବ୍‌ର ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

# ପଣ୍ଡିତ ଗୁପ୍ତେଶ୍ୱର ଷଡ଼ଙ୍ଗୀଙ୍କ ପରଲୋକ

**ସମ୍ବଲପୁର, ୨୩।୧ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ ଘେନୁପାଳି ଗ୍ରାମପଞ୍ଚାୟତ ବଡସାହିର ଗ୍ରାମର ପଣ୍ଡିତ



ଗୁପ୍ତେଶ୍ୱର ଷଡ଼ଙ୍ଗୀ (୯୦) ଙ୍କ ଆଜି ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବରପାଇ ବହୁ ଜଣାଶୁଣା ବ୍ୟକ୍ତି ବାସଭବନରେ ତାଙ୍କ ଶେଷଦର୍ଶନ କରିଥିଲେ। ତାଙ୍କ ପଛରେ ପତ୍ନୀ କଇଁତା, ଚାରି ପୁଅ ଅଶୋକ, ଅକ୍ଷୟ, ଅନନ୍ତ ଓ ଅଶ୍ୱିନୀ, ଗୋଟିଏ ଝିଅ ପଙ୍କଜିନୀ, ବୋହୂ, ଜ୍ୱାଇଁ ଓ ନାତିନାତୁଣୀ ରହିଛନ୍ତି। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ। ପଣ୍ଡିତ ଗୁପ୍ତେଶ୍ୱର ଷଡ଼ଙ୍ଗୀଙ୍କ ବିୟୋଗରେ ଜ୍ଞାତି ପରିଜନ ଓ ବନ୍ଧୁସୋଦର ମହଲରେ ଶୋକର ଛାୟା ଖେଳିଯାଇଛି।

# ବିରଞ୍ଚି ନାରାୟଣ ବାରିକଙ୍କ ପରଲୋକ

**ଜମନକିରା, ୨୩।୧(ସମିସ):** ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତ ଭାତପୁରା ହାଇସ୍କୁଲରେ



କାର୍ଯ୍ୟରତ ଖେଳ ଶିକ୍ଷକ ମାତାମହୁଲ ନିବାସୀ ପ୍ରଦୀପ୍ତ କୁମାର ବାରିକଙ୍କ ପିତା ବିରଞ୍ଚି ନାରାୟଣ ବାରିକ (୮୭) ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଏକାଧାରରେ ସମାଜସେବୀ, ସଂସ୍କାରକ ଓ ବଦାନ୍ୟ ପୁରୁଷ ଭାବେ ଅଞ୍ଚଳରେ ପରିଚିତ ଥିଲେ। ସେ ହାଇସ୍କୁଲକୁ ଦେଢ଼ ଏକର ଜମି ଦାନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଚାରି ପୁଅ, ବୋହୂ ତଥା ନାତି ନାତୁଣୀ ଉପସ୍ଥିତ ଥିଲେ। ଅଞ୍ଚଳ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ରମେଶ ଚନ୍ଦ୍ର ବାରିକ ମୁଖାଗ୍ନୀ ଦେଇଥିଲେ।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

# 'ନେତାଜୀ ଓ ସୁରେନ୍ଦ୍ର ସାଏ ତ୍ୟାଗ, ବଳିଦାନ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ'

**ସମ୍ବଲପୁର, ୨୩।୧(ସମିସ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ ତଥା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ତଥା ମହାବିଦ୍ୟାଳୟର ବାର୍ଷିକୋତ୍ସବ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ପ୍ରଦୀପ ହରପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଡଃ ଚିତ୍ତରଞ୍ଜନ ସାହୁ ସମ୍ମାନୀୟ ଅତିଥି ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରଫେସର ଡଃ ଲମ୍ବୋଦର ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡଃ ଶ୍ୟାମ ଭୋଇ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ପ୍ରଶାସନିକ ଅଧିକାରୀ ଅଧିକାରୀ ଡଃ ଆଦିତ୍ୟ ମେହେର ସ୍ୱାଗତ ଭାଷଣ ପ୍ରଦାନ କରି କଲେଜର ଶିକ୍ଷାତ୍ମକ ଉପଲବ୍ଧି ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ନାଟ୍ୟ ସଂସଦର ଉପଦେଷ୍ଟା ଡଃ ରଘୁମଣି ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ।




ସମ୍ମାନିତ ଅତିଥି ଡ. ଚିତ୍ତରଞ୍ଜନ ସାହୁ ତାଙ୍କ ଉଦ୍‌ବୋଧନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଆତ୍ମ ବଳିଦାନ, ତ୍ୟାଗ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ସ୍ମରଣ କରି ଛାତ୍ରଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ, ସାହସ ଓ ଦେଶପ୍ରେମର ମନୋଭାବ ଆପଣାଇବାକୁ ପ୍ରେରିତ କରିଥିଲେ। ମୁଖ୍ୟବକ୍ତା ଡ. ଲମ୍ବୋଦର ସାହୁ, ତାଙ୍କ ଭାଷଣରେ ନିଷ୍ଠା, ଗଭୀର ଜିଜ୍ଞାସା, ଜ୍ଞାନ ସନ୍ଧାନ, ସମୟନିଷ୍ଠା ଓ ଶିଷ୍ଟାଚାରକୁ ଛାତ୍ରଜୀବନର ମୂଳ ଆଧାର ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱପ୍ରେରଣା, ନିଷ୍ଠା ଓ ଜୀବନରେ ଶ୍ରେଷ୍ଠତା ଅର୍ଜନ ପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହାପରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବକୁ ସହକାରୀ ପ୍ରଫେସର ରୋଜାଲି ସେଠ ସଂଯୋଜନା କରିଥିଲେ। ସାଂସ୍କୃତିକ ସଂସଦର ସହଯୋଗୀ ଉପଦେଷ୍ଟା ଅଧ୍ୟାପକ ସୁରେଶ ଏକ୍କା ମଞ୍ଚାସୀନ ଥିଲେ। ଶେଷରେ ସହକାରୀ ପ୍ରଫେସର ସନ୍ତୋଷ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଡଃ ରଘୁମଣି ନାଏକ ଏବଂ ଅଧ୍ୟାପକ ବୀରସେନ ଦଳାଇଙ୍କ ସଂଯୋଜନା ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପୁସ୍ତକ 'ନିମଗ୍ନ ମନା' ଉନ୍ମୋଚିତ



**ବରଗଡ଼, ୨୩।୧(ସମିସ):** ବରଗଡ଼ ଗଣପତି ହୋଟେଲରେ ଏକ ନିଆରା କାର୍ଯ୍ୟକ୍ରମ ସରସ୍ୱତୀ ପୂଜା ଅବସରରେ ଦେଖିବାକୁ ମିଳିଥିଲା। ଦୁଇଜଣ ସାରସ୍ୱତ ସାଧକଙ୍କ ୨୫ ତମ ବିବାହ ବାର୍ଷିକୀ ଥିଲା। ପଶ୍ଚିମ ଓଡ଼ିଶାର ଦୁଇଜଣ ଜଣାଶୁଣା ସାହିତ୍ୟିକ ଡକ୍ଟର ସୁଭେନ୍ଦୁ ଷଡଙ୍ଗୀ ଓ ଡକ୍ଟର ସଙ୍ଗୀତା ପଣ୍ଡା ଷଡଙ୍ଗୀଙ୍କ ବିବାହ ବାର୍ଷିକୀ ପାଇଁ ବିଭିନ୍ନ ବର୍ଗର ଲୋକେ ବିଶେଷକରି ସାହିତ୍ୟିକ ଗବେଷକ, ସାମାଜିକ କର୍ମୀରାଜନେତା, କଳାକାର କବି, ଗାଳ୍ପିକ ଆଇନଜୀବୀ ସାମ୍ବାଦିକ ଇତ୍ୟାଦି ଯୋଗଦେଇ ଉଭୟଙ୍କୁ ଶୁଭେଚ୍ଛା ଜଣାଉଥିଲେ ଉପହାର ଦେଉଥାନ୍ତି। ଯେହେତୁ ୨୫ବର୍ଷ ଦାମ୍ପତ୍ୟ ଜୀବନ ସଫଳତାର ସହିତ କାଟି ସାରିଛନ୍ତି ସେଥିପାଇଁ ଗୋଟିଏ ସ୍ୱତନ୍ତ୍ର କେକ କଟାଯାଇଥିଲା। ସ୍ୱତନ୍ତ୍ର କେକ୍ କହିବାର୍ ଅର୍ଥ ଜଗତର ନାଥ ଜଗନ୍ନାଥଙ୍କ ପ୍ରିୟଛେନାପୋଡକୁ କଟାଯାଇଥିଲା। ଆସିଥିବା ଅତିଥି ଭାବେ କିଏ କବିତା ପାଠ କରି ତ ଆଉ କିଏ ଗୀତ ଗାଇ ଶୁଭେଚ୍ଛା ଦେଉଥାନ୍ତି। ଏହି ସବୁ ଭିତରେ କିନ୍ତୁ ଗୋଟିଏ ପୁସ୍ତକ ଉନ୍ମୋଚନ ପର୍ବ ବିବାହ ବାର୍ଷିକୀ ସମାରୋହର ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଉକ୍ତ ପୁସ୍ତକର ନାଆଁ 'ନିମଗ୍ନ ମନା'ରଖାଯାଇଥିବା ବେଳେ ଉପସ୍ଥିତ ବୟୋଜ୍ୟେଷ୍ଠଙ୍କ ହାତରୁ ଉନ୍ମୋଚନ କରାଯାଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି, ଲକ୍ଷ୍ମୀ ପାଣିଗ୍ରାହୀ, ସମ୍ବଲପୁର ରେଡିଓ ଷ୍ଟେସନ ମୁଖ୍ୟ ଆଲୋକ ଚନ୍ଦ୍ର ବାରିକ, କଟକରେଡିଓ ଷ୍ଟେସନ ମୁଖ୍ୟ ସତ୍ୟ ନାରାୟଣ ପଟ୍ଟନାୟକ, ଦିବ୍ୟ କିଶୋର ଦେବତା, ପ୍ରଦୀପ ହୋତା, ଅରୁଣ ମହାନ୍ତି, ଜୟଶ୍ରୀ ସାହୁ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

**ନିଆରା ଢଙ୍ଗରେ ବିବାହ ବାର୍ଷିକୀ ପାଳନ**

# ବାଲେଶ୍ୱରରେ ବିଦ୍ୟାଦାତ୍ରୀ ବୀଣାପାଣିଙ୍କ ଆରାଧନା


















## ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୩।୧(ସମିସ): ଆସନ୍ତା ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫକୀରମୋହନ ବିଶ୍ୱବିଦ୍ୟାଳୟ ଭ୍ରମଣ ପୂର୍ବରୁ ଆଜି ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ, ବାଲେଶ୍ୱରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଶାସନିକ ଅଧିକାରୀମାନେ, ପୁଲିସ୍ ଅଧିକାରୀମାନେ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଉପକୁଳପତି, ରେଜିଷ୍ଟ୍ରାର ଏବଂ ସମସ୍ତ ସମ୍ପୃକ୍ତ ଲାଇନ୍ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ରାଷ୍ଟ୍ରପତିଙ୍କ ଭ୍ରମଣ ସମୟରେ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ, ଯାତାୟାତ ବ୍ୟବସ୍ଥା, ଆୟୋଜନ ସ୍ଥଳର ପ୍ରସ୍ତୁତି ଏବଂ ବିଭାଗୀୟ ସମନ୍ୱୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗକୁ ପରସ୍ପର ସମନ୍ୱୟରେ କାର୍ଯ୍ୟ କରି ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ସମୟ ମଧ୍ୟରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।




● 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟୋତ୍ସବ

## ଚତୁର୍ଥ ସନ୍ଧ୍ୟାରେ ନାଟକ 'ଫୁଲ୍ ଟେନସନ୍'

ବାଲେଶ୍ୱର,୨୩।୧(ସମିସ): 'ନାଟ୍ୟପ୍ରଭା'ର ୨୨ ତମ ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟା ତଥା ସାଳନ୍ଦୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ନାଟକ 'ଫୁଲ୍ ଟେନସନ୍', ନାୟିକା ଅନୁଷ୍ଠାନ ବାଲେଶ୍ୱର ଦ୍ୱାରା ମଞ୍ଚସ୍ଥ ହୋଇଛି। ସହରର ଗାନ୍ଧିସ୍ମୃତି ଭବନରେ ଆୟୋଜିତ ବାର୍ଷିକ ଉତ୍ସବ ଓ ପ୍ରଥମ ବାଲେଶ୍ୱର ନାଟ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସୁସ୍ମିତା ରଣାଙ୍କ ନିର୍ଦ୍ଦେଶିତ, ଆନନ୍ଦ ଚନ୍ଦ୍ର ପହିଙ୍କ ରଚିତ ନାଟକଟି ଦର୍ଶକଙ୍କୁ ବେଶ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଏହି ଅବସରରେ ଡ. କୁମାର ଗୋପାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ଓଡ଼ିଆ ଚଳଚ୍ଚିତ୍ର ଓ ସିରିଏଲ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ଧୀର ମଲ୍ଲିକ, ଅତିଥି ଭାବେ ଯାତ୍ରା ନାଟ୍ୟ ନିର୍ଦ୍ଦେଶକ ତାପସ ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ଗିରି, ଅଭିନନ୍ଦନ ପତ୍ରିକାର ସମ୍ପାଦକ ଜଗଦୀଶ ମିଶ୍ର, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ମଞ୍ଚ ନାଟକ ନିର୍ଦ୍ଦେଶକ ଚିନ୍ମୟ ରକ୍ଷିତ୍ ପ୍ରମୁଖ ଯୋଗ ଦେଇଥିଲେ। ନାଟ୍ୟକାର, ନିର୍ଦ୍ଦେଶକ ଧିର ମଲ୍ଲିକଙ୍କୁ "ନାଟ୍ୟ ପ୍ରଭା' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ନିର୍ଦ୍ଦେଶିକା ସୁସ୍ମିତା ରଣାଙ୍କ "ଫୁଲ ଟେନସନ'ର ନିର୍ଦ୍ଦେଶନା ପାଇଁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟକ ସମାଜର ବାର୍ତ୍ତା ବହନ କରେ। ଏବେ ଡିଜିଟାଲ ଯୁଗରେ ନାଟକର ଗୁରୁତ୍ୱ କମିନାହିଁ ଆଜି ବି ଦର୍ଶକ ୬୦୦/୭୦୦ ଟିକେଟ କାଟି ନାଟକ ଦେଖୁଛନ୍ତି। ଭଲ କଥା ବସ୍ତୁ ରହିଲେ ନାଟକ ଦେଖିବାକୁ ଆଗଭର ହେବେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ 'ନାଟ୍ୟପ୍ରଭା'ର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



## ଭୀମେଶ୍ୱର ମକର ମହୋତ୍ସବ ଉଦ୍ୟାପିତ

ବାଲେଶ୍ୱର,୨୩।୧(ସମିସ): ପ୍ରସିଦ୍ଧ ଶୈବପୀଠ ବାବା ଭୀମେଶ୍ୱର ମହାଦେବଙ୍କ ଠାରେ ଚାଲିଥିବା ସପ୍ତଦିନାତ୍ମକ ମକର ମହୋତ୍ସବ ଉଦ୍ୟାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ବକାସୁର ପୋଡି ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ କମିଟି ସଭାପତି ପ୍ରଭାତ ବିଶ୍ୱାଳଙ୍କ ପୌରୋହିତ୍ୱରେ ମୁଖ୍ୟଅତିଥି ଭାବେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ଉପଦେଷ୍ଟା ଡ.ଭାଗବତ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟିର ସମ୍ପାଦକ କୀର୍ତ୍ତି ରଞ୍ଜନ ଦ୍ୱିବେଦୀ, ବରିଷ୍ଠ ସଦସ୍ୟ ଧନଞ୍ଜୟ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ସାମଲ, ଗୋବିନ୍ଦ ଦାସ, ଜୟକୃଷ୍ଣ ଜେନା, ଅତୁଲ୍ୟ ଦାସ, ଅମୁଲ୍ୟ ଦାସ, ତାପସ ରଥ, ଚିନ୍ମୟ ରଥ, ସତ୍ୟରଞ୍ଜନ ରଥ, ଇଶ୍ୱର ଦାସ, ସତ୍ୟବ୍ରତ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ, ଯୋଗେନ୍ଦ୍ର, କାଳିଆ, କେଶବ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କଟକଣା ସତ୍ତ୍ୱେ ନୀଳଗିରିରେ ତମାଖୁ ଓ ନିକୋଟିନ ସାମଗ୍ରୀ ବିକ୍ରି

ନୀଳଗିରି,୨୩।୧ (ସମିସ): ରାଜ୍ୟ ସରକାର ତମାଖୁ ଓ ନିକୋଟିନ ଜାତୀୟ ନିଶା ସାମଗ୍ରୀ ଉପରେ କଟକଣା ଲଗାଇଛନ୍ତି। ତମାଖୁର ଭୟାବହତାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ସଂସ୍ଥା ଓ ସଙ୍ଗଠନ ମାଧ୍ୟମରେ ସଚେତନ ମଧ୍ୟ କରୁଛନ୍ତି। ତେବେ ୨୦୧୩ ମସିହାରୁ ଏହି ଆଇନ ପ୍ରଣୟନ ହୋଇ ୧୨ବର୍ଷ ହେବ ଏଭଳି ନିଶା ସାମଗ୍ରୀକୁ ନିଷିଦ୍ଧ ଘୋଷଣା କରାଯାଇଥିଲେ ମଧ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ସମେତ ସାରା ଜିଲ୍ଲାରେ ତମାଖୁ, ଗୁଟଖା ଗାଁ ଗହଳି ଠାରୁ ଆରମ୍ଭ କରି ବଜାରର ବିଭିନ୍ନ ଦୋକାନରେ ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ଏଭଳି ନିଶାଦ୍ରବ୍ୟ ଯେଭଳି ସାରା ଜିଲ୍ଲାରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ଏଣୁ ସରକାରଙ୍କ ତମାଖୁ ନିଷେଧ ଆଇନ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି ଯାହା ବୁଦ୍ଧିଜୀବି ମନକୁ ବ୍ୟଥିତ କରିଛି। ଜର୍ଦ୍ଦା, ମସଲା, ଗୁଟୁଖା ସେବନ କରି ସ୍ୱାସ୍ଥ୍ୟ ବିଗୁଡ଼ିଥିବା ବେଳେ ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଏପରିକି ଅମୂଲ୍ୟ ଜୀବନ ହାରୁଥିବାର ଦେଖାଯାଇଛି। ଏହି ସାମଗ୍ରୀକୁ ସବୁ ପାନ ଦୋକାନୀ, ହୋଲସେଲ ଦୋକାନୀ ମାନେ ପୂର୍ବାପେକ୍ଷା ଏବେ ଖୁଲମଖୁଲା ଅଧିକ ମାତ୍ରାରେ ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ପ୍ରତ୍ୟକ ଚା', ପାନ ଦୋକାନଠାରୁ ଆରମ୍ଭକରି ତେଜରାତି ଦୋକାନରେ ମଧ୍ୟ ସାଧାରଣ ଅତ୍ୟାବଶ୍ୟକ ଜିନିଷ ଭଳି ମାଳମାଳ ଗୁଟଖା ଦୋକାନ ଆଗରେ ଝୁଲାହୋଇ ବିକ୍ରି ହେଉଛି। ସେବନକାରୀଙ୍କ ମଧ୍ୟରେ ବହୁ ଶିକ୍ଷିତ ବ୍ୟକ୍ତି ଓ ଯୁବକ ରହିଛନ୍ତି। ନିଶା ସେବନକାରୀମାନେ କର୍କଟ ସମେତ ବହୁ ସାଙ୍ଘାତିକ ଦୁରାରୋଗରେ ପଡୁଥିବାରୁ ରାଜ୍ୟ ସରକାରଙ୍କ ତରଫରୁ ତମାଖୁ ଓ ନିକୋଟିନ ସାମଗ୍ରୀ ଉତ୍ପାଦନ ଓ ବିକ୍ରିକୁ ଅସିଦ୍ଧ ଘୋଷଣା କରାଯାଇ ସାର୍ବଜନୀନ ସ୍ୱାସ୍ଥ୍ୟ ହିତରେ ନିଷେଧାଦେଶ ଜାରି କରାଯାଇଛି। ଏଥିସହ ସୁସ୍ଥ ଓ ତମାଖୁମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ତେବେ ସରକାରଙ୍କ ଏଭଳି ଆହ୍ୱାନ ସତ୍ତ୍ୱେ ବ୍ୟବସାୟୀ ମାନୁନାହାନ୍ତି କି ସେବନକାରୀ ଚେତୁ ନାହାନ୍ତି। ବର୍ତ୍ତମାନ ଚଢ଼ାଦରରେ ଗୁଟଖା ଓ ତମ୍ବାଖୁ ବିକ୍ରି ହେଉଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଖୁଚୁରା ବ୍ୟବସାୟୀ ଏହାକୁ ଅଧିକ ଦାମରେ କିଣିବା ପରେ ଚଢ଼ା ଦରରେ ବିକ୍ରୀ କରୁଥିବା କହୁଛନ୍ତି। ଏଭଳି ବେଆଇନ ଗୁଟଖା ଓ ତମାଖୁ କମ୍ପାନୀ ଓ କଳା ବଜାରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ନେତାଜୀ ଜୟନ୍ତୀ ପାଳିତ

ବାଲେଶ୍ୱର,୨୩।୧(ସମିସ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଦ୍ୟମ ସାହସ, ଦେଶପ୍ରେମ, ସ୍ୱାଧୀନତା ସଂଗ୍ରାମର ବଳିଦାନକୁ କୃତଜ୍ଞ ରାଷ୍ଟ୍ର ଚିରଦିନ ପାଇଁ ସ୍ମରଣୀୟ ରଖୁଥିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମତ ପ୍ରକାଶ କରିଛନ୍ତି। ଆଜି ସକାଳେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଆୟୋଜିତ ନେତାଜୀ ଜୟନ୍ତୀ ପାଳନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ନାୟକ କହିଲେ ଯେ, ବାଲେଶ୍ୱର ସହିତ ନେତାଜୀଙ୍କ ସମ୍ପର୍କ ରହିଥିଲା ଏହି ଟାଉନ ହଲ ତା'ର ମୂକ ସାକ୍ଷୀ। ସୁଭାଷ ବୋଷ ଟାଉନ ହଲ ପରିସରରେ ସଭା କରିଥିବା ବେଳେ ଷ୍ଟେସନ ପାଖ ଡାକବଙ୍ଗଳାରେ ରହିଥିଲେ। ଏ ସମ୍ପର୍କକୁ ଯୁବସମାଜ ପାଖରେ ପହଞ୍ଚାଇବାକୁ ଓୟୁଜେର ଉଦ୍ୟମକୁ ସେ ପ୍ରଶଂସା କରିଥଲେ। ୟୁନିଅନର ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ପାଳନ ବେଳେ ଟାଉନହଲ ପରିସରରେ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ସଦସ୍ୟ ମାନେ ସାମୂହିକ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ଅଜିମ ବାଲେଶ୍ୱରୀ, କହ୍ନେଇ ଚରଣ ପ୍ରଧାନ, ମହେଶ୍ୱର ପ୍ରଧାନ, ରମଣୀ ରଞ୍ଜନ ଦାସ, ଅରୂପ ନାରାୟଣ ମହାନ୍ତି, ସମାଜସେବୀ ଚନ୍ଦ୍ରାଂଶୁ ବାନାର୍ଜୀ, ଗୌର ସାଧନ ମିଶ୍ର, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଅଧିପ କୁମାର ଜେନା, ସୌମ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଟାଉନ ସଭାପତି ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

**ଫକୀରମୋହନକନିଷ୍ଠମହାବିଦ୍ୟାଳୟ:** ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ତରଫରୁ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଉପଲକ୍ଷେ ବାଲେଶ୍ୱରର ଷ୍ଟେସନ ଛକ ନିକଟରେ ଅପରାହ୍ନ ତିନି ଘଟିକା ସମୟରେ ବସ୍ତ୍ର ବିତରଣ କାର୍ଯ୍ୟକ୍ରମ "ଥିଲେ ଦିଅ, ନଥିଲେ ନିଅ' ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସୋନାଲିସା ମହାନ୍ତିଙ୍କ ପରାମର୍ଶ କ୍ରମେ ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ, ସହ ପ୍ରଶାସନିକ ଓ ରେଡକ୍ରସ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ ଓ ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ବିନୀତ କୁମାର ପାଢ଼ୀ କିଛି ଛାତ୍ରଙ୍କ ସହଯୋଗରେ ବଣ୍ଟନ କାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି କ୍ଷୁଦ୍ର ସହଯୋଗ ଷ୍ଟେସନ ପାଖାପାଖି ରହୁଥିବା ଖୋଲା ଆକାଶ ତଳେ ଅଭାବୀ ଲୋକମାନଙ୍କର ଶୀତ କଷ୍ଟକୁ ଦୂର କରିବାରେ ସହାୟକ ହୋଇ ପାରିବ ବୋଲି ଜନମତ ପ୍ରକାଶ ପାଇଛି। ଏଥିରେ ସହଯୋଗ କରିଥଲେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ରସାୟନ ବିଜ୍ଞାନର ଅଧ୍ୟାପକ ଜ୍ଞାନ ରଞ୍ଜନ ବେହେରା, ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଓ ବଳାଙ୍ଗି ମହାବିଦ୍ୟାଳୟର ରସାୟନ ବିଜ୍ଞାନର ଅଧ୍ୟାପକ ପ୍ରଭାତ କୁମାର ସ୍ୱାଇଁ।







‘ଓଡିଆ ଅସ୍ମିତା’କୁ କୁଠାରାଘାତ

# ପୂଣ୍ୟତିଥିରେ ଓଡ଼ିଆ ବରପୁତ୍ରଙ୍କ ପ୍ରତି ଅବହେଳା

ବ୍ରହ୍ମପୁର,୨୩।୧(ସମିସ): ମହାପୁରୁଷ ତଥା ବରପୁତ୍ରଙ୍କ ପ୍ରତି ଅବହେଳା ଅଭିଯୋଗ କିଛି ନୂଆ କଥା ନୁହେଁ। ଏଭଳି ଅନେକ ନଜିର ଥିବାବେଳେ ଘଟଣାର ପୁନରାବୃତ୍ତି ହେବା ସମସ୍ତଙ୍କୁ ବ୍ୟଥିତ କରିଛି। ବରପୁତ୍ରମାନଙ୍କ ଜନ୍ମ ଓ ତିରୋଧାନ ଭଳି ପୂଣ୍ୟ ତିଥିରେ ସ୍ମରଣ କରିବା ଦୂରେ ଥାଉ ସେମାନଙ୍କ ପ୍ରତି ଅଣଦେଖା ଓ ଅବହେଳା କରିବା ଗ୍ରହଣୀୟ ନୁହେଁ। ଅକ୍ଟୋବର ୨ତାରିଖରେ ଏକକାଳୀନ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପଡୁଥିବା ବେଳେ ଗାନ୍ଧୀଙ୍କୁ ସ୍ମରଣ କରି ଲାଲବାହାଦୂର ଶାସ୍ତ୍ରୀଙ୍କୁ ଭୁଲିଯିବା ଭଳି ଘଟଣା ସାଧାରଣତଃ ଦେଖିବାକୁ ମିଳିଥାଏ। ସେହିଭଳି ଜାନୁଆରୀ ୨୩ତାରିଖରେ ମଧ୍ୟ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ ହେଉଛି। ଏହି ଦିନରେ ମଧ୍ୟ ଅନୁରୂପ ଭାବେ ସୁବାଷ ବୋଷଙ୍କୁ ପ୍ରାୟ ସମସ୍ତେ ସ୍ମରଣ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜଣାଉଥିଲେ ହେଁ ବଳଦେବ ରଥଙ୍କୁ ଭୁଲିଯିବା ଓ ଅଣଦେଖା କରିବା ତାଙ୍କ ପ୍ରତି ଅସମ୍ମାନ ବୋଲି ମତ ପ୍ରକାଶ ପାଇଛି। ଏଭଳି ଘଟଣା ଘଟିଛି ବ୍ରହ୍ମପୁର ସହରରେ। ଲୋକଙ୍କ ପକ୍ଷେ ଏଭଳି ଭୁଲକୁ ଗ୍ରହଣ କରାଯାଇପାରେ ହେଲେ ପ୍ରଶାସନ ବା ସଂସ୍କୃତି ବିଭାଗ ପକ୍ଷରୁ ନିୟମିତ କରାଯାଉଥିବା ଏଭଳି ଭୁଲ ଆଦୌ ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ କରି ତିବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ। ସୁବାଷ ବୋଷଙ୍କ ଜୟନ୍ତୀ ଅବସରରେ ସହରର ପିଭିଏନ ରାଓ ପେଟ୍ରୋଲ ପମ୍ପ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇ ବହୁ ସଙ୍ଗଠନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତିଚାରଣ କରାଯାଇଥିଲା। ତେବେ ଆଜିର ଦିନରେ ଗଞ୍ଜାମ ତଥା ଓଡିଆ ଜାତିର ଗର୍ବ ଓ ଗୌରବ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀରେ ତାଙ୍କ ପ୍ରତି ଅବହେଳା କରାଯାଇଥିବା ଦେଖିବାକୁ ମିଳିଛି। ତାଙ୍କର ପୂର୍ଣ୍ୟତିଥିରେ ସ୍ଥାନୀୟ ହିଲପାଟଣା ସ୍ଥିତ ସଂସ୍କୃତି ଭବନ ପରିସରରେ ଥିବା ତାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ତ ଦୂରର କଥା ସଫା ମଧ୍ୟ କରାଯାଇନାହିଁ। କବିସୂର୍ଯ୍ୟଙ୍କ ପୂର୍ଣ୍ୟତିଥି ସମ୍ପର୍କରେ ଅବଗତ ହୋଇ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସିଟି ଇଂଜିନିୟର ମନୋଜ କୁମାର ପାତ୍ର, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ। ଏବଂ ପ୍ରତିମୂର୍ତ୍ତିର ଅବସ୍ଥାକୁ ଦେଖି ସମସ୍ତେ ଦୁଃଖ ପ୍ରକାଶ କରିଥିଲେ। ସଂସ୍କୃତି ଭବନ ପରିସରରେ ଗଙ୍ଗାଧର ମେହେର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତି ଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ଅବହେଳିତ ଅବସ୍ଥାରେ ପଡି ରହିଛି। ନିୟମିତ ନହେଲେ ମଧ୍ୟ ବିଭିନ୍ନ ଅବସରରେ ସଫା ହେବା ତ ଦୂରର କଥା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପାଇଁ ସିଡିର ସୁବିଧା ମଧ୍ୟ ନାହିଁ। ଫଳରେ ଏଭଳି ତିଥିରେ ପୁଷ୍ପମାଲ୍ୟ ପକାଇବାକୁ ହେଲେ ପ୍ରତିମୂର୍ତ୍ତି ଉପରେ ନିଶୁଣି ପକାଇ ଲୋକଙ୍କୁ ଚଢିବାକୁ ପଡୁଛି। ଯାହା ଅନିଚ୍ଛା ସତ୍ତ୍ୱେ ଆଜି କରିବାକୁ ପଡିଥିଲା। ପ୍ରତିମୂର୍ତ୍ତି ଗୁଡିକୁ ସଂସ୍କୃତି ବିଭାଗ ପ୍ରତିଷ୍ଠା କରି ନିଜର ଦାୟିତ୍ୱ ଭୁଲି ଯାଉଥିବା ବେଳେ ଏମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଯଦି ରକ୍ଷଣାବେକ୍ଷଣ କରାଯିବାର ବ୍ୟବସ୍ଥା ନାହିଁ ତେବେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିକୁ ଏଭଳି ଭାବେ ରାସ୍ତା ମଝିରେ ଖରା ଓ ବର୍ଷାରେ ଖୋଲା ଆକାଶ ତଳେ ଠିଆ କରିବାର ଅଧିକାର କାହାର ନାହିଁ ବୋଲି ମତ ଦେଇଛନ୍ତି ସହରର ବୁଦ୍ଧିଜୀବୀ। ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ଉପରେ ଛାତ ସହିତ ପାଖରେ ସିଡିର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି କରାଯାଇଛି।



- ରାସ୍ତାକଡ଼ରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରି ଭୁଲିଯାଉଛି ପ୍ରଶାସନ
- ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ସହିତ ଉତ୍ସବ ପାଳନ ଦାୟିତ୍ୱ କାହାର?

## ବହୁ ଅନୁଷ୍ଠାନ ପକ୍ଷରୁ ନେତାଜୀ ଜୟନ୍ତୀ



ବ୍ରହ୍ମପୁର,୨୩।୧(ସମିସ): ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଞ୍ଚ ପକ୍ଷରୁ ବ୍ରହ୍ମପୁର ପୁରୁଣା ଟାଉନ୍‌ହଲ୍ ରୋଡ୍ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ସମାଜସେବୀ କୁନି ଦେବୀ ଏବଂ ‘ଆର୍ଯ୍ୟଭଟ୍ଟ’ର ପ୍ରତିଷ୍ଠାତା ଓ ପରିବେଶବିତ୍ ସୁଧୀର ରାଉତ ମାଲ୍ୟାର୍ପଣ କରିଥିଲେ। ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ନେତାଜୀଙ୍କ ଜୀବନ, ଆଦର୍ଶ ଓ ସଂଗ୍ରାମ ସମ୍ପର୍କୀତ ସ୍ମୃତିସଭା ହୋଇଥିଲା। ସଭାରେ ମଞ୍ଚ ସଭାପତି ଗଗନ ମଲ୍ଲିକ, ‘ବିକାଶ’ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଗୁଣନିଧି ବେହେରା, ମଞ୍ଚର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ପଣ୍ଡା, ସାଂଗଠନିକ ସମ୍ପାଦକ ମନୋଜ ତରାଇ, ଶିକ୍ଷକ ସଂଗଠନ ନେତା ଅଶୋକ ଦଳାଇ, ବିରେନ୍ ବେହେରା, ସମାଜସେବୀ ହୃଷିକେଶ ପାତ୍ର ଓ ଯୁବ ରାଜନୈତିକ କର୍ମୀ ଆଦିତ୍ୟ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିପିଏମ ପକ୍ଷରୁ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ପାଳନ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପାର୍ଟିର କର୍ମୀମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ନେତାଜୀଙ୍କ ତ୍ୟାଗ, ନିଷ୍ଠା ଓ ନିର୍ଭୀକତାକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଶିବ ମହାପାତ୍ର, ପ୍ରତାପ ଚୌଧୁରୀ, ଗୋକୁଳ ତ୍ରିପାଠୀ, ରାଜ ରାଓ, ହରି ନାହାକ, ମଧୁ ବେହେରା, ମୋହନ ରାଓ, ଶ୍ରୀନିବାସ ଦାସ, ରଞ୍ଜନ ପାତ୍ର, ଲୋକନାଥ ଖୁଣ୍ଟିଆ ଓ ପ୍ରଶାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରେ ମେୟର ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ବ୍ରହ୍ମପୁର ଟାଉନ ହଲ ନିକଟରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଓ ଡ଼େପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ। ଏଆଇଡ଼ିଏସଓ ପକ୍ଷରୁ ମଧ୍ୟ ରାଜ୍ୟ ସଭାପତି ସୋମନାଥ ବେହେରାଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି।

## ନକଲି କାଗଜପତ୍ରରେ ବୋଲୋରୋ ଗାଡ଼ି ବିକ୍ରି; ଶୋ’ରୁମ୍ ମାଲିକ ଗିରଫ

ବ୍ରହ୍ମପୁର,୨୩।୧(ସମିସ): ଏକ ବୋଲେରୋ ଗାଡିକୁ ନକଲି କାଗଜପତ୍ରରେ ବିକ୍ରି କରି ଦେଇଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ବ୍ରହ୍ମପୁରର ଏକ ସେକେଣ୍ଡ ହ୍ୟାଣ୍ଡ କାର ସୋ’ରୁମ ମାଲିକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଡ଼ି ତେଜେଶ୍ୱର ରାଓ ଓରଫ ରୋହନ ରାଓ(୩୫) ବୋଲି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଥାନା ଅନ୍ତର୍ଗତ ଦୁର୍ଗାଦେବୀ ସାହିର ପ୍ରେମ ସାହୁ ୨୦୨୩ମସିହାରେ ନିଜ ବାପାଙ୍କ ନାମରେ ଥିବା ବୋଲେରୋ ଗାଡିର ମରାମତି ଓ ବିକ୍ରି କରିବାକୁ ବ୍ରହ୍ମପୁର ରମାଲିଙ୍ଗେଶ୍ୱର ପାର୍କ ନିକଟରେ ଥିବା ଏକ ସେକେଣ୍ଡ ହ୍ୟାଣ୍ଡ ଗାଡି ସୋ’ରୁମକୁ ଦେଇଥିଲେ। ଏନେଇ ଉଭୟ ପକ୍ଷ ମଧ୍ୟରେ ୪ଲକ୍ଷ ୪୦ହଜାର ଟଙ୍କାର ଚୁକ୍ତି ହୋଇଥିଲା। ଅଗ୍ରୀମ ଟଙ୍କା ବାବଦକୁ ପ୍ରେମ ସାହୁ ସୋ’ରୁମ ମାଲିକ ରୋହନଙ୍କଠାରୁ ୩ଲକ୍ଷ ୪୦ହାଜର ଟଙ୍କା ନେଇଥିଲେ। ଗାଡି ବିକ୍ରି ହେବା ପରେ ଅବଶିଷ୍ଟ ୧ଲକ୍ଷ ଟଙ୍କା ଦେବେ ବୋଲି ଚୁକ୍ତିରେ ଉଲ୍ଲେଖ ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ସୋ’ରୁମ ମାଲିକ ଜଣଙ୍କ ନକଲି ଆଧାର କାର୍ଡ, ଗାଡିର ନକଲି କାଗଜପତ୍ର ପ୍ରସ୍ତୁତ କରି ଅନୁଗୁଳ ଆରଟିଓରେ ଜମା କରି ଉକ୍ତ ଗାଡିକୁ ସୁନ୍ଦରଗଡ ଜିଲାର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ପ୍ରେମ ଜାଣିବାକୁ ପାଇଥିଲେ। ଏନେଇ ପ୍ରେମ ସୋ’ରୁମକୁ ଯାଇ ଏହାର ମାଲିକ ରୋହନଙ୍କୁ ଗାଡି ବିକ୍ରି ବିଷୟରେ ପଚାରିବାରୁ ସେ ତାଙ୍କୁ ଅଷଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଘଟଣାକୁ ନେଇ ପ୍ରେମ ଟାଉନ ଥାନାରେ ଅଭିଯୋଗ କରିବା ସହ ଉକ୍ତ ଗାଡିର ନକଲି ରେଜିଷ୍ଟ୍ରସନକୁ ରଦ୍ଧ କରିବାକୁ ଅନୁରୋଧ କରିଥିଲେ। ପୁଲିସ ଏକ ମାମଲା ରୁଜୁ ତଦନ୍ତ କରୁଥିବା ବେଳେ ଆଜି ଅଭିଯୁକ୍ତ ରୋହନଙ୍କୁ ଗିରଫ କରିବାରେ ସଫଳ ହୋଇଛି।

## ଘର ତାଲା ଭାଙ୍ଗି ଲୁଟ୍

ବ୍ରହ୍ମପୁର,୨୩।୧(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ବିବେକ ବିହାର ଅଞ୍ଚଳରୁ ଗତକାଲି ଦୁର୍ବୃତ୍ତ ମାନେ ଘର ତାଲା ଭାଙ୍ଗି ସୁନା ଅଳଙ୍କାର ସହ ଟଙ୍କା ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ ଆମ୍ବପୁଆ ବିବେକ ବିହାରେ ଡ଼ି.ସୋମେୟା ରୁହନ୍ତି। ଗତ ୧୯ ତାରିଖରେ ସପରିବାର ସହ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ସେହି ଦିନଠାରୁ ସିସି କ୍ୟାମେରା ଫୁଟେଜ ନିଜ ମୋବାଇଲରେ ଦେଖି ଆସୁଥିଲେ। ଆଜି ସକାଳେ ମୋବାଇଲ ଦେଖିବା ବେଳକୁ ଫୁଟେଜ ଦେଖା ନଯିବାରୁ ସନ୍ଦେହ ଜଣକୁ ଘରର ସ୍ଥିତି ଦେଖିବାକୁ ପଠାଇଥିଲେ। ସେ ଆସି ଦେଖିବା ବେଳକୁ ଘରର ଗ୍ରିଲ ଓ କବାଟ ଖୋଲା ଥିବା ଜଣାଇ ଥିଲେ। ପରେ ସୋମେୟା ଆସି ଦେଖିବା ବେଳକୁ ଦୁର୍ବୃତ୍ତ ମାନେ ଘର ତାଲା ଭାଙ୍ଗିବା ସହ ୨ଟି ଆଲମାରୀ ଭାଙ୍ଗି ସେଥିରେ ଥିବା ୩ ହଳ ସୁନା କାନ ଫୁଲ, ଗୋଟିଏ ସୁନା ମୁଦି, ବ୍ରୋଞ୍ଜ ଚୁଡ଼ି ୨ହଳ, ଶଙ୍ଖା ଚୁଡ଼ି ଗୋଟିଏ ହଳ, ମୋଟ ପ୍ରାୟ ୩ତୁଲା ସୁନା ଏବଂ ନଗଦ ପ୍ରାୟ ଏକ ଲକ୍ଷ ଟଙ୍କା ଓ ହାର୍ଡିକ୍ସ,ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହୋଇଥିବା ଜାଣିପାରି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୪୩/୨୬ ମାମଲା ରୁଜୁ କରି ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ପୁଲିସ କହିଛି।

## ଅନଲାଇନ୍ ଟ୍ରେଡିଂ ନାଁରେ ୫୧ ଲକ୍ଷ ଠକେଇ

ବ୍ରହ୍ମପୁର,୨୩।୧(ସମିସ): ଅନଲାଇନ ଆପ୍ ଜରିଆରେ ଷ୍ଟକ ମାର୍କେଟିଂ ଓ ଆଇପିଓ କିଣିବା ନାଁରେ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କଠାରୁ ୫୧ ଲକ୍ଷ ଟଙ୍କା ଠକେଇ ହୋଇଛି। ସାଇବର ଠକମାନେ ତାଙ୍କୁ କୌଶଳକ୍ରମରେ କୋଟିପତି ହେବା ସ୍ୱପ୍ନ ଦେଖାଇ ଏହି ଟଙ୍କା ଠକି ନେଇଛନ୍ତି। ବ୍ରହ୍ମପୁର ସାଇବର ଓ ଅର୍ଥନେତିକ ଅପରାଧ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ସହରରେ ରହୁଥିବା ଜଣେ ବ୍ୟକ୍ତି ଗତ ମାସରେ ଏକ ଆପ୍ ଜରିଆରେ ଷ୍ଟକ ବଜାର ଏବଂ ଆଇପିଓ କିଣାବିକା ବିଷୟରେ ଜାଣିବାକୁ ପାଇଥିଲେ। ସେହି ଆପ୍ ଜରିଆରେ ବିଭିନ୍ନ କମ୍ପାନୀର ଷ୍ଟକ ଓ ଆଇପିଓ କିଣିଲେ ଅଳ୍ପ ଦିନ ମଧ୍ୟରେ ପ୍ରଚୁର ଲାଭ ହେବ ବୋଲି କୁହାଯାଇଥିଲା। ସଂପୃକ୍ତ ଆପ୍ ତଥା କମ୍ପାନୀର ଅଧିକାରୀଙ୍କ କହିବା ପ୍ରକାରେ ପ୍ରଥମେ ସେ ୫ ଲକ୍ଷ ଟଙ୍କା ନିବେଶ କରି ଆଇପିଓ କିଣିଥିଲେ। ଏହା ପରେ ସେ ପ୍ରର୍ଯ୍ୟାୟକ୍ରମେ ୫୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ଗତ କିଛିଦିନ ତଳେ ନିବେଶ ଟଙ୍କା ଓ ଲାଭରୁ କିଛି ଟଙ୍କା ଉଠାଣ କରିବାକୁ ଯାଇ ଉଠାଇ ପାରିନଥିଲେ। ଏପରିକି ସାଇବର ଠକମାନେ ତାଙ୍କୁ ଅଧିକରୁ ଅଧିକ ଟଙ୍କା ନିବେଶ କରିବାକୁ ବାଧ କରିଥିଲେ। ହେଲେ ଟଙ୍କା ଫେରସ୍ତ ପାଇଁ ବ୍ୟକ୍ତି ଜଣଙ୍କ ବାରମ୍ବାର ଅନୁରୋଧ କରିବାରୁ ସାଇବର ଠକମାନେ ତାଙ୍କୁ ଉକ୍ତ ଆପରୁ ବାହାର କରିବା ସହ ସେହି ଆପ ଅଚଳ କରି ଦେଇଥିଲେ। କମ୍ପାନୀ ଓ ଏହାର ଅଧିକାରୀ ସହ ଯୋଗାଯୋଗ କରିବା ସମ୍ଭବ ନହେବାରୁ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

## ଉଚ୍ଚଶବ୍ଦ ସୃଷ୍ଟି କରିବା ଅଭିଯୋଗ; ଡିଜେ ଜବତ

ବ୍ରହ୍ମପୁର,୨୩।୧(ସମିସ): ବ୍ରହ୍ମପୁର ସହରର ମୁଖ୍ୟ ରାସ୍ତାରେ ଉଚ୍ଚ ଶବ୍ଦ ବଜାଇ ରାସ୍ତା ଅବରୋଧ କରି ଯାଉଥିବା ଏକ ଡିଜେ ଗାଡିକୁ ଗୋସାଇଁନୂଆଗାଁ ପୁଲିସ ଶୁକ୍ରବାର ଜବତ କରିଛି। ଏହି ଡିଜେ ଗାଡି ଓଡ଼ିଶା ଫାୟାର ଆଣ୍ଡ ଲାଉଡ ସ୍ପିକର ରେଗୁଲେସନ ଆଇନ ଏବଂ ମୋଟର ଯାନ ଆଇନ ଉଲଙ୍ଘନ କରିବା ସହ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିଲା ବୋଲି ପୁଲିସ କହିଛି। ଡିଜେ ଗାଡିକୁ ବିକୃତ ଭାବେ ଡିଜାଇନ ନକରିବାକୁ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍ ଡିଜେ ମାଲିକଙ୍କୁ ପରାମର୍ଶ ଦେଇଛନ୍ତି। ସକାଳ ୬ଟାରୁ ରାତି ୧୦ଟା ଭିତରେ ହିଁ ଡିଜେ ବଜାଇବାକୁ ଅନୁମତି ରହିଛି। ମେଡିକାଲ ଓ ସ୍କୁଲ ଭଳି ସାଇଲେନ୍ସ ଜୋନରେ ୫୫ ଡେସିବେଲରୁ କମ ଶବ୍ଦରେ ସ୍ପିକର ବଜାଇବାକୁ ସେ ପରାମଶ ଦେଇଛନ୍ତି।

## କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର,୨୩।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ କରାଯାଇଛି। ଏ ଅବସରରେ ସଂସ୍କୃତି ଭବନରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ମହାନ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କବିସୂର୍ଯ୍ୟ ବଳଦେବ ରଥ ସାସ୍କୃତିକ ପରିଷଦ ପକ୍ଷରୁ କବିସୂର୍ଯ୍ୟ ବଳଦେବ ରଥ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳନ କରାଯାଇଛି। ସ୍ଥାନୀୟ ଗୌଡ଼ ସାହି ଛକ ନିକଟରେ ଥିବା କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ଶିବଶଙ୍କର ସାହାଣୀ, କର୍ପୋରେଟର ଟି. କିଶୋର ପାତ୍ର, ମହମ୍ମଦ ଆସଲମ୍, ସମାଜସେବୀ ପ୍ରମୋଦ ଜେନା, ମାନସ ରଞ୍ଜନ ତ୍ରିପାଠୀ, ଗୌରୀ ହରି ସାହୁ, ନରସିଂହ ସାହୁ, ଶଙ୍କର ପାଣିଗ୍ରାହି, ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




## ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ



ବ୍ରହ୍ମପୁର,୨୩।୧(ସମିସ): ସହରର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ ହୋଇଛି। ଛାତ୍ରଛାତ୍ରୀ ନୂଆ ପୋଷାକ ପରିଧାନ କରି ପୂଜା ସାମଗ୍ରୀ ନେଇ ସକାଳୁ ବିଦ୍ୟାଳୟରେ ପହଞ୍ଚି ସରସ୍ୱତୀଙ୍କୁ ସୁମରଣା କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଓ ପ୍ଲେ ସ୍କୁଲରେ ଖଡ଼ିଛୁଆଁ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପୁରୋହିତଙ୍କ ମନ୍ତ୍ରୋଚାରଣରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଛି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ହୋମ କରାଯାଇ ମା’ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବିଦ୍ୟାପ୍ରାପ୍ତି ଲାଗି ସମସ୍ତେ ବିଦ୍ୟାର୍ଥୀ ବିଦ୍ୟାଦାତ୍ରୀଙ୍କୁ ପୂଜାର୍ଚ୍ଚନା କରି ଖୁସି ମନାସିଛନ୍ତି। ଅନ୍ୟପକ୍ଷରେ ଶିକ୍ଷା ଗ୍ରହଣ କ୍ଷେତ୍ରରେ ପାଦ ଥାପିବା ପୂର୍ବରୁ ଶିଶୁକୁ ଖଡ଼ି ଛୁଆଁଇବା ଆମର ଏକ ମୁଖ୍ୟ ପରମ୍ପରା ରହିଛି।

**ବିଦ୍ୟାଦାତ୍ରୀଙ୍କୁ ପୂଜିଲେ ବିଦ୍ୟାର୍ଥୀ**

## ୪ ମୋବାଇଲ ଲୁଟିଆ ଗିରଫ

ବ୍ରହ୍ମପୁର,୨୩।୧(ସମିସ): ବୈଦ୍ୟନାଥପୁର ଥାନା ପୁଲିସ ୪ ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୪ଟି ଚୋରି ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋସାଇଁନୂଆଗାଁ କଦଳୀବାଡ ସାହିର ଓମ ପାତ୍ର(୨୦), ଉତ୍ତରେଶ୍ୱର ଧୋବା ସାହିର ଶ୍ରୀକାନ୍ତ ପାଢୀ(୨୧), ବାଲାଜୀ ନଗରର ସଂଗ୍ରାମ ସାମଲ(୪୦) ଓ ନେହୁରୁନଗରର ବଳିଆ ମହାରଣା(୨୧)। ଏହି ୪ ଜଣ ସହରର ବିଭିନ୍ନ ଅଞ୍ଚଳରୁ ଅନେକ ଲୋକଙ୍କ ଠାରୁ ମୋବାଇଲ ଝାମ୍ପି ନେବା ପରେ ସେଗୁଡ଼ିକ ବିକ୍ରି କରି ଦେଇଥିବା ତଦନ୍ତ ବେଳେ ଜଣାପଡିଛି। ପ୍ରକାଶଥାଉକି, ୧୮ ତାରିଖ ରାତି ସାଢେ ୧୦ଟା ବେଳେ ନିମଖଣ୍ଡିର ସୁନୀଲ ସାହୁ ଇଞ୍ଜିନିୟରିଂ ସ୍କୁଲ ଛକରୁ ନିଜ ସାଇକଲ ଯୋଗେ ଏମକେସିଜି ମେଡିକାଲ ଗେଟ ଦେଇ ଫେରୁଥିବା ବେଳେ ୨ ଜଣ ଯୁବକ ତାଙ୍କ ନିକଟକୁ ଆସି ମୋବାଇଲଟି ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।



ଜମିବ କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ସମ୍ଭାର

# ୨୭ରୁ ୩୦ ଗୋପାଳପୁର ବେଳାଭୂମି ମହୋତ୍ସବ

- ଉଦ୍‌ଘାଟନ କରିବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ହେବ ଉଦ୍‌ଯାପନ
- ବରପୁତ୍ରଙ୍କୁ ସମର୍ପିତ ହେବ ମଞ୍ଚ, ସାଧୁସନ୍ଥ କରିବେ ମହୋଦଧି ଆଳତୀ
- କୈଳାସ ଖେର, ମୈଥିଳି ଠାକୁର, ରାହୁଲ ସିପ୍ଲିଗୁଞ୍ଜ ମୁଖ୍ୟ ଆକର୍ଷଣ
- ମୂତୟନ ରହିବେ ୧୦୦ଅଫିସରଙ୍କ ସମେତ ୫ପ୍ଲାଟୁନ ପୁଲିସ ଫୋର୍ସ

ବ୍ରହ୍ମପୁର,୨୩।୧(ସମିସ): ଆସନ୍ତା ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ବହୁ ପ୍ରତିକ୍ଷିତ ଗୋପାଳପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଚଳିତଥର ଏହି ମହୋତ୍ସବକୁ ଅଧିକ ସରସ, ସୁନ୍ଦର ଓ ଆକର୍ଷଣୀୟ କରିବାକୁ ପ୍ରଚେଷ୍ଟା କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଏନେଇ ପୂର୍ବ ପ୍ରସ୍ତୁତି ସରିଥିବା ସେ ଜଣାଇଛନ୍ତି। ଗୋପାଳପୁର ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ସୁଦୂର ପ୍ରସାରୀ। ଏଠାକାର ମହୋତ୍ସବ ଗଞ୍ଜାମ ଜିଲ୍ଲାର ଲୋକକଳାକୁ ସବୁବେଳେ ପ୍ରୋତ୍ସାହନ ଯୋଗାଇଛି। ଏହି ମହୋତ୍ସବ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଲାଗି ମାଇଲଖୁଣ୍ଟ ହେବ। ମହାମହିମ ରାଜ୍ୟପାଳ ଡ଼ ହରିବାବୁ କୁମ୍ଭମପାଟି ଏହି ମହୋତ୍ସବକୁ ଉଦଘାଟନ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାର ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଭଳି ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଲିଉଡ଼, ବଲିଉଡ଼ ଓ ଟଲିଉଡ଼ର କଳାକାର ମାନେ ଯୋଗଦେବେ। ଗୋଟିଏ ଦିନ ଦିଗପହଣ୍ଡି ବିଧାୟକ ତଥା ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବଡ଼ ତାରକାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିଳଭ ବରିଷ୍ଠ କଣ୍ଠଶିଳ୍ପୀ କୈଳାସ ଖେର, ମୈଥିଳି ଠାକୁର, ରାହୁଲ ସିପ୍ଲିଗୁଞ୍ଜଙ୍କ ସମେତ ବହୁ କଳାକାର ସାମିଲ ହେବେ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବେଳାଭୂମି ମହୋତ୍ସବ ଲାଗି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ହେବ। ଏଥିରେ ବହୁ ଯୁବଗୋଷ୍ଠୀ ସାମିଲ ହେଉଛନ୍ତି। ଅଂଶଗ୍ରହଣ କାରୀଙ୍କୁ ପୁରସ୍କୃତ କରାଯିବ। ସମୁଦ୍ର ଭିତରେ ଲେଜର ସୋ ମଧ୍ୟ ହେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ଜନ ପ୍ରତିନିଧି ମାନେ ସହଯୋଗ କରୁଛନ୍ତି। ମହୋତ୍ସବ ଆରମ୍ଭ ପୂର୍ବରୁ ମା’ ବାଲକୁମାରୀ, ମା’ ତାରାତାରିଣୀ ଓ ବ୍ୟାଘ୍ରଦେବୀଙ୍କ ପାଖରୁ ମସାଲ ଆସିବ। ମଞ୍ଚ ଆରମ୍ଭ ପୂର୍ବରୁ ସାଧୁସନ୍ଥଙ୍କ ଦ୍ୱାରା ମହୋଦଧି ଆଳତୀ ଅନୁଷ୍ଠିତ ହେବ। ବେଳାଭୂମି ମହୋତ୍ସବର ପଲ୍ଲିଶ୍ରୀ ୩୦୦ଟି ଷ୍ଟଲ ପଡ଼ିବ। ତନ୍ମଧ୍ୟରୁ ୨୫୦ଟିରେ ବିଭିନ୍ନ ଦ୍ରବ୍ୟ ବିକ୍ରୀବଟା ହେବାକୁ ଥିବା ବେଳେ ୫୦ଟି ଖାଦ୍ୟ ଷ୍ଟଲ ରହିବ। ଏଠାରେ ପାନୀୟଜଳ ସହିତ ବିଭିନ୍ନ ସ୍ଥାନରେ ସିକ୍ୟୁରିଟି କ୍ୟାମେରା ସଂସ୍ଥାପିତ ହେବ। ସେହିଭଳି ଷ୍ଟେଜ ସାମ୍ନାରେ ଚଳିତଥର ବହୁ ଚେୟାର ପଡ଼ିବ। ବିଭିନ୍ନ ବିଭାଗକୁ ନେଇ ଚଳିତଥର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମେ ଜିଲ୍ଲାର କଳାକାରଙ୍କୁ ସୁଯୋଗ ଓ ପରେ ଷ୍ଟାର ନାଇଟ୍ ଅନୁଷ୍ଠିତ ହେବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତିଭାସନ ସୂଚନା ଦେଇଥିଲେ। ଗୋପାଳପୁର ବେଳାଭୂମି ମହୋତ୍ସବକୁ କିଭଳି ଲୋକେ ଆସିବେ ଓ ସୁରକ୍ଷିତ ଭାବେ ଉପଭୋଗ କରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ହରିପୁର ନିକଟରେ ଦୁଇଚକିଆ ଯାନ ଲାଗି ପାର୍କିଂ କରାଯାଇଛି। ଏଏନସି କାର୍ଯ୍ୟାଳୟ, ବସଷ୍ଟାଣ୍ଡ ଓ ନିକଟସ୍ଥ ପଡ଼ିଆ ନିକଟରେ ୪ଚକିଆ ଯାନ ଲାଗି ପାର୍କିଂ ବ୍ୟବସ୍ଥା ହୋଇଛି। ମହୋତ୍ସବରେ ଟ୍ୟାଫିକ ଜୋରଦାର ହେବ। ବହୁ ପୁଲିସ ସିଭିଲ ଡ୍ରେସରେ ରହିବେ। ମହୋତ୍ସବରେ ସମୁଦାୟ ୧୦୦ଟି ପୁଲିସ ଅଫିସରଙ୍କ ସମେତ ୫ପ୍ଲାଟୁନ ପୁଲିସ ମୂତୟନ ରହିବେ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ଜିଲ୍ଲା ପ୍ରଶାସନ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



● ତୁଳସୀ କ୍ଷେତ୍ରରେ ପବିତ୍ର ବସନ୍ତ ପଞ୍ଚମୀ ନୀତି ସମ୍ପନ୍ନ

# କାଞ୍ଚି କାବେରୀ ବେଶରେ ପ୍ରଭୁ ବଳଦେବଜୀଉ



କେନ୍ଦ୍ରାପଡ଼ା,୨୩ା୧(ସମିସ):ପବିତ୍ର ଶ୍ରୀପଞ୍ଚମୀ ଅବସରରେ ତୁଳସୀ କ୍ଷେତ୍ରର ଆରାଧ ଦେବତା ପ୍ରଭୁ ବଳଦେବଜୀଉଙ୍କର ଅପୂର୍ବ କାଞ୍ଚି କାବେରୀ ବେଶ ଆଜି ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ଦ୍ୱାର ଉନ୍ମୁକ୍ତ ପରେ ଜୟମଙ୍ଗଳା ଆଳତୀ, ବଲ୍ଲଭ ଓ ସକାଳ ଧୂପ ସମ୍ପନ୍ନ ହୋଇ ଶ୍ରୀଜୀଉଙ୍କ ବସନ୍ତ ନୀତି ଆରମ୍ଭ ହୋଇଥିଲା। ରତ୍ନ ସିଂହାସନରେ ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଜୀଉଙ୍କୁ ଶୁକ୍ଳ ଧୋତି ଓ ମଉଳି ପିନ୍ଧାଇ ଅଭିର ଲାଗି, ଘଟ ସ୍ଥାପନ, କଳସ ପୂଜା, ମଙ୍ଗଳା ଅର୍ପଣ ଓ ଚଣାଖଜା ଭୋଗ ଲାଗି କରାଯାଇ ବସନ୍ତ ନୀତି ସମ୍ପନ୍ନ ହୋଇଥିଲା। ଆଜିଠାରୁ ମହାପ୍ରଭୁ ଶୀତବସ୍ତ୍ର ପରିତ୍ୟାଗ କରି ଝିନ୍ନ ବସ୍ତ୍ର ଧାରଣ କରିଥିବା ନୀତି ମଧ୍ୟ କରାଯାଇଥିଲା। ସନ୍ଧ୍ୟା ନୀତି ପରେ କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇ ମହାପ୍ରଭୁଙ୍କ ପାଖରେ ମଉଳି ମଣ୍ଡଳ, ବାହୁଚରଣ ଘୋଡ଼ା ଲାଗି କରାଯାଇଥିଲା। ଜଗନ୍ନାଥଙ୍କ ପାଖରେ ମଉଳି ମଣ୍ଡଳ, ପାଟ ଲୁଗା, ବାହୁଚରଣ ଘୋଡ଼ା ସହ ପ୍ରତୀକାତ୍ମକ ଭାବେ ମସ୍ତକରେ ଦହି ହାଣ୍ଡି ଅପୂର୍ବ ଶୋଭା ବଢ଼ାଇଥିଲା। ଏହି ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ପଞ୍ଚୁପାଣ୍ଡବ-ସଦାନନ୍ଦପୁର ରାସ୍ତା ବେହାଲ

## ଦୁଇବର୍ଷ ଧରି ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୨୩ା୧(ସମିସ)

ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥରର ପଞ୍ଚୁପାଣ୍ଡବ ଛକଠାରୁ ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ହେଲା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହି ରାସ୍ତାର ତିନି ଭାଗ ପିଚୁ କାମ ହୋଇଥିଲେ ସୁଦ୍ଧା ଭାଗେ ପ୍ରାୟ ଦୁଇବର୍ଷ ପୂରିଲା, କିନ୍ତୁ କାମ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଏଥିପ୍ରତି ସରକାର ହେଉ କି ପ୍ରଶାସନ ଅଧିକାରୀଙ୍କ ଅବହେଳା ଯୋଗୁଁ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ଲୋକେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଦୁଇବର୍ଷ ହେବ ପଞ୍ଚୁପାଣ୍ଡବ ଛକଠାରୁ ବଡ଼ଚଣା ବ୍ଲକ ପଣସୁଧା ଗ୍ରାମ ପର୍ଯ୍ୟନ୍ତ ଅଧୁରା ପିଚୁ କାମ ହୋଇ ପଡ଼ିରହିଥିଲା। ପୁଣି କିଛି ମାସ ପରେ ପଣସୁଧାରୁ ବଡ଼ଚଣା ବ୍ଲକ ଭରତପୁର ପଞ୍ଚାୟତ ମାତାମଠ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା କାମ ହୋଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ମାତାମଠ ଛକଠାରୁ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ରାସ୍ତା ଖଣ୍ଡିଆ ଖାବରା ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ରାସ୍ତା ମରଣଯନ୍ତା ପାଲଟିଥିବାବେଳେ ମେଟାଲ ଉଠି ଏଣେତେଣେ ପଡ଼ି ରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ଯାଜପୁର ଓ କେନ୍ଦ୍ରାପଡ଼ା ଦୁଇ ଜିଲ୍ଲା ଅଧୀନରେ ରହିଥିବାରୁ ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ସରକାରକୁ ଦୁଇବର୍ଷ ପୂରିଲା କିନ୍ତୁ ରାସ୍ତାକାମ ହୋଇପାରିଲାନାହିଁ। ରାସ୍ତାରେ ଲୋକମାନେ ଯାତାୟାତରେ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ କଲେଜ, ଡାକ୍ତରଖାନାକୁ ବିଭିନ୍ନ ପ୍ରକାରର ଗାଡ଼ି ଚଳାଚଳ କରୁଥିବାବେଳେ ଦୁଇରୁ ତିନୋଟି ବସ୍ କଟକ ଓ ଭୁବନେଶ୍ୱର୍ ଚଳାଚଳ କରୁଛି। ଏ ସମ୍ପର୍କରେ ଆରଡି ବିଭାଗ ଏଇ ଶୈଳେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଏ ରାସ୍ତା କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ଅଧୀନରେ ଥିଲା। ଏବେ ଯାଜପୁର ଜିଲ୍ଲା ଅଧୀନରେ ରହିଛି। ଆମର କିଛି ଭୂମିକା ନାହିଁ ବୋଲି କହିଛନ୍ତି। ଏହାର ତଦନ୍ତ କରାଯାଇ ଯାଜପୁର ଜିଲ୍ଲା ପ୍ରଶାସନିକ ଅଧିକାରୀ ରାସ୍ତା କାମ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ବସନ୍ତ ବିହାରରେ ଶ୍ରୀଜୀଉ



ରାଜକନିକା,୨୩ା୧(ସମିସ): ଆଜି ବସନ୍ତ ପଞ୍ଚମୀ। କନିକାର ମଠ ମନ୍ଦିରରେ ପୂଜିତ ହେଉଥିବା ରାଧାକୃଷ୍ଣ ଆଜିଠୁ ବସନ୍ତ ବିହାରରେ ନଗର ପରିକ୍ରମା କରିବାକୁ ମନ୍ଦିରରୁ ବାହାରିଛନ୍ତି। ମନ୍ଦିର ଛାଡି ବିହାରରେ ରହିଥିବା ଶ୍ରୀଜୀଉ ଆସନ୍ତା ଫଗୁ ପୂର୍ଣ୍ଣିମା ଯାଏ ଏହି ବିହାରରେ ବାହାରି ଭକ୍ତଙ୍କ ସହ ଏକାକାର ହେବେ। ଏଥିପାଇଁ ସବୁ ମଠ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇ ସନ୍ଧ୍ୟାରେ ଜୀଉ ଗାଁକୁ ଗାଁ ବୁଲିବାରେ ବାହାରିଛନ୍ତି। କନିକାରେ ପିଢ଼ି ପରେ ପିଢ଼ି ଚାଲି ଆସୁଥିବା ଏଭଳି ରାସ ଉତ୍ସବକୁ ସ୍ୱଚକ୍ଷୁରେ ଦର୍ଶନ ପାଇଁ ନରନାରୀ ବ୍ୟାକୁଳ ହୋଇ ଉଠିଛନ୍ତି। ଶ୍ରୀଜୀଉଙ୍କ ନୀତିକାନ୍ତି ପାଇଁ ପୂରା ବ୍ୟବସ୍ଥିତ ଢଙ୍ଗରେ ଖଞ୍ଜା ହୋଇଥିବା ବ୍ୟବସ୍ଥା ଅନୁସାରେ ବ୍ୟବସ୍ଥିତ ଢଙ୍ଗରେ ଶ୍ରୀଜୀଉଙ୍କ ନୀତିକାନ୍ତି ସୁରୁଖୁରୁରେ ପରିଚାଳିତ ହେଉଛି। କନିକା ରାଜ ଶାସନ ଅମଳରୁ ଏକ ଟ୍ରଷ୍ଟ ବେଳହୁ ଏସବୁ ବ୍ୟବସ୍ଥା ଖଞ୍ଜି ଦେଇଥିବାରୁ ପ୍ରତିବର୍ଷ ସେବାୟତମାନେ ଆଜିର ଦିନଠାରୁ ବସନ୍ତ ବିହାର ଆରମ୍ଭ ହୋଇଛି। ଶ୍ରୀଜୀଉଙ୍କ ଫଗୁ ଉତ୍ସବ ପାଇଁ ଆଜିଠୁ ବିହାର କରୁଥିବାରୁ ସାରା କନିକାରେ ସ୍ୱତଃ ଏକ ଆଧ୍ୟାତ୍ମିକ ବାତାବରଣ ଛାଇ ହୋଇଯାଇଛି। ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦର୍ଶନର ସାନିଧ୍ୟ ଲାଭ କରିବାର ସୁଯୋଗ ଥିବାରୁ କନିକାର ନରନାରୀ ଆହ୍ଲାଦିତ ହୋଇଛନ୍ତି।

# ତ୍ରିବେଣୀ ମେଳା ଉଦ୍ଯାପିତ

ଡେରାବିଶ, ୨୩ା୧(ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରସ୍ଥ ପବିତ୍ର ଶୈବପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଛି ପ୍ରସିଦ୍ଧ ତ୍ରିବେଣୀ ମେଳା। ରବିବାର ତ୍ରିବେଣୀ ଅମାବାସ୍ୟ ତିଥିରେ ଆରମ୍ଭ ହୋଇଥିବା ଏହି ମେଳା ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହୋଇଥିଲା। ମନ୍ଦିର ବେଢ଼ାରେ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ମଧ୍ୟ ଶେଷ ହୋଇଛି। ମେଳା ପଡ଼ିଆରେ ବସିଥିବା ଅସ୍ଥାୟୀ ବଜାରରେ ଲୋକଙ୍କ ଗହଳି ଲାଗି ରହିଥିବାବେଳେ ବ୍ୟବସାୟ ଭଲ ହୋଇଥିବା ଜଣାଯାଇଛି। ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଫାଷ୍ଟଫୁଡ ଦୋକାନ ଓ ଅପେରା ପ୍ରଦର୍ଶନର ମଜା ନେଇଥିଲେ ଦର୍ଶକ। ସେହିପରି ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞାନୁଷ୍ଠାନରେ ବେଦଜ୍ଞ ପଣ୍ଡିତଙ୍କ ମନ୍ତ୍ରଧ୍ୱନୀ ପରିବେଶକୁ ଭକ୍ତିମୟ କରିଥିବାବେଳେ କର୍ତ୍ତା ଭାବେ ସନ୍ତୋଷ ରାଉତ ଓ ସ୍ମୃତିମୟୀ ରାଉତ ଦାୟିତ୍ୱନିର୍ବାହ କରିଥିଲେ। ଏହି ମେଳା ଓ ଯଜ୍ଞକୁ କମିଟି ସଭାପତି ଅକ୍ଷୟ ଦାସ, ଉପସଭାପତି ଅଧ୍ୟାପକ ଗୋଲଖ ମହାଭୋଇ, ସମ୍ପାଦକ ନାରାୟଣ ଲେଙ୍କା, କୃତ୍ତିବାସ ସେଠୀ, ସୁବ୍ରତ ବରାଳ, ଶାରଦା ବାରିକ, ପ୍ରସନ୍ନ ସାହୁ, ଭାଗବତ ସାହୁ, ଦିବାକର ସ୍ୱାଇଁ, ଅଭିମନ୍ୟୁ ରାଉତ, ଅଜୟ କୁମାର ମହାଭୋଇ ପ୍ରମୁଖ ପରିଚାଳନା କରିଥିଲେ। ୧୦ଟି ପଞ୍ଚାୟତର ଜନସାଧାରଣ ସହଯୋଗ କରିଥିଲେ।

# ମହାକାଳପଡ଼ା ବ୍ଲକ୍‌ରେ ନାହାନ୍ତି ସ୍ଥାୟୀ ବିଡିଓ

# ତହସିଲଦାରଙ୍କୁ କାମଚଳା ବିଡିଓ ଦାୟିତ୍ୱ

ମହାକାଳପଡ଼ା,୨୩ା୧(ସମିସ): ବିଡିଓଙ୍କ ବଦଳି ନିର୍ଦ୍ଦେଶକୁ ୫୩ ଦିନ ବିତିଲାଣି। ତେବେ ବ୍ଲକରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବିଡିଓ ଦାୟିତ୍ୱ ଗ୍ରହଣ କରୁନାହାନ୍ତି। ତହସିଲଦାରଙ୍କୁ କାମଚଳା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛି ପ୍ରଶାସନ। ବିଭାଗୀୟ ନିର୍ଦ୍ଦେଶ ପରେ ବି କାହିଁକି ନୂତନ ବିଡିଓ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ମୁତାବକ, ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ କୁହାଯାଉଥିବା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ମହାକାଳପଡ଼ା ବ୍ଲକ୍‌ରେ ଏବେ ସ୍ଥାୟୀ ବିଡିଓ ନାହାନ୍ତି। ବର୍ତ୍ତମାନର ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛି ଜିଲ୍ଲା ପ୍ରଶାସନ। ତତ୍କାଳୀନ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଗତ ନଭେମ୍ବର ୨୯ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ। ସୌମ୍ୟଙ୍କ ବଦଳରେ ସୋନପୁରର ବିଡିଓ ଭାବେ କାର୍ଯ୍ୟ କରୁଥିବା ସଞ୍ଜୀବ ସାହୁଙ୍କୁ ମହାକାଳପଡ଼ାର ନୂତନ ବିଡିଓ ଭାବେ ବିଭାଗ ଚିଠି କରିଥିଲା। ସଞ୍ଜୀବ ଯୋଗ ନ ଦେବାରୁ ସୌମ୍ୟଙ୍କ ବଦଳି ପରେ ମଧ୍ୟ ସେ ଦାୟିତ୍ୱ ମୁକ୍ତ ହୋଇପାରୁ ନ ଥିଲେ। ବଦଳି ଆଦେଶର ୧ ମାସ ପରେ ବି ନୂଆ

### ନୂତନ ବିଡିଓଙ୍କ ଯୋଗ ନ ଦେବା ବଢ଼ାଇଲା ସନ୍ଦେହ

ବିଡିଓ ସଞ୍ଜୀବ ମହାକାଳପଡ଼ା ନ ଆସିବାରୁ ବାଧ ହୋଇ ଡିସେମ୍ବର ୩୧ ତାରିଖ ଦିନ ସୌମ୍ୟଙ୍କୁ ଦାୟିତ୍ୱ ମୁକ୍ତ କରିଥିଲା ଜିଲ୍ଲା ପ୍ରଶାସନ। ନୂଆ ବିଡିଓ ଯୋଗ ନ ଦେବା କାରଣରୁ ଜିଲ୍ଲା ପ୍ରଶାସନ ବର୍ତ୍ତମାନର ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡିଓ ଭାବରେ ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇ ଦେଇଛି। ମହାକାଳପଡ଼ା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ବିଭିନ୍ନ କାର୍ଯ୍ୟ ତୁଲାଉଥିବା ତହସିଲଦାର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ ବିଡିଓ ପଦବୀ ତୁଲାଇବା ଏବେ ରବିନାରାୟଣଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ଘଟଣା ପାଲଟିଛି। ତହସିଲରୁ ବ୍ଲକ୍, ବ୍ଲକ୍‌ରୁ ତହସିଲ ଓ ପ୍ରଶାସନିକ ବୈଠକ ଆଦିରେ ଯା'ଆସ ଭିତରେ ସାଧାରଣ ଲୋକେ ସେମାନଙ୍କ କାର୍ଯ୍ୟ ପାଇଁ ତହସିଲ ଓ ବ୍ଲକ୍‌କୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ଫାଇଲ୍‌ରେ ଦସ୍ତଖତ ପାଇଁ ମଧ୍ୟ କର୍ମଚାରୀ ବି ସମଦଶା ଭୋଗୁଛନ୍ତି ବୋଲି କିଛି କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବିଭାଗୀୟ ଆଦେଶକୁ ୫୩ ଦିନ ବିତିଯାଇଥିଲେ ମଧ୍ୟ ମହାକାଳପଡ଼ାକୁ ସଞ୍ଜୀବ ନ ଆସିବା ଓ ଦାୟିତ୍ୱ ଗ୍ରହଣ ନ କରିବା ମହାକାଳପଡ଼ାରେ କିଛି ଗଡ଼ବଡ଼ ଚାଲିଥିବା ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କେବେ ନୂତନ ବିଡିଓ କାର୍ଯ୍ୟରେ ଯୋଗଦେବେ, ତାହା ଦେଖିବାକୁ ବାକି ରହିଲା।

# ଶ୍ରୀରାମ ସେନାର ବାର୍ଷିକ ଉତ୍ସବ



ରାଜନଗର,୨୩ା୧(ସମିସ): ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଘଡଇଳାସ୍ଥ ହନୁମାନ ମନ୍ଦିର ପରିସରରେ ଶ୍ରୀରାମ ସେନାର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶ୍ରୀରାମ ସେନା ପକ୍ଷରୁ ମନ୍ଦିରରେ ପ୍ରଥମେ ସୂର୍ଯ୍ୟପୂଜା ସହିତ ହୋମ ଯଜ୍ଞ କରାଯାଇଥିଲା। ଶ୍ରୀରାମ ସେନା ଜିଲ୍ଲା ସଭାପତି ଶାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ଉପସ୍ଥିତ କାର୍ଯ୍ୟକର୍ତ୍ତା କେମିତି ଆଗାମୀ ଦିନରେ ଶ୍ରୀରାମ ସେନାର ସଂଗଠନ ଓ ସେବା ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କ ସମସ୍ୟାକୁ ଦୂର କରିବ, ସେ ନେଇ ଆଲୋଚନା କରିଥିଲେ। ଏହି ଉତ୍ସବରେ ବିଜେପି ନଗର ସଭାପତି ପଦ୍ମନାଭ ପଣ୍ଡା, ସୁଧାଂଶୁ ଜେନା, ବିଦ୍ୟାଧର ମଲ୍ଲିକ, ଆଶିଷ ମଲ୍ଲିକ, ବିନ୍ଦୁସାଗର ଦାସ, ଅଭିମନ୍ୟୁ ସାମଲ, ରଞ୍ଜନ ମହାପାତ୍ର, ଖଗେଶ୍ୱର ରାଉତ, ରବୀନ୍ଦ୍ର ଗାହଣ, ନିରଞ୍ଜନ ସ୍ୱାଇଁ, ବିଜୟଲକ୍ଷ୍ମୀ ପଣ୍ଡା ପ୍ରମୁଖଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଖବରକାଗଜ ବିକ୍ରେତାଙ୍କ ପିତୃ ବିୟୋଗ



ଡେରାବିଶ, ୨୩ା୧(ସମିସ): ଡେରାବିଶ ବ୍ଲକ୍ ବସପୁର ପଞ୍ଚାୟତ ଅନ୍ତର୍ଗତ ଅଟାବୁହା ଗ୍ରାମର ଖବରକାଗଜ ବିକ୍ରେତା ରମେଶ ଚନ୍ଦ୍ର ସ୍ୱାଇଁଙ୍କ ପିତା ଗୋଲଖ ଚନ୍ଦ୍ର ସ୍ୱାଇଁ (୮୪)ଙ୍କ ଆଜି ଅପରାହ୍ନରେ ପରଲୋକ ହୋଇଯାଇଛି। ଗୋଲଖ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ସେ କିଡ଼ନୀ ରୋଗାକ୍ରାନ୍ତ ହେବା କାରଣରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ କିଛିଦିନ ହେଲା ତାଙ୍କର କର୍ମସ୍ଥଳୀ ବ୍ରହ୍ମପୁରରେ ରହିଆସୁଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ରମେଶ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପାଞ୍ଚ ପୁଅବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ।

# ନୂଆ ଏସ୍‌ଡିପିଓଙ୍କ ଦାୟିତ୍ୱ ଗ୍ରହଣ

ପଟ୍ଟାମୁଣ୍ଡାଇ,୨୩ା୧(ସମିସ): ପଟ୍ଟାମୁଣ୍ଡାଇ ପୁଲିସ ସବଡିଭିଜନର ନୂତନ ଏସଡିପିଓ ଭାବେ ବରିଷ୍ଠ ପୁଲିସ ଅଧିକାରୀ ସୁକାନ୍ତ ପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ବିଦାୟୀ ଏସଡିପିଓ କ୍ଷମାସାଗର ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀପାତ୍ର ନୟାଗଡ ଜିଲ୍ଲା ଡିଏସପି, ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର, ଟମକା, କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର, ମାର୍ଶାଘାଇ ଓ ମହାକାଳପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ନୂତନ ଏସଡିପିଓଙ୍କୁ ବିଭିନ୍ନ ଥାନା ଅଧିକାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ପ୍ରଫେସର ଗୋବିନ୍ଦ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପଟ୍ଟାମୁଣ୍ଡାଇ,୨୩ା୧(ସମିସ): ହାଟପାଟଣାରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ପୁରୁଷୋତ୍ତମ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଦିବଂଗତ ପ୍ରଫେସର ଗୋବିନ୍ଦ ତ୍ରିପାଠୀଙ୍କ ପତ୍ନୀ ଚନ୍ଦ୍ରପ୍ରଭା ତ୍ରିପାଠୀ, ପ୍ରାକ୍ତନ ଜିଲ୍ଲା ଜଜ ରବୀନ୍ଦ୍ର ଦାଶ, ପରିବେଶବିତ ବିଜୟ କବି, ଅଶୋକ ତ୍ରିପାଠୀ, କିଶୋର ତ୍ରିପାଠୀ, ବିଜୟ ତ୍ରିପାଠୀ, ଅଜୟ ତ୍ରିପାଠୀ, ଜୟଶ୍ରୀ ତ୍ରିପାଠୀ, ମିନର୍ଭା ତ୍ରିପାଠୀ, ଡ ସୁଧାକର କର, କାଞ୍ଚନ କର, ଡ ବିବେକାନନ୍ଦ ତ୍ରିପାଠୀ, ଓକିଲ ସଂଘ ସଭାପତି ଆଡଭୋକେଟ ସୂର୍ଯ୍ୟରଞ୍ଜନ ରାଉଳ, ଉପସଭାପତି ଆଡଭୋକେଟ ସୁରେଶ ନରେନ୍ଦ୍ର, ସମ୍ପାଦକ ଆଡଭୋକେଟ ରବୀନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଫେସର ଗୋବିନ୍ଦ ତ୍ରିପାଠୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଆଡଭୋକେଟ ବିଜୟ ରାଉତଙ୍କ ଟେକ୍ନୋ ନିକ ସ୍ପୋକନ ଇଂଲିଶ ଓ ନିରଞ୍ଜନ ତ୍ରିପାଠୀଙ୍କ ଧର୍ମପଦ ଓ ଅଶୋକ ତ୍ରିପାଠୀଙ୍କ ଟେକ୍ସଟାଇଲ ଡିଜାଇନିଂ ବୁକ ଉନ୍ମୋଚନ କରାଯାଇଥିଲା। ବୃଦ୍ଧବୃଦ୍ଧାଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିବାବେଳେ କିଶୋର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ନମୌଜା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଆଳି, ୨୩ା୧(ସମିସ): ନମୌଜା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମ୍ବରୁଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ୪୭ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ସଞ୍ଜୀବ ବେହୁରିଆ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ, ସମାଜସେବୀ ବିଜୟ ମହୀ, ଶିକ୍ଷାବିତ୍ ପ୍ରଭାତ ଦାସ, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ପରିଡ଼ା, ବରିଷ୍ଠ ଶିକ୍ଷାବିତ ମହେଶ୍ୱର ସାହୁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସାରଦାମଣି ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଦରକାରୀ ଜିନିଷକୁ ବ୍ୟବହାର କରି ଶିକ୍ଷକ ସୂର୍ଯ୍ୟକାନ୍ତ ଦାଶ ନିର୍ମାଣ କରିଥିବା ସୁନ୍ଦର ଜଗନ୍ନାଥ ମୂର୍ତ୍ତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶାରୀରିକ ଶିକ୍ଷା ଶିକ୍ଷକ ସତ୍ୟପ୍ରକାଶ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଟଳ ବିହାରୀ ନନ୍ଦ, ସସ୍ମିତା ମହାପାତ୍ର, ବିଶ୍ୱରଞ୍ଜନ ରାଉତ, ସନ୍ତୋଷ ବେହେରା, ସୁଜାତା ପ୍ରିୟଦର୍ଶିନୀ ନାୟକ, ସାଗରିକା ପଣ୍ଡା, ଶମ୍ଭୁନାଥ ଦାସ ପରିଚାଳନା କରିଥିଲେ।

# ଏସ୍‌କେ ହାଇସ୍କୁଲର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୩ା୧(ସମିସ): ଅମୃତମଣୋହି ପଞ୍ଚାୟତର ସିଦ୍ଧବାଲି ଏସକେ ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବନ୍ଦେ ମାତରମ ହାଇସ୍କୁଲ ପ୍ରଧାନଶିକ୍ଷକ ଅମୀର ସେଠୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସନାତନ ତରାଇ, ଅବସରପ୍ରାପ୍ତ ଶିକ୍ଷକ ମାଗୁଣି ବାରିକ, ଦିଲ୍ଲୀପ ଖଣ୍ଡାଇ, ପ୍ରିୟରଞ୍ଜନ ଦାସ, ଅଞ୍ଜନା ଧଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅମର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନମିତା ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ହେମଲତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭାତ ଧଳ ବାଳକ ବିଭାଗ ଓ ଶୁଭସ୍ମିତା ତରାଇ ବାଳିକା ବିଭାଗର ଚାମ୍ପିଅନ ହୋଇଥିଲେ। ମିହିର ଜେନା, ମାମାଲିସା ପରିଡା, ବନମାଳୀ କୁଣ୍ଡ ଓ ଶ୍ରୀକାନ୍ତ ମଲିକ ପରିଚାଳନା କରିଥିଲେ।

# ମୃତକଙ୍କ ପରିବାରକୁ ସହାୟତା



ମହାକାଳପଡ଼ା,୨୩ା୧(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ପଞ୍ଚାୟତ ଓରତ ଗ୍ରାମର ସହଦେବ ଦାସଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ଏହି ଘଟଣାରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ କାର୍ଯ୍ୟକର୍ତ୍ତାଙ୍କ ରୁଦ୍ରନାରାୟଣ ମୁଦୁଲିଙ୍କ ମାଧ୍ୟମରେ ସାଂସଦଙ୍କ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛନ୍ତି।

# ନିକିରାଇ ଥାନା ପକ୍ଷରୁ ତ୍ରିନାଥ ମନ୍ଦିର ପ୍ରତିଷ୍ଠା



ପଞ୍ଚୁପାଣ୍ଡବ,୨୩ା୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ପୁଲିସ ପକ୍ଷରୁ ଶୁକ୍ରବାର ଦିନ ତ୍ରିନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ତ୍ରିନାଥ ମନ୍ଦିର ପୂଜା ପାଇଁ ଥାନା ପରିସରରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିରର ପୂଜାର୍ଚ୍ଚନା କରିବା ସହ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯାଇଥିଲା। ଶତାଧିକ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଥାନା ଅଧିକାରୀଣୀ ପଦ୍ମାଳୟା ପ୍ରଧାନଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବଜ୍ରକାପ୍ତା ଚୋରା ବେପାରୀଙ୍କ ଆଗରେ ଏସିଏଫ୍‌ଙ୍କ ଉପରେ ଆଇଆଇସି ବର୍ଷିବା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ଫରେଷ୍ଟ ସର୍ଭିସ୍ ଆସୋସିଏସନ୍

ରାଜନଗର, ୨୩ା୧(ସମିସ)



ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଥିବା ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ଦବଙ୍ଗଗିରି ଦେଖାଇବା ଘଟଣାରେ ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଏହି ଘଟଣାରେ ଡବଙ୍ଗଗିରି ଦେଖାଇଥିବା ଆଇଆଇସିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ

### ପିସିସିଏଫ ସାଧାରଣ, ପିସିସିଏଫ ବନ୍ୟପ୍ରାଣୀ, ପୁଲିସ ଡିଜି, ଏସ୍‌ପିଙ୍କୁ ଜଣାଇଲେ ଡିଏଫ୍‌ଓ

ପାଇଁ ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଆଜି ଡିଏଫଓଙ୍କୁ ଦାବିପତ୍ର ଦେଇଛନ୍ତି। ଦୁର୍ବ୍ୟବହାରର ଶିକାର ହୋଇଥିବା ଏସିଏଫ ଓ ବଜ୍ରକାପ୍ତା କାଟି ଜବତ କରିଥିବା ଟିମ ମଧ୍ୟ ପୃଥକ ଭାବେ ଡିଏଫଓଙ୍କୁ ଲିଖିତ ଭାବେ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଡିଏଫଓ ସମସ୍ତ ଅଭିଯୋଗ କପି ସହିତ ଏକ ରିପୋର୍ଟ ପିସିସିଏଫ ସାଧାରଣ, ପିସିସିଏଫ ବନ୍ୟପ୍ରାଣୀ, ପୁଲିସ ଡିଜି, ଏସ୍‌ପିଙ୍କୁ ଜଣାଇବା ସହ ବିଶୃଙ୍ଖଳିତ ଆଚରଣ କରିଥିବା ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଛନ୍ତି।

ଗତ ୨୧ ତାରିଖ ଅପରାହ୍ନରେ ହଠାତ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫ ଗଗନ ବିହାରୀ ମଲ୍ଲିକଙ୍କୁ ହାତ ହଲାଇ ତମ ନାମରେ କେସ କରିବା ଧମକ ଦେବା ଓ କାହିଁକି ମୋତେ ନ ଜଣାଇ ମୋ ଥାନା ଅଞ୍ଚଳରୁ ଲୋକଙ୍କୁ ଉଠାଇଲ ବୋଲି ବର୍ଷିଥିଲେ। ବଜ୍ରକାପ୍ତା ଚୋରା ବେପାରୀଙ୍କ ସମ୍ମୁଖରେ ଏସିଏଫ ଓ ବନ କର୍ମଚାରୀଙ୍କ ଉପରେ ବର୍ଷିଥିଲେ। ଏହାକୁ ନେଇ ଆଜି ଏସିଏଫ ଶ୍ରୀ ମଲ୍ଲିକ ଲିଖିତ ଭାବେ ଡିଏଫଓଙ୍କୁ ଜଣାଇଛନ୍ତି। ଏଥିସହ ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନର ସଭାପତି ବିଭୂତି ଭୂଷଣ ତରାଇ, ସମ୍ପାଦକ ରଞ୍ଜନ ପାଣି ଓ ବନ କର୍ମଚାରୀ ଆଜି ଡିଏଫଓ ଭରଦରାଜ ଗାଓଁଙ୍କରଙ୍କୁ ଭେଟି ଲିଖିତ ଭାବେ ଘଟଣା ସମ୍ପର୍କରେ ଜଣାଇବା ସହ ଆନ୍ତଃରାଜ୍ୟ ବଜ୍ରକାପ୍ତା ଚୋରା ର୍ୟାକେଟ ଧରିବା ବେଳେ ଆଇଆଇସିଙ୍କ ଆଚରଣ ଗଭୀର ମାନସିକ ଆଘାତ ଦେଇଛି। ଏହା ବନ କର୍ମଚାରୀଙ୍କ ମନୋବଳକୁ ଦୁର୍ବଳ କରିଛି। ଉକ୍ତ ଘଟଣାରେ ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସଂଘ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିବ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏସିଏଫ ଶ୍ରୀ ମଲ୍ଲିକ କହିଛନ୍ତି, ସେ ଏନେଇ ଲିଖିତ ଭାବେ ଡିଏଫଓଙ୍କୁ ଜଣାଇଛନ୍ତି। ଆଇଆଇସି ମାଡାମ ବୋଧେ ଆଇନ ଜାଣିନାହାନ୍ତି। ସିନିୟର ଅଫିସରଙ୍କୁ ଡାଇରେକ୍ଟ ଆଟାକ କରିବା, ଖରାପ ଭାଷା ପ୍ରୟୋଗ କରିବା, କେସ କରିବାକୁ ଧମକ ଦେବା ମୋତେ ଯେତିକି ନ ବାଧିଛି ଆସାମୀଙ୍କ ଆଗରେ ଖରାପ ବ୍ୟବହାର ମାନସିକ ଆଘାତ ଦେଇଛି। ଆଇଆଇସି ମାଡାମ ନିଜେ ଆମେ କେତେବେଳେ ଧରିଲୁ କ'ଣ ପାଇଁ ଧରିଲୁ ଜାଣିଥିବା ନେଇ କହୁଥିବାବେଳେ ଆସାମୀଙ୍କ ସପକ୍ଷରେ ଓ ତାଙ୍କ ଆଗରେ ଆମକୁ ଦୁର୍ବ୍ୟବହାରରୁ ସ୍ପଷ୍ଟ ବାରି ହେଉଛି। ଡିଏଫଓ ଭରଦରାଜ ଗାଓଁଙ୍କର କହିଛନ୍ତି, ଘଟଣା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଛି।

୨୩/୧/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୭୮,୫୫୯/-
ସୁନା:୦୧.୧୦୦ ଗ୍ରାମ୍
ରୁପା: ୧୫.୩୦୦ ଗ୍ରାମ୍





### ବସ୍ ଧକ୍କାରେ ବୃଦ୍ଧା ଗୁରୁତର

# ରାସ୍ତା ଅବରୋଧ, ଉତ୍ତେଜନା



ପୁରୀ,୨୩।୧(ସମିସ): ପୁରୀ ସହର ଭିତରେ ଦୁର୍ଘଟଣା ଘଟାଇଛି ଯାତ୍ରୀବାହୀ ବସ୍। ଜଣେ ବୃଦ୍ଧାଙ୍କୁ ଧକ୍କା ଦେଇଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଜଗନ୍ନାଥ ବସ୍। ଏଥିରେ ବୃଦ୍ଧା ଜଣଙ୍କ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ନବକଳେବର ରୋଡରେ ଏହି ଦୁର୍ଘଟଣା ଘଟିଛି। ତେବେ ବୃଦ୍ଧାଙ୍କ ସମ୍ପୂର୍ଣ୍ଣ ଚିକିତ୍ସା, ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ନବକବେଳର ରୋଡକୁ ୱାନ୍ ୱେ କରିବା ଏବଂ ଗାଡ଼ିର ବେଗ ନିୟନ୍ତ୍ରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରାଧ କରିଥିଲେ।

ସୂଚନା ଯେ, ଅନୁଗୁଳର ଲକ୍ଷ୍ମୀ ମହାରଣା ନବକଳେବର ରୋଡ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଶୁକ୍ରବାର ପୂର୍ବାହ୍ନରେ ସେ କୌଣସି କାମରେ ମାଟିଆପଡ଼ା ଛକ ଅଭିମୁଖେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଭୁବନେଶ୍ୱର ଆଡ଼କୁ ଯାଉଥିବା ଜଗନ୍ନାଥ ବସ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଗୋଡ଼ ଉପରେ ବସ୍‌ଟି ଚଢିଥିବାରୁ ମାଂସ ଛିଣ୍ଡି ପଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଅଟକାଇଥିଲେ। ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ଲକ୍ଷ୍ମୀଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ପୁଲିସ ସହ ଟ୍ରାଫିକ, ଟାଉନ ଥାନା ଆଇଆଇସି, ସିଟି ଡିଏସ୍‌ପି, ତହସିଲଦାର ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ଉତ୍ତ୍ୟକ୍ତ ଲୋକେ ଶୁଣି ନ ଥିଲେ। ନବକଳେବର୍ ରୁଟ୍‌ରେ ସମ୍ପୂର୍ଣ୍ଣ ବସ୍ ଚଳାଚଳ ବନ୍ଦ, ନ ହେବା ଯାଏ ୱାନ ୱେ, ଦୀର୍ଘଦିନ ହେବ ଖାଲଖମା ହୋଇ ମରଣଯନ୍ତାରେ ପରିଣତ ହୋଇଥିବା ନବକଳେବର୍ ରାସ୍ତାର ମରାମତି, ଗୁରୁତର ବୃଦ୍ଧାଙ୍କ ଉପଯୁକ୍ତ ଚିକିତ୍ସା ସହ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି କରି ଦୁର୍ଘଟଣା ଘଟାଇଥିବା ବସ୍ ଆଗରେ ବସିଥିଲେ। କ୍ରୁଟ ପକ୍ଷରୁ ବୃଦ୍ଧାଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରାଯାଇଛି। ନବକଳେବର ରୋଡ୍‌କୁ ୱାନ ୱେ କରାଯିବ ଏବଂ ମରାମତି ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ତାଙ୍କୁ ବେଡ୍ ମିଳିପାରିନାହିଁ। ଏପରିକି ଉତ୍ତମ ଚିକିତ୍ସା ଦେବା ନେଇ କୌଣସି ପଦକ୍ଷେପ ନିଆଯାଇନଥିବା ଆପ୍ ସଭାପତି ସଞ୍ଜୀବ ମହାନ୍ତି ଅଭିଯୋଗ କରିଛନ୍ତି।

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପ୍ରଶାସନର ସମୀକ୍ଷା



ପୁରୀ, ୨୩।୧ (ସମିସ): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ପ୍ରଥମ ସପ୍ତାହରେ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରାଦ୍ଧ ଓ ପିଣ୍ଡ ଦାନ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ତେବେ ଏ ନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ମିଳିନାହିଁ। ମାତ୍ର ରାଷ୍ଟ୍ରପତିଙ୍କ ଆଗମନକୁ ଦୃଷ୍ଟିରେ ରଖି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ ସିଂହଙ୍କ ସହ ବରିଷ୍ଠ ଅଧିକାରୀ ଶ୍ରୀମନ୍ଦିର ଏବଂ ମାର୍କଣ୍ଡେୟ, ଶ୍ୱେତଗଙ୍ଗା ପୁଷ୍କରଣୀ ଗସ୍ତ କରି ସ୍ଥିତିର ସମୀକ୍ଷା କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ମାତ୍ର ଏନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

# ରାଜ୍ୟସଭା ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପୁରୀ,୨୩।୧(ସମିସ): ପବିତ୍ର ବସନ୍ତ ପଞ୍ଚମୀ ତଥା ମା' ସରସ୍ୱତୀଙ୍କ ପୂଜା ଅବସରରେ ଶୁକ୍ରବାର ମେଡିକାଲ ଛକସ୍ଥିତ ବିପଦନାଶନ ମହାବୀରଙ୍କ ପ୍ରାଙ୍ଗଣରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କୁ ମାଳିଜାଗା କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବାଜା ଓ ଶୁଭ ଶଙ୍ଖ ବଜାଇ ଉତ୍ସାହିତ ଯୁବକମାନେ ବାଣ ଫୁଟାଇ ରାଜ୍ୟସଭା ସାଂସଦଙ୍କୁ ପାଛୋଟି ନେଇଥିଲେ। ସାଂସଦ ଶ୍ରୀ ଖୁଣ୍ଟିଆ ବିପଦ ନାଶନ ମହାବୀରଙ୍କ ଦର୍ଶନ ସହ ବ୍ରହ୍ମେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ। ପରେ ବେଢା ପରିସର ବୁଲି ମା' ସରସ୍ୱତୀ ଓ ଗଣେଶଙ୍କୁ ଦର୍ଶନ କରି କମିଟିର ଶୁଭମନାସୀ ଥିଲେ। କମିଟି ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏଥିରେ ପୂର୍ବତନ ପୌରାଧ୍ୟକ୍ଷ ଶାନ୍ତିଲତା ପ୍ରଧାନ, କ୍ରୀଡା ସଙ୍ଗଠକ ରବିଶଙ୍କର ପ୍ରତିହାରୀ, ବରିଷ୍ଠ ବିଜେଡି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଆଇନଜୀବୀ ପୁଷ୍କର ମହାପାତ୍ର, ବୁଦ୍ଧଦେବ ମହାପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ସଭା ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ ଯେ, ମାଳି ଜାଗାର ଯାହା ସବୁ ସମସ୍ୟା ଅଛି ତାର ସମାଧାନ ସହ ଖୁବ୍‌ଶୀଘ୍ର ଉନ୍ନତିକରଣ କରାଯିବ। ସାଂସଦ ପାଣ୍ଠିରୁ ୭ଲକ୍ଷ ଟଙ୍କାରେ କମ୍ୟୁନିଟି ସେଣ୍ଟର କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ କମିଟି ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। କମିଟି ସଭାପତି ବ୍ରଜକିଶୋର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ନାରାୟଣ ଗୋଛିକାର, ରାଜକିଶୋର ନାୟକ, ସୁରେଶ ଚନ୍ଦ୍ର ବାରିକ, ଦାମୋଦର ମହାନ୍ତି, କାଲୁ ପ୍ରଧାନ, ବାପି ପ୍ରଧାନ, ବେଣୁଧର ନାୟକ, ସୁରେନ୍ଦ୍ର ପଲେଇ, ମାନସ ବେହେରାଙ୍କ ସମେତ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ପାଳିତ

# ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୨୩।୧(ସମିସ): ଶ୍ରୀମନ୍ଦିରରେ ଶୁକ୍ରବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏଥିପାଇଁ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ପାଞ୍ଜି ରଖାଯାଇ ପତନି, ମାଳ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା। ମଧ୍ୟାହ୍ନ ଧୂପ ବଢିବା ପରେ ପୁଷ୍ପାଳକମାନେ ଶ୍ରୀଜୀଉଙ୍କୁ ଲାଲବର୍ଣ୍ଣର ବସ୍ତ୍ରରେ ବିମଣ୍ଡିତ କରିଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ନୀତି ହେବା ପରେ ଚାଚେରୀ ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ନଳୀଭୁଜ, ମକରକୁଣ୍ଡଳ, ଚନ୍ଦ୍ରିକା, ଅଣ୍ଟାରେ ଅଣ୍ଟାପଟି ଓ ଓଡିଆଣି ଏବଂ ଗଳାରେ ଗିନି ମାଳ, ଚାବୁକ ମାଳ, ପଦ୍ମମାଳି ଓ ହରଡ଼ ମାଳି ଏବଂ ଦେବୀ ସୁଭଦ୍ରା ଚନ୍ଦ୍ର, ସୂର୍ଯ୍ୟ ଓ ତଡ଼ଗି ଦ୍ୱାରା ସୁଶୋଭିତା ହୋଇଥିଲେ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କୁ ମଧ୍ୟ ଚାଚେରୀ ବେଶ କରାଯାଇଥିଲା। ଏହି ବେଶରେ ମହାପ୍ରଭୁଙ୍କ ନିକଟରେ ପଞ୍ଚୋପଚାରରେ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହାପରେ ତିନିବାଡ଼ରେ ତିନିଟି ପାତ୍ରରେ ଯଥାକ୍ରମେ ଧଳା, ହଳଦିଆ ଓ ରକ୍ତ ବର୍ଣ୍ଣର ଫଗୁ ରଖାଯାଇ ମୁଦିରସ୍ତ, ପତିମହାପାତ୍ର ଓ ପୂଜାପଣ୍ଡାଙ୍କ ଦ୍ୱାରା ସଂସ୍କାର କରାଯାଇଥିଲା। ଏହି ଫଗୁକୁ ଶ୍ରୀଅଙ୍ଗରେ ଲାଗି କରାଯାଇ ତିନି ବାଡ଼ରେ ବନ୍ଦାପନା ବଢିଥିଲା। ଏହାପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଦୋଳଗୋବିନ୍ଦ, ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଲାଗି ହୋଇଥିଲା। ଏହାପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କୁ ଜୟ ବିଜୟ ଦ୍ୱାର ପାଖରେ ପୁଣିଥରେ ଫଗୁ ଲାଗି ଓ ବନ୍ଦାପନା କରାଯାଇଥିଲା। ତିନି ଚଳନ୍ତିପ୍ରତିମାଙ୍କୁ ଦୋଳାରେ ବସାଇ ଜଗନ୍ନାଥ ବଲ୍ଲଭ ବେଣ୍ଟ ପୋଖରୀକୁ ବିଜେ କରାଯାଇଥିଲା। ସେଠାରେ ବେଣ୍ଟ ବା ଶିକାର ନୀତି ସମ୍ପନ୍ନ ହେବା ପରେ ଠାକୁର, ଠାକୁରାଣୀ ପ୍ରତ୍ୟାବର୍ତ୍ତନ କରିଥିଲେ।

# ମାଘ ସପ୍ତମୀ ବୁଡ଼ ପାଇଁ ଟ୍ରାଫିକ୍ ମାର୍ଗଦର୍ଶିକା

ପୁରୀ,୨୩।୧(ସମିସ): ରଥଯାତ୍ରା ପରେ ଚନ୍ଦ୍ରଭାଗା ମେଳା ପୁରୀ ଜିଲ୍ଲାର ବିପୁଳ ଜନସମାଗମ ହେଉଥିବା ଆଧ୍ୟାତ୍ମିକ ବୁଡ କାର୍ଯ୍ୟକ୍ରମ। ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେଣୁ ଏହି ଆଧ୍ୟାତ୍ମିକ କାର୍ଯ୍ୟ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିଲାଗି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ କୌଣସି ଜାଗାରେ ଯେପରି ଟ୍ରାଫିକ ସମସ୍ୟା ନ ହେବ ସେଥିଲଗି ଟ୍ରାଫିକ ମାର୍ଗଦର୍ଶିକା ଜାରି କରାଯାଇଛି। ପୁରୀ ପାର୍ଶ୍ୱରୁ ଯାଉଥିବା ପର୍ଯ୍ୟଟକ ବସ୍‌ଗୁଡିକ ରାମଚଣ୍ଡୀ ଥାନା ପଛ ପାଶ୍ୱର୍ ପାର୍କିଂସ୍ଥଳୀରେ ଗାଡି ରଖିବେ। ଭୁବନେଶ୍ୱର ଦିଗରୁ ଆସୁଥିବା ବସ୍‌ଗୁଡ଼ିକ ହେଲିପ୍ୟାଡ ପାର୍କିଂ, ରିଙ୍ଗରୋଡ ପାର୍କିଂ ଓ ଆଇଓସିଏଲ୍ ବସ୍ ପାର୍କିଂରେ ରଖାଯିବ। ପୁରୀରୁ ଯାଉଥିବା ଚାରିଚକିଆ ଓ ତିନିଚକିଆ ଯାନଗୁଡ଼ିକ ରାମଚଣ୍ଡୀ ମନ୍ଦିର ଛକ ପର୍ଯ୍ୟନ୍ତ ଯିବାକୁ ଅନୁମତି ମିଳିବ। ଉଭୟ ପର୍ଯ୍ୟଟକ ବସ୍ ଏବଂ ଚାରିଚକିଆ ଓ ତିନିଚକିଆର ଉଦ୍ଦିଷ୍ଟ ପାର୍କିଂ ଭର୍ତ୍ତି ହେଲେ ରାମଚଣ୍ଡୀରୁ ପୁରୀ ଦିଗକୁ ରାସ୍ତାର ଗୋଟିଏ ପାଶ୍ୱର୍ରେ ଗାଡି ପାର୍କିଂ କରାଯିବ। ଅସ୍ତରଙ୍ଗ, କାକଟପୁର ଓ କୋଣାର୍କରୁ ପୁରୀ ଆସୁଥିବା ଓ ଯାଉଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ଗୋପ ବଜାର, ନାଗପୁର, ଛଇତନା ଓ ବାଲିଘାଟ ଦେଇ ଯିବାଆସିବା କରିବେ। ଭୁବନେଶ୍ୱର ପଟୁ ଆସୁଥିବା ଚାରିଚକିଆ ଓ ତିନିଚକିଆ ଯାନଗୁଡ଼ିକୁ ପ୍ରଥମେ ହେଲିପ୍ୟାଡ୍ ପାର୍କିଂରେ ରଖାଯିବ। ସେହି ଜାଗା ଭର୍ତ୍ତି ହେଲେ ଆଇଓସିଏଲ୍ ପର୍ଯ୍ୟଟକ ମାର୍କେଟ ନିକଟସ୍ଥ ପାର୍କିଂରେ ରଖାଯିବ। ଏହା ମଧ୍ୟ ଭର୍ତ୍ତି ହେଲେ ହସ୍ପିଟାଲ ପାର୍କିଂ, ପରେ ମ୍ୟୁଜିୟମ ପାର୍କିଂ ଓ କୋଣାର୍କ କଲେଜ ପଡିଆକୁ ଡାଇଭର୍ଟ କରାଯିବ।

# ଓଲଟା ଆଙ୍କିଲେ ବିଦ୍ୟାଦାତ୍ରୀଙ୍କ ପେଣ୍ଟିଂ

ପୁରୀ,୨୩।୧(ସମିସ): ପୁରୀର ଓଲଟା ଦ୍ରୁତଗାମୀ ଚିତ୍ରଶିଳ୍ପୀ ଆୟୁଷ୍ କମହାପାତ୍ର ପବିତ୍ର ସରସ୍ୱତୀ ପୂଜା ଅବସରରେ ବିଦ୍ୟାଦାତ୍ରୀଙ୍କର ଏକ ପେଣ୍ଟିଂ ପ୍ରସ୍ତୁତ କରିଛନ୍ତି। ଏହାକୁ ସେ ଓଲଟା ଭାବେ ଆଙ୍କିଛନ୍ତି। ଆୟୁଷ ୫ ଫୁଟ୍‌ର କାନ୍‌ଭାସରେ ୭ ମିନିଟ୍ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିଛନ୍ତି। ତାଙ୍କର ଏହି ପେଣ୍ଟିଂ ଦ୍ୱାରା କିଭଳି ଯୁବପିଢୀ ଏବଂ ଶିଶୁମାନଙ୍କ ପାଖରେ ଶୁଭେଚ୍ଛାର ବାର୍ତ୍ତା ପହଞ୍ଚିବ ଏହା ତାଙ୍କର ଏକ ଛୋଟିଆ ପ୍ରୟାସ ବୋଲି କହିଛନ୍ତି ଆୟୁଷ। ପୂର୍ବରୁ ଅନେକ ପେଣ୍ଟିଂ ଓଲଟା ଭାବେ ଆଙ୍କି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି ଏହି ଯୁବଶିଳ୍ପୀ।

# ଜୟନ୍ତୀରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି



ପୁରୀ,୨୩।୧(ସମିସ): ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ନେତାଜୀ ସଂଗ୍ରହାଳୟ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପୁଷ୍ପ ମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରିଥିଲେ। ସେହିପରି ସୁଭାଷ ବୋଷ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସର୍ବୋଦୟ ସମିତି ସଭାପତି ଉମା ବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଡ. ବିପିନାନନ୍ଦ ମିଶ୍ର, ବିଷ୍ଣୁଦତ୍ତ ଦାଶ, ନିଳକଣ୍ଠ ମହାରଣା, ସୁକାନ୍ତ ମୁଖୀ, ତିଳକ ରାଜ, ଇଶ୍ରୁ ଶର୍ମା, ଦର୍ପଣା ଦେବୀ, ମଳୟକାନ୍ତି ଦେ ପ୍ରମୁଖ ଯୋଗଦେଇ ପୁଷ୍ପ ମାଲ୍ୟ ଅର୍ପଣ ଓ ସ୍ମୃତିଚାରଣ କରିଥିଲେ।

# ସିଂହଦ୍ୱାରରେ 'ଅନୁରାଗ' ଲୋକାର୍ପିତ

ପୁରୀ,୨୩।୧(ସମିସ): ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ମୁଖ୍ୟ ସମ୍ପାଦନାରେ ଆଜିକୁ ୫୪ ବର୍ଷ ତଳେ ଶ୍ରୀକ୍ଷେତ୍ର ପୁରୀରୁ ଜନ୍ମ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଚେତନାଧର୍ମୀ ପତ୍ରିକା "ଅନୁରାଗ' ପବିତ୍ର ସରସ୍ୱତୀ ପୂଜାରେ ଠାକୁରଙ୍କୁ ସମର୍ପଣ ହୋଇ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଏହି ପତ୍ରିକାକୁ ଶ୍ରୀମନ୍ଦିର ପୁରୋହିତ ତଥା 'ପୁରୀ ବୋଲି'ର ପ୍ରାବନ୍ଧିକ ଡ. ସିଦ୍ଧେଶ୍ୱର ମହାପାତ୍ର ଉନ୍ମୋଚନ କରିଥିବାବେଳେ ରାଜ୍ୟ ପୁରସ୍କାର ପ୍ରାପ୍ତ ଗୀତିକାର ଗାଳ୍ପିକ ବଦ୍ରି ମିଶ୍ର, ସୁଲେଖାର ସମ୍ପାଦକ କବି ସଦାଶିବ ମିଶ୍ର, ଅଭିନନ୍ଦନିକାର ସମ୍ପାଦକ କବି ଶ୍ୟାମ ପ୍ରକାଶ ସେନାପତି, ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର, ଫୋକ୍ ଫେଷ୍ଟ ସମ୍ପାଦକ ରାଜେଶ ମହାନ୍ତି, ବିଶିଷ୍ଟ ସେବାୟତ ରବିନାରାୟଣ ଦାସ, ଗୌରହରି ପ୍ରଧାନ, ଲୋକନାଥ ଖୁଣ୍ଟିଆ ଓ ଯୁବ ସମାଜସେବୀ ଦେବରାଜ ଦାସ ଯୋଗଦେଇଥିଲେ। ଏଥିରେ ଉଦ୍‌ବୋଧନ ଦେଇ ମୁଖ୍ୟ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ୧୯୭୨ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ପତ୍ରିକା, କେବଳ ରାଜନେତା ନୁହେଁ ଅନେକ କବି, ଗାଳ୍ପିକ, ପ୍ରାବନ୍ଧିକ ଓ ସମାଲୋଚକଙ୍କୁ ପ୍ରତିଷ୍ଠିତ କରିଛି। ସାହିତ୍ୟ, ସଂସ୍କୃତି ଓ ସମାଜର ସମୃଦ୍ଧି ଓ ଶୃଙ୍ଖଳା ପାଇଁ ଏହା ପ୍ରତିମାସରେ ପ୍ରକାଶ ପାଇବ।




ସମ୍ପାଦକ ବଦ୍ରି ମିଶ୍ର କହିଥିଲେ ଯେ, ପ୍ରତ୍ୟେକ ଓଡ଼ିଶାବାସୀ ଅନୁରାଗକୁ ଭଲପାଇ, ଈର୍ଷା ଓ ପରଶ୍ରୀକାତରତାଠାରୁ ଦୂରରେ ରହି, ପରସ୍ପର ପ୍ରତି ଅନୁରାଗ ରଖନ୍ତୁ ଯାହା ଆମକୁ ବିକଶିତ କରିବ। ପ୍ରତ୍ୟେକ ଲେଖକ ସେମାନଙ୍କ ଲେଖା ସମ୍ପାଦକ "ଅନୁରାଗ", ଗୁଣ୍ଡିଚା ବିହାର, ସର୍ବୋଦୟ ନଗର ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଛି।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପୁରୀ,୨୩।୧(ସମିସ): କୋଣାର୍କ ନିକଟସ୍ଥ ବାଙ୍ଗୋର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଉତ୍କଳର ପାଞ୍ଚ ଜଣ ମହାପୁରୁଷ ଯଥା ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ବୋଷ, ଉତ୍କଳ ଗୌରବ ମଧୁସୁଦନ, ବ୍ୟାସକବି ଫକୀରମୋହନ ଓ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ପୂଜ୍ୟ ପୂଜାର ଏହି ପରମ୍ପରା ପିଲାମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ମହାପୁରୁଷମାନଙ୍କ ଆଦର୍ଶ ଓ ଚରିତ୍ରର ଅଧ୍ୟୟନ ସେମାନଙ୍କୁ ଶୃଙ୍ଖଳିତ କରିବ ବୋଲି କହିଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚର ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ, ଉପ ସଭାପତି ଅର୍ଜୁନ ପରମ ଗୁରୁ, କୋଷାଧ୍ୟକ୍ଷ ରବି ନାରାୟଣ ମହାନ୍ତି, ଉପଦେଷ୍ଟା ଭଗବାନ ଦାସ ଓ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ।

### ଭିତରଛ ମଧୁସୂଦନଙ୍କ ସ୍ମୃତିରେ ବସନ୍ତ ଉତ୍ସବ

# ସମର୍ପିତ ସେବା ପାଇଁ ଏସ୍‌ପି ପ୍ରତୀକ୍ ସିଂ ସମ୍ବର୍ଦ୍ଧିତ



ପୁରୀ, ୨୩।୧ (ସମିସ): ଭିତରଛ ମଧୁସୂଦନ ମହାପାତ୍ରଙ୍କ ସ୍ମୃତିରେ ଶୁକ୍ରବାର ସିଂହଦ୍ୱାରଠାରେ ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ତଥା ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୀତି ପ୍ରଶାସକ ଜୀତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା, ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା ଯୋଗଦେଇଥିଲେ। ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରା, ଗଣେଶ ଦାସମହାପାତ୍ର ଓ ମଧୁସୂଦନ ସିଂହାରୀ, ଦଇତାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ସମେତ ଅନେକ ପ୍ରଶାସକ, ମଠାଧୀଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ସମେତ ଶ୍ରୀମନ୍ଦିରର ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ଦକ୍ଷ ପ୍ରଶାସନିକ ସେବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା କହିଥିଲେ ଯେ, ସେବା, ସମର୍ପଣ, କର୍ତ୍ତବ୍ୟନିଷ୍ଠା ଓ ଆତ୍ମୀୟତାରେ ଭିତରଛ ମଧୁସୂଦନଙ୍କୁ ଏ ଜାତି ସ୍ମରଣ ରଖିବ। ଏହି ଅବସରରେ ଶ୍ରୀମନ୍ଦିରର ନୀତି ଶୃଙ୍ଖଳା ପାଇଁ ରବିଶଙ୍କର ପୂଜାପଣ୍ଡା ସାମନ୍ତ, ସିଂହାରୀ ଲୋକନାଥ କର, ଗରାବଡୁ ସୂର୍ଯ୍ୟ ନାରାୟଣ ମହାପାତ୍ର, ଭାଗବତ ଓ ସ୍କନ୍ଧ ପୁରାଣର ପ୍ରଚାର ପ୍ରସାର ପାଇଁ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ଓ ଶ୍ରୀମନ୍ଦିର ପଣ୍ଡା ନିଯୋଗର ସଂସ୍କୃତ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ର ମଳୟ ଦାଶଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିବାବେଳେ ପ୍ରାତଃ କାଳରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠାନ ପକ୍ଷରୁ ଫଳ ବଣ୍ଟନ, ଖଡ଼ଗପୁର ଆଶ୍ରମ ପକ୍ଷରୁ ନଗର ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭିତରଛ ହରେକୃଷ୍ଣ ପୂଜାପଣ୍ଡା, ବିଶ୍ୱନାଥ ସାମନ୍ତରା, ଡ. ବିଶ୍ୱନାଥ ମିଶ୍ର, ହରିହର ପୂଜାପଣ୍ଡା ସାମନ୍ତ ଓ ଶ୍ୟାମାପ୍ରକାଶ ସେନାପତି ସଂଯୋଜନା ଓ ସଞ୍ଚାଳନ କରିଥିଲେ।

ସକାଳ
THE SAKALA



www.sakalaepaper.com

## କୃମିନାଶକ ଦିବସ ପାଳନ ପ୍ରସ୍ତୁତି

# ୨.୧୬ ଲକ୍ଷଙ୍କୁ କୃମି ଔଷଧ ବଣ୍ଟନ ଲକ୍ଷ୍ୟଧାର୍ଯ୍ୟ

ଜଗତସିଂହପୁର,୨୩।୧(ସମିସ)




ଜଗତସିଂହପୁର ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜାତୀୟ କୃମିନାଶକ ଦିବସ ପାଳନ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଫେବୃୟାରୀ ୧୦ ତାରିଖରେ ଏହି ଦିବସ ପାଳନ କରାଯିବ। ଏହି ଅବସରରେ ୧ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ, କିଶୋର ଓ ଯୁବକଙ୍କୁ ସ୍କୁଲ, କଲେଜ ଓ ଅଙ୍ଗନବାଡି କେନ୍ଦ୍ରରେ କୃମିନାଶକ ବଟିକା ଓ ସିରପ ଦିଆଯିବ। ଏତଦ୍ ବ୍ୟତୀତ ୨୦ରୁ ୨୪ ବୟସର ପ୍ରଜନନକ୍ଷମ ମହିଳା ମାନଙ୍କୁ ମଧ କୃମିନାଶକ ବଟିକା ଦିଆଯିବ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୨୧୬୪୨୩ ଜଣଙ୍କୁ କୃମି ଔଷଧ ବଣ୍ଟନ କରାଯିବାର ଲକ୍ଷ ଧାର୍ଯ୍ୟ କରାଯାଇଛି। ଯେଉଁମାନେ ସେହିଦିନ ବଟିକା କିମ୍ବା ସିରପ୍ ଖାଇନ ପାରିବେ ସେମାନଙ୍କୁ ଫେବୃୟାରୀ ୧୭ ୨ୟ ପର୍ଯ୍ୟାୟରେ ଏହା ଦିଆଯିବ। ଏହି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ବିଭାଗକୁ ସାମିଲ କରାଯାଇଛି। ଏଥିରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ସହଯୋଗ କରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ ଜିଲ୍ଲାସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ, ଆରଡବ୍ଲୁ ଅଧିକାରୀ, , ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରାଜେନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାର (ପରିବାର କଲ୍ୟାଣ), ଡ. ପ୍ରମୋଦ ବାରିକ, ଡ. ସନ୍ତୋଷ କୁମାର ବେହେରା ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରିଣୀ ସୋନାଲି ପ୍ରିୟଦର୍ଶିନୀ, ଜିଲ୍ଲା ଆକାଉଣ୍ଟ ମ୍ୟାନେଜର ପ୍ରକାଶ ଚାନ୍ଦ, ଡାଟା ମ୍ୟାନେଜର ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଏହି ପ୍ରୋଗ୍ରାମକୁ ସୂଚାରୁ ଭାବରେ କାର୍ଯକାରୀ କରିବାକୁ ସବୁବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ। ସର୍ବ ଶେଷରେ ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଗ୍ରାମପୁର ଧାନ ମଣ୍ଡି ଉଦ୍‌ଘାଟିତ

ବାଲିକୁଦା,୨୩।୧(ସମିସ): ବାଲିକୁଦା ବ୍ଲକ ଖମ୍ବାକୁଳ ଠାରେ ଥିବା ସଂଗ୍ରାମପୁର ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଅତିଥିଭାବେ ଜିଲ୍ଲାପରିଷଦ ସଦସ୍ୟା ଡାଲି ପଣ୍ଡା, ସଂଗ୍ରାମପୁର ସମିତି ସଭ୍ୟ ନାଥ କାଣ୍ଡି, ସରପଞ୍ଚ ମୋନାଲିସା ତରାଇ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉଦଘାଟନ ଉତ୍ସବରେ ସମିତିର ସମ୍ପାଦକ ବିଚିତ୍ରାନନ୍ଦ ନାୟକ, ସଭାପତି ସୁକୁମାର ଦାସ, ମଣ୍ଡି ନୋଡାଲ ଅଫିସର ସର୍ବେଶ୍ୱର ଦାସ, କ୍ରୟ କମିଟିର ସଭ୍ୟ ତୁଷାର ଭୋଳ, ତପନ ବେହେରା, ଅଜୟ କୁମାର ଦାସ, ବାବୁଲି ଚାରଣ ଓଝା, ଭଗତ ପରିଜାଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା ଏବଂ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ



ପାରାଦୀପ,୨୩।୧(ସମିସ): ପାରାଦୀପର ନେତାଜୀ ସୁଭାଷ ଫାଉଣ୍ଡେସନ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ ଗରିବ ଅସହାୟମାନଙ୍କୁ ଆଜି ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପାରିଷଦ ଅଜିତ ଷଡ଼ଙ୍ଗୀ, ସୁଶାନ୍ତ ଦାସ ଯୋଗଦେଇ ଥିଲେ। ଉପସ୍ଥିତ ଅତିଥିମାନେ କାର୍ଯ୍ୟକ୍ରମ ଶେଷରେ ୧୦୦ କମ୍ବଳ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ବଣ୍ଟନ କରିଥିଲେ। ଫାଉଣ୍ଡେସନର ସଦସ୍ୟ କମଳ ଲୋଚନ ଜୟସିଂ, ସଞ୍ଜୟ କୁମାର ପାଳ, ସୁଶାନ୍ତ କୁମାର ସ୍ୱାଇଁ, କାହ୍ନୁ ପାତ୍ର ଓ ରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିହାରୀଙ୍କ ଜୟନ୍ତୀ

ଜଗତସିଂହପୁର,୨୩।୧(ସମିସ): ଜଗତସିଂହପୁର ମାଟିର ଅନ୍ୟତମ ବରପୁତ୍ର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିହାରୀଙ୍କ ୧୪୪ତମ ଜୟନ୍ତୀ ତାଙ୍କ ଜନ୍ମମାଟିରେ ପାଳିତ ହୋଇଯାଇଛି। ଏହି ଅବସରରେ ଜୟବଡ଼ ଛକ ନିକଟରେ ଥିବା ପଣ୍ଡିତ ପଡ଼ିହାରୀଙ୍କ ପ୍ରତିମୂର୍ତ୍ତିରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ପାରିଷଦ ଜଗତାନନ୍ଦ ପଢିହାରୀ, ପୌର କର୍ମଚାରୀ ଦୀପକ ପଟ୍ଟନାୟକ, ସମ୍ବାଦିକ ଶୁଭକାନ୍ତ ପଢିହାରୀ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୨୩।୧(ସମିସ): ତିର୍ତ୍ତୋଲ ବ୍ଲକ ସଭାଗୃହରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟଜିତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତଏହି ସଚେତନତା କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବ୍ଲକ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ସ୍ୱୟଂସହାୟିକା କର୍ମୀମାନେ ଯୋଗଦାନ କରିଥିଲେ। ସମାଜସେବୀ ତଥା ଆଇନଜୀବୀ ଡ. ସୁନାକର ବେହେରା ସଭା ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଜିଲ୍ଲା ମୋଟର ଭେକିଲ ଇନିସ୍ପେକ୍ଟର ମନୋରମା ମାଝୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ତିର୍ତ୍ତୋଲ ଶିଶୁ ବିକାଶ ଅଧିକାରିଣୀ ଅରସୁମଣୀ ସୋରେନ, ସମ୍ମାନିତ ଅତିଥି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବଳଦେବ ସ୍ୱାଇଁ, ତିର୍ତ୍ତୋଲ ଥାନାର ଏଏସ୍‌ଆଇ କେଦାରସନ ଦଳାଇ, ପିପ୍ଳିଳ ମାଧବ ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ନାୟକ, ସାମ୍ବାଦିକ ଶ୍ରୀକାନ୍ତ ଦାଶ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ବିପିନ ବରାଳ, ଜୟନ୍ତ ମହାନ୍ତି, ସାମ୍ବାଦିକ ଦେବାଶିଷ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ଆଇନଜୀବି ସୁନାକର ବେହେରା ଧନ୍ୟବାଦ୍ ଦେଇଥିଲେ।

## ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ

ପାରାଦୀପ,୨୩।୧(ସମିସ): ପାରାଦୀପର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପାରାଦୀପ ବନ୍ଦର ପ୍ରାକ୍ତନ ସଚିବ ପ୍ରଭାତ କୁମାର ନନ୍ଦ ପ୍ରାଚୀନ କଳା କେନ୍ଦ୍ର ଓଡିଶା ପ୍ରଭାରୀ ବ୍ୟୋମକେଶ ଜେନା, ଓଡିଶାରେ ଭାରତୀୟ ନୃତ୍ୟ, ସଙ୍ଗୀତ ଓ ଚିତ୍ରକଳାର ପ୍ରସାର କ୍ଷେତ୍ରରେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡିଗଡର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରାଚୀନ କଳା କେନ୍ଦ୍ରର ସଚିବ ସଜଳ କୋଷ, ଅତିରିକ୍ତ ନିବନ୍ଧକ ତଥା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କଥକ ନୃତ୍ୟାଙ୍ଗନା ଡ. ସମୀରା କୋଷ ଯୋଗ ଦେଇଥିଲେ। ଗୁରୁ ବିଜୟ କୁମାର ମାଛୁଆଙ୍କ ନିର୍ଦ୍ଦେଶନାରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ମେଘ ମହ୍ଲାର କଳ ପରିଷଦ ଛାତ୍ରଛାତ୍ରୀ। ଗୁରୁ ପ୍ରଭାତ କୁମାର ଶିଳ୍ପୀ ଓ ଗୁରୁ ଡମ୍ବରୁଧର ଓଝାଙ୍କ ବେହେଲା ଓ ତବଲାର ଯୁଗଳବନ୍ଦୀ ଓ ସାଗରିକା କଳା ନିକେତନ ଛାତ୍ର ପ୍ରଦୀପ କୁମାର ତରାଇ ଏକକ ଓଡିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଗୁରୁ ସ୍ମୃତିକାନ୍ତ ଶର୍ମାଙ୍କ ନିର୍ଦ୍ଦେଶନାରେ ଝୁମର ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ କଳା ନିକେତନର ସମ୍ପାଦକ ପ୍ରବୀର କୁମାର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଚୀନ କଳା କେନ୍ଦ୍ର, ଆଞ୍ଚଳିକ ଅଧିକାରୀ ଜୟନ୍ତ କିଶୋର ରାୟ, କଳା ନିକେତନର ଶିକ୍ଷକ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ। ଜୟନ୍ତ କିଶୋର ରାୟ, ସଂଗୀତ ନିର୍ଦ୍ଦେଶକ ପ୍ରଫୁଲ କୁମାର ନାୟକ ଉପସ୍ଥିତ ଥିଲେ।

## ପାରାଦୀପ ଡମ୍ଫର ମାଲିକ ସଂଘର ସମ୍ମିଳନୀ



ପାରାଦୀପ, ୨୩।୧ (ସମିସ): ପାରାଦୀପ ଡମ୍ଫର ମାଲିକ ସଂଘର ସମ୍ମିଳନୀ ସ୍ଥାନୀୟ ଗଲ୍ଫ ଫିଲଡରେ ଆୟୋଜିତ ହୋଇଯାଇଛି। ସଂଘର ସଭାପତି ବିଜୟ କୁମାର ନାୟକ (ସଦା)ଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଏସ୍‌ଏଲ ଗ୍ରୁପର ମ୍ୟାନେଜିଙ୍ଗ ଡାଇରେକ୍ଟର ଶିଳ୍ପପତି ମହିମାନନ୍ଦ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ, ଓଏସଏଲ୍‌ର ଡାଇରେକ୍ଟର ଚର୍ଚ୍ଚିତ ମିଶ୍ର, ସମାଜସେବୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଏସସି କମରସିଆଲର ମୁଖ୍ୟ ଅକ୍ଷୟ କୁମାର ସୂତାର ଓ ଧର୍ମେନ୍ଦ୍ର ପତି ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସମସ୍ତ ସଦସ୍ୟ ଓ ସେମାନଙ୍କ ପରିବାର ଲୋକଙ୍କୁ ସୁସ୍ୱାଦୁ ଭୋଜନ ରେ ଆପ୍ୟାୟିତ କରାଯାଇଥିଲା। ଏନେଇ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜା ନେଇଥିଲେ ଉପସ୍ଥିତ ଅତିଥି ଓ ସଦସ୍ୟଙ୍କ ପରିବାର ଲୋକେ। ଭଲ ନୃତ୍ୟ ପଦର୍ଶନ କରିଥିବା ପିଲାମାନଙ୍କୁ ସଙ୍ଘ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ● ୱାଇଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣା ମେଣ୍ଟ

## ପିସିସି ପାରାଦୀପ ଫାଇନାଲରେ

ତିର୍ତ୍ତୋଲ,୨୩।୧(ସମିସ): ତିର୍ତ୍ତୋଲ ନିକଟ ସାରଳା ରୋଡ ମିନି ଷ୍ଟାଡିୟମରେ ଆୟୋଜିତ ୱାଇଏମ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍‌ରେ ପିସିସି ପାରାଦୀପ ଟିମ୍ ଆମ୍ବେଦକର ସ୍ପୋର୍ଟିଂ ଜଗତସିଂହପୁରକୁ ୪ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ଆମ୍ବେଦକର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୦୨ରନ୍ ସଂଗ୍ରହ କରିଥିଲା। ଜବାବରେ ପିସିସି ୧୬.୧ ଓଭାର ୬ ୱିକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଶିକ୍ଷାବିତ୍ କମଳାକାନ୍ତ ପରିଜା ବିଜେତା ପିସିସି ପାରାଦୀପର ଅଲରାଉଣ୍ଡର ଦୁର୍ଗେଶ କୁମାରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ସରୋଜ ନାୟକ ଉପସ୍ଥିତ ଥିଲେ। ଅମ୍ପାୟାର୍ ଭାବେ ଗୁରୁଦତ୍ତ ପରିଜା ଓ ସଂଗ୍ରାମ ରାୟ ଖେଳ ପରିଚାଳନା କରିଥିଲେ। ସଞ୍ଜିବ ପରିଜା, ଆର୍ଶୀବାଦ ପରିଜା, ଜିତ ପରିଜା, ବିଶାଳ ମହାପାତ୍ର, ତପୁ, ରାହୁଲ, ବାପି ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭିରଙ୍ଗ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଏରସମା,୨୩।୧(ସମିସ): ଏରସମା ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭିରଙ୍ଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିସରରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଲିଆକତ ଅଲ୍ଲୀ ଖାନ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ଦାସ, ସିଆର୍‌ସିସି ଧ୍ରୁବଚରଣ ମୁଦୁଲି, ସଭାପତି ପଞ୍ଚସଖାର ମାନସ ସ୍ୱାଇଁ, ସିଏସ୍‌ସି ଚେୟାରମ୍ୟାନ୍ ଲଳିତ କୁମାର ଦାସ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ଦାସ ଅତିଥି ପରିଚୟ ବାର୍ଷିକ ବିବରଣୀ ପଠନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଳାସି ପ୍ରଧାନ, ଶାରଳା କୁମାରି ନାୟକ, ଶାନ୍ତିଲତା ସ୍ୱାଇଁ, ଅଞ୍ଜଳି ଦାସ, ସୁନିତା ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ନାୟକ ସହଯୋଗ କରିଥିଲେ। ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର,୨୩।୧(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଡୁଆ ଡାକ୍ତରଖାନା ନିକଟରେ ଥିବା ଶ୍ରୀଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସ୍ପେଶାଲ ବ୍ରାଞ୍ଚ ଅଧିକାରୀ ପ୍ରେମାନନ୍ଦ ଲେଙ୍କା ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାର ପ୍ରତିଷ୍ଠାତା ତଥା ପରିଚାଳକ ମଙ୍ଗଳ ଦାଶ ମହାରାଜ ଯୋଗଦେଇ ଭଗବତ ଚେତନା ସମ୍ପର୍କିତ ବହୁ ମହତପୂର୍ଣ୍ଣ ଉପାଦେୟ ବୋଲି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଅଧିକାରୀ ଅଲେଖ ଚନ୍ଦ୍ର ବେହେରା, ଅବସର ପ୍ରାପ୍ତ ଶିକ୍ଷକ ସଦାଶିବ ବିଶ୍ୱାଳ ଓ ଅବସରପ୍ରାପ୍ତ ଶିକ୍ଷକ ସୁଶ୍ରୀ ଗୀତା ରଥ ପ୍ରମୁଖ ଯୋଗଦେଇ ନିଜ ନିଜର ଅନୁଭୂତି ବାଣ୍ଟିଥିଲେ। ଏହି ସଭାରେ ୪୫ ଜଣ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ।

## ପେନସନ୍ ଆସୋସିସନ୍ ପକ୍ଷରୁ ସ୍ମୃତିସଭା

ପାରାଦୀପ,୨୩।୧(ସମିସ): ପାରାଦୀପ ବନ୍ଦର ପେନସନ୍ ଆସୋସିଏସନ୍ ପକ୍ଷରୁ ଆସୋସିଏସନ କାର୍ଯ୍ୟାଳୟରେ ଆଜି ଏକ ଶୋକସଭା ଆୟୋଜିତ ହୋଇଥିଲା। ପାରାଦୀପ ବନ୍ଦର ପୋର୍ଟ ଅଫିସର୍ସ ଆସୋସିଏନସନର ପ୍ରଥମ ସଭାପତି ତଥା ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ଅବସରପ୍ରାପ୍ତ ବ୍ୟକ୍ତିଗତ ସହାୟକ ପ୍ରସନ୍ନ କୁମାର ଆଚାର୍ଯ୍ୟ ଓ ପାରାଦୀପ ବନ୍ଦର ପେନସନ ଆସୋସିଏସନର ଆଜୀବନ ସଦସ୍ୟ ଦୀନବନ୍ଧୁ ମିଶ୍ରଙ୍କ ପରଲୋକରେ ଆଜିର ଏହି ଶୋକସଭା ଆୟୋଜିତ ହୋଇଥିଲା। ପେନସନ ଆସୋସିଏସନ୍ ସଭାପତି ରବୀନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ କାର୍ଯ୍ୟକାରୀ ସଭାପତି ଗୁଣନିଧି ଚୌଧୁରୀ, ସମ୍ପାଦକ ସୁରେଶ ଦାଶ, ଉପସଭାପତି ନିମାଁଇ ଚରଣ ରାଉତ, କୋଷାଧ୍ୟକ୍ଷ ଭାବଗ୍ରାହୀ ମିଶ୍ର, କାର୍ଯ୍ୟକାରୀ ସଭ୍ୟ ସଞ୍ଜୟ କୁମାର ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ମା’ ବାଗ୍‌ଦେବୀଙ୍କ ପୂଜା





ରଘୁନାଥପୁର,୨୩।୧(ସମିସ): ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ, ବେସରକାରୀ ଶିକ୍ଷାନୁଷ୍ଠାନ, ଯୁବକ ସଂଘ ଓ ପାଠାଗାରରେ ଶିକ୍ଷାଦାତ୍ରୀ ମା’ ବାଗଦେବୀ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ ଓ ପାଠାଗାର ଗୁଡିକରେ ସନ୍ଧ୍ୟା ପରେ ମା’ ସରସ୍ୱତୀଙ୍କ ପୂଜାନୀତି ଆରମ୍ଭ ହୋଇଥିଲା। କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଆରୁପାନନ୍ଦ ଜୁନିଅର ଓ ଡିଗ୍ରୀ କଲେଜ, ମା’ ସରସ୍ୱତୀ ମହିଳା ସଂସ୍କୃତ ମହାବିଦ୍ୟାଳୟ, ରେଡୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଓ ତରିକୁନ୍ଦ ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟରେ ଅନୁରୂପ ଭାବେ ମା’ଙ୍କ ପୂଜା ପାଳିତ ହୋଇଥିଲା। ତାରପୁର ହାଇସ୍କୁଲରେ ମା’ଙ୍କ ପୂଜା ବହୁ ଧୁମଧାମରେ ପାଳିତ ହୋଇଥିଲା।

**ପାରାଦୀପ:** ବନ୍ଦର ନଗରୀ ପାରାଦୀପରେ ବିଭିନ୍ନ ଅନୁଷ୍ଠାନ ସହିତ ସ୍କୁଲ, କଲେଜ, କ୍ଲବ ଓ ବହୁ ସଂଗଠନ ଗୁଡ଼ିକ ପକ୍ଷରୁ ମା’ ସରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଛି। ବିଜୟଚନ୍ଦ୍ରପୁର ତାରେଣୀଗଡା ଠାରେ ଶ୍ରୀଜଗନ୍ନାଥ ପୂଜା କମିଟି ପକ୍ଷରୁ ମା’ଙ୍କ ପୂଜାର୍ଚ୍ଚନା କରାଯାଇଛି। ସ୍ଥାନୀୟ ଯୁବକ ଓ ବ୍ୟବସାୟୀମାନଙ୍କ ଦ୍ୱାରା ଗତ ୭ ବର୍ଷ ହେଲା ଏଠାରେ ମା’ ସରସ୍ୱତୀଙ୍କ ପୂଜା ଯଥାବିଧି ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ମା’ସରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତି ସହିତ କାର୍ଟୁନ୍ ଚରିତ୍ର ନଟିଆ, ନେଉଳ, ଗେଣ୍ଡୁ, ଡାଙ୍ଗର ମୂର୍ତ୍ତି ମଧ କରାଯାଇଛି। ପୂଜା ପରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଆସନ୍ତା ରବିବାର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ସଞ୍ଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍କୁଲ ପରିସରରେମା ବାଗ୍‌ଦେବୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡାଙ୍କ ସମେତ ସହ ପ୍ରଧାନ ଆଚାର୍ଯ୍ୟ ମମତା କର ଓ ସମସ୍ତ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ଏରସମା ବ୍ଲକ୍ ଢ଼ିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁର ନିତ୍ୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଧୁମ୍ ଧାମରେ ପାଳନ କରାଯାଇଛି। ପୂରାତନ ଛାତ୍ରଛାତ୍ରୀ, ଗ୍ରାମର ମୂରବୀ, ସ୍କୁଲ ପରିଚାଳନା କମିଟି,ପଞ୍ଚଶିକ୍ଷା ସେତୁ କମିଟି ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ଆଜି ଗଣେଶ ଓ ସରସ୍?ତୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି।

## ସ୍ୱଦେଶୀ ସଂକଳ୍ପ ଯାତ୍ରା ଓ ଗଣଦୌଡ଼




ଜଗତସିଂହପୁର,୨୩।୧(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ଜଗତସିଂହପୁର ତରଫରୁ ସ୍ୱଦେଶୀ ସଂକଳ୍ପ ଯାତ୍ରା ଓ ସ୍ୱଦେଶୀ ଗଣ ଦୌଡ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ଷଡ଼ଙ୍ଗୀ ଏବଂ ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲ୍ଲା ପ୍ରମୁଖ ଭଗବାନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି ସଂକଳ୍ପ ଯାତ୍ରା। ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତାର ବାର୍ତ୍ତାବହ ଏହି ସ୍ୱଦେଶୀ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲ୍ଲା ସଂଘ ଚାଳକ ସୁରେଶ ରାୟ, ଏବିଭିପିର ଜଗତସିଂହପୁର ଜିଲ୍ଲା ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତି, ବିଜେପି ପୂର୍ବତନ ସଭାପତି ସତ୍ୟବ୍ରତ ମହାପାତ୍ର, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ସର୍ବେଶ୍ୱର ବଳିୟାର ସିଂ, ପାରାଦୀପ ଅଞ୍ଚଳର ନାରୀ ନେତ୍ରୀ ଚନ୍ଦ୍ରକାନ୍ତି ପଲେଇ, ଜଗତସିଂହପୁର ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଗଣେଶ ପ୍ରସାଦ ମହାନ୍ତି, ତପନ କୁମାର ତ୍ରିପାଠୀ ଓ ସଂଘ ପ୍ରଚାରକ କାବ୍ୟସଚି ରାୟ ପ୍ରମୁଖ ସହଯୋଗ କରିଥିଲେ। ଜଗତସିଂହପୁର ସ୍ଥିତ କଲେଜ ଛକ ଠାରେ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓଜ୍ଞା ଓ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଦ୍ୱାରା ସ୍ୱଦେଶୀ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ରଥ ଜଗତସିଂହପୁର ଜିଲ୍ଲା ପରିକ୍ରମ କରି କଟକ ଅଭିମୁଖେ ତା’ର ଯାତ୍ରା ଆରମ୍ଭ କରିଥିଲା।

## ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ନାଉଗାଁ,୨୩।୧(ସମିସ): ନାଉଗାଁ ତିହୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ ସମାରୋହରେ ମୁଖ୍ୟଅତିଥି ରୂପେ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର କୁମାର ମିଶ୍ର ଯୋଗଦେଇଥିବା ବେଳେ ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗିରିଧାରୀ ମହାନ୍ତି ଓ ଡ. ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟି ସଭାପତି ଶିକ୍ଷାବିତ ସରୋଜ କୁମାର ନାୟକ, କୈବର୍ତ୍ତ ମହାସଂଘର ସଭାପତି ଭାଗୀରଥି ବେହେରା ପ୍ରମୁଖ ଯୋଗଦେଇଥିଲେ। ନାଉଗାଁ ଅଞ୍ଚଳର ସୁନାମଧନ୍ୟ ଡା. ସ୍ୱର୍ଗତ ତ୍ରିଲୋଚନ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଧର୍ମପତ୍ନୀ କୁହୁକିନୀ ରାଉତରାୟ ତ୍ରିଲୋଚନ ସ୍ମାରକୀ ମେଧାବୀ ଛାତ୍ରୀ ସୁଶ୍ରୀ ତନଶା ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ନୃସିଂହ ଗୁରୁଜୀ ମଞ୍ଚ ପରିଚାଳନା କରିଥିଲେ।

# ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଜଗତସିଂହପୁର,୨୩।୧(ସମିସ)

ଜଗତସିଂହପୁର ସହରର ଚାଟ୍ରା ସ୍ଥିତ ଐତିହାସିକ ଅଳକା ଆଶ୍ରମ ପରିସରରେ ନେତାଜୀ ସଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦୁଇ ବୀର ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଶିକ୍ଷାବିତ ଦେବେନ୍ଦ୍ର କୁମାର ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା, ଅଧ୍ୟାପକ ନୀରଞ୍ଜନ ବିଶ୍ୱାଳ, ଭଗବାନ ଦାଶ, ପ୍ରତାପ କୁମାର ଲେଙ୍କା, ବିଜୟ ରଥ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ସାହୁ, ନୀରଞ୍ଜନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ପବିତ୍ର ସ୍ୱାଇଁ ଏବଂ ପ୍ରଦୀପ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ନାଉଗାଁ:** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବାଂଶ ଗ୍ରାମରେ ପାଳିତ ହୋଇଛି। ନେତାଜୀ ଜୟନ୍ତୀ ପାଳନ କମିଟି ନାଉଗାଁ ନେତୃତ୍ୱରେ ବାଂଶ ଗ୍ରାମରେ ସ୍ଥାପିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କମିଟିର ଆବାହକ ସୁବାସ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ନାଗରିକ ହାଡିବନ୍ଧୁ ସେଠୀ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସମ୍ପାଦକ ବୈଜୟନ୍ତୀ ସ୍ୱାଇଁ, ବାସୁଦେବଜୀଉ ଡ୍ରାମାଟିକ କ୍ଲବର ସମ୍ପାଦକ ଆଲୋକ କୁମାର ଦାସ, ଏଆଇକେକେ ଏମ୍‌ଏସ୍‌ର ଟୁକୁନା ଦାସ, ଛବିନ୍ଦ୍ର ଭୋଇ, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସ୍ୱର୍ଣ୍ଣଲତା କାଣ୍ଡି, ସ୍ୱାଧୀନ ସାମଲ, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ୟୁଥ୍ ଅର୍ଗାନାଇଜେସନର ବୀର କିଶୋର ମଲ୍ଲିକ,ମଳୟ କୁମାର ଦାସ ଶିକ୍ଷୟିତ୍ରୀ ଲିପିକା ରାଣୀ ଲେଙ୍କା, ଛାତ୍ରଛାତ୍ରୀ ଇତିଶ୍ରୀ ବିଶ୍ୱାଳ, ଅଭିପସା ମୁଦୁଲି, ପୂଜା କାଣ୍ଡି, ସୂର୍ଯ୍ୟାଂଶ ବିଦ୍ୟା ସାଗର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

**ପାରାଦୀପ:** ପାରାଦୀପ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ନେତାଜୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନେତାଜୀ ସଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ବଡ଼ପଡ଼ିଆ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ସ୍ମୃତିରାରଣ ସଭାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ବାବୁରାମ ଚୌଧୁରୀ, ଶ୍ରମିକ ନେତା ବିଷ୍ଣୁଚରଣ ମୁଦୁଲି, ନାରୀନେତ୍ରୀ ସବିତା ମହାପାତ୍ର, କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ, ଅର୍ଜୁନ କୁମାର ନାୟକ, ଦେବୀ ପ୍ରସାଦ ମାଝୀ, ସୁଶୀଲ ମହାପାତ୍ର, ପାରିଷଦ ଅଜିତ କୁମାର ଷଡ଼ଙ୍ଗୀ, ଗୋଲଖ ଚନ୍ଦ୍ର ସାହୁ, ଆଲୋକ ମହାପାତ୍ର, ଶଙ୍କର ପ୍ରସାଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ସଭାପତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନେତାଜୀଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଅନୁରୋଧ କରିଥିଲେ। ଟ୍ରଷ୍ଟର ସାଧାରଣ ସମ୍ପାଦକ ମନୋଜ କୁମାର ଖଟୁଆ, ଅର୍ଜୁନ କୁମାର ନାୟକ, ସବିତା ଶତପଥୀ ପ୍ରମୁଖ ଏହି ସ୍ମୃତି ସଭାକୁ ପରିଚାଳନା କରିଥିଲା ବେଳେ ମହେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପାରାଦୀପରେ ନେତାଜୀଙ୍କ ପ୍ରତିମୂର୍ତ୍ତି ବଡ଼ପଡ଼ିଆର ମୁଖ୍ୟ ରାସ୍ତାରେ ଥିବାରୁ ଏହାକୁ ପୁନଃ ସ୍ଥାପନ ପାଇଁ ପୌରାଧ୍ୟକ୍ଷଙ୍କ ଉପସ୍ଥିତରେ ମତ ପ୍ରକାଶ ପାଇଥିଲା।





# ଗୁଟ୍‌ଖା ବ୍ୟାନ୍ ପରେ ମାଲାମାଲ ଅସାଧୁ ବ୍ୟବସାୟୀ



## ଗଚ୍ଛିତ ରଖିଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ

ଧାମନଗର,୨୩।୧(ସମିସ): ରାଜ୍ୟରେ ଗୁଟ୍‌ଖା, ସିଗାରେଟ ସହ ସମସ୍ତ ତମାଖୁ ଜାତ ଦ୍ରବ୍ୟ ଓ ନିକୋଟିନ୍ ଯୁକ୍ତ ସାମଗ୍ରୀ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଘୋଷଣା କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନିଷେଧାଦେଶ ଜାରି ହୋଇଛି। କିନ୍ତୁ କାଗଜ କଲମରେ ପ୍ରଚାର ଯେତେ ଜୋରଦାର ହେଉଛି ବାସ୍ତବରେ ତାହାର ଓଲଟା ଦେଖିବାକୁ ମିଳୁଛି। ଯାହାଫଳରେ ଏହି ସବୁ ଦ୍ରବ୍ୟର କଳାବଜାରୀ ବହୁ ପରିମାଣରେ ବୃଦ୍ଧି ପାଉଛି। ଯାହାର ବାସ୍ତବ ଚିତ୍ର ଏବେ ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ତମାଖୁ ବ୍ୟାନକୁ ଆଖି ଆଗରେ ରଖି କିଛି ଅସାଧୁ ବ୍ୟବସାୟୀ ଲାଭଖୋର ମନୋବୃତ୍ତି ନେଇ ପୂର୍ବରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା-ତମାଖୁ ସାମଗ୍ରୀ ଗଚ୍ଛିତ କରି ରଖିଥିବା ଦେଖିବାକୁ ମିଳୁଛି। କିନ୍ତୁ ସରକାର ସମ୍ପୂର୍ଣ୍ଣ ବେଆଇନ୍ ଘୋଷଣା କରିବା ସହ ବିକ୍ରି ଉପରେ ରୋକ ଲଗାଇବାଇବାକୁ ଦୃଢ଼ ପଦକ୍ଷେପ ନେବା ଜାଣିବା ପରେ ଅସାଧୁ ବ୍ୟବସାୟୀମାନେ ଗଚ୍ଛିତ ରଖିଥିବା ନିଶା ଦ୍ରବ୍ୟକୁ ଛୋଟ ଛୋଟ ବ୍ୟବସାୟୀଙ୍କ ନିକଟକୁ ପଠାଇ ଅଧିକ ଦାମରେ କଳାବଜାରୀ କରୁଥିବାର ଦେଖିବାକୁ ମିଳୁଛି। ଅସାଧୁ ବ୍ୟବସାୟୀମାନେ ଏହି ସାମଗ୍ରୀକୁ ନିଜ ଦୋକାନ ଗୋଦାମରେ ନରଖି ନିଜ ଘରେ ଅବା ବିଭିନ୍ନ ଗୁପ୍ତ ସ୍ଥାନଗୁଡ଼ିକରେ ମହଜୁଦ ରିଖିଛନ୍ତି। ସରକାରୀ ସ୍ତରରେ ବ୍ୟାନ ହୋଇଥିଲେ ମଧ୍ୟ କଡ଼ା ଆଭିମୁଖ୍ୟ ଅଭାବରୁ ଏହାର ପ୍ରଭାବ ଅସାଧୁ ବେପାରୀଙ୍କ ଉପରେ କିଛି ଫରକ ପଡୁନାହିଁ। ବରଂ ଏହି ସବୁ ସାମଗ୍ରୀର ହଠାତ୍ ଅଧିକ ମୁଲ୍ୟରେ ବିକ୍ରି କରି ଲାଭମାନ ହେଉଛନ୍ତି। ସତେ ଯେମିତି ଏହା ଧର୍ମକୁ ଆଖିଠାର ସଦୃଶ ପାଲଟିଛି। ଯାହାଫଳରେ ସାଧାରଣ ଲୋକେ ପରୋକ୍ଷରେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ବିଷୟରେ ଖୁଚୁରା ଦୋକାନୀଙ୍କ ମତ ହେଉଛି, ସରକାରଙ୍କର ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ, କିନ୍ତୁ ଯଦି ଏହି ସବୁ ସାମଗ୍ରୀକୁ ବନ୍ଦ କରିବାର ଅଛି, ତା ହେଲେ ଯେଉଁ କମ୍ପାନୀ ଏହାକୁ ତିଆରି କରୁଛି ତାକୁ ପ୍ରଥମେ ବନ୍ଦ କରନ୍ତୁ। ଦ୍ୱୟରେ ବଜାରରେ ଯେଉଁ ଡିଲରମାନେ ଏହାକୁ ମହଜୁଦ ରଖି ଅଧିକ ଦାମରେ ଚୋରାରେ ବିକୁଛନ୍ତି ତାଙ୍କ ଉପରେ ଚଢ଼ଉ କରାଯାଇ ସେ ସବୁକୁ ନଷ୍ଟ କରାଯିବା ସହିତ ମୋଟା ଅଙ୍କରେ ଫାଇନ୍ ଆଦାୟ କରାଗଲେ ନିଶ୍ଚିତ ଭାବରେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରିବ।

# ୨୫ରେ ସତ୍‌ସଙ୍ଗ ମହୋତ୍ସବ 'ଧୃତି ସନ୍ଦୀପନା'




ଭଦ୍ରକ,୨୩।୧(ସମିସ): ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଅଶେଷ ଦୟା ଓ କରୁଣା ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଶୁଭ ଆଶୀର୍ବାଦ ଓ ପୂଜ୍ୟ ଶ୍ରୀ ଅବିନ ଦା' ଙ୍କ ଐଶୀ ପ୍ରେରଣାକୁ ପାଥେୟ କରି ଆସନ୍ତା ୨୫ ତାରିଖ ରବିବାର ଦିନ ଭଦ୍ରକ ଆରଡି ରାସ୍ତାର ମା' ସାତଭଉଣୀ ମନ୍ଦିର ପାର୍ଶ୍ୱବର୍ତ୍ତୀ ଖେଳପଡ଼ିଆରେ ଭଦ୍ରକ ଜିଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ 'ଧୃତି ସନ୍ଦୀପନା' ଆୟୋଜିତ ହେବ। ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ମଧ୍ୟରେ ମହାଆଡମ୍ବରରେ ପାଳିତ ହେବାକୁ ଯାଉଛି ବୋଲି ଆଜି ଉତ୍ସବ କମିଟିର କର୍ମକର୍ତ୍ତାମାନେ ଭଦ୍ରକର ସତସଙ୍ଗ ବିହାର ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପୂର୍ଣ୍ଣଚନ୍ଦ୍ର ନାୟକ, ନନ୍ଦଦୁଲାଲ ଦାସ, ନବକିଶୋର ପତି, ଧରଣୀଧର ସ୍ୱାଇଁ, ସୁରଥ ମଲ୍ଲିକ, ଗୋକୁଳାନନ୍ଦ ସ୍ୱାଇଁ, ସୁଦର୍ଶନ ବାରିକ, ପ୍ରଦୀପ କୁମାର ଲେଙ୍କା, ବସନ୍ତ କୁମାର ବଳ ପ୍ରମୁଖ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ଦିବସବ୍ୟାପୀ ଏହି ଉତ୍ସବରେ ପ୍ରାୟ ୨୦ ହଜାର ଭକ୍ତଙ୍କର ସମାବେଶ ଆଶା କରାଯାଉଛି। ଏତଦ୍‌ବ୍ୟତୀତ ସାଂସ୍କୃତିକ, ସଂଗୀତ ଭିତିକ କାର୍ଯ୍ୟକ୍ରମ ସହ ଯାଜନର ବ୍ୟବସ୍ଥା କରାଯାଇଛି। ଏହି ଉତ୍ସବରେ ପଡୋଶୀ ଜିଲ୍ଲାମାନଙ୍କରୁ ମଧ୍ୟ ବହୁ ଭକ୍ତଙ୍କର ଆଗମନ ଫଳରେ ପ୍ରଥମକରି ଜିଲ୍ଲା ଉତ୍ସବ ଭାବେ ପାଳିତ ଏହି ସମାବେଶରେ ଅନୁଗାମୀ ବହୁ ଶ୍ରଦ୍ଧାଳୁ ଯୋଗଦେବାକୁ କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବାଗ୍‌ଦେବୀଙ୍କ ଆରାଧନା





ତିହିଡ଼ି, ୨୩।୧(ସମିସ): ତିହିଡ଼ି ବ୍ଲକ ଅଧିନ ଗୁଆମାଳ ପଂଚାୟତ ର ନୁଆଶାସନ ଗାଁରେ ସର୍ବପୁରାତନ ସରସ୍ୱତୀ ପୂଜା ଗ୍ରାମବାସୀ ଧୂମଧାମରେ ପାଳନ କରୁଥିବା ଦେଖିବାକୁ ମିଳୁଛି। ଶହେ ବର୍ଷ ପୁର୍ବ ରୁ ମା ସରସ୍ୱତୀ ଙ୍କ ଗ୍ରାମବାସୀ ଙ୍କ ସହଯୋଗରେ ହେଉଥିବା ବେଳେ ୫ ଦିନ ଧରି ମା'ଙ୍କ ପୂଜା ପାଳନ ହେଉଥିଲା ବେଳେ ୩ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ୫ଦିନ ଧରି ସମବେତ ପ୍ରସାଦ ସେବନ ର ଆୟୋଜନ କରାଯାଇଥାଏ । ସେହିପରି ଝାଡପଟା ଗାଁ, ମସୁଆପାଳ ଗାଁ ଓ ବିଶ୍ୱନାଥପୁର ଗାଁରେ ମହାଆଡ଼ମ୍ବର ସରସ୍ୱତୀ ପୂଜା ପାଳିତ ହେଉଥିବା ଦେଖିବାକୁ ମିଳୁଛି।

**ବାରିକପୁର :** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ, ଯୁବକ ସଂଘ ପକ୍ଷରୁ ଆଜି ଭାବ ଭକ୍ତିର ସହିତ ବାକଦେବୀ ମା ସରସ୍ୱତୀଙ୍କ ପୂଜା ଆରାଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକର ଶାରଦା ବିଦ୍ୟାମନ୍ଦିର ଠାରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବୈଦିକ ରୀତି ନୀତି ଅନୁଯାୟୀ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ହାରାମଣି ବାଳିକା ବିଦ୍ୟାଳୟ, ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟ, ରହଣିଆ, ମାଳଦା, ମଞ୍ଜୁରୀ ରୋଡ, ଆଖୁଆପଦା, ବାଲିପୋଖରୀ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଠାରେ ବିଦ୍ୟାର୍ଥୀ ମାନଙ୍କ ତରଫରୁ ଭାବ ଉଦ୍ଦୀପନା ର ସହିତ ପୂଜା ଅନୁଷ୍ଠିତ ହୋଇଛି। ନାଆମୀ ମହାବିଦ୍ୟାଳୟ, ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, ନୟନମଣି ବାଳିକା ମହାବିଦ୍ୟାଳୟ ଠାରେ ମଧ୍ୟ ବେଶ ଧୂମଧାମରେ ପୂଜା ଆୟୋଜନ ହୋଇଥିଲା। ଏହାଛଡା ଗ୍ରାମ୍ୟ ବଜାରରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ଗାଁର ଯୁବକ ସଂଘ ପକ୍ଷରୁ ମା ବାଗଦେବୀଙ୍କ ପୂଜା ଆୟୋଜିତ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପୂଜା ଉପଲକ୍ଷେ ଆୟୋଜକ କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ



ଭଦ୍ରକ,୨୩।୧(ସମିସ): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ଆଜି ପୂର୍ବାହ୍ନ ସାଢ଼େ ୮ଟା ବେଳେ ଭଦ୍ରକ ଜିଲ୍ଲା ସ୍କୁଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଏନ୍‌ସିସି କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ପୁଷ୍ପମାଲ୍ୟ ଅର୍ପଣ କରି ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ନେତାଜୀଙ୍କ ଦେଶପ୍ରେମ, ତ୍ୟାଗ ଓ ସଂଘର୍ଷମୟ ଜୀବନ ଆଜିର ଯୁବପିଢ଼ି ପାଇଁ ପ୍ରେରଣାସ୍ୱରୂପ ବୋଲି କହିଥିଲେ। ଏନ୍‌ସିସି କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ନେତାଜୀଙ୍କ ଶାସନଶୀଳତା ଓ ନେତୃତ୍ୱଗୁଣ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତ୍ୟାଗଭୂମି ସଭାପତି ଅଜୟ ନାୟକ, ଶିକ୍ଷାବିତ ତଥା ସାହିତ୍ୟିକା ଡ.ରାଧାରାଣୀ ମହାପାତ୍ର, ଉତ୍କଳ ସର୍ବୋଦୟ ମଣ୍ଡଳ ଜିଲ୍ଲା ସଭାପତି ଅମର କୁମାର ପାଣିଗ୍ରାହୀ, ରୋଟାରିଆନ୍ ଅତିଶ୍ ବେହେରା, ସାମ୍ବାଦିକ ଦୁର୍ଗା ଶଙ୍କର ବିଶ୍ୱାଳ ଓ ସୂଚନା କର୍ମୀ ବିପ୍ଳବ ହୋତା ପ୍ରମୁଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମତିଥି ଉପଲକ୍ଷେ ନିଜର ଅନୁପ୍ରେରଣାମୂଳକ ଅଭିଭାଷଣ ରଖିଥିଲେ। ସମସ୍ତ ସାମ୍ବାଦିକ ବନ୍ଧୁଗଣ,ପ୍ରଶାସନର ଅଧିକାରୀ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା, ଜିଲ୍ଲା ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ, ଏନ୍‌ସିସି କ୍ୟାଡେଟ୍, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଉପସ୍ଥିତ ରହି ନେତାଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ଠାରେ ନେତାଜୀ ସୁଭାଷ ବୋଷ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ସମାଜସେବୀ ଅଲେଖଚନ୍ଦ୍ର ଘଡ଼େଇ, ଯୁବନେତା ଶ୍ରୀଧର ସ୍ୱାଇଁ, ଗଗନବିହାରୀ ସେଠୀ, ଉପଦେଷ୍ଟା ରବୀନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଯୁବକ ସଂଘ ସଭାପତି ହରେକୃଷ୍ଣ ନାୟକଙ୍କ ସଂଯୋଜନାରେ ଜାତୀୟ ପତାକା ଉତ୍ତୋଳନ ସହିତ ପ୍ରଭାତ ଫେରି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ଅତିଥିମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ବିଶ୍ୱମ୍ବର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସମେତ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ନେତାଜୀ ମାର୍କେଟ କମ୍ପ୍ଲେକ୍ସରେ ନେତାଜୀ ଜୟନ୍ତୀ




ଭଦ୍ରକ,୨୩।୧(ସମିସ): ଭଦ୍ରକ ପୌରପାଳିକା ଅଧୀନ ନେତାଜୀ ମାର୍କେଟ କମ୍ପ୍ଲେକ୍ସରେ ଆଜି ସବୁବର୍ଷ ଭଳି ନେତାଜୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାର୍କେଟ କମ୍ପ୍ଲେକ୍ସରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନେତାଜୀଙ୍କ ଦୁଃସାହସ, ତ୍ୟାଗ, ସ୍ୱାଧୀନତା ଆନ୍ଦୋଳନରେ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଜୟନ୍ତୀ ପାଳନ ବେଳେ ବରିଷ୍ଠ ବ୍ୟବସାୟୀ ସୁଶୀଲ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ଶଶୀକାନ୍ତ ଧର, ବିକ୍ରମ ଜେନା, ରଫିକ୍ ଖାନ୍, ତାଜୁଦ୍ଦିନ୍ ଖାଁ, ଜସିରୁଦ୍ଦିନ୍, ରଞ୍ଜିତ ଧଳ ଓ ବିଭୁପ୍ରସାଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# 'ପିଏମ୍‌ଶ୍ରୀ କ୍ଷେତ୍ରବାସୀ'ରେ ବାର୍ଷିକ କ୍ରୀଡ଼ା ଉତ୍ସବ




ଭଦ୍ରକ,୨୩।୧(ସମିସ): ପିଏମ୍‌ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମଚରଣ ପରିଡ଼ାଙ୍କ ସଭାପତିତ୍ୱରେ, ମୁଖ୍ୟ ଅତିଥି ଭାବରେ ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା କ୍ରୀଡା ଶିକ୍ଷାଧିକାରୀ ରାଜେନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ତଥା ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମାନସ ରାଉତ, ପ୍ରଧାନ ଶିକ୍ଷକ ଖଗେଶ୍ୱର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ରଶ୍ମିରେଖା ଜେନା, କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ, ବିଦ୍ୟାଳୟର ପଂଚସଖା ଶିକ୍ଷା ସେତୁର ସଭାପତି ନିତ୍ୟାନନ୍ଦ ବେହେରା, ସମାଜସେବୀ ଗୌରୀ ଗୋପାଳ ଜେନା, ଇଞ୍ଜିନିୟର ତାପସ ରାୟ, ତୁନିଦା କ୍ଲଷ୍ଟରର ସିଆରସିସି ମୋହିଉଦ୍ଦିନ୍ ଖାଁ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗରେ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ଶ୍ରୀମତୀ ନାୟକଙ୍କ ଦ୍ୱାରା ପୁରସ୍କାର ବିତରଣ ପୂର୍ବକ କ୍ରୀଡ଼ାର ମହତ୍ୱ ଓ ଗୁଣାତ୍ମକ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ।

# ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ସଫଳତା



ଦୋଳସାହି,୨୩।୧(ସମିସ): ଚଳିତ ବର୍ଷ (୨୦୨୫-୨୦୨୬) ରେ ପ୍ରକାଶ ପାଇଥିବା ତିହିଡି ବ୍ଲକ୍‌ର ତୃତୀୟ ଏବଂ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଗୁଆମାଳସ୍ଥିତ ଓଡ଼ିଶା ବ୍ରିଗେଡ (ସୈନିକ) ସ୍କୁଲକୁ ସଫଳତା ମିଳିଛି। ଏହି ସ୍କୁଲର ତୃତୀୟ ଶ୍ରେଣୀରେ ମହେଶ ସାହୁ ଓ ଦିପ୍ତିରେଖା ବେହରା ଏବଂ ୫ମ ଶ୍ରେଣୀ ରେ ଓମ୍ ପ୍ରକାଶ ସାହୁ ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କର ସଫଳତା ପାଇଁ ସେମାନଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

# ଧାନ କିଣାରେ ଚାଷୀଙ୍କୁ ଶୋଷଣ; ବର୍ଷିଲା କଂଗ୍ରେସ

## ଜିଲ୍ଲା ମହୋତ୍ସବ ବନ୍ଦ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ,୨୩।୧(ସମିସ)




ଭଦ୍ରକ ଜିଲ୍ଲାରେ ମଣ୍ଡିରୁ ଧାନ କିଣାରେ ଅହେତୁକ ବିଳମ୍ବ ଓ ଏଫ୍‌ଏକ୍ୟୁ ବାହାନାରେ ଚାଷୀଙ୍କୁ ଶୋଷଣ କରିବା ଅଭିଯୋଗ କରି ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କ ଉପରେ ବର୍ଷିଛନ୍ତି। ମିଲର ଓ ପ୍ରଶାସକଙ୍କ ଆସାଧୁ ମେଳି ପାଇଁ ଚାଷୀ ହତାଶ ହେବା ସହିତ କିଭଳି ଧାନକିଣା ନିୟମ ଚାଷୀଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ କରିଛି ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ବଢ଼ୁଛି ସେ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହିତ କିଭଳି ଚାଷୀଙ୍କ ଧାନ ନେବାକୁ ପ୍ରଶାସନ ଲୁଚକାଳି ଖେଳ ଖେଳୁଛି, ଭଦ୍ରକ ଜିଲ୍ଲା ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଦଳି ମକଚି ଦେଇଛି, ତାକୁ ନେଇ ସମାଲୋଚନା କରିଥିଲେ। ଏଫ୍‌ଏକ୍ୟୁ (ଫେୟାର ଆଭେରେଜ କ୍ୱାଲିଟି) ମାନର ଧାନ କିଣା ଯିବା କହି ସରକାର ସମୟ ଗଡ଼ାଇ ଚାଲିଛନ୍ତି। ଏହି ବାହାନାରେ ଚାଷୀଙ୍କ ଧାନ ନନେବାକୁ ଚାଲ୍ କରିଛନ୍ତି। ଏଫ୍‌ଏକ୍ୟୁ ବାହାନାରେ ସରକାର ଅନଭିଜ୍ଞ ଘରୋଇ ସଂସ୍ଥାକୁ ଅନଭିଜ୍ଞ କ୍ୱାଲିଟି ଆନାଲାଇସରଙ୍କ ଦ୍ୱାରା ଧାନର ମାନ ନିର୍ଦ୍ଧାରଣ କରିବାକୁ ଦିଆଯାଇଛି। ଧାନ କିଣା ସମୟ ଗଡ଼ାଇ ଚାଷୀଙ୍କ ଯନ୍ତ୍ରଣା ବଢ଼ାଇଛନ୍ତି। ଧାନ ଚାଷ କରି ଚାଷୀ ଦଣ୍ଡ ପାଉଛନ୍ତି। ୫ ତାରିଖରୁ ମଣ୍ଡିରେ କଣ୍ଟାପୂଜା ସାରିଦେଇ ସରକାର ହାତ ବାନ୍ଧି ବସିଛନ୍ତି। ଜିଲ୍ଲା ରେ ୮୦ହଜାର ଟୋକନ୍ ଦିଆଯାଇଛି। କିଛି ଟୋକନର ଅବଧି ଫେବୃଆରୀ ୫ ତାରିଖରେ ସରୁଛି। ତେବେ ମିଲର୍ ଧାନ ନ କିଣିବାରୁ ମଣ୍ଡିରେ, ଖଳାରେ ଧାନ ବସ୍ତା ଗଦା ଗଦା ହୋଇ ପଡ଼ିରହିଛି। ଚାଷୀ ହତାଶ ହୋଇ ନିଜର ଅତ୍ୟାବଶ୍ୟକ ସମସ୍ୟା ମେଣ୍ଟାଇବା ନିମନ୍ତେ ବାଧହୋଇ ଶାଗମାଛ ଦରରେ ଧାନ ଅସାଧୁ ବେପାରିଙ୍କୁ ବିକ୍ରି କରିଦେଉଛନ୍ତି। ଏପରିକି ନିର୍ଦ୍ଧାରିତ ସରକାରୀ ମୂଲ୍ୟର ଅଧା ଦରରେ ୧୪୦୦ ରୁ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି। ଯାହା ଦୁର୍ଭାଗ୍ୟଜନକ, ସରକାର ଜାଣିଶୁଣି ବିଳମ୍ବ କରୁଛନ୍ତି, ମିଲର୍‌ଙ୍କୁ ଖୁସି କରିବା ପାଇଁ ଧାନ ଶୁଖିଗଲେ କିଣିବା ପାଇଁ ଯୋଜନା କରିଛନ୍ତି। ଆଗରୁ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ମଣ୍ଡି ଖୁଲୁଥିଲେ। ଏଥର ବିଳମ୍ବରେ ଜାନୁୟାରୀ ୫ରେ ଖୋଲିଲେ ଅଦ୍ୟାବଧି ଗୋଟେ କେଜି ବି ଧାନ କିଣି ନାହାନ୍ତି, ପରିସ୍ଥିତ ଏପରି ହୋଇଛି ଧାନ ଚାଷ ଓ ଅମଳ କଷ୍ଟ ଠାରୁ ଧାନ ବିକ୍ରିର କଷ୍ଟ ଚାଷୀଙ୍କ ପାଇଁ ଦ୍ୱିଗୁଣିତ ହୋଇଛି ବୋଲି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସନେତା ମାନେ ସରକାରଙ୍କ ଉପରେ ବର୍ଷିଛନ୍ତି।

ସେହିଭଳି ଜିଲ୍ଲା ମହୋତ୍ସବ ନାଁରେ ଜିଲ୍ଲାର ସମ୍ମାନକୁ କେମିତି ଦଳି ଦିଆଗଲା ସେଇଟା ସାରା ଓଡ଼ଶା ଦେଖିଲା ବୋଲି ଦଳ ଅଭିଯୋଗ କରିଛି। ଶାସକ ଦଳର କନ୍ଦଳ ପାଇଁ ମହୋତ୍ସବକୁ ଗୋଟିଏ ଦିନ ବନ୍ଦ କରି ଦିଆଗଲା। ଏବେ ସେଥିରେ ପ୍ୟାଚ୍ ପକାଇବାକୁ ଜିଲ୍ଲା ପ୍ରଶାସନ ମାତିଛି। ଗୁରୁତ୍ୱପୂର୍ଣ୍ଣ କଥା ବିଶୃଙ୍ଖଳା ସୃଷ୍ଟି କରି ମହୋତ୍ସବ ବନ୍ଦ କରିବା ଘଟଣାରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନି କି ପ୍ରଶାସନର ଷ୍ଟଲ ବେପାର ନେଇ ଆଗତ ଅଭିଯୋଗର ତଦନ୍ତ ବି ହେଲାନି। ଏ ନେଇ ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି ପ୍ରଶ୍ନ ଉଠାଇଥିଲେ।

ଜିଲ୍ଲାପାଳ ଏକ ସ୍ପେଶାଲ ସ୍କ୍ୱାର୍ଡ ଗଠନ କରନ୍ତୁ, ମିଲରଙ୍କ ଗୋଦାମ ଯାଞ୍ଚ କରନ୍ତୁ। କେଉଁ ମିଲରେ କେତେ ଧାନ ଅଛି ତାହା ଦେଖନ୍ତୁ। ସେହିସବୁ ଧାନ ଚାଷୀଙ୍କର ନା ଦଲାଲ ଆଗୁଆ ମିଲରେ ରଖିଛନ୍ତି ତା'ର ତଦନ୍ତ ହେଉ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଦାବି କରିଛନ୍ତି। ସେହିଭଳି ପ୍ରତି ଧାନକିଣା କେନ୍ଦ୍ରରେ ଲାଗିଥିବା ସିସିଟିଭି ଫୁଟେଜ୍ ପ୍ରଶାସନ ନିଜ ୱେବସାଇଟ୍‌ରେ ଅପଲୋଡ କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। କେଉଁ ସୋସାଇଟିରେ ଦୈନିକ କେତେ ଧାନକିଣା ହେଲା, ମିଲର ଗାଡ଼ି କେତେ ଧାନ ଉଠାଇଲା ସେସବୁ ଜଣାପଡ଼ିବ। ଏହା ନକଲେ ମିଲର-ଦଲାଲ-ପ୍ରଶାସନ ଓ ଶାସକଦଳ ନେତାଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଛି ବୋଲି ଧରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଟାଉନ ସଭାପତି ମୋକିତ ଖାନ, ବରିଷ୍ଠନେତା ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ଅମିତାବାଳା ଆଚାର୍ଯ୍ୟ, ରାଜେନ୍ଦ୍ର ପ୍ରସାଦ ଜେନା, ପ୍ରଦ୍ୟୁମ୍ନ ଦାସ, ଶର୍ମିଷ୍ଠା ପଣ୍ଡା, ବିଜୟ ବାରିକ, ମନୋଜ ମଲ୍ଲିକ, ସୁଧାଂଶୁ ଶେଖର ନାୟକ, ସବିର ଖାନ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ଚରମ୍ପା 'ଫିଡର୍ ରୋଡ୍'ର ଶିଳାନ୍ୟାସ




## ଖର୍ଚ୍ଚ ହେବ ୩କୋଟି ୯୬ଲକ୍ଷ ଟଙ୍କା

ଭଦ୍ରକ,୨୩।୧(ସମିସ): ଭଦ୍ରକ ଚରମ୍ପା ରେଳ ଷ୍ଟେସନରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା "ଫିଡର ରୋଡ୍'ର ଉନ୍ନତୀକରଣ ଲାଗି ଗୁରବାର ଶିଳାନ୍ୟାସ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ଲାଗି ୩ କୋଟି ୯୬ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି। ଟେଣ୍ଡର ପରେ ଠିକା ସଂସ୍ଥା ସହ ଚୁକ୍ତିନାମା ସରିଛି। ୯ ମାସର ଅବଧି ମଧ୍ୟରେ କାର୍ଯ୍ୟ ଶେଷ କରିବାର ଲକ୍ଷ୍ୟ ରଖାଯାଇଛି। ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ଉପସ୍ଥିତିରେ ଏହି ଶିଳାନ୍ୟାସ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ରାସ୍ତା ପ୍ରକଳ୍ପ ଭଦ୍ରକ ସହର ତଥା ଜିଲ୍ଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିଲା ଯାହା ସରକାର ପୂରଣ କରିଛନ୍ତି ବୋଲି ସାଂସଦ ଶ୍ରୀ ସେଠୀ କହିଥିଲେ। ବିଧାୟକ ଶ୍ରୀ ମହାପାତ୍ର କହିଥିଲେ ଯେ, ଭଦ୍ରକ ଓ ପଡ଼ୋଶୀ ଜିଲ୍ଲାର ବାସିନ୍ଦା ରେଳ ଷ୍ଟେସନକୁ ଅଣ ଓସାରିଆ ରାସ୍ତାରେ ଆତଯାତ କରୁଥିଲେ। ଐତିହାସିକ କାଳୀପୂଜା ବେଳେ ଅସମ୍ଭାଳ ଟ୍ରାଫିକ ସମସ୍ୟା ଉପୁଜିଥାଏ। ଏବେ ରାସ୍ତା ୪ ଲେନ ବିଶିଷ୍ଟ ହେବ ଏବଂ ଡ୍ରେନ ନିର୍ମାଣ ବି ହେବ। ୯ ମାସର ଅବଧି ପୂର୍ବରୁ ରାସ୍ତା କାମ ସାରିବାକୁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସମେତ ସମାଜସେବୀ ରୋ. ଶିଶିର ମିଶ୍ର, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ମୁଖ୍ୟ ଅଜୟ ନାୟକ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

● ଗଛରେ ଧକ୍କା ହେଲା କାର

## ଜଣେ ମୃତ, ୫ ଗୁରୁତର

ପରଜଙ୍ଗ,୨୩।୧(ସମିସ): ଢେଙ୍କାନାଳ ଜିଲ୍ଲା ମହାବିରୋଡ୍ ଥାନା ଜାଙ୍ଗୁ-ବିରବିଲୋଇ ପୂର୍ତ୍ତ ରାସ୍ତାରେ କାର ଭାରସାମ୍ୟ ହରାଇ ଗଛରେ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ବସୁଲେଇ ଗ୍ରାମର ଭ୍ରମରବର ବେହେରା (୫୦)। ସେହି ଗ୍ରାମର ଜଗବନ୍ଧୁ ରାଉତ (୨୬), କମଳଲୋଚନ ବେହେରା (୪୯), ବିନୟ ବେହେରା (୩୬), ଚନ୍ଦନ ମାଝୀ (୨୩) ଓ ପବିତ୍ର ବେହେରା (୩୯)ଙ୍କୁ ଗୁରତର ଅବସ୍ଥାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜଗବନ୍ଧୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ଏମାନେ ଏକ ବିବାହ ଭୋଜିରେ ଯୋଗଦେବାକୁ କାର୍ ଯୋଗେ ମହାବିରୋଡ ଥାନା ପଙ୍ଗାତିରା ଗ୍ରାମକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଗଛରେ କାର୍ ଧକ୍କା ହୋଇଥିଲା। ମହାବିରୋଡ୍ ଥାନା ପୁଲିସ ସହାୟତାରେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭ୍ରମରବରଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ୱତନ୍ତ୍ର ଏନ୍ଏସ୍ଏସ୍ ଶିବିର ଉଦଯାପିତ



ଢେଙ୍କାନାଳ,୨୩।୧(ସମିସ): ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଦିନିଆ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଶିବିର ଉଦଯାପିତ ହୋଇଛି। ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନାଙ୍କ ଅଧ୍ୟକ୍ଷତା ଏବଂ ଉପଦେଷ୍ଟା ଡ. ଭୁବନେଶ୍ୱର ମୁଦୁଲିଙ୍କ ପରାମର୍ଶରେ ଡ. ପଙ୍କଜ ବାରିକଙ୍କ ତତ୍ତ୍ୱାବଧାନରେ ଶିବିର ଚାଲିଥିଲା। ସ୍ୱେଚ୍ଛାସେବୀମାନେ ଦୈନନ୍ଦିନ ପ୍ରାତଃ କାର୍ଯ୍ୟକ୍ରମ ଯୋଗ, ପ୍ରାର୍ଥନା, ବ୍ୟାୟାମ ସହ ବିଦ୍ୟାଳୟ ପରିସର ଓ ପୋଷ୍ୟ ଗ୍ରାମ ବୋରାପଦାରେ ସଫେଇ କରିଥିଲେ। ବାଲ୍ୟ ବିବାହ, ଶିଶୁ ଶ୍ରମିକ ପ୍ରଥାର କୁପ୍ରଭାବ ବିଷୟରେ ଗ୍ରାମବାସୀଙ୍କୁ ଅଭିନୟ ମାଧ୍ୟମରେ ସଚେତନ କରିଥିଲେ। ଶିବିରରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଗୀତ, ନାଚ, ରଚନା ଲିଖନ, ସ୍ଲୋଗାନ ଲିଖନ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନଏନଏସ୍ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଡ. ଦେବରାଜ ପରିଡ଼ା ଯୋଗଦେଇ ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ଏବଂ ଏନଏନଏସର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

● ଗୋଷ୍ଠୀ ବିବାଦ

## ସିଂହଡ଼ା ଗ୍ରାମରେ ବିଏନ୍ଏସ୍ ୧୬୩ ଜାରି

ପରଜଙ୍ଗ,୨୩।୧(ସମିସ): ଗୋଷ୍ଠୀ ବିବାଦକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶୁକ୍ରବାର ପରଜଙ୍ଗ ଥାନା କଲଦା ପଞ୍ଚାୟତ ସିଂହଡ଼ା ଗ୍ରାମରେ ୨୬ ତାରିଖ ପର୍ଯ୍ୟନ୍ତ ବିଏନ୍ଏସ୍ର ଧାରା ୧୬୩ ଜାରି କରାଯାଇଛି। ଦୀର୍ଘ ୧୦ ବର୍ଷ ହେଲା ସିଂହଡ଼ା ଗ୍ରାମରେ ରାଜନୈତିକ ଉଷ୍ମତା ଲାଗି ରହିଛି। ଗ୍ରାମର ୧୬୦ ପରିବାରକୁ ନେଇ ଗୋଟିଏ ଗୋଷ୍ଠୀ ଓ ୩୦ ପରିବାରକୁ ନେଇ ଆଉ ଗୋଟିଏ ଗୋଷ୍ଠୀ ବର୍ଷତମାମ ଭଲରେ ଚଳପ୍ରଚଳ ହୋଇଥାଆନ୍ତି। ମାତ୍ର ପର୍ବପର୍ବାଣିରେ ଅଶାନ୍ତି ସୃଷ୍ଟିହୁଏ। ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଉଭୟ ଗୋଷ୍ଠୀଙ୍କୁ ନେଇ ସମାଧାନ ପାଇଁ ବହୁବାର ଉଦ୍ୟମ ସତ୍ତ୍ୱେ ମିଳାମିଶା ହୋଇ ପାରିନାହିଁ। ଜାନୁଆରୀ ୨୩ରୁ ୨୬ ପର୍ଯ୍ୟନ୍ତ ଗ୍ରାମରେ ନାମଯଜ୍ଞ ଅନୁଷ୍ଠିତ ହେବାର ଥିଲା। ଏଥର ମଧ୍ୟ ବହୁ ପୂର୍ବରୁ ପ୍ରଶାସନ ସମାଧାନ କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ବିଫଳ ହେବାରୁ ଗ୍ରାମରେ ୧୬୩ ଧାରା ଜାରି କରାଯାଇଛି।

ବିଭିନ୍ନ ସମୟରେ ପ୍ରଶାସନ ଦ୍ୱାରା ଉତକ୍ଷିପ୍ତ ହୋଇ ଗ୍ରାମବାସୀ ପ୍ରଶାସନ ସହ ଏକମତ ହୋଇ ପାରୁନାହାନ୍ତି। ଶୁକ୍ରବାର ଉପଖଣ୍ଡ ପ୍ରଶାସନ ତରଫରୁ କାମାକ୍ଷାନଗର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମରେ ୧୬୩ ଧାରା ଜାରି ନେଇ ନୋଟିସ ଲଗାଯିବା ସହ ଡେଙ୍ଗୁରା ଓ ଡାକବାଜି ଯନ୍ତ୍ର ଦ୍ୱାରା ଜଣାଇ ଦିଆଯାଇଛି। ଏହି ଅବଧି ମଧ୍ୟରେ ଗ୍ରାମରେ କୌଣସି ସ୍ଥାନରେ ନିଆଁ କିମ୍ବା ବାଣ ଲଗାଇ ପାରିବେ ନାହିଁ। କୌଣସି ରାଜନୈତିକ ବୈଠକ ବା ଶୋଭାଯାତ୍ରା କରିପାରିବେ ନାହିଁ। ବାଡ଼ି, ଠେଙ୍ଗା, ପଥର କିମ୍ବା ଅନ୍ୟ ମାରଣାସ୍ତ୍ର ରଖିପାରିବେ ନାହିଁ। ଏହାକୁ ଅବମାନନା କଲେ ବିଏନଏସ ୧୬୩ ଧାରା ଅନୁଯାୟୀ ଦଣ୍ଡିତ ହେବେ ବୋଲି କୁହାଯାଇଛି। ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ଏସ୍ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏଏସ୍ଆଇ ଯୁଗଳ ପ୍ରଧାନ, ଏସ୍ଆଇ ଦେବଗ୍ରାହୀ ମହାନ୍ତି, ବିକାଶ କୁମାର ବେହେରା, ଅରୁଣି ସାଶିନୀ ଉପସ୍ଥିତ ଥିଲେ।

# ରାଜ୍ୟର ବୃହତ ଔଷଧୀୟ ଅରଣ୍ୟ ଜରାଜୀର୍ଣ୍ଣ

ଢେଙ୍କାନାଳ,୨୩।୧(ସମିସ)





ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ସୋଗରସ୍ଥିତ ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟରୁ ମୁହଁ ଫେରାଇଲେଣି ପର୍ଯ୍ୟଟକ। ମାସ ମାସ ଧରି କର୍ମଚାରୀଙ୍କୁ ଦରମା ମିଳୁ ନ ଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ଅବସ୍ଥାକୁ ଆସିବାରେ ଲାଗିଛି।

ସୋଗରଠାରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ସର୍ବବୃହତ ଔଷଧୀୟ ଅରଣ୍ୟ ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟ ରହିଛି। ୨୦୧୦ରେ ଏହାର ପରିକଳ୍ପନା କରାଯିବା ସହ ପ୍ରାୟ ୫୯୫ ଏକର ଜମିରେ ଏହି ଔଷଧୀୟ ଅରଣ୍ୟ କରାଯାଇଛି। ଏଥିରେ ୪୪୨.୮୪ ଏକର ଜଙ୍ଗଲ ଜମି ରହିଥିବା ବେଳେ ୧୫୨.୧୬ ଏକର ରାଜସ୍ୱ ଜମି ରହିଛି। ଅରଣ୍ୟ ଭିତରେ ୱାଟର ପାର୍କ, ୱାଚ ଟାୱାର, ଗ୍ଲାସ ଘର, ରହିବା ଘର, ୱାଟର ଫାଉଣ୍ଟେନ, ବିଶ୍ରାମ ଘର, ଅଡିଟୋରିୟମ, ଗୋପାଳନ, କୁକୁଡ଼ା ଚାଷ ସହିତ ବିଭିନ୍ନ ଔଷଧୀୟ, ଫୁଲ ଗଛ ରହିଛି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଶିଶୁ ଉଦ୍ୟାନ, ର୍ୟାମ୍ପ, ଦୋଳି ସହ ବିଭିନ୍ନ କାର୍ଯ୍ୟ ହୋଇଛି। ତତ୍କାଳୀନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଉଦ୍ୟମରେ ଏହି ଔଷଧୀୟ ଅରଣ୍ୟ କରାଯାଇଥିବା ବେଳେ ରୁଙ୍ଗଟା କମ୍ପାନୀ ତରଫରୁ ଅତ୍ୟାଧୁନିକ ଘର ମଧ୍ୟ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ମଧ୍ୟ କରାଯାଇଛି। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏହି ଔଷଧୀୟ ଅରଣ୍ୟରେ ପ୍ରାୟ ୧୧ କୋଟି ୪୨ ଲକ୍ଷ ଟଙ୍କା ପ୍ରାରମ୍ଭିକ ଭାବରେ ଖର୍ଚ୍ଚ

### କର୍ମଚାରୀଙ୍କୁ ମିଳୁନି ଦରମା, ରକ୍ଷଣାବେକ୍ଷଣ ଅଭାବ

କରାଯାଇଥିବା ବେଳେ ୩ଶହ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଛି। ଖର୍ଚ୍ଚକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ନେଇ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିବା ପରେ ଜିଲ୍ଲାପାଳଙ୍କ ୨୪.୬.୨୦୨୪ ଆଦେଶ ସଂଖ୍ୟା ୨-୫୩/୨୪ ପତ୍ରସଂଖ୍ୟା ୬୪୬୦ ଅନୁସାରେ ହିନ୍ଦୋଳ ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଏକ ଟିମ ଗଠନ କରି ଔଷଧୀୟଅରଣ୍ୟ ସୋସାଇଟି ଭିତରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ତଦନ୍ତ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଯେମିତି ଔଷଧୀୟ ଅରଣ୍ୟକୁ ଶନିଦଶା ପଡ଼ିଛି। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ଅନେକେ ଦୀର୍ଘ ୫ ମାସରୁ ଅଧିକ ସମୟ ଧରି ଦରମା ପାଇ ନ ଥିବା ଜଣାପଡ଼ିଛି। କର୍ମଚାରୀ ଅଭାବରୁ ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ଗଛଗୁଡ଼ିକରେ ସଠିକ ସମୟରେ ପାଣି ଦିଆଯାଉ ନ ଥିବାରୁ ସେଗୁଡ଼ିକ ଶୁଖିଗଲାଣି। ଚାରିଆଡ଼ ଖାଁ ଖାଁ ଲାଗୁଛି। ଶିଶୁ ଉଦ୍ୟାନ ବି ଶୁଖିଲା। ଗୋପାଳନ ତଥା କୁକୁଡ଼ା ଘରଗୁଡ଼ିକରେ ନଡ଼ା କୁଟା ରଖାଯାଇଛି। ସେଠାରେ ନିର୍ମିତ ଘରଗୁଡ଼ିକ ତାଲାପଡ଼ି ରହିଛି। ସରକାର କିମ୍ବା ପ୍ରଶାସନ କୌଣସି ଗୁରୁତ୍ୱ ଦେଉ ନ ଥିବାରୁ ଔଷଧୀୟ ଅରଣ୍ୟ ତା'ର ଗାରିମା ହରାଇବାରେ ଲାଗିଛି। ସରକାର ବଦଳିଯିବା ପରେ ପ୍ରଶାସନ ମଧ୍ୟ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ପାର୍କ ଭିତରକୁ ଯିବା ପାଇଁ ଯେଉଁ ଦେୟ ଆଦାୟ କରାଯାଉଛି, ସେଥିରେ ପାର୍କ ରକ୍ଷଣାବେକ୍ଷଣ କଷ୍ଟକର ହେଉଛି। ରାଜ୍ୟର ସର୍ବବୃହତ ଔଷଧୀୟ ଅରଣ୍ୟ ପ୍ରତି ସରକାର ଦୃଷ୍ଟି ନ ଦେବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ଦିଗରେ ପଦକ୍ଷେପ ନେଇ ଏହାର ରକ୍ଷଣାବେକ୍ଷଣ କରିବା ସହ ନିୟମିତ କର୍ମଚାରୀ ନିଯୁକ୍ତ କରିବାକୁ ଦାବି ହୋଇଛି।

● ସପ୍ତାହକ ପରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ଯାତ୍ରା

## ଆସିଲେଣି ସାଧୁସନ୍ଥ, ଚଳଚଞ୍ଚଳ ମହିମା ଗାଦି



ଗଁଦିଆ,୨୩।୧(ସମିସ): ଆଉ ସପ୍ତାହକ ପରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା ଅନୁଷ୍ଠିତ ହେବ। ଜାନୁଆରୀ ୩୧ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଝାଡ଼ଦୀପ ପ୍ରଜ୍ୱଳନ ହେବ। ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣମୀରେ ଗାଦିମନ୍ଦିରର ଚାରିଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ ହେବ। ପ୍ରତିପଦା ଦିନ ଗୋଟିଏ ମାତ୍ର ଝାଡ଼ଦୀପ ପ୍ରଜ୍ୱଳନ କରାଯିବା ପରମ୍ପରା ରହିଛି। ଏହି ମେଳା ପାଇଁ ଦୂରଦୂରାନ୍ତରୁ ସାଧୁସନ୍ଥମାନେ ମହିମାଗାଦିକୁ ଆସିବାରେ ଲାଗିଛନ୍ତି। ଆଉ ଚାରିଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମହିମା ସାଧୁସନ୍ଥମାନେ ଆସି ପହଞ୍ଚିବେ ବୋଲି ସୂଚନା ଦିଆଯାଇଛି। ମେଳା ସୁପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ଦୁଇଥର ପ୍ରସ୍ତୁତି ବୈଠକ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା ରାସ୍ତାଘାଟ ଉନ୍ନତୀକରଣ, ଆଲୋକୀକରଣ, ପାର୍କିଂ, ପାନୀୟଜଳ, ସ୍ୱାସ୍ଥ୍ୟ, ପରିମଳ ଆଦି ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆସରିଛି। ଯୋରନ୍ଦା ଗ୍ରାମ ପଞ୍ଚାୟତ ପକ୍ଷରୁ ଅସ୍ଥାୟୀ ଦୋକାନୀଙ୍କ ପାଇଁ ଜାଗା ମଡ଼ାଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗାଦିମନ୍ଦିରର ପ୍ରଥମ ବେଢ଼ାର ଚାରି ମୁଖଶାଳା ଏବଂ ଦ୍ୱିତୀୟ ବେଢ଼ାର ଚାରି ମୁଖଶାଳାକୁ ଚୁନଧଉଳା କରାଯିବା ସହ ବିଭିନ୍ନ ରଙ୍ଗରେ ରଙ୍ଗିନ କରାଯାଉଛି। ଶୂନ୍ୟ ମନ୍ଦିର ଏବଂ ଧୁନୀ ମନ୍ଦିରକୁ ମଧ୍ୟ ସଜ୍ଜିତ କରାଯାଇଛି। ମହିମା ଗାଦିରେ ବିଭିନ୍ନ ମଠ ଓ ମହିମା ସମାଜ ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଷ୍ଟଲ୍‌ରେ ବ୍ୟବସ୍ଥା କରାଯିବା ସହ ସୂଚନା କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଖୋଲାଯିବା ବ୍ୟବସ୍ଥା ହୋଇଛି। ବଲ୍କଲଧାରୀ ମହିମା ସମାଜ ଗାଦି ମନ୍ଦିର ଓ କୌପୀନଧାରୀ ମହିମା ସମାଜ ପକ୍ଷରୁ ଅଖଣ୍ଡଜ୍ୟୋତି ମନ୍ଦିର ଓ ଦଳକସ୍ଥିତ ମାହାଳମୂଳ ପଡ଼ିଆରେ ଝାଡ଼ଦୀପ ପ୍ରଜ୍ୱଳନ କରିବେ। ଗାଦି ମନ୍ଦିରରେ ବଲ୍କଲଧାରୀ ମହିମା ସମାଜ ପକ୍ଷରୁ ପୂର୍ବବର୍ଷମାନଙ୍କ ଭଳି ରୀତିନୀତି ଅନୁଯାୟୀ ଝାଡ଼ଦୀପ ପ୍ରଜ୍ୱଳନ ଏବଂ ଧୁନୀ ସ୍ଥାପନ କରାଯିବ। ଝାଡ଼ଦୀପ ପ୍ରଜ୍ୱଳନ ଅଜ୍ଞାନ ଏବଂ ଅନ୍ଧକାର ବିରୋଧରେ ଅଭିପ୍ରେତ। ଏହାଦ୍ୱାରା ଜଗତ ଏବଂ ଭକ୍ତର ମଙ୍ଗଳ ହୋଇଥାଏ ବୋଲି କୌପୀନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ରଘୁନାଥ ବାବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମହିମା ଧର୍ମର ପବିତ୍ର ପୀଠ ଯୋରନ୍ଦା ମହିମାଗାଦିରେ ୧୮୭୪ ମସିହାରେ ମହିମା ଗୋସାଇଁ ଯୋରନ୍ଦା ମାଘମେଳା ଆରମ୍ଭ କରିଥିଲେ।

## ଢେଙ୍କାନାଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ଢେଙ୍କାନାଳ,୨୩।୧(ସମିସ): ମହିଷାପାଟଠାରେ ଚାଲିଥିବା ଢେଙ୍କାନାଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ୧୦ ବର୍ଷ ପରେ ଏହି ଉତ୍ସବ ପୁଣି ଆରମ୍ଭ ହେବା ଜିଲ୍ଲାବାସୀଙ୍କ ପାଇଁ ଖୁସିର କଥା ବୋଲି କହିଥିଲେ। ଆଜି ପିଏମ ସ୍ୱନିଧି କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରାଯାଇଛି। ଏହା ଉଠା ଦୋକାନୀଙ୍କୁ ସ୍ୱାବଲମ୍ବୀ କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଅତିଥିଭାବେ ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଲେ, ଢେଙ୍କାନାଳ ଶାନ୍ତ, ସରଳ, ବୀରତ୍ୱର ମାଟି। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଏ ଜିଲ୍ଲାକୁ ଅନନ୍ୟ ପରିଚୟ ଦେଇଛି। ବାଜିରାଉତ, ମହିମା ଧର୍ମ ମହାନ ବାର୍ତ୍ତା ଦେଉଛି। ବର୍ତ୍ତମାନ ସୁଦେଶୀ ଆନ୍ଦୋଳନରେ ସାମିଲ ହେବାର ସମୟ ଆସିଛି। ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ବ୍ୟବହାର କଲେ ଆର୍ଥିକ ଅଭିବୃଦ୍ଧି ଘଟିବ। ସମୃଦ୍ଧ ରାଜ୍ୟ ଓ ସମୃଦ୍ଧ ଦେଶ ଗଠନ ହୋଇପାରିବ ବୋଲି ସେ କହିଥିଲେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଗଁଦିଆକୁ ଏନଏସି ମାନ୍ୟତା ମିଳିଥିବାରୁ ନଗର ଉନ୍ନୟନ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଢେଙ୍କାନାଳ ସହରର ମାଷ୍ଟରପ୍ଲାନ, ସ୍ୱେରେଜ, ଡ୍ରେନ ଏବଂ ପାନୀୟ ଜଳ ବ୍ୟବସ୍ଥା ପାଇଁ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଲଳିତ ମୋହନ ବେହେରା, ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଦେଇଥିଲେ।

## ସାତମାଇଲ ଶିଶୁମନ୍ଦିରର ବାର୍ଷିକ ଉତ୍ସବ




ହିନ୍ଦୋଳ/ଖଜୁରିଆକଟା,୨୩।୧(ସମିସ): ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକାନ୍ତ ମାଝିଙ୍କ ପୌରୋହିତ୍ୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସାମ୍ବାଦିକ ସୁଶାନ୍ତ ପତି ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିରଞ୍ଚିନାରାୟଣ ତ୍ରିପାଠୀ ସମ୍ମାନିତ ବକ୍ତା ଓ ହିନ୍ଦୋଳ ସାମ୍ବାଦିକ ସଂଘ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ସତ୍ୟବ୍ରତ ମହାପାତ୍ର , ରାସୋଳ ସରପଞ୍ଚ ଦିବାକର ନାଏକ, ନୂଆବଗ ସରପଞ୍ଚ ମାନସ ଦେହୁରୀ, ଦୁଦୁରୁକୋଟ ସରପଞ୍ଚ ମନୋଜ ବେହେରା, ସାମ୍ବାଦିକ ରତିକାନ୍ତ ଗଡ଼ନାୟକ, ବିଦ୍ୟାଳୟ ପ୍ରତିଷ୍ଠାତ୍ରୀ ନୀଳିମା ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ବିନୋଦିନୀ ଧର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଅରୁଣ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର କୁନି ଛାତ୍ରଛାତ୍ରୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଟାଟା ଷ୍ଟିଲ ପକ୍ଷରୁ ସାପୁଆ ଡ୍ୟାମରେ ସ୍ୱଚ୍ଛତା ଅଭିଯାନ



ଢେଙ୍କାନାଳ,୨୩।୧(ସମିସ): ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ହିନ୍ଦୋଳ ବ୍ଲକର ସାପୁଆ ଡ୍ୟାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡ୍ୟାମ ଅଞ୍ଚଳରୁ ଏକ ଟନରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ସଫେଇ କରାଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ କଣ୍ଟାବଣିଆ ଥାନା ସହଯୋଗରେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁର ପ୍ଲାଣ୍ଟ ଗେଟ୍ ନିକଟ ଜାତୀୟ ରାଜପଥ ୫୫ରେ 'ରୋକୋ ଟୋକୋ ଷ୍ଟପ ଆଣ୍ଡ ଟେଲ' ଶୀର୍ଷକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା। ଯାତ୍ରୀଙ୍କୁ ଚକୋଲେଟ ଓ ସଡ଼କ ସୁରକ୍ଷା ନିୟମ ସମ୍ବନ୍ଧୀୟ ପାମ୍ପଲେଟ ବଣ୍ଟନ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଦାୟିତ୍ୱପୂର୍ଣ୍ଣ ଗାଡ଼ି ଚାଳନା ଅଭ୍ୟାସ ଉପରେ ବୁଝାଇବା ସହ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ।

# ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ



ଢେଙ୍କାନାଳ,୨୩।୧(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ସହ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରଦୀପ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ସଭାଗୃହରେ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ଉପସ୍ଥିତିରେ ମା' ସରସ୍ୱତୀଙ୍କ ପୂଜା କରାଯାଇଥିଲା। ପରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଭାପତି ଦୁଇ ମହାପୁରୁଷଙ୍କ ଜୀବନୀ ଉପରେ ଅଭିଭାଷଣ ରଖିଥିଲେ। ସେମାନଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଧନ୍ୟବାଦ ପ୍ରଦାନ କରିଥିଲେ।

**ଢେଙ୍କାନାଳ:** ଉତ୍ଫୁନା ରାଷ୍ଟ୍ରୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉତ୍ଫୁନା ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ଦେଉଳସାହିସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍ଫୁନା କାର୍ଯ୍ୟାଳୟରେ ଆୟୋଜିତ ସଭାରେ ଅତିଥିମାନେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ନିରୁପମା ଦାସ, ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ସଭାପତି ଡା. ତୁଷାରକାନ୍ତି ନାୟକ, ଉପସଭାପତି ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ସ୍ୱରୂପାନନ୍ଦ ଦାସ, ରୁମେନା ବେଗମ, ଯୋଗଗୁରୁ ଅଜେନ୍ଦ୍ର ସାମଲ, ଓମପ୍ରକାଶ ସାହୁ, ବିଶ୍ୱଜିତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ନେତାଜୀ ଜୟନ୍ତୀକୁ ସରକାର ସମ୍ପୂର୍ଣ୍ଣ ଛୁଟି ଦିବସ ନ କରି ଅଧାଦିନ କାର୍ଯ୍ୟ ଦିବସ କରାଗଲେ ସ୍କୁଲ, କଲେଜରେ ଛାତ୍ରଛାତ୍ରୀ ନେତାଜୀଙ୍କ ଜୀବନୀ ବିଷୟରେ ଅବଗତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଶେଷରେ ରୁମେନା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।



**ଢେଙ୍କାନାଳ:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ ତରଫରୁ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। କ୍ଲବ୍ ସଦସ୍ୟାମାନେ ମହିଳା ମହାବିଦ୍ୟାଳୟ ସମ୍ମୁଖ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନେତାଜୀ ସୁଭାଷ ବୋଷ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କ୍ଲବ୍ ପରିସରରେ ସମସ୍ତେ ଏକତ୍ରିତ ହୋଇ ନେତାଜୀଙ୍କ ବୀରତ୍ୱ ଓ ପରାକ୍ରମର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ୍ ଉପସଭାପତି ପ୍ରିୟବ୍ରତ ସାସମଲ, ୬ନଂ ୱାର୍ଡର ପାରିଷଦ ସନ୍ଦୀପ ଷଡ଼ଙ୍ଗୀ, କାର୍ଯ୍ୟକାରୀ କମିଟି ସଭ୍ୟ କୃଷ୍ଣଚନ୍ଦ୍ର ନାୟକ, ରାଜେଶ ବେହେରା, ପିଆଞ୍ଜେନୟ, ଗଣମାଧ୍ୟମ ସଂଯୋଜକ ବେଦଧ୍ୟାନ ପଣ୍ଡା, ବରିଷ୍ଠ ସଭ୍ୟ ଆଲୋକ ଷଡ଼ଙ୍ଗୀ, ଗଣେଶ ବେହେରା, ଶୁଭମ ଗୁରୁମ୍, ରାମପ୍ରସାଦ ମହାପାତ୍ର, ବବୁଲ୍ ଦାସ, ରାଜେନ୍ଦ୍ର ମହାପାତ୍ର, ଦୀପ୍ତିରଞ୍ଜନ ମିଶ୍ର, ଦୀପକ ନାୟକ, ବିସ୍ମୟ ବରାଳ, ଆଶୁତୋଷ କର, ଜ୍ୟୋତିପ୍ରକାଶ ବେହେରା, ବାବୁ ନାୟକ, ଅମିତ ମହାପାତ୍ର, ରୁଦ୍ରନାରାୟଣ ମହାପାତ୍ର, ରାଜେଶ କୁମାର ସାମଲ, କୀର୍ତ୍ତି ପ୍ରଧାନ, ସୁବ୍ରତ କୁମାର ଜେନା, ଶିବମ ମହାନ୍ତି, ଗୁରୁଦେବ ଜେନା, ଓମ୍‌ପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ।



**ଗଁଦିଆ:** ଗଁଦିଆ ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ, ନୀହାରିକା ପାତ୍ର, ସ୍ୱାତୀ ମିଶ୍ର, ନିର୍ମଳ ସାହୁ, କୋଦଣ୍ଡ ସାହୁ, ମନୋଜ କୁମାର ସ୍ୱାଇଁ, ମାମିନା ପୃଷ୍ଟି, ଦୁଷ୍ମନ୍ତ ସେଠୀ, ସନ୍ତୋଷ ପୃଷ୍ଟି, ମଧୁଲିକା ରାଉଳ, ଚିରଞ୍ଜୀବ ଦାସ, ପ୍ରକାଶ କୁମାର ନାୟକ, ବଳରାମ ରାଉତ, ପପୁନା ସାମଲ ପ୍ରମୁଖ ଉଦବୋଧନ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ ଯୋଗଦେଇ ଦୁଇ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ।

